# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଡିସେମ୍ବର ୨୬/୨୦୨୦ (୧୬ ପୃଷ୍ଠା) | Bhubaneswar, Saturday, December 26/2020 | ★★★★

୪୭ଶ ଭାଗ ୩୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-





**ଦିଶାଙ୍କ ପସନ୍ଦ ଟାଇଗର ନୁହେଁ ଅନିଲ**

ଅଭିନେତ୍ରୀ ଦିଶା ପଟାନି ଫିଟ୍‌ନେସ୍ ମାମଲାରେ ତାଙ୍କ ବୟଫ୍ରେଣ୍ଡ ଟାଇଗର ଶ୍ରଫ୍ ନୁହନ୍ତି ବରଂ ଅନିଲ କପୁରଙ୍କୁ ବେଶ୍ ପସନ୍ଦ କରନ୍ତି। ୧୪

୧୬ **ଟେଷ୍ଟ ପଦାର୍ପଣ କରିବେ ଶୁବମନ**

ଭାରତୀୟ ଯୁବ ଓପନର ଶୁବମନ ଗିଲ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିବାକୁ ଯାଉଛନ୍ତି। ମହମ୍ମଦ ସିରାଜ ମଧ୍ୟ ପ୍ରଥମଥର ପାଇଁ ଟେଷ୍ଟ ମ୍ୟାଚ ଖେଳିବେ।




# ଆଶଙ୍କାରେ ଫାସ୍‌ଟାଗ୍

**ଭୁବନେଶ୍ୱର,୨୫।୧୨(ବ୍ୟୁରୋ)**




ଟୋଲ୍ ଗେଟ୍‌ରେ ଟ୍ରାଫିକ ଭିଡ଼ କମାଇବା ଓ ତେଲ ବଞ୍ଚାଇବା ପାଇଁ ସମଗ୍ର ଦେଶରେ ୨୦୨୧ ଜାନୁୟାରୀ ପହିଲାରୁ ଯାନବାହନରେ ଫାସ୍‌ଟାଗ୍‌କୁ ବାଧ୍ୟତାମୂଳକ କରାଯାଇଛି। କେନ୍ଦ୍ର ଭୂପୃଷ୍ଠ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ଏହା ଘୋଷଣା କରିବା ପରେ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯାଇଛି। ତେବେ ଏହାକୁ ରାଜ୍ୟରେ କାର୍ଯ୍ୟକାରୀ କରିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଟୋଲ୍ ପ୍ଲାଜାଗୁଡ଼ିକରେ ଭିତ୍ତିଭୂମି ଅଭାବ ଓ ଗାଡିମାଲିକଙ୍କ ମଧ୍ୟରେ ସଚେତନତା ନ ଥିବା ଯୋଗୁ ପହିଲାରୁ ସବୁ ଟୋଲ୍ ପ୍ଲାଜାରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ନେଇ ଏକ ପ୍ରକାର ଅନିଶ୍ଚିତତା ଦେଖା ଦେଇଛି।

ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ତଥ୍ୟ ଅନୁଯାୟୀ ରାଜ୍ୟରେ ମୋଟ ୧୧ଟି ଟୋଲ ପ୍ଲାଜା ରହିଛି। ୨୧୫ ଜାତୀୟ ରାଜପଥର ବାଣଜୋଡି, ଢେଙ୍କିକୋଟ, ହାସନପୁର, ୧୬ ନମ୍ବର ଜାତୀୟ ରାଜପଥର ଗୋଡିପଡା, ଗୁରାପାଲି, ମଙ୍ଗୁଳି , ପାଣିକୋଇଲି, ସେରଗଡ, ୬ ନମ୍ବର ଜାତୀୟ ରାଜପଥର ବରଗଡ, ୩୧୬ ରାଜପଥର ପିପିଲି, ୫ ନମ୍ବର (କ) ଜାତୀୟ ରାଜପଥର ଶ୍ରୀରାମପୁର ଠାରେ ଟୋଲ୍‌ଗେଟ ରହିଛି। ସେଥି ମଧ୍ୟରୁ ମଙ୍ଗୁଳି, ପାଣିକୋଇଲି, ସେରଗଡ ଏବଂ ପିପିଲି ଟୋଲ ଗେଟ୍‌ରେ ଫାସଟାଗ ବ୍ୟବସ୍ଥା ରହିଛି। ହେଲେ ଏନ୍‌ଏଚ୍‌ଏଆଇ ଘରୋଇ ସଂସ୍ଥାଗୁଡିକୁ ଟୋଲ ଆଦାୟ ଦାୟିତ୍ୱ ଦେଇଛି। ଏହି ଗେଟଗୁଡିକରେ ଅଧିକ ଟୋଲ ଆଦାୟ କରାଯାଉଥିବାରୁ ଗାଡି ଚାଳକ ଓ ବସ୍ ମାଲିକଙ୍କ ମଧ୍ୟରେ ବାରମ୍ବାର ଅସନ୍ତୋଷ ଦେଖା ଦେଉଛି। ଏପରିକି ଅନେକ ସମୟରେ ଗଣ୍ଡଗୋଳ ଭଳି ପରିସ୍ଥିତି ସୃଷ୍ଟି ହେଉଛି। ଘରୋଇ ସଂସ୍ଥାଗୁଡିକରେ ନିଯୁକ୍ତ କର୍ମଚାରୀ ବଳପୂର୍ବକ ଯାନ ବାହନଗୁଡିକରୁ ଜବରଦସ୍ତ ଟୋଲ ଆଦାୟ କରୁଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ସ୍ଥିତିରେ ୪ଟିରେ ଫାସ୍‌ଟାଗ୍ ଲେନ୍ କରାଯାଇଛି। ଏପରି ସ୍ଥଳେ ରାଜ୍ୟରେ ଫାସଟାଗ ବାଧ୍ୟତାମୂଳକ କାର୍ଯ୍ୟକାରୀ କରିବା ସମୀଚୀନ ନୁହେଁ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି।

କେନ୍ଦ୍ର ସରକାର ୨୦୧୬ରୁ ଦେଶରେ ଟୋଲ୍ ଗେଟ୍‌ରେ ଫାସ୍‌ଟାଗ୍ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ୪ଟି ବ୍ୟାଙ୍କ ୨୦୧୬ରେ ୧ ଲକ୍ଷ ଯାନକୁ ଫାସ୍‌ଟାଗ୍ ସହ ଯୋଡ଼ି ଥିବା ବେଳେ ଏବେ ସୁଦ୍ଧା ଏଦିଗରେ ଆଶାନୁରୂପ ଅଗ୍ରଗତି ହୋଇ ନାହିଁ। ୨୦୧୭ ଡିସେମ୍ବର ପହିଲାରୁ ବିକ୍ରି ହୋଇଥିବା ଗାଡ଼ିଗୁଡ଼ିକୁ ଆସନ୍ତା ଜାନୁୟାରୀ ପହିଲାରୁ ଫାସ୍‌ଟାଗ୍ ବାଧ୍ୟତାମୂଳକ କରିବାକୁ କେନ୍ଦ୍ର ସରକାର ଜାତୀୟ ମୋଟର ଯାନ ୧୯୮୯କୁ ସଂଶୋଧନ କରିଛନ୍ତି। ଏ ନେଇ ଯାନବାହନ ନିର୍ମାତା ଓ ଡିଲରମାନଙ୍କୁ ଜଣାଇ ଦିଆଯାଇଛି। ଫାସ୍‌ଟାଗ୍ କାର୍ଯ୍ୟକାରୀ ହେବାର ୩ ବର୍ଷ ବିତିଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ରାଜ୍ୟରେ ଥିବା ଟୋଲ୍ ପ୍ଲାଜାଗୁଡ଼ିକରେ ସମସ୍ତ ଲେନ୍‌କୁ ଫାସ୍‌ଟାଗ୍ କରାଯାଇ ପାରିନାହିଁ। ଅର୍ଦ୍ଧାଧିକ ଯାନବାହନ ମଧ୍ୟ ଏ ପର୍ଯ୍ୟନ୍ତ ଫାସ୍‌ଟାଗ୍ ପଞ୍ଜୀକୃତ ହୋଇନାହାନ୍ତି। ଯାନବାହନର ମାଲିକମାନେ ଏ ନେଇ ସେତେଟା ସଚେତନ ମଧ୍ୟ ନୁହଁନ୍ତି। ରାଜ୍ୟର ଅଧିକାଂଶ ଟୋଲ୍‌ଗେଟ୍ ଘରୋଇ ସଂସ୍ଥା ହାତରେ ରହିଛି। ସେଗୁଡ଼ିକରେ ଫାସ୍‌ଟାଗ୍ ବ୍ୟବସ୍ଥା ନାହିଁ। ଫଳରେ ଏହାକୁ ରାଜ୍ୟରେ ବାଧ୍ୟତାମୂଳକ କରାଯିବା ସହଜ ନୁହେଁ ବୋଲି ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। କେତେକ ଟୋଲ୍‌ଗେଟ୍‌ରେ ସ୍ଥାନୀୟ ଯାନବାହନକୁ ମାଗଣାରେ ଛଡ଼ାଯାଉଥିବା ବେଳେ ବସ୍‌ଗୁଡ଼ିକ ମଧ୍ୟ ନିର୍ଦ୍ଧାରିତ ଟୋଲ୍ ଫି' ଦେଉନାହାନ୍ତି। ଟୋଲ୍ ଫି' ଦେଲେ ବସ୍ ଚଳାଚଳ ସମ୍ଭବ ହେବ ନାହିଁ ବୋଲି ଘରୋଇ ବସ୍ ମାଲିକ ☞ପୃଷ୍ଠା-୪

# ସୁରେଶ ମହାପାତ୍ର ମୁଖ୍ୟ ଶାସନ ସଚିବ



ସୁରେଶ ଚନ୍ଦ୍ର ମହାପାତ୍ର



ପ୍ରଦୀପ ଜେନା



ଅସିତ ତ୍ରିପାଠୀ

- **ପ୍ରଦୀପ ଜେନା ଉନ୍ନୟନ କମିଶନର**
- **ଅସିତ ତ୍ରିପାଠୀ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ**

**ଭୁବନେଶ୍ୱର,୨୫।୧୨(ବ୍ୟୁରୋ)**

୧୯୮୬ ବ୍ୟାଚ୍ ଆଇଏଏସ୍ ଅଫିସର ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ରାଜ୍ୟ ସରକାର ମୁଖ୍ୟ ଶାସନ ସଚିବ ତଥା ମୁଖ୍ୟ ଡେଭଲପମେଣ୍ଟ କମିଶନର ଭାବେ ନିଯୁକ୍ତି ଦେଇଛନ୍ତି। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ଥିବା ପ୍ରଦୀପ ଜେନାଙ୍କୁ ଉନ୍ନୟନ କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ଡିସେମ୍ବର ୩୧ରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଅବସର ନେବେ। ଅସିତଙ୍କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି)ର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ଏଥିସହିତ ସେ ଶିଳ୍ପ, କୃଷି, ପର୍ଯ୍ୟଟନ ଆଦି ବିଭିନ୍ନ ବିଭାଗ ସହ ଆଞ୍ଚଳିକ ବିକାଶ ଆଦି କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଧାନ ପରାମର୍ଶଦାତା ଭାବେ ଦାୟିତ୍ୱ ତୁଲାଇବେ। ଶୁକ୍ରବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

୨୦୨୧ ଜାନୁୟାରୀ ପହିଲାରୁ ସୁରେଶ ମହାପାତ୍ର ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିବେ। ସେ ୨୦୨୨ ଫେବୃୟାରୀ ୨୮ ଯାଏ ମୁଖ୍ୟ ଶାସନ ସଚିବ ପଦବୀରେ ରହିବେ। ଉନ୍ନୟନ କମିଶନର ଭାବେ ଦାୟିତ୍ୱ ତୁଲାଉଥିବା ସୁରେଶ ମହାପାତ୍ର ପୂର୍ବରୁ ଶକ୍ତି, ଗୃହ, ଗ୍ରାମ୍ୟ ଉନ୍ନୟନ, ଜଳ ସମ୍ପଦ, ଜଙ୍ଗଲ ଓ ପରିବେଶ ଭଳି ସରକାରଙ୍କ ବିଭିନ୍ନ ବିଭାଗରେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଛନ୍ତି। ମହାପାତ୍ର ୧୯୬୨ ଫେବୃୟାରୀ ୪ରେ ଜନ୍ମଗ୍ରହଣ କରିଥିଲେ। ୧୯୮୮ରେ ସେ ନୂଆପଡ଼ା ସବ୍‌କଲେକ୍ଟର ଭାବେ ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। ଭଦ୍ରକ, ପୁରୀ, କନ୍ଧମାଳ ଜିଲାପାଳ ଭାବେ କାର୍ଯ୍ୟକରି ସେ ସୁନାମ ଅର୍ଜନ କରିଛନ୍ତି। ୧୯୯୭ରେ ଓମ୍‌ଫେଡ ଅଧ୍ୟକ୍ଷ ଥିବାବେଳେ ଦୁଗ୍ଧ ଚାଷୀଙ୍କ ଆୟ ବୃଦ୍ଧି କରିବା ସହ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ଦିଗରେ ଅନେକ ପଦକ୍ଷେପ ନେଇଛନ୍ତି। ଜଙ୍ଗଲ ଓ ପରିବେଶ ବିଭାଗର ସଚିବ ଥିବାବେଳେ ସେ ରାଜ୍ୟରେ ଇକୋ ଟୁରିଜମ୍‌ର ବିକାଶ କରିବାକୁ ପଦକ୍ଷେପ ନେଇଥିଲେ। ତାହା ଓଡ଼ିଶାକୁ ଜାତୀୟ ଓ ଅନ୍ତର୍ଜାତୀୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିଛି। ୩ ବର୍ଷ ☞ପୃଷ୍ଠା-୪

# ମା', ବାପାଙ୍କୁ ହାଣିଲା ପୁଅ

**ନୂଆଗାଁ, ୨୫।୧୨ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ବିଶ୍ରା ଥାନା ଖୁଣ୍ଟଗାଁ ପଞ୍ଚାୟତ ଅନ୍ତର୍ଗତ ବିଶପୁର ଗ୍ରାମରେ ଶୁକ୍ରବାର ଅଭାବନୀୟ ଘଟଣା ଘଟିଛି। ସାନପୁଅର ବିବାହ ଲାଗି ଜମି ବିକ୍ରି କଥା କହିବାରୁ ବଡ଼ପୁଅ ପନିକିରେ ମା'ବାପାଙ୍କୁ ହାଣିଛି। ପନିକି ସହ ଶିଳପୁଆରେ ଆକ୍ରମଣ ଯୋଗୁ ବୃଦ୍ଧ ମା', ବାପାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୋନବଧ ସିଂ (୬୫) ଓ ତାଙ୍କ ସ୍ତ୍ରୀ ଲୀଳା ସିଂ (୬୦)। ପୋଲିସ ବଡ଼ପୁଅ ଜୟ ସିଂ(୪୦)ଙ୍କୁ ଗିରଫ କରିଛି।

**ଜମି ବିକ୍ରି ନେଇ ବିଶପୁରରେ ଡବଲ ମର୍ଡର**

ବିଶପୁର ଗ୍ରାମର ମୂଳବାସିନ୍ଦା ମୋନବଧ ସପରିବାର ରହନ୍ତି। ଜୟ ଓ ସାନପୁଅ ସୁନୀଲ ମଧ୍ୟ ମା'ବାପାଙ୍କ ସହ ରହନ୍ତି। ଜୟ ବିବାହିତ। ସୁନୀଲ ଥିଲେ ଅବିବାହିତ। ସୁନୀଲଙ୍କ ବିବାହ ପାଇଁ କୁଆଡେ ଝିଅ ଖୋଜା ଚାଲିଥିଲା। ସେପଟେ ଜୟ ଅଧିକାଂଶ ସମୟରେ ବାହାର ରାଜ୍ୟକୁ ଯାଇ ଶ୍ରମିକ ଭାବେ କାମ କରୁଥିଲେ। ମଝିରେ ମଝିରେ ବିଶପୁରସ୍ଥିତ ନିଜ ଗାଁକୁ ଆସୁଥିଲେ। କିଛି ମାସ ପୂର୍ବରୁ ଜୟ ଗାଁକୁ ଫେରିଥିଲେ। ଏହି ସମୟରେ ସୁନୀଲଙ୍କ ବିବାହ କଥା ତାଙ୍କ ମା' ଲୀଳା ଉଠାଇ ଥିଲେ। ସୁନୀଲଙ୍କ ବିବାହ ପାଇଁ ଜମି ବିକିବା ଲାଗି ଘରେ ଆଲୋଚନା ଚାଲିଥିଲା। ସେ ସମୟରେ ପରିବାର ମଧ୍ୟରେ କିଛି ଅସନ୍ତୋଷ ଦେଖା ଦେଇଥିଲା। ଶୁକ୍ରବାର ସକାଳେ ମଧ୍ୟ ଅନୁରୂପ ଭାବେ ଜମି ☞ପୃଷ୍ଠା-୪




# ଗାଡ଼ି ଧକ୍କାରେ ମା', ଛୁଆ ଭାଲୁ ମୃତ

**ରେଢାଖୋଲ,୨୫।୧୨(ଡି.ଏନ.ଏ.)**

ରେଢାଖୋଲ-ବଡମାଲ ପୂର୍ତ୍ତ ବିଭାଗ ରାସ୍ତାର ବଂଶାଜାଲ ପୋଲ ନିକଟରେ ଗୁରୁବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ମା' ଓ ଛୁଆ ଭାଲୁର ମୃତ୍ୟୁ ହୋଇଛି। ଖବର ପାଇ ଚାରମାଳ ରେଞ୍ଜ ଅଧିକାରୀ ଦର୍ଶନିଆ ଭୋଇ ଓ ବନ କର୍ମଚାରୀ ପହଞ୍ଚି ଦୁଇଭାଲୁଙ୍କ ମୃତଦେହ ଉଦ୍ଧାର କରି ଚାରମାଳ ପଶୁ ଡାକ୍ତରଖାନା ଆଣିଥିଲେ। ପ୍ରାଣୀ ଚିକିତ୍ସକ ପ୍ରଦୀପ ସାହୁ ବ୍ୟବଚ୍ଛେଦ କରିବା ପରେ ବନ କର୍ମଚାରୀ ଚାରମାଳ ନର୍ସରୀରେ ପୋତିଦେଇଥିବା ଡିଏଫ୍‌ଓ ପ୍ରଦୀପ୍ତ ସାହୁ କହିଛନ୍ତି। ମା' ଭାଲୁର ବୟସ ୨୫ ଓ ଛୁଆର ୫ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ରେଢାଖୋଲ ବନଖଣ୍ଡରେ କ୍ରମାଗତ ଭାବେ ଜଙ୍ଗଲ ☞ପୃଷ୍ଠା-୪

# ଖାତାକୁ ଗଲା ୧୮ ହଜାର କୋଟି

**କୃଷକ ସଂଗଠନରେ ଫାଟ ସୃଷ୍ଟି ଉଦ୍ୟମ ହେଉଛି: ଚାଷୀ**

**ନୂଆଦିଲ୍ଲୀ, ୨୫।୧୨**

ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ) ଯୋଜନାର ପରବର୍ତ୍ତୀ କିସ୍ତି ବାବଦରେ ୧୮,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଚାଷୀଙ୍କ ବ୍ୟାଙ୍କ ଖାତାକୁ ପଠାଇଛନ୍ତି। ଏଥିରେ ୯ କୋଟିରୁ ଅଧିକ ଚାଷୀ ପରିବାର ଉପକୃତ ହେବେ। ପିଏମ୍-କିଷାନ ଯୋଜନାରେ ଯୋଗ୍ୟ ହିତାଧିକାରୀ ଚାଷୀଙ୍କୁ ବର୍ଷକୁ ୬ ହଜାର ଟଙ୍କା ତିନୋଟି ସମାନ କିସ୍ତିରେ ଯୋଗାଇ ଦିଆଯାଉଛି।

କେନ୍ଦ୍ରର ନୂଆ କୃଷି ଆଇନ ବିରୋଧରେ ମାସେ ହେଲା ଦିଲ୍ଲୀ ସୀମାରେ ବିଭିନ୍ନ ରାଜ୍ୟର ଚାଷୀ ଆନ୍ଦୋଳନ ଚଳାଇଥିବାବେଳେ ପ୍ରଧାନମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ ଜରିଆରେ ସେମାନଙ୍କ ସହ ଆଲୋଚନା କରିଥିଲେ। ନୂଆ କୃଷି ଆଇନକୁ ନେଇ ବିରୋଧୀ ଦଳ ଚାଷୀମାନଙ୍କୁ ବିଭ୍ରାନ୍ତ କରୁଥିବା ସେ କହିଛନ୍ତି। ପ୍ରସଙ୍ଗ, ତର୍କ ଓ ତଥ୍ୟ ଆଧାରରେ ଆନ୍ଦୋଳନକାରୀ ଚାଷୀମାନଙ୍କ ସହ ଆଲୋଚନା ଲାଗି ସରକାର ପ୍ରସ୍ତୁତ ଅଛନ୍ତି। ନୂଆ ଆଇନକୁ ନେଇ ଚାଷୀମାନଙ୍କ ମନରେ କେତେକ ଆଶଙ୍କା ଥିବାବେଳେ ରାଜନୈତିକ ଉଦ୍ଦେଶ୍ୟ ରଖିଥିବା କେତେଜଣ ଲୋକ ସେଥିରେ ହସ୍ତକ୍ଷେପ କରି ଚାଷୀଙ୍କୁ ଭ୍ରମିତ କରାଉଛନ୍ତି।

ଚାଷୀମାନଙ୍କ ସହ ଆଲୋଚନା ବେଳେ ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗ ସରକାରଙ୍କୁ ସମାଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ରାଜନୀତି ☞ପୃଷ୍ଠା-୪

## ନୂଆପଡ଼ା ଚାଷୀଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ

**ତରବୋଡ, ୨୫।୧୨ (ଡି.ଏନ.ଏ.)**

ଶୁକ୍ରବାର ମଧ୍ୟାହ୍ନରେ ନୂଆପଡ଼ା ଜିଲା ସଦର ବ୍ଲକ ଜେଞ୍ଜରା ଗାଁର ନବୀନ ଠାକୁର ନାମକ ଚାଷୀଙ୍କ ସହ ଭିଡିଓ କନଫରେନ୍ସ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଥା ହୋଇଛନ୍ତି। କିଷାନ ଯୋଜନାରେ କିପରି ଲାଭବାନ ହୋଇଛନ୍ତି, ତାକୁ ନେଇ ପ୍ରଧାନମନ୍ତ୍ରୀ ପଚାରିଥିଲେ। ସେହିପରି କିଷାନ କ୍ରେଡିଟ କାର୍ଡରେ କେତେ ଟଙ୍କାର ଋଣ ନେଇ କିପରି ତାକୁ ବ୍ୟବହାର କରିଛନ୍ତି, ତାହା ମଧ୍ୟ ପ୍ରଧାନମନ୍ତ୍ରୀ ପଚାରି ବୁଝିଥିଲେ। ମଧ୍ୟାହ୍ନରେ ସ୍ଥାନୀୟ ଜିଲାପାଳଙ୍କ ଭିଡିଓ କନଫରେନ୍ସ ହଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସିଧାସଳଖ ଚାଷୀ ଠାକୁରଙ୍କ ସହିତ କଥା ହୋଇଥିଲେ। କଥାବାର୍ତ୍ତାରେ ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ଚାଷୀ ଠାକୁର କିପରି ଲାଭବାନ ହୋଇଛନ୍ତି ପଚାରି ବୁଝିଥିଲେ। ଏହାର ଉତ୍ତରରେ ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ୫ଟି କିସ୍ତିରେ ୧୦ ହଜାର ଟଙ୍କାର ସହାୟତା ରାଶି ପାଇଛନ୍ତି। ଏହି ଅର୍ଥକୁ ବିହନ, ସାର, କିଟନାଶକ ଓ ଶ୍ରମିକ ମଜୁରି ବାବଦରେ ଖର୍ଚ୍ଚ କରିଛନ୍ତି। ସେହିପରି କିଷାନ କ୍ରେଡିଟ କାର୍ଡରେ ୪ ଶତକଡା ସୁଧ ହାରରେ ୨୭ ହଜାର ଟଙ୍କାର ଋଣ ପାଇଛନ୍ତି । ☞ପୃଷ୍ଠା-୪

# ବିପଦରେ ହାତୀବଂଶ



**ଶୁଭାଶିଷ ପାଢ଼ୀ**
**ସମ୍ବଲପୁର, ୨୫।୧୨**

**ସମ୍ବଲପୁର ଆର୍‌ସିସିଏଫ୍ ସର୍କଲ**
- ୬ ବନଖଣ୍ଡରେ ୧୫୪ ହାତୀ ମୃତ
- ବିଦ୍ୟୁତ୍ ଆଘାତଜନିତ ମାମଲା ଅଧିକ
- ସେନ୍‌ସସ୍‌ରେ କ୍ରମାଗତ ହ୍ରାସ

ସମ୍ବଲପୁର ଆର୍‌ସିସିଏଫ୍ ସର୍କଲ ଅଧୀନରେ ଥିବା ବନଖଣ୍ଡରେ ହାତୀବଂଶ ଏବେ ବିପଦରେ। ବିଗତ ଦିନର ତଥ୍ୟକୁ ଦେଖିଲେ ଏହା ସ୍ପଷ୍ଟ ବୁଝାଯାଇପାରିବ। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଏହି ସର୍କଲ ଅଧୀନରେ ଥିବା ୬ ବନଖଣ୍ଡରେ ୧୫୪ ହାତୀଙ୍କ ମୃତ୍ୟୁ ଘଟିଛି। ବାସ୍ତବରେ ଏହି ସଂଖ୍ୟା ଢେର ଅଧିକ ବୋଲି କୁହାଯାଉଛି। ଏଥିମଧ୍ୟରେ ବିଦ୍ୟୁତ୍ ଆଘାତଜନିତ ମୃତ୍ୟୁସଂଖ୍ୟା ଅଧିକ। ରିପୋର୍ଟ ଅନୁଯାୟୀ ସେନ୍‌ସସ୍‌ରେ ମଧ୍ୟ କ୍ରମାଗତ ଭାବେ ହାତୀସଂଖ୍ୟା ହ୍ରାସ ପାଉଥିବାରୁ ପରିବେଶବିତ୍ ଉଦ୍‌ବେଗ ପ୍ରକାଶ କରୁଛନ୍ତି।

ହାତୀ ଦାନ୍ତର ବଜାର ଚାହିଦା ଥିବାରୁ ଶିକାରୀମାନେ ହାତୀମାନଙ୍କୁ ଶିକାର କରୁଛନ୍ତି। ଦାନ୍ତ ନେବା ପରେ ସେମାନେ ମୃତହାତୀକୁ ଘଞ୍ଚ ଜଙ୍ଗଲ ମଧ୍ୟରେ ପୋତି ଦିଅନ୍ତି କିମ୍ବା ପେଟ୍ରୋଲ ଢ଼ାଳି ପୋଡି ଦେଇଥାନ୍ତି। ବନ ବିଭାଗ ପକ୍ଷରୁ ମଧ୍ୟ ମାମଲା ଚପାଇଦେବାକୁ ଉଦ୍ୟମ ହୋଇଥାଏ। ଏହାକୁ ନେଇ ପରିବେଶବିତ୍ ଚିନ୍ତା ପ୍ରକଟ କରିଛନ୍ତି। ପ୍ରତିବର୍ଷ ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯାଇଥାଏ। ଏହାସହ ହାତୀ ଓ ଅନ୍ୟ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ସରକାରୀ ସ୍ତରରେ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥାଏ। ଏହା ସତ୍ତ୍ୱେ ଜିଲାରେ ହାତୀମାନେ ଅସୁରକ୍ଷିତ ରହୁଛନ୍ତି। ମିଳିଥିବା ରିପୋର୍ଟ ଅନୁସାରେ ସମ୍ବଲପୁର ବନଖଣ୍ଡରେ ୨୦୦୧ରୁ ଆଜି ପର୍ଯ୍ୟନ୍ତ ମୋଟ ୨୭ ହାତୀ ମୃତ୍ୟୁବରଣ କରିଛନ୍ତି। ସେଥିମଧ୍ୟରୁ ଶିକାରୀମାନେ ବିଛାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୧୨ ହାତୀଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଟ୍ରେନ ଧକ୍କା, ୪ ଗୁଳି ମାଡ଼ରେ, ଅଂଶୁଘାତ ଓ ଅନ୍ୟାନ୍ୟ ରୋଗରେ ୯ ହାତୀ ମୃତ୍ୟୁବରଣ କରିଛନ୍ତି। ସେହିପରି ବାମରା ବନଖଣ୍ଡରେ ୨୦୦୧ରୁ ଏପର୍ଯ୍ୟନ୍ତ ୩୦ ହାତୀଙ୍କ ମୃତ୍ୟୁ ଘଟିଛି। ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**ସଂସ୍କାରରେ ବାଧା**


**ଆଜିର ମନ୍ତବ୍ୟ**

" ଅଟଳ ବିହାରୀ ବାଜପେୟୀଙ୍କ ଦୂରଦୃଷ୍ଟି ଭାରତର ବୈଦେଶିକ ସମ୍ପର୍କ ବୃଦ୍ଧି କରିଥିଲା।

**-ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ**




ଧରିତ୍ରୀ
DHARITRI
ଶନିବାର, ୨୬ ଡିସେମ୍ବର, ୨୦୨୦



### ଦକ୍ଷିଣ ଆଫ୍ରିକା କୋଭିଡ୍ ଷ୍ଟ୍ରେନ୍ ବ୍ରିଟେନ୍‌ଠାରୁ ବିପଜ୍ଜନକ ନୁହେଁ

ଦକ୍ଷିଣ ଆଫ୍ରିକାରେ ଦେଖାଦେଇଥିବା କୋଭିଡ୍ ଭୂତାଣୁର ନୂଆ ରୂପ ବ୍ରିଟେନ ଷ୍ଟ୍ରେନ୍‌ଠାରୁ ଅଧିକ ବିପଜ୍ଜନକ ବୋଲି ବ୍ରିଟିଶ ସ୍ୱାସ୍ଥ୍ୟ ସଚିବ ମାଟ୍ ହାନକୁକ୍ ଅଭିଯୋଗ କରିଥିଲେ। ଏହାକୁ ଦକ୍ଷିଣ ଆଫ୍ରିକା ପକ୍ଷରୁ ଖଣ୍ଡନ କରାଯାଇଛି। ନୂଆ ଭୂତାଣୁ ବ୍ରିଟେନ ଭାରିଆଣ୍ଟଠାରୁ ଅଧିକ ସଂକ୍ରମିତ ହେଉଥିବାର କୌଣସି ପ୍ରମାଣ ନାହିଁ ବୋଲି ଦକ୍ଷିଣ ଆଫ୍ରିକା ସ୍ୱାସ୍ଥ୍ୟମନ୍ତ୍ରୀ ଜ୍ୱେଲିନି ଖିଜେ କହିଛନ୍ତି। ସେହିପରି ଦକ୍ଷିଣ ଆଫ୍ରିକାର ନୂଆ ଭୂତାଣୁ ଯୋଗୁ ମୃତ୍ୟୁହାର ମଧ୍ୟ ବଢ଼ିନାହିଁ।

## ସଂକ୍ଷେପରେ

### କୁମ୍ଭମେଳାକୁ ଆସିପାରନ୍ତି ନକଲି ଗଡ୍‌ମ୍ୟାନ

**ପ୍ରୟାଗରାଜ, ୨୫।୧୨:** ଜାନୁୟାରୀରେ ହରିଦ୍ୱାରରେ ଅନୁଷ୍ଠିତ ହେବାକୁ ଥିବା କୁମ୍ଭମେଳାରେ ନକଲି ଶଙ୍କରାଚାର୍ଯ୍ୟ ଓ ଆତ୍ମଘୋଷିତ ଗଡ୍‌ମ୍ୟାନ ପ୍ରବେଶ କରିପାରନ୍ତି ବୋଲି ଅଖିଳ ଭାରତୀୟ ଆଖଡା ପରିଷଦ ସତର୍କ କରାଇଦେଇଛି। ଉକ୍ତ ପରିଷଦ ପକ୍ଷରୁ ନକଲି ସାଧୁସନ୍ଥଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ସେମାନେ ଯେପରି ମେଳା ସ୍ଥଳକୁ ପ୍ରବେଶ କରି ନ ପାରନ୍ତି, ସେଥିପାଇଁ ବ୍ୟବସ୍ଥା କରାଯିବାକୁ ସେମାନେ ଉତ୍ତରାଖଣ୍ଡ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏହି ତାଲିକା ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାୱତଙ୍କ ପାଖକୁ ପଠାଯିବ।

### ପମ୍ପିଓଙ୍କୁ ପତ୍ର ଲେଖିଲେ ୭ ଆମେରିକା କଂଗ୍ରେସ ସଦସ୍ୟ

**ୱାଶିଂଟନ, ୨୫।୧୨ (ପି.ଟି.):** ଭାରତରେ କୃଷି ଆଇନକୁ ବିରୋଧ କରି ମାସେ ହେଲା ଆନ୍ଦୋଳନ ଚାଲିଥିବାବେଳେ ଆମେରିକା କଂଗ୍ରେସର ୭ ଜଣ ପ୍ରଭାବଶାଳୀ କଂଗ୍ରେସ ସଦସ୍ୟ ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓଙ୍କୁ ପତ୍ର ଲେଖି ନୂଆଦିଲ୍ଲୀ ଆଗରେ ଏହି ପ୍ରସଙ୍ଗ ଉଠାଇବାକୁ ଅନୁରୋଧ କରିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଭାରତୀୟ-ଆମେରିକୀୟ କଂଗ୍ରେସ ସଦସ୍ୟା ପ୍ରମିଳା ଜୟପାଲ। ପୂର୍ବରୁ କେତେଜଣ ବିଦେଶୀ ନେତା କୃଷକ ଆନ୍ଦୋଳନକୁ ନେଇ ମନ୍ତବ୍ୟ ଦେଇଥିଲେ। ଏଭଳି ମନ୍ତବ୍ୟ ଅବାଞ୍ଛିତ ଓ ସେମାନେ ଠିକ୍ ସୂଚନା ପାଇ ନ ଥିବା ଭାରତ କହିଥିଲା।

### ହାଫିଜ୍ ସୟିଦଙ୍କୁ ୧୫ ବର୍ଷ ଜେଲ

ଇସ୍‌ଲାମାବାଦ,୨୫।୧୨: ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଜମାତ୍-ଉଦ୍-ଦାୱା (ଜେୟୁଡି)ର ନେତା ହାଫିଜ୍ ସୟିଦଙ୍କୁ ପାକିସ୍ତାନର ଏକ ଆତଙ୍କବାଦ ନିରୋଧୀ ଅଦାଲତ (ଏଟିସି) ୧୫ ବର୍ଷରୁ ଊର୍ଦ୍ଧ୍ୱ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି। ସେ ଅନ୍ୟ ଏକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଗତବର୍ଷଠାରୁ ଜେଲ୍‌ରେ ଥିବା ସୟିଦଙ୍କ ବିରୋଧରେ ୩ଟି ମାମଲାର ରାୟ ପ୍ରକାଶ ପାଇଛି। ତାଙ୍କ ବ୍ୟତୀତ ହାଫିଜ୍ ହବଦୁଲ ସଲାମ, ଜାଫର ଇକ୍‌ବାଲ, ମହମ୍ମଦ ଅଶ୍ରଫ ଏବଂ ୟାହ୍ୟା ମୁଜାହିଦ୍‌ଙ୍କୁ ୧୫ ବର୍ଷ ୬ ମାସ ଲେଖାଏ ଜେଲଦଣ୍ଡ ହୋଇଛି। ସେହିପରି ହାଫିଜ୍ ଅବଦୁଲ ରେହମାନ ମାକ୍କିଙ୍କୁ ୬ ମାସ ଜେଲ୍ ଦଣ୍ଡାଦେଶ ମିଳିଛି। ଜେଲଦଣ୍ଡ ସମେତ ଅପରାଧୀମାନେ ୨ ଲକ୍ଷ ଟଙ୍କା ଲେଖାଏ ଜରିମାନା ପୈଠ କରିବେ। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲାରେ ନଭେମ୍ବର ୧୯ରେ ସୟିଦ ଓ ଅନ୍ୟ ୩ ଜଣଙ୍କୁ ଦୋଷୀସାବ୍ୟସ୍ତ କରାଯାଇଥିଲା।

### ୪ ରାଜ୍ୟରେ ଭାକ୍ସିନ ଡ୍ରାଏ ରନ୍

**ଗୁଆହାଟୀ, ୨୫।୧୨:** କୋଭିଡ୍-୧୯ ଟିକାକରଣ ପ୍ରସ୍ତୁତିକୁ ଜୋରଦାର କରିବା ଲାଗି କେନ୍ଦ୍ର ସରକାର ଡିସେମ୍ବର ୨୮ ଓ ୨୯ରେ ଆସାମ, ଗୁଜରାଟ, ଆନ୍ଧ୍ରପ୍ରଦେଶ ଓ ପଞ୍ଜାବରେ ଡ୍ରାଏ ରନ୍ ଆୟୋଜନ କରିବେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଉପରୋକ୍ତ ରାଜ୍ୟ ଦୁଇଟି ଲେଖାଏ ଜିଲାର ଜିଲା ହସ୍ପିଟାଲ, ସିଏଚ୍‌ସି/ପିଏଚ୍‌ସି, ସହରାଞ୍ଚଳ, ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ର ଆଦିରେ ଡ୍ରାଏ ରନ୍ ଆୟୋଜନ କରିବେ। ଏଥିରେ କୋ-ୱିନ୍‌ର ଆବଶ୍ୟକ ଡାଟା ଏଣ୍ଟ୍ରି, ଟିକାପ୍ରଦାନ ଲାଗି ଟିମ୍ ସଦସ୍ୟ ନିୟୋଜନ, ଟିକାଦାନ ସ୍ଥଳରେ ହିତାଧିକାରୀଙ୍କ ସହ ମକ୍ ଡ୍ରିଲ୍ ଏବଂ ସନ୍ଧ୍ୟା ସମୟର ବୈଠକ ଆଦିକୁ ପ୍ରଦର୍ଶନ କରାଯିବ।

### ବ୍ରିଟିଶ ଯାତ୍ରୀଙ୍କ ଉପରେ କଟକଣା ଲଗାଇଲା ଆମେରିକା

**ୱାଶିଂଟନ, ୨୫।୧୨:** ଆମେରିକା ଆସିବାକୁ ଚାହୁଁଥିବା ବ୍ରିଟିଶ ଯାତ୍ରୀଙ୍କୁ ବିମାନ ଧରିବା ପୂର୍ବରୁ କୋଭିଡ୍ ନେଗେଟିଭ୍ ସାର୍ଟିଫିକେଟ ଦେଖାଇବାକୁ ପଡ଼ିବ। ବ୍ରିଟେନ୍‌ରେ କୋଭିଡ୍ ଭୂତାଣୁର ନୂଆ ରୂପ ଅଧିକ ବେଗରେ ସଂକ୍ରମିତ ହେଉଥିବାରୁ ଆମେରିକା ପକ୍ଷରୁ ଉପରୋକ୍ତ କଟକଣା ଲାଗୁ କରାଯାଇଛି। ସୋମବାରଠାରୁ ଏହି କଟକଣା କାର୍ଯ୍ୟକାରୀ ହେବ ବୋଲି ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍‌ଶନ୍ ପକ୍ଷରୁ କୁହାଯାଇଛି। କରୋନା ଯୋଗୁ ଗତ ମାର୍ଚ୍ଚରୁ ଆମେରିକା ବିମାନ ଯାତ୍ରା ଉପରେ କଟକଣା ଲଗାଇଥିଲା।

# ପୁରୁଷଙ୍କୁ ନେଇ ମହିଳା କମିଟି



**କୁଏତ୍ ସିଟି:** କୁଏତ୍‌ର ସଂସଦୀୟ ମହିଳା କମିଟିର ସବୁ ସଦସ୍ୟ ହେଉଛନ୍ତି ପୁରୁଷ। ଉକ୍ତ କମିଟିରେ କେବଳ ପୁରୁଷଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ମଧ୍ୟପ୍ରାଚ୍ୟର ଏହି ରାଷ୍ଟ୍ରରେ ଲିଙ୍ଗଗତ ଅସମାନତାକୁ ନେଇ ଅନ୍‌ଲାଇନ୍‌ରେ କଡ଼ା ସମାଲୋଚନା କରାଯାଉଛି। ଓମେନ୍ସ କମିଟି ଅଫ୍ କୁଏତ୍‌ରେ ବୁଧବାର ୩ ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଇଥିଲା। ନବନିଯୁକ୍ତ ଟ୍ରଷ୍ଟିମାନେ ହେଲେ ସାଲେହ ଥେୟାବ ଅଲ୍-ମୁଟାଇରି, ଓସାମା ଅହମ୍ମଦ ଅଲ୍-ମୁନାୱେର ଏବଂ ଓସାମା ଏସା ଅଲ୍-ଶାହିନ। କୁଏତ୍‌ର ସୂଚନା ମନ୍ତ୍ରଣାଳୟ ପକ୍ଷରୁ ଅଧିକୃତ ସରକାରୀ ଇ-ପେପର୍ 'ଦି କାଉନ୍‌ସିଲ' ଏମାନଙ୍କ ନିଯୁକ୍ତି ସମ୍ପର୍କରେ ଟୁଇଟ୍ କରିବା ପରେ ଟ୍ରୋଲ୍ ଆରମ୍ଭ ହୋଇଯାଇଛି।

ନ୍ୟାଶନାଲ ଆସେମ୍ବ୍ଲି ନାମରେ ପରିଚିତ କୁଏତ୍ ପାର୍ଲାମେଣ୍ଟର ମୋଟ ସଦସ୍ୟ ସଂଖ୍ୟା ୬୫। ସେମାନଙ୍କ ମଧ୍ୟରୁ ୫୦ ପ୍ରତିନିଧି ୪ ବର୍ଷ ପାଇଁ ନିର୍ବାଚିତ ହୋଇଯାଇଥାନ୍ତି। ଅବଶିଷ୍ଟ ୧୫ ଜଣଙ୍କୁ ନିଯୁକ୍ତି ଦିଆଯାଇଥାଏ। ଏହାକୁ ଅର୍ଦ୍ଧଗଣତାନ୍ତ୍ରିକ ବ୍ୟବସ୍ଥା କୁହାଯାଏ। ଦେଶରେ କୌଣସି ରାଜନୈତିକ ଦଳ ନାହିଁ। ତେଣୁ ପ୍ରାର୍ଥୀମାନେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିଥାନ୍ତି। ନ୍ୟାଶନାଲ ଆସେମ୍ବ୍ଲି ନିର୍ବାଚନ ଶେଷ ହେବା ପରେ ସଦସ୍ୟମାନେ ପାର୍ଲାମେଣ୍ଟାରି କମିଟି ଗଠନ କରିଥାନ୍ତି। ଚଳିତବର୍ଷ ଡିସେମ୍ବରରେ ଏହି ନିର୍ବାଚନ ଶେଷ ହେବା ପରେ ଓମେନ୍ସ ପାର୍ଲାମେଣ୍ଟାରି କମିଟି ଗଠନ କରାଯାଇଥିଲା। କିନ୍ତୁ ସେଥିରେ କେହି ଜଣେ ହେଲେ ମହିଳାଙ୍କୁ ସାମିଲ କରାଯାଇ ନ ଥିବାରୁ ସମସ୍ତେ ବିସ୍ମିତ ହୋଇଯାଇଛନ୍ତି। ମହିଳାଙ୍କୁ ସ୍ଥାନ ନ ମିଳିବାର କାରଣ ହେଉଛି ଏଥର ନିର୍ବାଚନରେ ୨୯ ମହିଳା ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ସେମାନଙ୍କ ମଧ୍ୟରୁ କେହି ଜଣେ ମଧ୍ୟ ଜିତିନାହାନ୍ତି। ତେଣୁ ଉକ୍ତ କମିଟିରେ କେବଳ ପୁରୁଷଙ୍କୁ ନିଯୁକ୍ତି ଦିଆଯାଇଛି।

# ହସ୍ପିଟାଲରେ ରଜନୀକାନ୍ତ



**ହାଇଦ୍ରାବାଦ:** ସୁପରଷ୍ଟାର ରଜନୀକାନ୍ତଙ୍କ ରକ୍ତଚାପରେ ଅସ୍ଥିରତା ଦେଖାଦେବାରୁ ତାଙ୍କୁ ହାଇଦ୍ରାବାଦସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେ 'ଅନ୍ନାଥେ' ଚଳଚ୍ଚିତ୍ରର ଶୁଟିଂ ପାଇଁ ଉକ୍ତ ସହରରେ ଥିଲେ। ତେବେ ତାଙ୍କ କର୍ମଚାରୀଙ୍କ ମଧ୍ୟରୁ ୪ ଜଣଙ୍କଠାରେ କୋଭିଡ୍-୧୯ ପଜିଟିଭ୍ ଚିହ୍ନଟ ହେବାରୁ ଉକ୍ତ ଚଳଚ୍ଚିତ୍ର ଶୁଟିଂକୁ ବନ୍ଦ କରିଦିଆଯାଇଛି। ତେବେ ରଜନୀକାନ୍ତଙ୍କ କରୋନା ଟେଷ୍ଟ ରିପୋର୍ଟ ନେଗେଟିଭ୍ ଆସିଥିବା ଆପୋଲୋ ହସ୍ପିଟାଲ ପକ୍ଷରୁ କୁହାଯାଇଥିଲା। ପୂର୍ବରୁ ରଜନୀକାନ୍ତ କିଡ୍‌ନୀ ପ୍ରତିରୋପଣ କରିଥିଲେ। ନୂଆ ରାଜନୈତିକ ଦଳ ଗଢ଼ି ଆସନ୍ତାବର୍ଷ ତାମିଲନାଡୁ ବିଧାନସଭା ନିର୍ବାଚନରେ ଲଢ଼ିବେ ବୋଲି ଗତମାସରେ ସେ ଘୋଷଣା କରିଥିଲେ।

# ଆଜି ନିଷ୍ପତ୍ତି ନେବେ ଚାଷୀ

**କେନ୍ଦ୍ର ସରକାର ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ପାଇଁ ରାଜି ନ ହୋଇ ଆଲୋଚନା କରିବାକୁ ଚାଷୀଙ୍କୁ ନିମନ୍ତ୍ରଣ କରିଛନ୍ତି। ଉକ୍ତ ଆଇନକୁ ପରୀକ୍ଷାମୂଳକ ଭାବେ କାର୍ଯ୍ୟକାରୀ କରାଯାଉ। ଏଥିରେ କିଛି ଅସୁବିଧା ଦେଖାଦେଲେ ପରେ ସଂଶୋଧନ କରାଯାଇପାରିବ ବୋଲି ସରକାର କହିଛନ୍ତି। ତେଣୁ ପଞ୍ଚମ ପର୍ଯ୍ୟାୟରେ ଅଟକିଯାଇଥିବା କେନ୍ଦ୍ର-କୃଷକ ଆଲୋଚନା ପୁଣିଥରେ ଆରମ୍ଭ ହୋଇପାରେ। କୃଷି ଆଇନ ପ୍ରତ୍ୟାହାର ଦାବିରେ ଚାଲିଥିବା ଆନ୍ଦୋଳନକୁ ଶନିବାର ମାସେ ପୂରୁଥିବାବେଳେ ଏନେଇ କୃଷକ ସଙ୍ଗଠନଗୁଡ଼ିକ ଚୂଡ଼ାନ୍ତ ନିଷ୍ପତ୍ତି ନେବେ।**



ସିଙ୍ଘୁ ସୀମାରେ ଆନ୍ଦୋଳନରତ କୃଷକ।

**ନୂଆଦିଲ୍ଲୀ/ଚଣ୍ଡିଗଡ଼,୨୫।୧୨**

କୃଷି ଆଇନକୁ ନେଇ ମାସେ ପରେ ବି ଅଚଳାବସ୍ଥା ଦୂର ହୋଇନାହିଁ। ଦିଲ୍ଲୀ ସମେତ ଜାତୀୟ ରାଜଧାନୀର ସୀମାଗୁଡ଼ିକରେ କୃଷକ ସଙ୍ଗଠନର ହଜାର ହଜାର ଚାଷୀ ନିଜ ଦାବିରେ ଅଡ଼ିବସିଛନ୍ତି। ଏଭଳି ସମୟରେ ସରକାରଙ୍କ ପକ୍ଷରୁ ଆଲୋଚନା ପାଇଁ ପୁଣିଥରେ ବିକ୍ଷୋଭରତ ଚାଷୀଙ୍କୁ ନିମନ୍ତ୍ରଣ କରାଯିବା ପରେ ସେମାନେ ଶୁକ୍ରବାର ବୈଠକ କରିଛନ୍ତି। କିନ୍ତୁ ଆଲୋଚନାରେ କୌଣସି ନିଷ୍କର୍ଷ ବାହାରିପାରି ନାହିଁ। ତେଣୁ କେନ୍ଦ୍ର ସରକାରଙ୍କ ନିମନ୍ତ୍ରଣ ରକ୍ଷା କରି ଆଗକୁ ଆଲୋଚନା କରିବେ କି ନାହିଁ ସେନେଇ ଶନିବାର ଆଉ ଥରେ ବୈଠକ କରିବେ। ଏଥିରେ ଷଷ୍ଠ ପର୍ଯ୍ୟାୟ ଆଲୋଚନା ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି କୃଷକ ସଙ୍ଗଠନଗୁଡ଼ିକ କହିଛନ୍ତି। ଆସନ୍ତା ଦୁଇତିନି ଦିନ ମଧ୍ୟରେ ଷଷ୍ଠ ପର୍ଯ୍ୟାୟ ଆଲୋଚନା ହେବା ସମ୍ଭାବନା ଥିବା କୃଷି ମନ୍ତ୍ରଣାଳୟର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ନିଜ ନାମ ଗୋପନ ରଖିବା ସର୍ତ୍ତରେ ଜଣେ କୃଷକ ନେତା କହିଛନ୍ତି, ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ଦାବିରୁ ଓହରିବା ପ୍ରଶ୍ନ ଉଠୁନାହିଁ। କେନ୍ଦ୍ରର ଚିଠି ଉପରେ ଶନିବାର ନିଷ୍ପତ୍ତି ନେବୁ।

- ରାଜପଥରେ ଟୋଲ୍ ଆଦାୟ ବନ୍ଦ କଲେ
- ଭାଜପା କର୍ମୀ-ଚାଷୀ ମୁହାଁମୁହିଁ
- ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ସ୍ଲୋଗାନ ଦେଲା ଏଏପି

ସେପଟେ ଆନ୍ଦୋଳନରତ ଚାଷୀମାନେ ଭାରତୀୟ କିଷାନ ସଂଘ (ବିକେୟୁ)ର ଆହ୍ୱାନକ୍ରମେ ଶୁକ୍ରବାର ହରିୟାଣାର ଅଧିକାଂଶ ଜାତୀୟ ରାଜପଥରେ ଟୋଲ୍ ଆଦାୟକୁ ବନ୍ଦ କରିଛନ୍ତି। କେତେକ ସ୍ଥାନରେ ଟୋଲ୍ ପ୍ଲାଜାକୁ ଦଖଲ କରି ସେଠାରେ କର୍ତ୍ତୃପକ୍ଷଙ୍କୁ ଟୋଲ୍ ଆଦାୟ କରିବାକୁ ଦେଇନାହାନ୍ତି। ଅନ୍ୟ ସ୍ଥାନରେ ଟୋଲ୍ କର୍ମଚାରୀ ଅର୍ଥ ଆଦାୟ ନ କରି ଗାଡ଼ିଗୁଡ଼ିକୁ ଛାଡ଼ିଦେଇଛନ୍ତି। ଡିସେମ୍ବର ୨୫ରୁ ୨୭ ଟୋଲ୍ ସଂଗ୍ରହକୁ ବନ୍ଦ କରାଇବା ପାଇଁ ବିକେୟୁ ପୂର୍ବରୁ ଘୋଷଣା କରିଥିଲା। ଇତିମଧ୍ୟରେ ପଞ୍ଜାବ ଓ ହରିୟାଣାର ଚାଷୀ ଭାଜପା କର୍ମୀଙ୍କ ସହ ମୁହାଁମୁହିଁ ହୋଇଛନ୍ତି। ପଞ୍ଜାବର ବଠିଣ୍ଡା, ଜଳନ୍ଧର ଓ ହରିୟାଣାର କୈଥାଲରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୯୬ତମ ଜନ୍ମଦିନ ପାଳନ ବେଳେ ଚାଷୀମାନେ ଭାଜପା କର୍ମୀଙ୍କ ରାସ୍ତା ଅବରୋଧ କରିବାରୁ ଉଭୟ ପକ୍ଷଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ସେହିପରି ଦିଲ୍ଲୀରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଥିବାବେଳେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) କର୍ମୀମାନେ ବିକ୍ଷୋଭ କରି କୃଷି ଆଇନ ପ୍ରତ୍ୟାହାର ପାଇଁ ଦାବି କରିଥିଲେ।

### କେହି ଜମି ଛଡ଼ାଇନେବେନି: ଶାହା

ନରେନ୍ଦ୍ର ମୋଦି ଦେଶର ପ୍ରଧାନମନ୍ତ୍ରୀ ଥିବା ପର୍ଯ୍ୟନ୍ତ କୌଣସି କର୍ପୋରେଟ ଚାଷୀଙ୍କଠାରୁ ଜମି ଛଡ଼ାଇନେଇପାରିବେ ନାହିଁ। ଏମ୍‌ଏସ୍‌ପି ବ୍ୟବସ୍ଥା ବଳବତ୍ତର ରହିବ ଓ ମଣ୍ଡି ବନ୍ଦ ହେବନାହିଁ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ଦିଲ୍ଲୀର କିଶନଗଡ଼ଠାରେ ଏକ ସମାବେଶକୁ ଉଦ୍‌ବୋଧନ ଦେଇ ଶାହା କହିଥିଲେ, ବିରୋଧୀ ଦଳ କୃଷି ଆଇନକୁ ନେଇ ମିଥ୍ୟା ପ୍ରଚାର ଚଳାଇଛି। ସରକାର ଖୋଲା ମନରେ ବିଚାର ପାଇଁ ପ୍ରସ୍ତୁତ ଅଛନ୍ତି।

### 'ସୁଯୋଗ ଦିଅ, ଅସୁବିଧା ହେଲେ ସଂଶୋଧନ କରିବୁ'



ରାଜନାଥ ସିଂ

**ନୂଆଦିଲ୍ଲୀ, ୨୫।୧୨**

କୃଷି ଆଇନରେ ସଂଶୋଧନ ପାଇଁ ସରକାର ପ୍ରସ୍ତାବ ଦେଇଥିଲେ ହେଁ ଚାଷୀମାନେ ଆଇନ ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦାବିରେ ଅଡ଼ି ବସିଛନ୍ତି। ଏଭଳି ସ୍ଥିତିରେ କୃଷି ଆଇନକୁ ଅନ୍ତତଃ ବର୍ଷେ କିମ୍ବା ଦୁଇବର୍ଷ ପାଇଁ ପରୀକ୍ଷାମୂଳକ ଭାବେ ଲାଗୁ କରିବା ନିମନ୍ତେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ପ୍ରସ୍ତାବ ଦେଇଛନ୍ତି। କୃଷକ ଉପକୃତ ନ ହେଲେ ସମସ୍ତ ସମ୍ଭାବ୍ୟ ସଂଶୋଧନ ପାଇଁ ସରକାର ପ୍ରସ୍ତୁତ ଥିବା ସେ ଶୁକ୍ରବାର କହିଛନ୍ତି। ଆନ୍ଦୋଳନରତ ଚାଷୀମାନଙ୍କୁ ମନାଇବା ପାଇଁ ସରକାରଙ୍କ ପକ୍ଷରୁ ସବୁପ୍ରକାର ଉଦ୍ୟମ କରାଯାଉଛି। କୃଷି ଆଇନ ସମ୍ପର୍କରେ ଚାଷୀଙ୍କ ମନରେ ରହିଥିବା ଭ୍ରମ ଦୂର କରିବା ଲାଗି ଭାଜପା ୧୦୦ଟି ଖବରଦାତା ସମ୍ମିଳନୀ ଓ ୭୦୦ ବୈଠକ କରିବାକୁ ନିଷ୍ପତ୍ତି ନେଇଥିଲା। ଏହି କ୍ରମରେ ରାଜନାଥ ଦିଲ୍ଲୀରେ ଏକ ରାଲିକୁ ସମ୍ବୋଧିତ କରି କୃଷକମାନଙ୍କୁ ଉପରୋକ୍ତ ଆହ୍ୱାନ ଦେଇଛନ୍ତି।

# ଅରୁଣାଚଳରେ ଜେଡିୟୁକୁ ଝଟ୍‌କା

**ଇଟାନଗର, ୨୫।୧୨**

### ଭାଜପାରେ ଯୋଗଦେଲେ ୬ ବିଧାୟକ

ଅରୁଣାଚଳପ୍ରଦେଶରେ ସଂଯୁକ୍ତ ଜନତା ଦଳ (ଜେଡିୟୁ)କୁ ଶକ୍ତ ଝଟ୍‌କା ଲାଗିଛି। ସେଠାର ୬ ଜଣ ଜେଡିୟୁ ବିଧାୟକ ଭାଜପାରେ ଯୋଗଦେଇଛନ୍ତି। ଏହା ବ୍ୟତୀତ ପିପୁଲ୍ସ ପାର୍ଟି ଅଫ୍ ଅରୁଣାଚଳ(ପିପିଏ)ର ଏକମାତ୍ର ବିଧାୟକ କାର୍ଡୋ ନିଗ୍ୟୋର୍ ମଧ୍ୟ ଭାଜପାରେ ସାମିଲ ହୋଇଛନ୍ତି। ରାଜ୍ୟରେ ପଞ୍ଚାୟତ ଓ ପୌର ନିର୍ବାଚନ ଫଳାଫଳ ଘୋଷଣା ପୂର୍ବରୁ ଏଭଳି ପରିବର୍ତ୍ତନ ଘଟିଛି।

ଭାଜପାରେ ସାମିଲ ହୋଇଥିବା ଜେଡିୟୁ ବିଧାୟକମାନେ ହେଲେ ତାଲେମ ଟାବୋହ, ହାୟେଙ୍ଗ୍ ମାଙ୍ଗଫି, ଜିକେ ଟାକୋ, ଦୋର୍ଜି ୱାଙ୍ଗଡି ଖାର୍ମା, ଡୋଙ୍ଗ୍ରୁ ସିଓଙ୍ଗ୍‌ଜୁ ଏବଂ କାଙ୍ଗୋଙ୍ଗ୍ ଟାକୁ। ଦଳବିରୋଧୀ କାର୍ଯ୍ୟ ଲାଗି ସିଓଙ୍ଗ୍‌ଜୁ, ଖାର୍ମା ଓ ଟାକୁଙ୍କୁ ଜେଡିୟୁ ନଭେମ୍ବର ୨୬ରେ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲା। ବରିଷ୍ଠ ନେତାଙ୍କୁ ନ ଜଣାଇ ଏମାନେ ତାଲେମ୍ ଟାବୋହଙ୍କୁ ନୂଆ ସଂସଦୀୟ ଦଳ ନେତା ନିର୍ବାଚନ କରିଥିଲେ। ପିପିଏ ବିଧାୟକ ମଧ୍ୟ ପୂର୍ବରୁ ତାଙ୍କ ଦଳରୁ ନିଲମ୍ବିତ ହୋଇଥିଲେ। ଭାଜପାରେ ଯୋଗଦେବା ଲାଗି ଉପରୋକ୍ତ ବିଧାୟକମାନେ ଦେଇଥିବା ପତ୍ରକୁ ଆମେ ଗ୍ରହଣ କରିଛୁ ବୋଲି ଦଳର ରାଜ୍ୟ ସଭାପତି ବି.ଆର୍. ୱାଘେ କହିଛନ୍ତି।

# ଓଲିଙ୍କୁ କାରଣ ଦର୍ଶାଅ ନୋଟିସ

**କାଠମାଣ୍ଡୁ, ୨୫।୧୨**

ନେପାଳ ସୁପ୍ରିମକୋର୍ଟ ଶୁକ୍ରବାର ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଅଚାନକ ପାର୍ଲାମେଣ୍ଟ ଭଙ୍ଗ ପାଇଁ ନିଷ୍ପତ୍ତି ନେବା ସମ୍ପର୍କରେ ଲିଖିତ ସ୍ପଷ୍ଟୀକରଣ ଦାଖଲ କରିବାକୁ ତାଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଓଲିଙ୍କ ପାର୍ଲାମେଣ୍ଟ ଭଙ୍ଗ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଥିଲା। ପ୍ରଧାନ ବିଚାରପତ ଚୋଳେନ୍ଦ୍ର ଶମଶେର ରାଣାଙ୍କ ଅଧ୍ୟକ୍ଷତାରେ ୫ ଜଣିଆ ସାମ୍ବିଧାନିକ ପୀଠ ପିଟିଶନର ଶୁଣାଣି କରିଥିଲେ। ଏଥିସହିତ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ମନ୍ତ୍ରୀ ପରିଷଦ ଏବଂ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ମଧ୍ୟ ସ୍ପଷ୍ଟୀକରଣ ମଗାଯାଇଛି।



ଖ୍ରୀଷ୍ଟମାସ ଅବସରରେ ଲକ୍ଷ୍ନୌର ଏକ ଚର୍ଚ୍ଚରେ କ୍ୟାଣ୍ଡେଲ ଜାଳି ଉତ୍ସବ ମନାଉଛନ୍ତି ଖ୍ରୀଷ୍ଟିୟାନ ଶ୍ରଦ୍ଧାଳୁ।



# ବିଜ୍ଞାନ ଯୋଗୁ ଲୋପ ପାଇଥିଲେ ଏଲିଆନ୍ସ

**ନୂଆଦିଲ୍ଲୀ,୨୫।୧୨:** ବିଜ୍ଞାନର ଅଗ୍ରଗତି ମଣିଷକୁ କେଉଁଠୁ ନେଇ କେଉଁଠି ପହଞ୍ଚାଇଲାଣି। ଏହାସତ୍ତ୍ୱେ ମଣିଷ କାହିଁକି ଅନ୍ୟ ଗ୍ରହର ଜୀବ ବା ଏଲିଆନ୍ସଙ୍କ ସହ ଯୋଗସୂତ୍ର ସ୍ଥାପନ କରିପାରି ନାହିଁ? ଏହି ପ୍ରଶ୍ନର ଉତ୍ତର ଖୋଜିବା ବେଳେ ନାନା କଥା ସାମ୍ନାକୁ ଆସିବାରେ ଲାଗିଛି। ଏହି କ୍ରମରେ ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଏଲିଆନ୍ସମାନେ ଏକଦା ଛାୟାପଥର ଏକ ଅଂଶବିଶେଷ ଭାବେ ଥିଲେ। କିନ୍ତୁ ସେମାନେ ନିଜ ବିଜ୍ଞାନ ଓ କାରିଗରିବିଦ୍ୟା ବଳରେ ନିଜକୁ ଶେଷ କରିଦେଇଥିଲେ। ଗବେଷଣାରୁ ମିଳିଥିବା ତଥ୍ୟାନୁସାରେ ଏଲିଆନ୍ସ ନକ୍ଷତ୍ରପୁଞ୍ଜ ବା ଛାୟାପଥକୁ ଘର କରିଥିଲେ। ଏହା ସେମାନଙ୍କ ସଭ୍ୟତା ଥିଲା। ମାତ୍ର ଅଧିକାଂଶ ଏଲିଆନ୍ସ ଏବେ ମୃତ। ବିଜ୍ଞାନରେ ଏଲିଆନ୍ସଙ୍କ ପ୍ରଗତି ସେମାନଙ୍କ ମୃତ୍ୟୁର କାରଣ ବୋଲି କୁହାଯାଇଛି। ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସାର ଜେଟ୍ ପ୍ରପଲ୍‌ଶନ ଲାବରେଟୋରି, କାଲିଫର୍ନିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଓ ସାଣ୍ଟିଆଗୋ ହାଇସ୍କୁଲ ପକ୍ଷରୁ ମିଳିତ ଭାବେ ଏହି ଗବେଷଣା କରାଯାଇଥିଲା। ଗବେଷକ ଦଳ ୧୯୬୧ ଡ୍ରେକ୍ ଇକ୍ୱେଶନର ଏକ ଅପ୍‌ଡେଟେଡ୍ ଭର୍ସନ ବା ନବୀକୃତ ସଂସ୍କରଣକୁ ବ୍ୟବହାର କରିଥିଲେ। ମିଲ୍କି ୱେ ଗାଲେକ୍ସିରେ ଥିବା ପୃଥିବୀ ବହିର୍ଭୂତ ସକ୍ରିୟ ଓ ଯୋଗସୂତ୍ରଯୋଗ୍ୟ ସଭ୍ୟତା ସମ୍ପର୍କରେ ଏହି ଉପାୟରେ ଆକଳନ କରାଯାଇଥିଲା। ଗବେଷକମାନେ ଏହି ସମୀକରଣ ଜରିଆରେ ବୁଦ୍ଧିମତ୍ତାପୂର୍ଣ୍ଣ ଜୀବନର ଅସ୍ତିତ୍ୱ ନେଇ ଅନୁଧ୍ୟାନ କରିବା ସହ ଏକ ନିଷ୍କର୍ଷରେ ପହଞ୍ଚିପାରିଥିଲେ। ତାହା ହେଉଛି ୮ ବିଲିୟନ୍ ବର୍ଷ ପୂର୍ବେ ଆମ ଛାୟାପଥ ଗଠିତ ହେବା ପରେ ସେଠାରେ ଏଲିଆନ୍ସ ରହୁଥିଲେ। ତେବେ ସେମାନେ ବିକଶିତ କରିଥିବା ବିଜ୍ଞାନ ଓ ଟେକ୍ନୋଲୋଜି ଯୋଗୁ ଏଲିଆନ୍ସ ସଭ୍ୟତା ଲୋପ ପାଇଥିଲା। ଯଦି ଇଣ୍ଟେଲିଜେଣ୍ଟ ଲାଇଫ୍ ଯୋଗୁ ଏଲିଆନ୍ସ ଧ୍ୱଂସ ହୋଇଯାଇଥିଲେ ତେବେ ବ୍ରହ୍ମାଣ୍ଡରେ ଆଉ ଏଲିଆନ୍ସ ନାହାନ୍ତି କହିଲେ ଆଶ୍ଚର୍ଯ୍ୟ ହେବାର ନାହିଁ ବୋଲି ଗବେଷକମାନେ କହିଛନ୍ତି।

### ଡ୍ରେକ୍ ଇକ୍ୱେଶନ କ'ଣ

ଡ୍ରେକ୍ ଇକ୍ୱେଶନ ହେଉଛି ଏକ କାଳ୍ପନିକ ସମୀକରଣ, ଯାହା ଅନ୍ୟ ଗ୍ରହ ବା ଛାୟାପଥରେ ବୁଦ୍ଧିମତ୍ତାପୂର୍ଣ୍ଣ ଜୀବର ସମ୍ଭାବ୍ୟ ଉପସ୍ଥିତି ସମ୍ପର୍କରେ ଆକଳନ କରିଥାଏ। ଏହା ମାଧ୍ୟମରେ ନକ୍ଷତ୍ର ସଂଖ୍ୟା, ଗ୍ରହ ସହ ଜଡ଼ିତ ତାରା, ଜୀବସତ୍ତା ଥିବା ଗ୍ରହ, ସଭ୍ୟତାର ହାରାହାରି ବୟସ ଆଦି ସମ୍ପର୍କରେ ଗବେଷଣା କରାଯାଇଥାଏ। ଆମେରିକାର ମହାକାଶ ବିଜ୍ଞାନୀ ଫ୍ରାଙ୍କ ଡ୍ରେକ୍ ୧୯୬୧ରେ ଏହି ସମୀକରଣ ବିକଶିତ କରିଥିବାରୁ ତାଙ୍କ ନାମାନୁସାରେ 'ଡ୍ରେକ୍ ଇକ୍ୱେଶନ' ରୂପେ ଏହାର ନାମକରଣ କରାଯାଇଛି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୮,୦୦,୦୨,୮୯୭ | ୧୭,୫୩,୭୯୯ | ୫,୬୩,୪୧,୫୬୨ |
| ଭାରତ | ୧,୦୧,୬୫,୧୯୪ | ୧,୪୭,୨୯୧ | ୯୭,୩୫,୯୨୫ |
| ଓଡ଼ିଶା | ୩,୨୭,୮୬୭ | ୧୮୫୩(+୫୩) | ୩,୨୩,୩୭୮ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ବ୍ରିଟେନ୍ ଫେରନ୍ତା ୪ବର୍ଷ ଶିଶୁକନ୍ୟା ପଜିଟିଭ

**ଭୁବନେଶ୍ୱରରେ ଆତଙ୍କ**

- ପରୀକ୍ଷା ପାଇଁ ପୁଣେ ପଠାଗଲା ସ୍ୱାବ୍
- ବୁଧବାର ଜଣେ ବ୍ରିଟେନ୍ ଫେରନ୍ତା ପଜିଟିଭ ଚିହ୍ନଟ ହୋଇଥିଲେ



ଭୁବନେଶ୍ୱର, ୨୫।୧୨(ବ୍ୟୁରୋ)

ବ୍ରିଟେନ୍‌ରୁ ଓଡ଼ିଶା ଫେରିଥିବା ଜଣେ ୪ବର୍ଷର ଶିଶୁକନ୍ୟା କୋଭିଡ୍ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏ ସମ୍ପର୍କରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଶୁକ୍ରବାର ସୂଚନା ଦିଆଯିବା ପରେ ସହରରେ ଆତଙ୍କ ଖେଳିଯାଇଛି। ତେବେ ଆକ୍ରାନ୍ତ ଶିଶୁଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ସରକାରୀ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କଠାରେ କୋଭିଡ୍ ଭୂତାଣୁର ନୂଆ ଷ୍ଟ୍ରେନ୍ ଅଛି କି ନାହିଁ ତାହା ଜାଣିବାକୁ ସ୍ୱାବ୍ ପରୀକ୍ଷା ପାଇଁ ପୁଣେସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିକୁ ପଠାଯାଇଛି। ଗତ ୨୦ ତାରିଖରେ ଆକ୍ରାନ୍ତ ଶିଶୁ ପରିବାର ସହ ଓଡ଼ିଶାରେ ପହଞ୍ଚିଥିଲେ। ବର୍ତ୍ତମାନ ତାଙ୍କ ପରିବାର ଭୁବନେଶ୍ୱରର ଦକ୍ଷିଣ-ପୂର୍ବ ଜୋନ୍‌ରେ ରହୁଥିବାବେଳେ ମା' ଓ ବାପାଙ୍କ ସ୍ୱାବ୍ ନମୁନା ନେଗେଟିଭ ଆସିଛି। ଏହା ପୂର୍ବରୁ ଅର୍ଥାତ୍ ବୁଧବାର ଭୁବନେଶ୍ୱରର ୩୪ ବର୍ଷୀୟ ବ୍ରିଟେନ୍ ଫେରନ୍ତା ପଜିଟିଭ ଚିହ୍ନଟ ହେବା ପରେ ତାଙ୍କୁ କୋଭିଡ୍ ହସ୍ପିଟାଲରେ ରଖାଯାଇ ଚିକିତ୍ସା କରାଯାଉଛି। ୧୪ ଦିନ ଭିତରେ ଆସିଥିବା ବ୍ରିଟେନ୍ ଫେରନ୍ତାଙ୍କ ମଧ୍ୟରେ ସେ ପ୍ରଥମ ଆକ୍ରାନ୍ତ ଥିଲେ। ଅନ୍ୟମାନଙ୍କୁ ଚିହ୍ନଟ ପାଇଁ କଣ୍ଟାକ୍ଟ ଟ୍ରେସିଙ୍ଗ୍ ଜାରି ରହିଥିବାବେଳେ ସଂସ୍ପର୍ଶରେ ଆସିଥିବା ସମସ୍ତ ଲୋକଙ୍କ ସ୍ୱାବ୍ ସଂଗ୍ରହ କରାଯାଉଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

ବ୍ରିଟେନ୍‌ରେ ଏବେ କରୋନା ଭୂତାଣୁର ନୂଆ ଷ୍ଟ୍ରେନ୍ ଭୟଙ୍କର ରୂପ ନେଉଥିବାରୁ କେନ୍ଦ୍ର ସରକାରଙ୍କ ସତର୍କତା ପରେ ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ତ୍ୱରିତ ପଦକ୍ଷେପ ଆରମ୍ଭ କରିଛନ୍ତି। ଗତ ୧୪ ଦିନରେ ବ୍ରିଟେନ୍‌ରୁ ଓଡ଼ିଶା ଫେରିଥିବା ୪୩ ଜଣଙ୍କ ବିବରଣୀ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଦେଇଛନ୍ତି। ଏମାନଙ୍କ ମଧ୍ୟରୁ ୩୫ ପୁରୁଷ ଓ ୮ଜଣ ମହିଳା ରହିଛନ୍ତି। ଭୁବନେଶ୍ୱରରୁ ସର୍ବାଧିକ ୨୧ଜଣ ବ୍ରିଟେନ୍ ଫେରନ୍ତା ରହିଥିବାବେଳେ କଟକରୁ ୫, କୋରାପୁଟ ୩, ବ୍ରହ୍ମପୁର ୩, ନୟାଗଡ଼ ଓ ନବରଙ୍ଗପୁରରୁ ୨ଜଣ ଲେଖାଏ ରହିଛନ୍ତି। ସେହିପରି କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ସମ୍ବଲପୁର, ଖୋର୍ଦ୍ଧା, ପୁରୀ, ଯାଜପୁର ଓ ବଲାଙ୍ଗୀରରୁ ଜଣେ ଲେଖାଏ ବ୍ରିଟେନ୍ ଫେରନ୍ତା ଥିବା ସୂଚନା ଦିଆଯାଇଛି। ତେବେ ଭୁବନେଶ୍ୱରରେ ସବୁଠାରୁ ଅଧିକ ବ୍ରିଟେନ୍ ଫେରନ୍ତା ଥିବାରୁ ଜାରି ନୂଆ ଗାଇଡ୍‌ଲାଇନ୍ ଅନୁସାରେ ବିଏମ୍‌ସି ପକ୍ଷରୁ ଆର୍‌ଟି-ପିସିଆର୍ ଟେଷ୍ଟ ସହ କଣ୍ଟାକ୍ଟ ଟ୍ରେସିଂ ଓ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ସେହିଭଳି ବିମାନ ବନ୍ଦରରେ ଯାଞ୍ଚକୁ କଡ଼ାକଡ଼ି କରାଯାଇଛି। ସ୍କ୍ରିନିଂ ସହ ଆବଶ୍ୟକ ହେଲେ ଆର୍‌ଟି-ପିସିଆର୍ ଟେଷ୍ଟ ମଧ୍ୟ କରାଯାଉଥିବା ଜଣାପଡିଛି।

# 'ଆଉ କୋଭିଡ୍ ପରିସ୍ଥିତି ନ ଆସୁ'

## ମହାପ୍ରଭୁଙ୍କୁ ଦର୍ଶନ କଲେ ସୁରେଶ ମହାପାତ୍ର

ପୁରୀ ଅଫିସ,୨୫।୧୨

'ନୂତନ ବର୍ଷ ଓଡ଼ିଶାବାସୀଙ୍କ ପାଇଁ ଖୁସିର ବର୍ଷ ହେଉ। ଆଉ କୋଭିଡ୍ ପରିସ୍ଥିତି ନ ଆସୁ। ସାମଗ୍ରିକ ଭାବେ ସମସ୍ତଙ୍କର ଉନ୍ନତି ହେଉ। କରୋନା ଯୋଗୁ ରାଜ୍ୟ ଅର୍ଥନୀତି କିଛି ମାତ୍ରାରେ ପ୍ରଭାବିତ ହୋଇଛି। ମାତ୍ର ରାଜ୍ୟ ସରକାରଙ୍କ ଉଚିତ ପଦକ୍ଷେପ ଏ ଦିଗରେ ଏକ ସକାରାତ୍ମକ ପ୍ରଭାବ ପକାଇବାରେ ସଫଳ ହୋଇଛି। ଶ୍ରୀମନ୍ଦିର ଓ ଲିଙ୍ଗରାଜ ମନ୍ଦିର ଭଳି ଅନେକ ଉନ୍ନୟନମୂଳକ ପ୍ରକଳ୍ପ ହାତକୁ ନିଆଯାଇଛି। ଏସବୁ କିଭଳି ଭାବେ ସଫଳ ରୂପାୟନ ହେବ ସେନେଇ ବିଶେଷ ଧ୍ୟାନ ଦିଆଯିବ ବୋଲି ବରିଷ୍ଠ ଆଇଏଏସ୍ ଅଧିକାରୀ ତଥା ବର୍ତ୍ତମାନର ଉନ୍ନୟନ କମିଶନର ସୁରେଶ ମହାପାତ୍ର କହିଛନ୍ତି।



ଶୁକ୍ରବାର ସନ୍ଧ୍ୟାରେ ଦାରୁଦିଅଁଙ୍କ ଦର୍ଶନ କରି ଫେରୁଛନ୍ତି ନବନିଯୁକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର। ନିକଟରେ ଅଛନ୍ତି ପୁରୀ ଜିଲାପାଳ ବଲୱନ୍ତ ସିଂ।

ନୂଆ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ମହାପାତ୍ର ଶୁକ୍ରବାର ପୁରୀ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ସସ୍ତ୍ରୀକ ସେ ଶ୍ରୀକ୍ଷେତ୍ରରେ ପହଞ୍ଚିବା ପରେ ତାଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସେହିପରି ଶ୍ରୀମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା ଓ ସେବାୟତମାନେ ତାଙ୍କୁ ଖଣ୍ଡୁଆ ବସ୍ତ୍ର ଦେଇ ସ୍ୱାଗତ ଜଣାଇଥିଲେ। ପରେ ସେ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ଯାଇ ଦାରୁଦିଅଁଙ୍କ ଦର୍ଶନ କରିବା ସହ ଆଶୀର୍ବାଦ କାମନା କରିଛନ୍ତି। ଏହି ସମୟରେ ତାଙ୍କ ସହିତ ଜିଲାପାଳ ବଲୱନ୍ତ ସିଂ, ଉପଜିଲାପାଳ ଭବତାରଣ ସାହୁ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ଶ୍ରୀମନ୍ଦିରରୁ ଫେରିବା ପରେ ସେ ଭକ୍ତଙ୍କ ଲାଗି ହୋଇଥିବା ଦର୍ଶନ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ନିଜେ କିଓସ୍କୋ ପାଖରେ ପହଞ୍ଚି ହାତ ସାନିଟାଇଜ କରି ଫଟୋ ଉଠାଇଥିଲେ। ଜିଲାପାଳଙ୍କ ସହ ଆଲୋଚନା କରି ପ୍ରସ୍ତୁତି ନେଇ ସନ୍ତୁଷ୍ଟ ଥିବା କହିଥିଲେ। ଜଗନ୍ନାଥ ଦର୍ଶନ ପାଇଁ ହୋଇଥିବା ବ୍ୟବସ୍ଥା ସୁବ୍ୟବସ୍ଥିତ। ପର୍ଯ୍ୟାୟ କ୍ରମେ ଦର୍ଶନ ଅନୁମତି ଦେଇ ଜିଲା ପ୍ରଶାସନ ଠିକ ନିଷ୍ପତ୍ତି ନେଇଛି ବୋଲି ସେ ପ୍ରକାଶ କରିଥିଲେ। ସେ ଆହୁରି କହିଛନ୍ତି ଯେ, ନୂତନ ପଦବୀ ମୋ' ପାଇଁ ନୂଆ ଆହ୍ୱାନ ନେଇ ଆସିଛି। ମହାପ୍ରଭୁଙ୍କ କୃପାରୁ ଓଡ଼ିଶାବାସୀଙ୍କ ସେବା କରିବାର ଗୁରୁ ଦାୟିତ୍ୱ ମିଳିଛି। ଏହାକୁ ସୁଚାରୁ ରୂପେ ସମ୍ପାଦନ କରି ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଚେଷ୍ଟା କରିବି। ସେହିପରି କରୋନା ଷ୍ଟ୍ରେନ୍‌ର ଆଶଙ୍କାକୁ ନେଇ ସେ କହିଛନ୍ତି ଯେ, କୋଭିଡ୍ ସମୟରେ ଓଡ଼ିଶା ଯେଉଁଭଳି ଭାବେ ମୁକାବିଲା କରିଛି ତାହା ଖୁବ୍ କମ୍ ରାଜ୍ୟ କ୍ଷେତ୍ରରେ ଦେଖିବାକୁ ମିଳିଛି। ଓଡ଼ିଶାରେ ମୃତ୍ୟୁ ହାର ମଧ୍ୟ କମ୍ ରହିଛି। ଆଗାମୀ ଦିନରେ କରୋନା ବିରୋଧରେ ଲଢ଼େଇ ଜାରି ରହିବ। ସାଧାରଣ ଲୋକେ ସଚେତନ ହେବା ସହ କୋଭିଡ୍ ନିୟମ ମାନିବାକୁ ସେ ପରାମର୍ଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ସୁରେଶ ମହାପାତ୍ର ଶ୍ରୀମନ୍ଦିରର ପ୍ରଥମ ପ୍ରଶାସକ ଥିଲେ। ଏବେ ଶ୍ରୀମନ୍ଦିର ପରିଚାଳନା କମିଟିରେ କାର୍ଯ୍ୟକାରୀ ଅଧ୍ୟକ୍ଷ ଦାୟିତ୍ୱରେ ରହିଛନ୍ତି।

## ୨୯ରୁ ଖୋଲିବ ମା' ବିରଜା ମନ୍ଦିର

**ଯାଜପୁର ଟାଉନ, ୨୫।୧୨ (ଡି.ଏନ.ଏ.):** ପ୍ରାୟ ୯ ମାସ ପରେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ମନ୍ଦିର ଆସନ୍ତା ୨୯ ତାରିଖରୁ କୋଭିଡ୍ କଟକଣା ମଧ୍ୟରେ ଖୋଲାଯିବ। ଶୁକ୍ରବାର ଖବରଦାତା ସମ୍ମିଳନୀରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଏହି ସୂଚନା ଦେଇଛନ୍ତି। ସକାଳ ୬ଟାରୁ ସନ୍ଧ୍ୟା ୫ଟା ଯାଏ ଭକ୍ତମାନେ ମନ୍ଦିର ଭିତରକୁ ପ୍ରବେଶ କରି ମା'ଙ୍କ ଦର୍ଶନ କରିପାରିବେ। ମାସ୍କ, ସାନିଟାଇଜର ବ୍ୟବହାର ସାଙ୍ଗକୁ ଶାରୀରିକ ଦୂରତା ପାଳନକୁ କଡ଼ାକଡ଼ି ପାଳନ କରଯିବ। ଗହଳିକୁ ଦୃଷ୍ଟିରେ ରଖି ଜାନୁୟାରୀ ୧, ୨ ଓ ୩ ତାରିଖରେ ମା' ବିରଜା ମନ୍ଦିର ବନ୍ଦ ରହିବ। ଜିଲାର ଅନ୍ୟ ମନ୍ଦିର ଖୋଲାଯିବା ନେଇ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବ ବୋଲି ଜିଲାପାଳ କହିଛନ୍ତି।

# ସୁନ୍ଦରଗଡ଼ ଖୁଣ୍ଟଗାଁଠାରେ ହେବ ଟସର ସିଲ୍କ ପାର୍କ

ଭୁବନେଶ୍ୱର,୨୫।୧୨(ବ୍ୟୁରୋ)

ସୁନ୍ଦରଗଡ଼ ଜିଲା ଟସରଚାଷ ପାଇଁ ସାରା ରାଜ୍ୟରେ ପ୍ରସିଦ୍ଧି ଲାଭ କରିଛି। ଟସର ଚାଷୀ ଓ ଗ୍ରାମୀଣ ଉଦ୍ୟୋଗୀଙ୍କ ବ୍ୟତୀତ ଏହା ଉପରେ ଅନେକ ହିତାଧିକାରୀ ନିର୍ଭର କରୁଥିବାରୁ ସରକାର ଟସର ଚାଷର ପ୍ରସାର ପାଇଁ ବହୁ ପଦକ୍ଷେପ ଗ୍ରହଣ କରୁଛନ୍ତି। ସୁନ୍ଦରଗଡ଼ର ବଣାଇ, କୋଇଡ଼ା, ଲହୁଣିପଡ଼ା, ବିଶ୍ରା, ବଡ଼ଗାଁ ବ୍ଲକ୍‌ରେ ଟସର ଚାଷ କରାଯାଉଛି। ଜିଲାରେ ପ୍ରାୟ ୩ ହଜାର ଚାଷୀ ପରିବାର ଏହା ମାଧ୍ୟମରେ ଜୀବିକା ନିର୍ବାହ କରୁଛନ୍ତି। ଚାଷୀଙ୍କୁ ଆର୍ଥିକ ଓ ବୈଷୟିକ ସହାୟତା ଯୋଗାଇଦେବା ପାଇଁ ରେଶମ ନିର୍ଦ୍ଦେଶାଳୟ ଅଧୀନରେ ଏହି ଜିଲାରେ ୯ଟି ଚାଷୀ ସହଯୋଗ ସମିତି ରହିଛି। ବନୀକରଣ ଏବଂ ବିହନ ଯୋଗାଇଦେବାଠାରୁ ଆରମ୍ଭକରି କୋଷା ଅମଳ ପର୍ଯ୍ୟନ୍ତ ଟସର ଚାଷୀଙ୍କୁ ସହଯୋଗ ସମିତି ସହାୟତା ଓ ପ୍ରୋତ୍ସାହନ ପ୍ରଦାନ କରୁଛି। ସୁନ୍ଦରଗଡ଼ ଜିଲାରେ ପ୍ରାୟତଃ ୬୦ ଲକ୍ଷରୁ ଅଧିକ ଟସର କୋଷା କ୍ରୟବିକ୍ରୟ ହେଉଥିବା ବେଳେ ୨ କୋଟିରୁ ଅଧିକ ଟଙ୍କାର କାରବାର ହେଉଛି। ଟସର କୀଟ ପାଳନ ଅସନ ଓ ଅର୍ଜୁନ ଗଛରେ କରାଯାଇଥାଏ। ତେଣୁ ରେଶମ ନିର୍ଦ୍ଦେଶାଳୟ ପକ୍ଷରୁ ସମିତି ମାଧ୍ୟମରେ ଚାଷୀଙ୍କ ପାଇଁ ନିର୍ଦ୍ଧାରିତ ଜଙ୍ଗଲରେ ଏହି ଗଛ ସବୁ ଯୋଗାଇ ଦିଆଯାଇଛି। ଜିଲାରେ ବାର୍ଷିକ ୪ ଲକ୍ଷ ଟସର ବିହନ (ଅଣ୍ଡା)ର ଆବଶ୍ୟକ ପଡୁଛି। ସେଥି ମଧ୍ୟରୁ ୨ ଲକ୍ଷ ନିଜ ଜିଲାରୁ ଏବଂ ଅବଶିଷ୍ଟ ଅନ୍ୟ ଜିଲାରୁ କ୍ରୟ କରାଯାଉଛି। ତେଣୁ ଜିଲାରେ ଟସର ଚାଷର ସାମୂହିକ ବିକାଶ ଲକ୍ଷ୍ୟରେ ଖୁଣ୍ଟଗାଁଠାରେ ଅତିଶୀଘ୍ର ଏକ ଅତ୍ୟାଧୁନିକ ଟସର ସିଲ୍କ ପାର୍କ ପ୍ରତିଷ୍ଠା ହେବାକୁ ଯାଉଛି। ଏହି ଟସର ସିଲକ୍ ପାର୍କରେ ନର୍ସରି, ଗୋଦାମଘର, ତାଲିମ କେନ୍ଦ୍ର, ଉତ୍ପାଦନ କେନ୍ଦ୍ର, ପ୍ରଦର୍ଶନୀ, ବିକ୍ରୟ ବ୍ୟବସ୍ଥା ସହ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଉପଲବ୍ଧ କରାଇବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯିବ। ଏହାଦ୍ୱାରା ମୂଲ୍ୟଯୁକ୍ତ ଟସର ସାମଗ୍ରୀ ଉତ୍ପାଦନ ହେବା ସହିତ 'ସଏଲ୍ ଟୁ ସିଲ୍କ' ପରିକଳ୍ପନା ବାସ୍ତବରୂପ ନେଇପାରିବ ବୋଲି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ସୂତ୍ରରୁ ପ୍ରକାଶ।

# ବିଜେଡି ଗଣମାଧ୍ୟମ ଟିମ୍ ଗଠିତ

**୬ ଜାତୀୟ ମୁଖପାତ୍ର, ୧୬ ରାଜ୍ୟସ୍ତରର ମୁଖପାତ୍ର, ୧୪ ପ୍ୟାନେଲିଷ୍ଟ**

ଭୁବନେଶ୍ୱର,୨୫।୧୨(ବ୍ୟୁରୋ)

ବିଜୁ ଜନତା ଦଳର ଗଣମାଧ୍ୟମ ଟିମ୍‌ର ପୁନର୍ଗଠନ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ଟିମ୍‌ରେ ୬ ଜଣ ଜାତୀୟସ୍ତରର ମୁଖପାତ୍ର ଏବଂ ୧୬ ଜଣଙ୍କୁ ରାଜ୍ୟସ୍ତରର ମୁଖପାତ୍ର ଭାବେ ନିଯୁକ୍ତି ଦିଆଯାଇଛି। ମିଡିଆ ଟିମ୍‌ରେ ୧୪ ପ୍ୟାନେଲିଷ୍ଟ ମଧ୍ୟ ରହିଛନ୍ତି। ଗୁରୁବାର ଏ ନେଇ ବିଜେଡି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଜାତୀୟ ମୁଖପାତ୍ର ଭାବେ ପ୍ରସନ୍ନ ଆଚାର୍ଯ୍ୟ, ପିନାକୀ ମିଶ୍ର, ଅଚ୍ୟୁତ ସାମନ୍ତ, ଅମର ପଟ୍ଟନାୟକ(ଆର୍ଥିକ ବିଷୟ ଓ ବୈଦେଶିକ ବ୍ୟାପାର), ସସ୍ମିତ ପାତ୍ର, ଶର୍ମିଷ୍ଠା ସେଠୀଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ପ୍ରତାପ କେଶରୀ ଦେବ, ଚନ୍ଦ୍ରଶେଖର ସାହୁ, ରମେଶ ଚନ୍ଦ୍ର ମାଝି, ସ୍ନେହାଙ୍ଗିନୀ ଛୁରିଆ, ବ୍ୟୋମୋକେଶ ରାୟ, ରାସେଶ୍ୱରୀ ପାଣିଗ୍ରାହୀ, କସ୍ତୁରୀ ମହାପାତ୍ର, ଅନୁଭବ ପଟ୍ଟନାୟକ, ଲୋପାମୁଦ୍ରା ବକ୍ସିପାତ୍ର, ଲେଲିନ୍ ମହାନ୍ତି, ସଞ୍ଜୟ ବାବୁ, ସୁଲତା ଦେଓ, ଶ୍ରୀମୟୀ ଶ୍ୱେତାସ୍ନିଗ୍ଧା ମିଶ୍ର, ଚିନ୍ମୟ ସାହୁ, ଏଲିନା ଦାଶ ଏବଂ ହରିଶ ଚୌଧୁରୀଙ୍କୁ ରାଜ୍ୟ ମୁଖପାତ୍ର ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଚନ୍ଦ୍ରାଣି ମୁର୍ମୁ, ପ୍ରିୟବ୍ରତ ମାଝି, ଚନ୍ଦ୍ରଶେଖର ଦାଶ, ଓମ୍ ପ୍ରକାଶ ସାହୁ, ମଧୁସ୍ମିତା ନାୟକ, ଇପ୍‌ସିତା ସାହୁ, ଜ୍ୟୋତ୍ସ୍ନାମୟୀ ପରିଡ଼ା, ସୋଫିଆ ଆଲମ୍, ତୁମ୍ବନାଥ ପଣ୍ଡା, ପ୍ରଶାନ୍ତ ସାହୁ, ଅମିତ୍ ମଲ୍ଲିକ, ଛବି ମାହାଳି, ମହିକ୍ଷିତା ମିଶ୍ର ଏବଂ ସ୍ମୃତି ନନ୍ଦଙ୍କୁ ପ୍ୟାନେଲିଷ୍ଟ ଭାବେ ନିଯୁକ୍ତି ଦିଆଯାଇଛି।

# ଘର ଭିତରେ ଅସ୍ତ୍ରାଗାର ଦେଖାଇଲେ ଡି' ବ୍ରଦର୍ସ

## ପୁଣି ୩ ମାଉଜର, ୫ ମାଗାଜିନ ଓ ୧୪୦ରୁ ଊର୍ଦ୍ଧ୍ୱ ଗୁଳି ଜବତ



ଘରେ ଚଢ଼ାଉ ପରେ ସୁଶାନ୍ତ ଓ ସୁଶୀଲ ଧଳସାମନ୍ତଙ୍କୁ ଧରି ପୋଲିସ ଫେରୁଛି।

କଟକ ଅଫିସ, ୨୫।୧୨

ଗ୍ୟାଙ୍ଗଷ୍ଟର ଡି' ବ୍ରଦର୍ସ ସୁଶାନ୍ତ ଓ ସୁଶୀଲ ଧଳସାମନ୍ତଙ୍କୁ କମିଶନରେଟ୍ ପୋଲିସ ଗୁରୁବାରଠାରୁ ୩ ଦିନିଆ ରିମାଣ୍ଡରେ ଆଣିଛି। ଜେଲ ମଧ୍ୟରେ ରହି ଡି' ବ୍ରଦର୍ସ କିପରି ଅପରାଧ ସାମ୍ରାଜ୍ୟ ଚଳାଉଥିଲେ ତାହା ଜାଣିବାକୁ ପୋଲିସ ଜୋର୍‌ଦାର ଉଦ୍ୟମ ଚଳାଇଛି। ବିଶେଷକରି ଜେଲରୁ କିପରି, କାହା ମାଧ୍ୟମରେ ବନ୍ଧୁକ କାରବାର କରୁଥିଲେ ସେନେଇ ଦୁଇ ଭାଇଙ୍କୁ ସ୍ୱତନ୍ତ୍ର ଟିମ୍ ଜେରା କରିଛି। ଜଣେ ଅତିରିକ୍ତ ଡିସିପିଙ୍କ ସମେତ ଏସିପି ଓ ଆଇଆଇସିଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ଶୁକ୍ରବାର ସେମାନଙ୍କୁ ନେଇ ସିଡିଏ ସେକ୍ଟର-୬ସ୍ଥିତ ତାଙ୍କ ବାସଭବନରେ ଛାନଭିନ୍ କରିଥିଲା। ଡି' ବ୍ରଦର୍ସ ଘରେ ଭିତରେ କରିଥିବା ଅସ୍ତ୍ରାଗାର ଦେଖାଇଥିଲେ। ଏହାପରେ ବାସଭବନର ଏକାଧିକ ସିକ୍ରେଟ ଚାମ୍ବରରୁ ପୋଲିସ ଟିମ୍ ୩ ମାଉଜର, ୫ ମାଗାଜିନ୍, ୧୪୦ରୁ ଊର୍ଦ୍ଧ୍ୱ ଗୁଳି ଓ ନଗଦ ଲକ୍ଷାଧିକ ଟଙ୍କା ଜବତ କରିଛି। ଏଥିସହ ସ୍ୱତନ୍ତ୍ର ଟିମ୍ ଉକ୍ତ ଘରେ ସର୍ଚ୍ଚ ଅପରେଶନ ଜାରି ରଖିଥିବାବେଳେ ଶନିବାର ମଧ୍ୟ ଏହି ସର୍ଚ୍ଚ ଅପରେଶନ ଜାରି ରହିବ। ଡି' ବ୍ରଦର୍ସଙ୍କ କଳା ସାମ୍ରାଜ୍ୟ ସହ ବହୁ ଅପରାଧୀଙ୍କ ସମ୍ପୃକ୍ତି ରହିଥିବା ପୋଲିସ ଜାଣିବାକୁ ପାଇଛି। ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

ଦୁଇଭାଇଙ୍କୁ ପୃଥକ ଭାବେ ନିଆଯାଇଥିଲା। ପ୍ରଥମେ ବଡ଼ଭାଇ ସୁଶାନ୍ତଙ୍କୁ ମାଲଗୋଦାମ ଥାନାରେ ପଚରାଉଚରା କରାଯାଇଥିଲା। ଏହାପରେ ସିଡିଏସ୍ଥିତ ବାସଭବନକୁ ନିଆଯାଇ ପ୍ରାୟ ୪ଘଣ୍ଟା ଧରି ପଚରାଉଚରା କରାଯାଇଥିଲା। ବନ୍ଧୁକ ଓ ଅସ୍ତ୍ରଶସ୍ତ୍ର କେଉଁଠାରେ ଲୁଚାଇ ରଖାଯାଇଛି ସେନେଇ ଖୋଳତାଡ଼ କରିଥିଲା ପୋଲିସ। ହେଲେ ସେ ପୋଲିସକୁ କୌଣସି ସୂଚନା ଦେଇ ନ ଥିଲେ। ପରେ ଦିନ ପ୍ରାୟ ୩ଟାରେ ସାନଭାଇ ସୁଶୀଲଙ୍କୁ ଆଣି ପୁଲିସ ଘର ଭିତରେ ଖୋଜାଖୋଜି କରିଥିଲା। ବିଳାସପୂର୍ଣ୍ଣ ବାସଭବନର ଅନେକ କାନ୍ଥକୁ ମଧ୍ୟ ଖୋଳି ଦିଆଯାଇଥିଲା। ପରେ ସିକ୍ରେଟ ଚାମ୍ବରରୁ ବନ୍ଧୁକ ଓ ଟଙ୍କା ମିଳିଥିଲା।

ଗତ ୧୦ ତାରିଖରେ ଡି' ବ୍ରଦର୍ସଙ୍କ ଘରୁ ୧୬ ମାଉଜର ଓ ୧୦୯୫ ଗୁଳି ସମେତ ଲକ୍ଷେରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରାଯାଇଥିଲା। ଏସବୁ ଡି' ବ୍ରଦର୍ସଙ୍କ ସିଡିଏସ୍ଥିତ ଉକ୍ତ ବାସଭବନର ଇଣ୍ଟେରିୟର ଡିଜାଇନ୍ ଭିତରେ ଥିବା ସିକ୍ରେଟ ଚାମ୍ବରରେ ଲୁଚାଇ ରଖାଯାଇଥିଲା। ବିହାର ମୁଙ୍ଗେରରୁ ଏହି ଚୋରା ମାଉଜର ଓ ଗୁଳି ଅଣାଯାଇ ବିକ୍ରି କରାଯାଉଥିଲା। ବର୍ତ୍ତମାନ ସୁଶାନ୍ତ ବଲାଙ୍ଗୀର ଜେଲରେ ଥିବାବେଳେ ସୁଶୀଲ ଝାରପଡ଼ା ଜେଲରେ ରହି ଚୋରା ବନ୍ଧୁକ କାରବାର ସହ ଅପରାଧ ମଧ୍ୟ ଘଟାଉଥିଲେ। ସହଯୋଗୀ ପ୍ରକାଶ ବେହେରାଙ୍କୁ ଚୌଦ୍ୱାର ଥାନା ପୋଲିସ ଦ୍ୱାରା ଗିରଫ କରିବା ସହ ତାଙ୍କଠାରୁ ବନ୍ଧୁକ ଓ ଗୁଳି ଜବତ କରିଥିଲା। ତାଙ୍କ ବୟାନ ଆଧାରରେ ଚୋରା ବନ୍ଧୁକ ଯୋଗାଉଥିବା ସରୋଜ ସେଠୀଙ୍କୁ ଗିରଫ କରାଯାଇଥିଲା। ପଚରାଉଚରାବେଳେ ଜେଲରେ ରହି ଡି' ବ୍ରଦର୍ସଙ୍କ ବନ୍ଧୁକ କାରବାର ଓ ଆପରାଧିକ ସାମ୍ରାଜ୍ୟ ସମ୍ପର୍କରେ ସୂଚନା ମିଳିବା ପରେ ସେବେଠୁ ଚଢ଼ାଉ ଜାରି ରହିଛି। ଇତିମଧ୍ୟରେ ପୋଲିସ ୧୨ଜଣଙ୍କୁ ଗିରଫ କରିଛି। ଡି' ବ୍ରଦର୍ସଙ୍କ ନିର୍ଦ୍ଦେଶରେ ଗୋଟିଏ ମାଉଜରକୁ ୪୦ରୁ ୫୦ ହଜାର ଟଙ୍କାରେ ବିକ୍ରି କରାଯାଉଥିବାବେଳେ ପ୍ରତି ଗୁଳିକୁ ୩ଶହରୁ ସାଢେ ୩ ଶହ ଟଙ୍କାରେ ବିକ୍ରି କରାଯାଉଥିଲା ବୋଲି ଡିସିପି ସିଂ ସୂଚନା ଦେଇଛନ୍ତି।



## ବାଲେଶ୍ୱର, ମୟୂରଭଞ୍ଜରେ ମୃଦୁ ଭୂମିକମ୍ପ

ବାଲେଶ୍ୱର ଅଫିସ/ବାରିପଦା ଅଫିସ/ବୈଶିଙ୍ଗା, ୨୫।୧୨(ଡି.ଏନ.ଏ.): ଉତ୍ତର ଓଡ଼ିଶାର ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରେ ଶୁକ୍ରବାର ଅପରାହ୍ନ ୨ଟା ୧୫ମିନିଟ ସମୟରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିଲା। ବାଲେଶ୍ୱର ଜିଲା ରେମୁଣା ବଜାର ତଥା ଆଖପାଖ ଅଞ୍ଚଳରେ ଲୋକେ ହଠାତ୍ କିଛି ଜାଣି ନ ପାରି ଆତଙ୍କିତ ହୋଇପଡ଼ିଥିଲେ। ଭୟଭୀତ ହୋଇ ଘର ବାହାରକୁ ପଳାଇଆସିଥିଲେ। ସେହିପରି ମୟୂରଭଞ୍ଜ ଜିଲା ବଡ଼ସାହି, ବେତନଟୀ, ବୈଶିଙ୍ଗା, ଖୁଣ୍ଟା ଓ ଗୋପବନ୍ଧୁନଗର ଆଦି ଅଞ୍ଚଳରେ ଭୂମିକମ୍ପ ଝଟ୍‌କା ଲାଗିଥିଲା। ଭୂମିକମ୍ପର ତୀବ୍ରତା ସାମାନ୍ୟ ରହିଥିବାରୁ ଜିଲାରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ସୂଚନା ମିଳିଛି। ଏ ସମ୍ପର୍କରେ ମୟୂରଭଞ୍ଜ ଜିଲା ଜରୁରିକାଳୀନ ଅଧିକାରୀ ସୁଜୟ ପତିଙ୍କୁ ପଚାରିବାରୁ ଭୂମିକମ୍ପ ସମ୍ପର୍କରେ ସରକାରୀ ଭାବେ କୌଣସି ସୂଚନା ନ ଥିବା କହିଛନ୍ତି। ସୂଚନାଯୋଗ୍ୟ ଯେ, ଚଳିତମାସ ୪ ତାରିଖରେ ମୟୂରଭଞ୍ଜ ଜିଲାରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଲିଙ୍କନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭଣ୍ଡାରୀ ହାତରେ ଚୁଟି ପଡ଼ିଛି**
**ଏଣିକି ତେଣିକି ଉଠ କହୁଛି।**

ନିଜର ଗୁମର ବା ଦୋଷ ଦୁର୍ବଳତା କେବେ ଅନ୍ୟ ଆଗରେ ପ୍ରକାଶ କରିବା ଉଚିତ ହୁଏ ନାହିଁ। କାରଣ ଏଭଳି ସ୍ଥଳେ ସେହି ବ୍ୟକ୍ତି ଜଣଙ୍କ ତାକୁ ଡରେଇ ବା ଧମକେଇ ନିଜର ସମସ୍ତ କାର୍ଯ୍ୟ କରାଇନେବା ସହ ଅନେକ ଫାଇଦା ମଧ ଉଠାଉଥିବାର ଦେଖିବାକୁ ମିଳିଥାଏ। ଏପରି ବ୍ୟକ୍ତିଙ୍କ କବଳରେ ଥରେ ପଡ଼ିଗଲେ ଆଉ ନିସ୍ତାର ମିଳୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଭାତହାଣ୍ଡିରୁ**
**ଗୋଟିଏ ଚିପିଲେ ଯାହା**
**ସବୁ ସେଇଆ।**

ସାଧାରଣତଃ ଭାତହାଣ୍ଡିରୁ ଗୋଟିଏ ଭାତ ଚିପିଲେ ହାଣ୍ଡିକ ଭାତ ହୋଇଛି କି ନାହିଁ ତାହା ଜଣାପଡିଯାଇଥାଏ। ଏଥିପାଇଁ ସବୁ ଭାତକୁ ଚିପି ଦେଖିବାର କୌଣସି ଆବଶ୍ୟକତା ନ ଥାଏ। ଅଂଶବିଶେଷରେ ପରୀକ୍ଷା ଦ୍ୱାରା ସମୁଦାୟ ସତ୍ୟାସତ୍ୟ ନିରୂପଣ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**

# ଏସ୍‌ସିବି ଟେଲିମେଡିସିନ ବିଭାଗରେ ଅଗ୍ନିକାଣ୍ଡ

**କଟକ ଅଫିସ,୨୫।୧୨**

ଏସ୍‌ସିବି ମେଡିକାଲ ଟେଲିମେଡିସିନ ବିଭାଗରେ ଶୁକ୍ରବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ବିଶେଷ କ୍ଷୟକ୍ଷତି ହୋଇ ନ ଥିବା ସ୍ଥାନୀୟ ଅଗ୍ନିଶମ ଅଧିକାରୀ ସୁଶାନ୍ତ ଦାସ କହିଛନ୍ତି। ସେ କହିଛନ୍ତି, ଶର୍ଟସର୍କିଟ କାରଣରୁ ଏହି ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ଲାଗିବା ଖବର ପାଇବା ପରେ ଏସ୍‌ସିବି ଫାୟାର ଷ୍ଟେଶନର ପୂରା ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ କର୍ମଚାରୀମାନେ ପ୍ରଥମେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ପରେ ନିଆଁକୁ ଆୟତ୍ତ କରିଥିଲେ।

ସୂଚନାଯୋଗ୍ୟ, କରୋନା ସଂକ୍ରମଣ ଆରମ୍ଭ ହେବା ସମୟରୁ ଟେଲି ମେଡିସିନ ବିଭାଗ ଜରିଆରେ ଏସ୍‌ସିବିରେ ବରିଷ୍ଠ ଡାକ୍ତରମାନେ ରୋଗୀଙ୍କୁ ଚିକିତ୍ସା ସମ୍ପର୍କିତ ପରାମର୍ଶ ଦେଉଛନ୍ତି । ରୋଗୀମାନେ ଭଏସ୍ ଓ ଭିଡିଓ କଲ୍ କରି ନିଜ ମନ ପସନ୍ଦର ଡାକ୍ତରଙ୍କଠାରୁ ପରାମର୍ଶ ନେଇ ପାରୁଛନ୍ତି । ଫଳରେ ହସ୍ପିଟାଲ ଆଉଟଡୋର୍‌ଗୁଡିକରେ ଭିଡ ନିୟନ୍ତ୍ରଣ ହୋଇପାରୁଛି। ଅଗ୍ନିକାଣ୍ଡରେ ବିଶେଷ କ୍ଷୟକ୍ଷତି ହୋଇ ନ ଥିବାରୁ ଟେଲିମେଡିସିନ ଯୋଗେ ରୋଗୀ ସେବା ଏବେ ପ୍ରଭାବିତ ହେବ ନାହିଁ ହୋଲି ଅଧୀକ୍ଷକ ପ୍ରଫେସର ଲୁସି ଦାସ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଆଶଙ୍କାରେ ଫାସ୍‌ଟାଗ୍

ସଂଘ ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି। ଘରୋଇ ବସ୍‌ଗୁଡ଼ିକ ଅଳ୍ପ କିଛି ମାସିକିଆ ଟୋଲ୍ ଦେଇ ଚଳାଚଳ କରୁଛନ୍ତି। କମ୍ ଫି ଆଦାୟ ଯୋଗୁ ହେଉଥିବା କ୍ଷତି ଭରଣା ପାଇଁ ଜାତୀୟ ରାଜପଥ ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କୁ ବାରମ୍ବାର ଅବଗତ କରୁଛି। ମାଲିକମାନେ ମଧ ଧାର୍ଯ୍ୟ ଟୋଲ୍ ଫି' ଦେଇ ବସ୍ ଚଳାଇବାକୁ ନାରାଜ। ଟୋଲ୍ ଫି' ଦେଲେ ବସ୍ ଭଡ଼ା ବଢ଼ିବ। ଯାତ୍ରୀଙ୍କ ଉପରେ ଏହାର ପ୍ରଭାବ ପଡ଼ିବ । ଟୋଲ ଫି' ରାଜ୍ୟ ସରକାର ବହନ କରିବାକୁ ମାଲିକ ସଂଘ ବହୁଦିନରୁ ଦାବିକରି ଆସୁଛି। ଏପରି ସ୍ଥଳେ ବର୍ତ୍ତମାନ ରାଜ୍ୟରେ ଫାସ୍‌ଟାଗ୍ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରିବା ସହଜସାଧ୍ୟ ନୁହେଁ ବୋଲି ପରିବହନ ବିଭାଗର ସମ୍ପୃକ୍ତ ଅଧିକାରୀ କହିଛନ୍ତି।
ଅନେକ ସମୟରେ ଟୋଲ୍ ପ୍ଲାଜା ନିକଟରେ ଦୀର୍ଘ ସମୟ ଧରି ଗାଡ଼ି ଅଟକି ରହୁଛି। ମାନୁଆଲ ବ୍ୟବସ୍ଥାରେ ଟୋଲ୍ ଫି' ଆଦାୟ କରାଯାଉଥିବାରୁ ସମସ୍ୟା ଦେଖାଦେଉଛି। ଏହି ବ୍ୟବସ୍ଥାକୁ ଡିଜିଟାଲ କରିବାକୁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ବହୁବାର ଚିଠି ଲେଖିଛନ୍ତି। ତାହା ମଧ ସମ୍ଭବ ହେଉନାହିଁ। ଫାସ୍‌ଟାଗ୍ ଏକ ଉତ୍ତମ ପଦକ୍ଷେପ । ଏହାକୁ ବାଧ୍ୟତାମୂଳକ କରିବା ପୂର୍ବରୁ ସମସ୍ତ ଭିତ୍ତିଭୂମିକୁ ସଜାଡ଼ିବା ସହ ଗାଡ଼ି କିଣିବା ବେଳେ ଫାସ୍‌ଟାଗ୍ ପଞ୍ଜୀକରଣ ବ୍ୟବସ୍ଥା କରାଗଲେ ଏ ନେଇ ରହିଥିବା ଅଚଳାବସ୍ଥା ଧୀରେ ଧୀରେ ଦୂର ହେବ ବୋଲି ଗାଡ଼ି ମାଲିକ ଦିବାକର ସ୍ୱାଇଁ କହିଛନ୍ତି।

### ସୁରେଶ ମହାପାତ୍ର ...

ଧରି ଜଙ୍ଗଲ ଓ ପରିବେଶ ବିଭାଗରେ କାର୍ଯ୍ୟ କରିବା ପରେ ୨୦୧୯ ଅଗଷ୍ଟ ୧୮ରୁ ଉନ୍ନୟନ କମିଶନର ଭାବେ କାର୍ଯ୍ୟକରି ଆସିଥିଲେ। ଅସିତ୍‌ଙ୍କ ଅବସର ପରେ କୋଭିଡ୍-୧୯ ମହାମାରୀ ସମୟରେ ରାଜ୍ୟ ଗୁରୁତର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବାବେଳେ ସେ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି। ନିଯୁକ୍ତି ପରେ ଶୁକ୍ରବାର ସନ୍ଧ୍ୟାରେ ପୁରୀ ଯାଇ ମହାପାତ୍ର ଶ୍ରୀଜୀଉଙ୍କ ଦର୍ଶନ କରିଛନ୍ତି।

ସେହିପରି ୧୯୮୯ ବ୍ୟାଚ୍ ଆଇଏଏସ୍ ଅଫିସର ପ୍ରଦୀପ କୁମାର ଜେନାଙ୍କୁ ଉନ୍ନୟନ କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ସେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ସ୍ୱତନ୍ତ୍ର ରିଲିଫ କମିଶନର ଭାବେ ଦାୟିତ୍ୱ ତୁଲାଉଛନ୍ତି। ବରିଷ୍ଠତା ଭିତରେ ୮ ଜଣ ଆଇଏଏସ୍‌ଙ୍କୁ ପଛରେ ପକାଇ ତାଙ୍କୁ ଏହି ପଦବୀରେ ନିଯୁକ୍ତି ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୩ ଜଣ ରାଜ୍ୟ କ୍ୟାଡରରେ କାର୍ଯ୍ୟ କରୁଥିବା ବେଳେ ୫ ଜଣ ଡେପୁଟେଶନରେ ଦିଲ୍ଲୀରେ ଅଛନ୍ତି। ୧୯୬୨ ଜାନୁୟାରୀ ପହିଲାରେ ଜନ୍ମଗ୍ରହଣ କରିଥିବା ପ୍ରଦୀପ ୧୯୯୧ରେ କଳାହାଣ୍ଡି ଜିଲା ଧର୍ମଗଡ଼ ସବ୍‌କଲେକ୍ଟର ଭାବେ ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। ପରେ ସେ କେନ୍ଦ୍ରାପଡ଼ା ଓ କଟକ ଜିଲାପାଳ ଭାବେ ଦାୟିତ୍ୱ ତୁଲାଇଥିଲେ। କଟକ ଜିଲାପାଳ ଥିବାବେଳେ ୧୯୯୯ ମହାବାତ୍ୟା ପରବର୍ତ୍ତୀ କାର୍ଯ୍ୟକୁ ସୁଚାରୁରୂପେ ତୁଲାଇଥିଲେ। ଶକ୍ତି ବିଭାଗରେ ୬ ବର୍ଷ କାର୍ଯ୍ୟ କରି ବାତ୍ୟା ପ୍ରତିରୋଧ ଭିତ୍ତିଭୂମି ସ୍ଥାପନ କରିବାରେ ତାଙ୍କର ମୁଖ୍ୟ ଭୂମିକା ରହିଛି। ଜଳସମ୍ପଦ ବିଭାଗ ପ୍ରମୁଖ ସଚିବ ଭାବେ କାର୍ଯ୍ୟକରି ପ୍ରଦୀପ ରାଜ୍ୟରେ ଜଳସେଚନ ବୃଦ୍ଧିକରି ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। ଏଥିସହିତ ସେ ମୁଖ୍ୟ ପ୍ରଶାସକ ଭାବେ ପୁରୀ ଶ୍ରୀମନ୍ଦିର ଉନ୍ନତୀକରଣ ପାଇଁ ଅନେକ କାର୍ଯ୍ୟ କରିଛନ୍ତି। ବାତ୍ୟା, ବନ୍ୟା ଓ ଅନ୍ୟାନ୍ୟ ପ୍ରାକୃତିକ ଦୁର୍ବିପାକ ସମୟରେ ପ୍ରଦୀପ ଅବିଶ୍ରାନ୍ତ କର୍ତ୍ତବ୍ୟ ପାଳନ କରି ଚାଲିଥିଲେ।

ଅବସର ନେବାକୁ ଯାଉଥିବା ମୁଖ୍ୟ ଶାସନ ସଚିବ ତ୍ରିପାଠୀଙ୍କୁ ରାଜ୍ୟ ସରକାର ପଶ୍ଚିମ ଓଡ଼ିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି) ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି। ଏଥିସହିତ ସେ ଶିଳ୍ପ, କୃଷି, ପର୍ଯ୍ୟଟନ ଆଦି ବିଭିନ୍ନ ବିଭାଗ ସହ ଆଞ୍ଚଳିକ ବିକାଶ ଆଦିର ମୁଖ୍ୟମନ୍ତ୍ରୀଙ୍କ ପ୍ରଧାନ ପରାମର୍ଶଦାତା ଭାବେ କାର୍ଯ୍ୟ କରିବେ। ୨୦୧୯ ଅଗଷ୍ଟ ୧୮ରୁ ତ୍ରିପାଠୀ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ସମ୍ଭାଳିଥିଲେ। ଡିସେମ୍ବର ୩୧ରେ ସେ ଚାକିରିରୁ ଅବସର ନେବେ। ସୂଚନାଯୋଗ୍ୟ ଯେ, ଡବ୍ଲ୍ୟୁଓଡିସିରେ ରାଜନୈତିକ ବ୍ୟକ୍ତିବିଶେଷଙ୍କୁ ଅଧ୍ୟକ୍ଷ ପଦବୀରେ ନିଯୁକ୍ତି ଦିଆଯାଉଥିଲା। ପ୍ରଥମଥର ଲାଗି ରାଜ୍ୟ ସରକାର ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ଭାବେ ଜଣେ ବରିଷ୍ଠ ଅବସରପ୍ରାପ୍ତ ପ୍ରଶାସକଙ୍କୁ ନିଯୁକ୍ତ କରିଛନ୍ତି।

### ବିପଦରେ ହାତୀବଂଶ

ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୬, ଗୁଳି ମାଡ଼ରେ ୩, ରୋଗ, ଦୁର୍ଘଟଣା, ଅଂଶୁଘାତ ଓ ବାର୍ଦ୍ଧକ୍ୟଜନିତ କାରଣରୁ ୨୧ ହାତୀଙ୍କ ମୃତ୍ୟୁ ଘଟିଛି। ସେହିପରି ବରଗଡ ବନଖଣ୍ଡରେ ୧୧ ହାତୀ ମଧ୍ୟରୁ ୬ଟି ବିଦ୍ୟୁତ୍ ସଂସ୍ପର୍ଶରେ, ୧ଟି ବିଜୁଳି, ୧ଟି ଗୁଳିମାଡ଼, ୩ଟି ଅନ୍ୟାନ୍ୟ ରୋଗରେ ମୃତ୍ୟୁବରଣ କରିଛନ୍ତି। ଝାରସୁଗୁଡା ବନଖଣ୍ଡରେ ୧୭ ହାତୀ ମଧ୍ୟରୁ ୬ଟି ବିଦ୍ୟୁତ୍ ସଂସ୍ପର୍ଶରେ, ୪ଟି ଟ୍ରେନ ଧକ୍କା, ଅନ୍ୟାନ୍ୟ ରୋଗରେ ୭ଟିର ମୃତ୍ୟୁ ଘଟିଛି। ରେଢ଼ାଖୋଲ ବନଖଣ୍ଡରେ ୨୦ ହାତୀ ମଧ୍ୟରୁ ୩ଟି ବିଦ୍ୟୁତ୍ ସଂସ୍ପର୍ଶରେ, ୨ଟି ଗୁଳିମାଡ଼, ୪ ହାତୀମୃତ୍ୟୁର କାରଣ ଜଣାପଡି ନ ଥିବାବେଳେ ୧୧ଟି ଅନ୍ୟାନ୍ୟ ରୋଗରେ ମୃତ୍ୟୁବରଣ କରିଛନ୍ତି। ସେହିପରି ହୀରାକୁଦ ୱାଇଲ୍ଡଲାଇଫ୍ ଡିଭିଜନରେ କେବଳ ଗୋଟିଏ ହାତୀର ମୃତ୍ୟୁ ଘଟିଛି। ସେନ୍‌ସସ୍ ରିପୋର୍ଟରେ ମଧ ହାତୀସଂଖ୍ୟା ନିରାଶଜନକ ରହିଛି। ୨୦୧୦ରେ ୬ ବନଖଣ୍ଡରେ ୨୪୯ ହାତୀ ଦେଖିବାକୁ ମିଳିଥିଲା। ୨୦୧୨ ସେନ୍‌ସସ୍‌ରେ ଏହି ସଂଖ୍ୟା ୨୨୯କୁ ହ୍ରାସ ପାଇଥିଲା। ସେହିପରି ୨୦୧୫ରେ ୧୩୭, ୨୦୧୭ରେ ୧୮୨ ହାତୀ ଚଳପ୍ରଚଳ କରୁଥିବା ରିପୋର୍ଟ ରହିଥିଲା। ୨୦୧୫-୧୭ ସେନ୍‌ସସ୍‌ରେ ୪୫ ହାତୀ ଅଧିକ ଗଣନା କରାଯାଇଥିଲା। କୋଭିଡ୍ କଟକଣା ଯୋଗୁ ୨୦୨୧ରେ ସେନ୍‌ସସ୍ କରାଯାଇପାରି ନାହିଁ। ହେଲେ ହାତୀ ସଂଖ୍ୟା ବୃଦ୍ଧି ପାଇଥିବା ଆର୍‌ସିସିଏଫ୍ କାର୍ଯ୍ୟାଳୟ ପକ୍ଷରୁ ଦାବି କରାଯାଇଛି।

### ମା', ବାପାଙ୍କୁ ...

ବିକ୍ରିକୁ ନେଇ ଲୀଳା ଘରେ ଆଲୋଚନା କରୁଥିବାବେଳେ ଏଥିରେ ଉତ୍‌କ୍ଷିପ୍ତ ହୋଇ ବଡ ପୁଅ ଜୟ ମା' ଓ ବାପାଙ୍କୁ ପନିକି ଓ ଶିଳପୁଆରେ ଆକ୍ରମଣ କରିଥିଲେ। ଏଥିରେ ମା' ଓ ବାପା ଉଭୟଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବା ବେଳେ ଘଟଣାସ୍ଥଳରେ ହିଁ ପ୍ରଚୁର ରକ୍ତସ୍ରାବ ହୋଇ ସେମାନଙ୍କ ମୃତ୍ୟୁ ଘଟିଥିଲା। ଜୟଙ୍କ ଉଗ୍ରରୂପ ଦେଖି ଘରେ ଥିବା ତାଙ୍କ ସ୍ତ୍ରୀ ଭୟଭୀତ ହୋଇ ପଡିଥିଲେ। ଘଟଣାସ୍ଥଳକୁ ଯାଇ ଜୟଙ୍କୁ ବାରଣ କରିଥିଲେ। ଜୟ ତାଙ୍କ ସ୍ତ୍ରୀଙ୍କୁ ମଧ ଆକ୍ରମଣ କରିଥିଲେ। ତାଙ୍କ ହାତରେ ଗଭୀର କ୍ଷତ ହୋଇଥିବା କୁହାଯାଉଛି। ଘଟଣା ସମୟରେ ସୁନୀଲ ଘରେ ନ ଥିଲେ।

ଖବରପାଇ ବିଶ୍ରା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ହତ୍ୟାରେ ବ୍ୟବହୃତ ପନିକି, ଶିଳପୁଆ ଆଦିକୁ ଜବତ କରିଛି। ଏ ନେଇ ବିଶ୍ରା ଥାନାରେ ଏକ ହତ୍ୟା ମାମଲା (ନଂ. ୧୬୪/୨୦) ରୁଜୁ ହୋଇଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଦଳ ମଧ ପହଞ୍ଚି ତଦନ୍ତ କରିଛି।

### ଗାଡ଼ି ଧକ୍କାରେ ...


ମୃତ ମା' ଓ ଛୁଆ ଭାଲୁ।

ଧ୍ୱଂସ ପାଉଥିବାରୁ ବନ୍ୟଜନ୍ତୁ ସୁରକ୍ଷିତ ନ ମଣି ଜନବସତି ଆଡକୁ ଚାଲିଆସୁଛନ୍ତି। ଏହି ସମୟରେ କେତେକ ଶିକାରୀ ହାବୁଡରେ ପଡୁଥିବାବେଳେ ଆଉ କେତେକ ରାଜପଥରେ ଗାଡିମୋଟର ଧକ୍କାରେ ମୃତ୍ୟୁବରଣ କରୁଛନ୍ତି।

### ଖାତାକୁ ଗଲା ୧୮ ...

ରାଜ୍ୟରେ ସବୁକିଛି ନଷ୍ଟ କରିଦେଇଛି। ସେମାନେ ଚାଷୀଙ୍କୁ ଟଙ୍କା ଦେବାକୁ ଚାହୁଁନାହାନ୍ତି। ରାଜନୈତିକ ଉଦ୍ଦେଶ୍ୟ ରଖି ମମତା ତାଙ୍କ ରାଜ୍ୟରେ ପିଏମ୍-କିଷାନ ଯୋଜନା ଲାଗୁ କରିନାହାନ୍ତି। ବିରୋଧୀମାନେ ପଶ୍ଚିମବଙ୍ଗ ସମ୍ପର୍କରେ ମୁହଁ ଖୋଲୁନାହାନ୍ତି। ଦିଲ୍ଲୀରେ ସେମାନେ କୃଷକଙ୍କ ନାଁରେ ଅର୍ଥନୀତିକୁ ନଷ୍ଟ କରିବାକୁ ଉଦ୍ୟମ କରୁଥିବା ପ୍ରଧାନମନ୍ତ୍ରୀ କହିଥିଲେ।
ଚାଷୀଙ୍କୁ ଉପକୃତ କରିବାରେ ବିରୋଧୀ ଦଳ ଗଣତାନ୍ତ୍ରିକ ଉପାୟ ଅବଲମ୍ବନ କରୁନାହିଁ। ସେମାନେ ଏହି ପ୍ରସଙ୍ଗରୁ କେବଳ ସ୍ୱାର୍ଥ ହାସଲ କରିବାକୁ ଚାହୁଁଛନ୍ତି। ନୂଆ କୃଷି ଆଇନ ସମ୍ପର୍କରେ ମୋଦି କହିଥିଲେ, ଏହାଦ୍ୱାରା ଚାଷୀ ସେମାନଙ୍କ ଉତ୍ପାଦିତ ଫସଲକୁ ଯେକୌଣସି ସ୍ଥାନରେ ଯେକୌଣସି ବ୍ୟକ୍ତିଙ୍କୁ ଉପଯୁକ୍ତ ମୂଲ୍ୟରେ ବିକିପାରିବେ। ଫସଲ ବିକ୍ରି ଲାଗି ଚାଷୀଙ୍କୁ ଏଭଳି ସ୍ୱାଧୀନତା ଦିଆଯାଉଥିବାବେଳେ ଏଥିରେ ଭୁଲ୍ ରହିଲା କେଉଁଠି ବୋଲି ପ୍ରଧାନମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ନୂଆ ଆଇନରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଏବଂ ମଣ୍ଡି ଉଠିଯିବ ବୋଲି ବିରୋଧୀମାନେ ମିଥ୍ୟା ପ୍ରଚାର ଚଳାଇଥିବା ସେ କହିଥିଲେ।

### 'କୃଷକ ସଂଗଠନରେ ଫାଟ ସୃଷ୍ଟି ଉଦ୍ୟମ ହେଉଛି'

କୃଷକ ସଂଗଠନ ମଧ୍ୟରେ ଫାଟ ସୃଷ୍ଟି କରିବା ଓ ସେମାନଙ୍କୁ ବିଭ୍ରାନ୍ତ କରିବା ଲାଗି ଉଦ୍ୟମ ହେଉଛି ବୋଲି କୃଷକ ନେତାମାନେ ଅଭିଯୋଗ କରିଛନ୍ତି। ଚାଷୀମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍‌ବୋଧନ ପରେ କୃଷକ ନେତାମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ସେମାନେ ଆଇନଗତ ଗ୍ୟାରେଣ୍ଟି ଚାହାନ୍ତି ବୋଲି କହିଛନ୍ତି। ବିରୋଧୀ ଦଳଗୁଡ଼ିକ ସେମାନଙ୍କ ରାଜନୈତିକ କାର୍ଯ୍ୟସୂଚୀକୁ ଆଗେଇନେବା ଲାଗି ଆନ୍ଦୋଳନକୁ ବ୍ୟବହାର କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଚାଷୀ କୌଣସି ରାଜନୈତିକ ଦଳଙ୍କୁ ସେମାନଙ୍କ ମଞ୍ଚ ବ୍ୟବହାର କରିବାକୁ ଅନୁମତି ଦେଇ ନ ଥିବା କୃଷକ ନେତା ଅଭିମନ୍ୟୁ କୋହର କହିଛନ୍ତି। ସରକାର ପ୍ରସଙ୍ଗରୁ ଦୃଷ୍ଟି ହଟାଇବା ପାଇଁ ଉଦ୍ୟମ କରୁଥିବା ସେ ଅଭିଯୋଗ କରିଛନ୍ତି।

### ନୂଆପଡ଼ା ଚାଷୀଙ୍କ ସହ ...

ପୂର୍ବରୁ ବହୁତ ଅଧିକ ସୁଧ ୨୦ ଶତକଡାରେ ଋଣ ନେବାକୁ ପଡୁଥିଲା । ଏବେ ୪ ଶତକଡାରେ ଋଣ ମିଳିଥିବାରୁ ମୁଁ ଆର୍ଥିକ ସ୍ତରରେ ଲାଭବାନ ହୋଇଛି । ଏହି ଅର୍ଥକୁ ରାସାୟନିକ ସାର ଓ ବିହନ କିଣିବାରେ ଅର୍ଥକୁ ବ୍ୟବହାର କରିଛି। ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଓ କିଷାନ କ୍ରେଡିଟ କାର୍ଡରେ ଲାଭ ଉଠାଇ ନିଜ ଜୀବନ ଶୈଳୀରେ ପରିବର୍ତ୍ତନ ଆସିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ସମୟରେ ନୂଆପଡ଼ା ଏଡିଏମ ଅଗସ୍ତୀ ପ୍ରଧାନ, ମୁଖ୍ୟ ଜିଲା କୃଷି ଅଧିକାରୀ ବାବାଜି ଚରଣ ବେହେରା, ବ୍ଲକ କୃଷି ଅଧିକାରୀ ହିମାଂଶୁ ମହାପାତ୍ର, ଡିପିଡି ଶୁଧାଂସୁ ଶେଖର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ, ଦେଶର ୬ଟି ରାଜ୍ୟର ଚାଷୀଙ୍କ ସହ ପ୍ରଧାନମନ୍ତ୍ରୀ ଭିଡିଓ କନଫରେନ୍ସ ଯୋଗେ ସିଧାସଳଖ କଥା ହୋଇଥିଲେ ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି କେନ୍ଦ୍ର ଓ କୋଣସ୍ଥାନରେ ଛଅଟି ଗ୍ରହ ଅବସ୍ଥାନ କରିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟିହେବ । ପରିବହନ, ବାଣିଜ୍ୟରେ କିଛି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ । ସଭାସମିତି ଓ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି । ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗି ରହିବ ।

**ବୃଷ**
ଆଜି ଆପଣ ଘର ସକାଶେ ଜମିଜମା ବିଷୟରେ କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ କିଛି ଅର୍ଥ ବ୍ୟୟ କରିବାକୁ ବାଧ ହେବେ । ଅବଶ୍ୟ ଆପଣଙ୍କର ପିଲାମାନେ ଆପଣଙ୍କୁ ଏହି ଦିଗରେ ସାହାଯ୍ୟ କରିପାରନ୍ତି । ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇବେ । ଆନୁଷ୍ଠାନିକ କାମରେ କେତେକ ସମସ୍ୟା ସୃଷ୍ଟି ହୋଇପାରେ ।

**ମିଥୁନ**
ଆପଣ ଯେଉଁ ନିଷ୍ପତ୍ତି ନେବେ ଶେଷ ସମୟରେ ଓଲଟ ପାଲଟ ହୋଇଯିବ । ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ମତ ବଦଳାଇ ଅସହଯୋଗ କରିବେ । ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହେବ । ଏଥିପାଇଁ ବହୁତ କଷ୍ଟ ସହିବାକୁ ପଡ଼ିବ । କଳା, ସାହିତ୍ୟ ଓ ଗୁରୁତ୍ୱପୂର୍ଣ୍ଣ କାମରେ ଉପଯୁକ୍ତ ଭାବେ ଫଳ ପାଇପାରନ୍ତି ।

**କର୍କଟ**
କାମ ହାସଲ ପାଇଁ ଆତ୍ମୀୟମାନେ ସମସ୍ୟା ଆଣିପାରନ୍ତି । ଶାରୀରିକ କ୍ଷେତ୍ରରେ ଅଜୀର୍ଣ୍ଣ, ଉଚ୍ଚ ରକ୍ତଚାପ କିମ୍ବା ଡାଇବେଟିସ୍ ବଢ଼ିପାରେ । ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ । ପ୍ରକୃତ ଘଟଣା ନ ବୁଝି ପଡୋଶୀ କ୍ରୋଧିତ ହେବେ । ମହିଳାମାନେ ଅପ୍ରିୟ ସତ କଥା କହି ବିରୋଧୀ ହୋଇପାରନ୍ତି ।

**ସିଂହ**
ଆଜିର କର୍ମକ୍ଷେତ୍ରରେ ବିବାଦୀୟ ଘଟଣା ଟିକିଏ ଜଟିଳ ହେବ । ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ । ପିଲାମାନଙ୍କ କାର୍ଯ୍ୟକଳାପ ନାପସନ୍ଦ କରିପାରନ୍ତି । କିନ୍ତୁ କିଛି କରିବାର ଉପାୟ ପାଇବେ ନାହିଁ । ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି ।

**କନ୍ୟା**
ସମ୍ପର୍କୀୟମାନେ ସମସ୍ୟା ସୃଷ୍ଟି କରିପାରନ୍ତି । ଯାନବାହନରେ ସତର୍କ ନ ରହିଲେ ସମସ୍ୟା ଉପୁଜିପାରେ । ସହକର୍ମୀଙ୍କ ସହ ଭାଙ୍ଗି ପଡିଥିବା ସମ୍ପର୍କ ଯୋଡି ହୋଇଯିବ । ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ । ମହିଳାମାନେ କେତେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରି ନେବେ ।

**ତୁଳା**
କାହାର ମିଠା କଥାରେ ଭାସିଯାଆନ୍ତୁ ନାହିଁ । ଭଲ ସମ୍ପର୍କ ନ ଥିବା ବନ୍ଧୁଙ୍କ ଦ୍ୱାରା କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ । ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବାକୁ ପଡିବ । ହଠାତ୍ ବନ୍ଧୁଙ୍କ ଅନୁରୋଧ କ୍ରମେ ଦେବାର୍ଚ୍ଚନା ପାଇଁ ଦୂର ସ୍ଥାନକୁ ଯାତ୍ରା କରିବା ପାଇଁ ମନ ବଳାଇବେ ।

**ବିଛା**
ପରିସ୍ଥିତି ଆକସ୍ମିକ ଭାବରେ ଭିନ୍ନ ମୋଡ ନେବା କାରଣରୁ ସବୁ ସମସ୍ୟା ସୁଧୁରି ଯିବ । ଗତକାଲିଠାରୁ ଯେଉଁ କାମ କରିବେ ନିଶ୍ଚିତ କୃତକାର୍ଯ୍ୟ ହେବେ । ଲେଖାପଢା, କଳା, ସାହିତ୍ୟ, ସାମ୍ବାଦିକତା ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ । ଅତୀତର ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ ।

**ଧନୁ**
ଆପଣଙ୍କ ଜନହିତକର କାମ ଲୋକପ୍ରିୟତା ବଢ଼ାଇବ । କେତେକ ନୂତନ କାମର ପରିକଳ୍ପନା କରିବେ । ଖର୍ଚ୍ଚଭାର ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି । ଆନୁଷ୍ଠାନିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି । ଏଥିପାଇଁ ବହୁତ ଶ୍ରମ ଓ ହଇରାଣ ହେବାକୁ ପଡିବ । ପାରିବାରିକ ସ୍ଥିତିରେ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ ।

**ମକର**
ଯୁକ୍ତିଯୁକ୍ତ କଥା କହି ଅର୍ଥ ଓ ସମ୍ମାନ ଲାଭରେ ସଫଳ ହେବେ । ଅଫିସ୍‌ରେ ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହୋଇପାରେ । ପରିବାରରେ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରିବେ ଏବଂ କର୍ମକ୍ଷେତ୍ରରେ ଟେନସନ୍ କିଛି ମାତ୍ରାରେ କମିଯିବ । ଜଣେ ବନ୍ଧୁଙ୍କ ଉପସ୍ଥିତିକୁ ନେଇ ଝଗଡା ଲାଗିପାରେ ।

**କୁମ୍ଭ**
ପ୍ରତ୍ୟେକ ଦିଗରୁ ଆଜି ଦିନଟି ଭଲ, କିନ୍ତୁ ଜଗିରଖି କଥାବାର୍ତ୍ତା କରିବା ଭଲ । ପିଲାଙ୍କର କିଛି ସମସ୍ୟା ମନକୁ ବିଚଳିତ କରିପାରେ । ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ ; ଯଦ୍ଦ୍ୱାରା କି ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହୋଇପାରେ । ଜମିଜମା ସମସ୍ୟା, ବ୍ୟବସାୟ କିମ୍ବା ପରିବହନରେ ଝଗଡା କ୍ରମଶଃ ଜଟିଳ ହେବ ।

**ମୀନ**
ଆଜିର କର୍ମକ୍ଷେତ୍ରରେ ଆପଣ ଅପ୍ରିୟ ସତ୍ୟ ପ୍ରକାଶ କରି ବିବାଦୀୟ ହୋଇପାରନ୍ତି । ଋଣ ପରିଶୋଧ କରିବା ସକାଶେ ଅର୍ଥ ସଂଗ୍ରହର ପ୍ରଚେଷ୍ଟା ଫଳବତୀ ହେବ । ପଡୋଶୀରେ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି । ନିଜ ସ୍ୱାର୍ଥକୁ ଆଖିଆଗରେ ରଖି ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିବେ ।

ଆଜି ମାର୍ଗଶିର ଶୁକ୍ଳପକ୍ଷର ବ୍ୟଞ୍ଜନ ଦ୍ୱାଦଶୀ ଶନିବାର, ଡିସେମ୍ବର ୨୬ ତାରିଖ, ରାଶି ନକ୍ଷତ୍ର-ଦିବା ଘ.୧୦.୩୪ମି. ପରେ କୃତ୍ତିକା/ମେଷ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬.୨୩ମି. ଗତେ ଘ.୦୭.୦୬ମି. ମଧ୍ୟେ, ଘ.୦୭.୪୯ମି. ଗତେ ଘ.୦୯.୫୯ମି. ମଧ୍ୟେ, ଘ.୧୨.୦୮ମି. ଗତେ ଘ.୦୩.୦୧ମି. ମଧ୍ୟେ, ଘ.୦୩.୪୫ମି. ଗତେ ଘ.୦୫.୧୧ମି. ମଧ୍ୟେ ଅମୃତ ବେଳା । ଦିବା ଘ.୦୯.୦୫ମି. ଗତେ ଘ.୧୦.୨୬ମି. ମଧ୍ୟେ ରାହୁକାଳ ।


# classifieds Everyday
**0674-2580101, 2549302**

real estate

**SALE**

Booking open for 3BHK/ 2BHK luxurious & premium flat at Surya Nagar, Bhubaneswar, genuine buyer please Contact- (D.K.ASSOCIATES). 9937329999. D-69951

2000 sft plot available at Pahala for sale. Contact owner 9975014572. D-19346

Immediate registration & possession with demarcated boundary wall 30'wide road, plot for sale @650/- per sqft. at Gudiapokhari near Krupajal Engineering College and at Uttara Chhak, Bhubaneswar. 8917528470, 7008328766. D-19150

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70133

Ready to move Duplex for sale at DHPL Villa One Kalarahanga. Contact: 9937059891. D-19208

Bhubaneswar Khordha NH sideରେ plot ମିଳୁଅଛି। Direct Owner-9090963952. D-70132

ଭୁବନେଶ୍ୱର ଗୋଠପାଟଣା IIIT, Birla Global University ପାଖରେ ଘରବାରି yellowzone, 30' road, ଇଲେକ୍ଟ୍ରିସିଟି ଥାଇ plot ମିଳୁଛି। 1st possession/ registration. 9937819395. D-70125

Bhubaneswar Sum Hospital Gurukul ପାଖରେ yellowzone gharabari plot ବିକ୍ରି କରାଯାଉଅଛି। 9439206202. D-70128

Immediate construction with ଘରବାରି ବାଉଣ୍ଡ୍ରିୱାଲ୍, ଇଲେକ୍ଟ୍ରିସିଟି ଥାଇ ହଂସପାଳ କେନାଲ ରୋଡ୍ ପାଖରେ ଜାଗା ବିକ୍ରିହେବ। 7978998868. D-70135

One BHK semi-furnished flat near DAV school Pokhariput for immediate sale. 24 hours security, power back-up, intercom, lift etc. Contact -9937079628/ 7008661684. D-19353

Plot for sale nearest Railway Station, Bhawanipatna, Kalahandi. Contact No. 9437738769. D-19282

Plot For Sale, 2000sqft (10nos) per Sq.ft.- 1700, Gharabari Plot and Sarada-2 (15nos) per sqft-1500 main road side, infront of Tata Ariana, Mouza- Sankarpur, Ghatikia, BBSR. Electricity, Supply Water available. Contact: 8114744495, 8328943165. D-19368

Hanspal Canalroadରେ Gharabari, Electricity, Boundary ଥାଇ Plot ବିକ୍ରି ହେଉଛି। ଯେଉଁମାନେ Immediate ଘର କରିବେ ସେମାନେ Call କରନ୍ତୁ। Sq.ft. 750/-. 9437005434 D-70136

Book 2/3 BHK Flat, Near Sum Hospital, Bhubaneswar, Contact: 8114860043. D-67775

Riverside Gharabari Plots at Balianta 4 Km. from Hanspal Square. 9437277532. D-19366

Bank Approved Plot, Saivihar Colony, Rangabazar 1500 Sq.ft. @ 6,75,000/- 9437522338, 9437522339. D-19367

**PURCHASE**

Land requires for plotting project in around Bhubaneswar, 9937816565, 9937568585. D-70123

healthcare

Christmas Offer@ 899/- all types massage gives by Swarna SPA. 9556978408. D- 70069

Rejuvenate and Ayurvedic full body massage by smart therapist. 9348123330. D-70071

Get refreshment body massage by expert therapist contact for 7205084157. D-70070

Revitalize your self with our ayurvedic massage and refreshment, Call: 7381239385. D-70063

Newly open full body massage ladies and gents. 9337349409. D-69596

Experience full body massage with expert therapists. Call: 7377048581. D-70064

business

AB roadlinesର new project ପାଇଁ ହାଇୱା ଆବଶ୍ୟକ। Mo-: 9337731351, 7077061630. D-19336

ପ୍ରତିମାସ 1,00,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ। ଘରେ ପେପରପ୍ଲେଟ୍, ପେପରକପ୍, ଧୂପକାଠି, କର୍ପୂରମେସିନ୍ ଲଗାନ୍ତୁ। 75 ପ୍ରତିଶତ ଋଣ ମଧ ଯୋଗାଇ ଦିଆଯିବ। ଭୁବନେଶ୍ୱରରେ ଚାହୁଁଥିଲେ ଯୋଗାଯୋଗ କରନ୍ତୁ। 6362079373. D-70072

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## 'ଅରଣ୍ୟ'ର ନୂତନ ବ୍ଲକ ଉଦ୍‌ଘାଟିତ

ଭୁବନେଶ୍ୱର,୨୫।୧୨(ବ୍ୟୁରୋ): ପୁରୁଣା ଭୁବନେଶ୍ୱରର ବିବେକାନନ୍ଦ ମାର୍ଗରେ ଥିବା ଫରେଷ୍ଟ ରେଷ୍ଟ ହାଉସ୍ 'ଅରଣ୍ୟ'ର ନୂତନ ବ୍ଲକକୁ ଶୁକ୍ରବାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉଦ୍‌ଘାଟନ କରିଛନ୍ତି। ଏହି ଉତ୍ସବରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ଜିଲାରେ ଅବସ୍ଥାପିତ ଜଙ୍ଗଲ ଓ ପରିବେଶ ବିଭାଗ ଅଧିକାରୀମାନେ ସରକାରୀ କାର୍ଯ୍ୟରେ ଭୁବନେଶ୍ୱରକୁ ବହୁ ସମୟରେ ଆସିଥାନ୍ତି। ହେଲେ ରହିବା ପାଇଁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବାରୁ 'ଅରଣ୍ୟ' ଫରେଷ୍ଟ ରେଷ୍ଟ ହାଉସ୍‌କୁ ସମ୍ପ୍ରସାରିତ କରାଯାଇଛି। ୨ କୋଟି ୪୪ ହଜାର ଟଙ୍କା ବିନିଯୋଗରେ ନିର୍ମାଣ ହୋଇଥିବା ନୂତନ ବ୍ଲକ୍‌ରେ ୧୦ ଅତ୍ୟାଧୁନିକ ପ୍ରକୋଷ୍ଠ ରହିଛି।

## ଆଜି ବିଜେଡି ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨୫।୧୨(ବ୍ୟୁରୋ): ବିଜୁ ଜନତା ଦଳର ୨୪ ତମ ପ୍ରତିଷ୍ଠା ଦିବସ ଶନିବାର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ସକାଳ ୮ଟାରେ ଫରେଷ୍ଟ ପାର୍କସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ପୂର୍ବାହ୍ନ ୧୦ଟାରେ ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ପ୍ରତିବର୍ଷ ଭଳି ଚଳିତ ବର୍ଷ କରୋନା ସଚେତନତା ସହ ଏକ ସମାବେଶ ଆୟୋଜନ କରାଯିବ। ଏଥିରେ ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ ଉପସ୍ଥିତ କର୍ମକର୍ତ୍ତାଙ୍କୁ ସମ୍ବୋଧନ କରିବେ। ବିଜେଡିର ବରିଷ୍ଠ ନେତା, ଭୁବନେଶ୍ୱରର ୩ ଜଣ ବିଧାୟକଙ୍କ ସହିତ ସାଂଗଠନିକ ଜିଲା କମିଟିର କର୍ମକର୍ତ୍ତା ଓ ବିଜୁପ୍ରେମୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କ୍ୟାପିଟାଲ ହସ୍ପିଟାଲ ଓ ନିକଟସ୍ଥ ବୃଦ୍ଧାଶ୍ରମରେ କର୍ମୀମାନେ ଫଳ ବଣ୍ଟନ କରିବେ ବୋଲି ଭୁବନେଶ୍ୱର ସାଂଗଠନିକ ଜିଲା ସଭାପତି ସୁଶାନ୍ତ ରାଉତ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।

## ଭାଜପାରୁ ୩ ବହିଷ୍କୃତ

ଯାଜପୁର ଟାଉନ, ୨୫।୧୨(ଡି.ଏନ୍.ଏ.): ଯାଜପୁର ଜିଲା ବିଞ୍ଝାରପୁର ଅଞ୍ଚଳର ୩ଜଣଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ଭାଜପାରୁ ବହିଷ୍କୃତ କରାଯାଇଛି। ସେମାନେ ହେଲେ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ୨୭ନଂ. ଜୋନ୍ ମଣ୍ଡଳ ସଭାପତି ମୁକ୍ତିକାନ୍ତ ସାମଲ, କଲ୍ୟାଣପୁର ସରପଞ୍ଚ ସୁନୀତା ନାୟକ, ଅରେଇ ସରପଞ୍ଚ ଦେବାନନ୍ଦ ମଲ୍ଲିକ। ରାଜ୍ୟ ସଭାପତି ସମୀର ମହାନ୍ତି ସେମାନଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କୃତ କରିଥିବା ରାଜ୍ୟ ସାଧାରଣ ସମ୍ପାଦକ ମାନସ ମହାନ୍ତି ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ଶୃଙ୍ଖଳା ପ୍ରକଳ୍ପ, ମେଣ୍ଟୁନାହିଁ ଶୋଷ

ଯାଜପୁର ଅଫିସ,୨୫।୧୨

**ନଳକୂପରେ ସୌରଚାଳିତ ପମ୍ପ୍**
- ୟୁସି ଦାଖଲରେ ଟାଙ୍କକତା, ରିପୋର୍ଟ ତଲବ
- ଅଚଳ ହୋଇପଡ଼ିଛି ଶତାଧିକ ପ୍ରକଳ୍ପ

ଗ୍ରାମାଞ୍ଚଳ ଲୋକଙ୍କୁ ସହଜରେ ପାନୀୟ ଜଳ ଯୋଗାଇ ଦେବା ଲକ୍ଷ୍ୟରେ ନଳକୂପରେ ସୌରଚାଳିତ ପମ୍ପ୍ ସଂଯୋଗ କରାଯାଇଛି। ହେଲେ ଅଧିକାଂଶ ପ୍ରକଳ୍ପ ଅଚଳ ହୋଇ ପଡିଥିବାରୁ ଏଥିରେ ଲୋକଙ୍କ ଶୋଷ ମେଣ୍ଟୁ ନ ଥିବା ଅଭିଯୋଗ ହୋଇଛି।

ଗତ ନଭେମ୍ବର ୨୭ରେ ସିଆରସି (କଷ୍ଟମର ରିଲେଶନସିପ୍ ସେଣ୍ଟର)ର ରିପୋର୍ଟ ଅନୁଯାୟୀ ରାଜ୍ୟର ୭୩୯ଟି ପ୍ରକଳ୍ପ ଅଚଳ ହୋଇପଡିଥିବା ସୂଚନା ମିଳିଥିଲା। ଏସବୁ ଅଚଳ ପ୍ରକଳ୍ପ ଉପରେ ଆକାଉଣ୍ଟାଣ୍ଟ ଜେନେରାଲ ବା ଏଜି (ଅଡିଟ୍) ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ (ଆର୍‌ଡବ୍ଲୁଏସ୍ଏସ୍)ର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ରିପୋର୍ଟ ତଲବ କରିଥିଲେ। ଏହି କ୍ରମରେ ପ୍ରକଳ୍ପଗୁଡିକୁ କାର୍ଯ୍ୟକାରୀ କରିଥିବା ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି (ଓରେଡା)ର ବିନିଯୋଗ ପତ୍ର(ୟୁସି) ଅନୁଯାୟୀ ପ୍ରକଳ୍ପଗୁଡିକର ସବିଶେଷ ରିପୋର୍ଟ ଦେବାକୁ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ୨୨।୧୨।୨୦୨୦ରେ ସଂପୃକ୍ତ ନିର୍ବାହୀ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏଥିରେ ଯାଜପୁର ଜିଲାରେ କାର୍ଯ୍ୟକାରୀ ହୋଇଥିବା ୪୯ଟି ପ୍ରକଳ୍ପ ରହିଛି। ଏନେଇ ୨ଟି ପର୍ଯ୍ୟାୟରେ ଦାଖଲ ହୋଇଥିବା ୧ କୋଟି୭୮ ଲକ୍ଷ ୧୬ ହଜାର ୪୦୦ ଟଙ୍କାର ୟୁସି ଉପରେ ସବିଶେଷ ତଥ୍ୟ ଦେବାକୁ ନିର୍ଦ୍ଦେଶ ପତ୍ରରେ ଦର୍ଶାଯାଇଛି। ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇ ଉଭୟ ଆରଡବ୍ଲୁଏସ୍ଏସ୍ ଓ ନିର୍ମାଣକାରୀ ସଂସ୍ଥା ଓରେଡାର ସଂପୃକ୍ତ ଅଧିକାରୀମାନେ କାଗଜପତ୍ରରେ ୟୁସି ଦାଖଲ କରି ଅନୁଦାନର ସିଂହଭାଗ ଅର୍ଥ ମିଳିମିଶି ଲୁଟ୍ କରିଥିବାରୁ ପ୍ରକଳ୍ପଗୁଡିକ ମାସେ ବି ତିଷ୍ଠି ପାରୁ ନ ଥିବା ଅଭିଯୋଗ ହୋଇଛି।

ଆରଡବ୍ଲୁଏସ୍ଏସ୍ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ଯାଜପୁର ଜିଲାର ୪୯ଟି ସୌରଚାଳିତ ପ୍ରକଳ୍ପ ପାଇଁ ଓରେଡାକୁ ବିଭିନ୍ନ ପର୍ଯ୍ୟାୟରେ ସମୁଦାୟ ୨,୫୧,୬୩,୩୨୫ ଟଙ୍କା ଅଗ୍ରିମ ମିଳିଥିଲା। ଏଥିମଧ୍ୟରୁ ୨ଟି ପର୍ଯ୍ୟାୟରେ ୟୁସି ଦାଖଲ କରାଯାଇଛି। ଗତ ୨୦।୭।୨୦୧୯ରେ ଦାଖଲ ହୋଇଥିବା ୟୁସିରେ ୧,୪୯,୦୭,୬୦୦ ଟଙ୍କାର



ହିସାବ ଦିଆଯାଇଛି। ଏଥିରେ ୪୧ଟି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିବା ଦର୍ଶାଯାଇଛି। ସେହିପରି ୪।୧୧।୨୦୨୦ରେ ୟୁସିରେ ୮ଟି ପ୍ରକଳ୍ପ ସମ୍ପର୍କରେ ୨୯,୦୮,୮୦୦ ଟଙ୍କାର ହିସାବ ରହିଛି। ତେବେ ଓରେଡାର ତାଲିକା ଅନୁସାରେ ପ୍ରକଳ୍ପଗୁଡିକ ସ୍ଥାପନ କରାଯାଇଛି ସତ, ହେଲେ ଏହିସବୁ ପ୍ରକଳ୍ପ ଜରିଆରେ ସଂପୃକ୍ତ ଗ୍ରାମବାସୀ ଉପକୃତ ହୋଇ ପାରି ନ ଥିବା ପ୍ରକାଶ କରିଛନ୍ତି। ଏନେଇ ୨।୧୨।୨୦୨୦ରେ ଧରିତ୍ରୀରେ ମାସେ ବି ତିଷ୍ଠି ପାରିଲାନି ଶୀର୍ଷକ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଓରେଡା ଦ୍ୱାରା ଦାଖଲ ୟୁସି ସଂକ୍ରାନ୍ତରେ ସବିଶେଷ ବିବରଣୀ ମାଗିଥିବା ଜଣାପଡ଼ିଛି। ସର୍ବୋଚ୍ଚ ଯନ୍ତ୍ରୀ ତାଙ୍କ ପତ୍ରରେ ଦର୍ଶାଇଛନ୍ତି, ନିର୍ଦ୍ଦିଷ୍ଟ ସୌରଚାଳିତ ପ୍ରକଳ୍ପର ନାମ, ସ୍ଥାନ, ପରିମାଣ ଆଦି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସାଧାରଣ ଲୋକଙ୍କୁ ପାନୀୟ ଜଳଯୋଗାଣ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ଏନ୍‌ଆରଡିଡବ୍ଲୁପି (ନ୍ୟାଶନାଲ ରୁରାଲ ଡ୍ରିଙ୍କିଙ୍ଗ ୱାଟର ପ୍ରୋଗ୍ରାମ)ରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରୁଛନ୍ତି। ହେଲେ ସଂପୃକ୍ତ ଅଧିକାରୀ ଓ ନିର୍ମାଣକାରୀ ତଥା ଠିକା ସଂସ୍ଥା କର୍ମକର୍ତ୍ତାଙ୍କ ଆନ୍ତରିକତାର ଅଭାବ ଓ ଅନୁଦାନର ହରିଲୁଟ ମନୋଭାବ ଯୋଗୁ ଲୋକଙ୍କୁ କେତେକ ସୌରଚାଳିତ ପାନୀୟ ଜଳପ୍ରକଳ୍ପ ମାସେ ବି ଜଳଯୋଗାଇ ପାରିନାହିଁ।

ଜିଲାର ବିଭିନ୍ନ ପ୍ରକଳ୍ପକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଏଥିରେ ବଡ଼ଚଣା ବ୍ଲକ ଅସିଆ, ଆକବରବାଦ, ଚଣ୍ଡିତଳ, ଚାରିନଙ୍ଗଳ, ପତରାଜପୁର, ବରଗଡ, ପରିଆ, ବନ୍ଧପାଲି, ସାଲପଡା ଓ ରାଇଝର, ଦାନଗଦି ବ୍ଲକ ଅଙ୍କୁରପାଳ, ଭିତରମାଣିକ, ଗୋଲଗାଁ ଓ ଟୁଙ୍ଗେଇସୁନି, ଧର୍ମଶାଳା ବ୍ଲକର ରଘୁନାଥପୁର, ବୃନ୍ଦାଦେଈପୁର, ବିଛାଖଣ୍ଡି, ଝଟିଆପଡା, ବଡବରିସାହି, ଫଜଲପୁର ଓ ତାଳଜଙ୍ଗା, ସୁକିନ୍ଦା ବ୍ଲକର ଛତାନଗର, ନୂଆଗାଁ, ପାଟଣା, ମିର୍ଗଚରା ଓ ତଲଙ୍ଗି ଆଦି ଗ୍ରାମର ସୌରଚାଳିତ ପ୍ରକଳ୍ପ ଅଚଳ ହୋଇପଡିଛି। ଏଥିପାଇଁ ଜଳସ୍ତର ଅତିନିମ୍ନ, ମେଶିନ ପାର୍ଟସ ନ ମିଳିବା, ବୋର କୋଲାପ୍ସ, ମଦରବୋର୍ଡ ଚୋରି, ସୋଲାର ପ୍ୟାନେଲ ଭାଙ୍ଗିଯିବା, ପମ୍ପ୍ ଓ ମୋଟର ହଜିବା, ସମସ୍ତ ଯନ୍ତ୍ରପାତି ହଜିବା ଇତ୍ୟାଦି କାରଣ ଦର୍ଶାଯାଉଛି।

ଏ ସଂକ୍ରାନ୍ତରେ ଯାଜପୁର ଜିଲା ଆରଡବ୍ଲୁଏସ୍ଏସ୍ ନିର୍ବାହୀ ଯନ୍ତ୍ରୀ ଅମିୟ କୁମାର ପରିଜାଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ଉଠାଇ ନ ଥିବାରୁ ତାଙ୍କ ମତାମତ ମିଳିପାରିନାହିଁ।

## କମିଲା ଥଣ୍ଡା



ଭୁବନେଶ୍ୱର,୨୫।୧୨(ବ୍ୟୁରୋ)

ଗତ କିଛି ଦିନ ଧରି ରାଜ୍ୟରେ ଶୀତର ପ୍ରକୋପ ଜାରି ରହିଥିବା ବେଳେ ଶୁକ୍ରବାର ହ୍ରାସ ପାଇଛି। ପାରଦ ୨ରୁ ୩ଡିଗ୍ରୀ ସେଲ୍‌ସିୟସ ଉପରକୁ ଉଠିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡ଼ିରେ ୬, ବୌଦ୍ଧରେ ୯.୫, କୋରାପୁଟରେ ୯.୬, ଭବାନୀପାଟଣାରେ ୯, କେନ୍ଦୁଝରରେ ୧୦.୨, ସୋନପୁରରେ ୧୦.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ତେବେ ଆସନ୍ତା ଜାନୁୟାରୀ ପହିଲାରୁ ପୁଣି ଶୀତ ବଢ଼ିବ ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି।



ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବ୍ୟବସ୍ଥା ପାଇଁ ସିଂହଦ୍ୱାର ସମ୍ମୁଖରେ ମେଟାଲ ଡିଟେକ୍ଟର ଲଗାଯିବା ସହ ଚେକିଂ କ୍ୟାବିନ ରଖାଯାଇଛି।

# ଆଜିଠୁ ସହରବାସୀଙ୍କ ଜଗା ଦର୍ଶନ

ପୁରୀ ଅଫିସ,୨୫।୧୨

**ପ୍ରଶାସନ ପକ୍ଷରୁ ସରିଛି ସମସ୍ତ ପ୍ରସ୍ତୁତି**

ପୁରୀବାସୀଙ୍କ ଦର୍ଶନକୁ ସୁବ୍ୟବସ୍ଥିତ କରିବା ପାଇଁ ପ୍ରଶାସନର ପ୍ରସ୍ତୁତି ଶୁକ୍ରବାର ଶେଷ ହୋଇଛି। ବ୍ୟାରିକେଡ୍ ଓ କରିଡର କାର୍ଯ୍ୟ ସରିଛି। ମୁଖ୍ୟ ବ୍ୟାରିକେଡ୍ ପାଖରେ ୮ଟି କିଓସ୍କୋ ରଖାଯାଇଛି। ପ୍ରତି କିଓସ୍କୋରେ କ୍ୟାମେରା ସଂଯୋଗ ହୋଇଛି। ପରିଚୟପତ୍ର ଓ ସମ୍ପୃକ୍ତ ବ୍ୟକ୍ତିଙ୍କ ଫଟୋ ଉଠାଇବା ପାଇଁ ଭିନ୍ନ ଭିନ୍ନ କ୍ୟାମେରାର ବ୍ୟବସ୍ଥା କରାଯାଇଛି। ୯ ଲେନ୍ ବିଶିଷ୍ଟ ବ୍ୟାରିକେଡ୍ ପାଖକୁ ଲାଗି ବଡି ସାନିଟାଇଜର ମେଶିନ ରହିଛି। ସ୍ଥାନୀୟ ଲୋକେ ଏହା ମଧ୍ୟଦେଇ ଯାଇ ବ୍ୟାରିକେଡ୍ ପାଖରେ ପହଞ୍ଚିବେ। ସେଠାରେ ମେଟାଲ୍ ଡିଟେକ୍ଟରରେ ଯାଞ୍ଚ କରାଯିବ। ତେବେ କିଓସ୍କୋ ବ୍ୟବସ୍ଥାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରତିଦିନ ପ୍ରାୟ ୫ହଜାର ଭକ୍ତଙ୍କ ପାଇଁ ଦର୍ଶନ ବ୍ୟବସ୍ଥା କରାଯାଇଛି। ଏହାଠୁ ଅଧିକ ଲୋକଙ୍କୁ ଦର୍ଶନ ଅନୁମତି ଦେଲେ ସାମାଜିକ ଦୂରତା ରକ୍ଷା କରିବା ଓ ଶୃଙ୍ଖଳିତ ଦର୍ଶନ କରାଇବା କଷ୍ଟ ହୋଇପଡ଼ିବ ବୋଲି ପ୍ରଶାସନ କହିଛି। ଅନ୍ୟ ପକ୍ଷରେ ପ୍ରସ୍ତୁତି ୫ ହଜାର ଭଳି ହୋଇଥିବା ମନେ ହେଉନାହିଁ। କିଓସ୍କୋ ଦେଇ ଯିବାକୁ ଜଣେ ବ୍ୟକ୍ତିଙ୍କୁ ଅତିକମ୍‌ରେ ୩ରୁ ୪ ମିନିଟ ସମୟ ଲାଗିବ। ପ୍ରଶାସନ ୮ଟି କିଓସ୍କୋ ବ୍ୟବସ୍ଥା କରିଛି। ଦର୍ଶନ ୮ରୁ ୧୦ ଘଣ୍ଟା ହେବ। ହିସାବ କଲେ ଏଇ ସମୟ ଭିତରେ ସର୍ବାଧିକ ୨ରୁ ଅଢ଼େଇ ହଜାର ଲୋକେ ଦର୍ଶନ କରିପାରିବେ। ତେବେ ଯଦି ୫ ହଜାର ଲୋକେ ନିର୍ଦ୍ଧାରିତ ସମୟରେ ଆସନ୍ତି, ତା'ହାଲେ ସେମାନେ କିଭଳି ଭାବେ ଦର୍ଶନ କରିବେ ସେନେଇ ପ୍ରଶ୍ନ ଉଠୁଛି। ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ଯଦି ଅଧିକ ଲୋକ ଆସନ୍ତି ତେବେ ବିକଳ୍ପ ବ୍ୟବସ୍ଥା କରିବାକୁ ପଡ଼ିବ। ସେହିଭଳି ଶନିବାର ଦର୍ଶନ କରିବାକୁ ଥିବା ୱାର୍ଡଗୁଡ଼ିକର ବାସିନ୍ଦାଙ୍କୁ ପୌରସଂସ୍ଥା ପକ୍ଷରୁ ଟୋକନ୍ ଯୋଗାଇ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ସେବାୟତ ପରିବାରଙ୍କ ଜଗନ୍ନାଥ ଦର୍ଶନ ଶୁକ୍ରବାର ଶେଷ ହୋଇଛି। ଶେଷ ଦିନରେ ପୂର୍ବାପେକ୍ଷା କମ୍ ଗହଳି ଦେଖିବାକୁ ମିଳିଥିଲା।

# ପୋଲିସ ଲାଠିମାଡ଼ରେ ଯୁବକଙ୍କ ମୁଣ୍ଡ ଫାଟିଲା

ରାୟଗଡ଼ା ଅଫିସ,୨୫।୧୨

- ହେଲ୍‌ମେଟ ନ ପିନ୍ଧି ଗାଡ଼ି ଚଲାଉଥିଲେ
- ପୋଲିସ ବିରୋଧରେ ଏତଲା, ଭାଜପାର ଥାନା ଘେରାଉ

ହେଲ୍‌ମେଟ ନ ପିନ୍ଧି ଗାଡ଼ି ଚଳାଇଥିବା ଜଣେ ଯୁବକ ପୋଲିସ ଲାଠିମାଡ଼ରେ ଆହତ ହୋଇଛନ୍ତି। ସେ ହେଲେ ରାୟଗଡ଼ା ଥାନା ଅଧୀନ ତଳ ସାଙ୍କେସ ଗ୍ରାମର ପୀତାମ୍ବର ହିମିରିକାଙ୍କ ପୁଅ ରାହୁଲ ହିମିରିକା(୧୮)। ରାହୁଲ ଏବଂ ଭାଇ କିଷାନ କଲାକା ଶୁକ୍ରବାର ଏକ ବାଇକ୍ ଯୋଗେ ଲାଡ଼ା ଅଭିମୁଖେ ଯାଉଥିଲେ। ମଝିଘରିଆଣୀ ମନ୍ଦିର ନିକଟରେ ପୋଲିସ ପକ୍ଷରୁ ହେଲ୍‌ମେଟ ଯାଞ୍ଚ ଚାଲିଥିବାବେଳେ ରାହୁଲଙ୍କୁ ଅଟକାଇ ପଛପଟୁ ଲାଠିରେ ମାଡ଼ ମାରିଥିଲେ। ଏଥିରେ ରାହୁଲଙ୍କ ମୁଣ୍ଡରେ ଆଘାତ ଲାଗିଛି। ତାଙ୍କୁ ଉଦ୍ଧାର କରାଯାଇ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତେବେ ଆହତ ରାହୁଲଙ୍କୁ ପୋଲିସ ଉଦ୍ଧାର କରି ମେଡିକାଲ ପଠାଇବା ବଦଳରେ ଦୁର୍ବ୍ୟବହାର କରିଛି। ତାଙ୍କ ଗାଡ଼ି ଚାବି ଛଡ଼ାଇ ନେଇଥିବା ରାହୁଲଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଘଟଣାକୁ ନେଇ ରାୟଗଡ଼ା ନଗର ଭାଜପା ଏସ୍‌ଟି ମୋର୍ଚ୍ଚା ପକ୍ଷରୁ ପ୍ରତିବାଦ କରାଯିବା ସହ ଥାନା ଘେରାଉ କରାଯାଇଥିଲା। ଭାଜପା ନଗର ସଭାପତି ଶ୍ୟାମକୁମାର ଦାଶ, ବିଦ୍ୟା ପଣ୍ଡା ଏବଂ ଶତାଧିକ କର୍ମୀ ଉପସ୍ଥିତ ରହି ଘଟଣାର ତଦନ୍ତ କରି ପୋଲିସ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରିଛନ୍ତି। ଥାନା ପରିସରରେ ଉତ୍ତେଜନାର ଖବର ପାଇ ଏସ୍‌ପି ସର୍ବଣା ବିବେକ ଏମ୍ ପହଞ୍ଚି ପ୍ରତିବାଦକାରୀଙ୍କୁ ବୁଝାଶୁଝା କରିଥିଲେ। ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।



ଭାଜପା ନେତା ଓ କର୍ମୀ ଥାନା ପରିସରରେ ଆନ୍ଦୋଳନ କରୁଛନ୍ତି।

# ସ୍ତ୍ରୀଙ୍କ ସମ୍ମୁଖରେ ସ୍ୱାମୀ ଜୀବନ୍ତ ଦଗ୍ଧ

ପଡ଼ିଆ,୨୫।୧୨(ଡି.ଏନ.ଏ.)

ମାଲକାନଗିରି ଜିଲା ପଡ଼ିଆ ବ୍ଲକ ନିଲିଗୁଡ଼ା ପଞ୍ଚାୟତ ପୁରୁଣା ନିଲିଗୁଡ଼ା ଗ୍ରାମରେ ଶୁକ୍ରବାର ଘଟିଛି ଏକ ଦୁଃଖଦ ଘଟଣା। ଗୁରୁବାର ମଧ୍ୟରାତ୍ରିରେ ପୁରୁଣା ନିଲିଗୁଡ଼ା ଗ୍ରାମରେ ଅଗ୍ନିକାଣ୍ଡ ଘଟି ସ୍ତ୍ରୀଙ୍କ ଆଗରେ ସ୍ୱାମୀ ଜଳିଯାଇ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଖବରପାଇ ସରପଞ୍ଚ ବୁଦୁରା କାର୍ତ୍ତାମି, ତହସିଲଦାର ଶଶାଙ୍କ ଶେଖର ମିଶ୍ର, ଥାନା ଅଧିକାରୀ ରଞ୍ଜନ କୁମାର ମାଝି, ଆର୍‌ଆଇ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। କ୍ଷୟକ୍ଷତି ଆକଳନ ପରେ ତାଙ୍କୁ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ତହସିଲଦାର କହିଛନ୍ତି।

ଖବରରୁ ଜଣାପଡ଼ିଛି ଗ୍ରାମର ଇର୍ମା ପଡିଆମୀ ଓ ତାଙ୍କ ସ୍ତ୍ରୀ ଯୋଗୀ ଗୁରୁବାର ଜମିରେ କଟାହୋଇଥିବା ଧାନ ବୋହି ଖଳାକୁ ଆଣିଥିଲେ। ପରେ ରୋଷେଇ କରି ଖାଇସାରି ଉଭୟେ ଶୋଇପଡ଼ିଥିଲେ। ମାତ୍ର ମଧ୍ୟରାତ୍ରିରେ ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟି ତାଙ୍କ ଘର ପୋଡ଼ିଯାଇଥିଲା। ନିଆଁ ଧାସରେ ଯୋଗୀଙ୍କ ନିଦ ଭାଙ୍ଗିଯାଇଥିଲା। ସେ ପୁଅକୁ ଧରି ବାହାରକୁ ଦୌଡ଼ି ଆସିଥିଲେ। ମାତ୍ର ବାହାରେ କିଛି ସମୟ ପରେ ଇର୍ମାଙ୍କୁ ଖୋଜି ପାଇ ନ ଥିଲେ। ଇର୍ମା ଘର ଭିତରେ ହିଁ ରହିଯାଇଥିଲେ। ସ୍ୱାମୀ ଇର୍ମା ଜୀବନ୍ତ ଦଗ୍ଧ ହୋଇଯାଇଥିବା ଜାଣି ସେ କାନ୍ଦିବାକୁ ଲାଗିଲେ। ତାଙ୍କ କାନ୍ଦ ଏବଂ ପାଟି ଶୁଣି ଗ୍ରାମବାସୀ ପହଞ୍ଚିଥିଲେ। ସେତେବେଳକୁ ଘରଟି ସମ୍ପୂର୍ଣ୍ଣ ଜଳିସାରିଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଶୁକ୍ରବାର ମୋଟୁ ତହସିଲଦାର, ଆର୍‌ଆଇ ଯୋଗୀଙ୍କୁ ଶାଢ଼ି,କମ୍ବଳ ଏବଂ କିଛି ଅର୍ଥ ସହାୟତା ଦେଇଛନ୍ତି। କ୍ଷୟକ୍ଷତି ଆକଳନ ପରେ ସରକାରୀ ବ୍ୟବସ୍ଥା ଅନୁସାରେ ସହାୟତା ମିଳିବ ବୋଲି ତହସିଲଦାର ମିଶ୍ର ସୂଚନା ଦେଇଛନ୍ତି।

# ଟେକ୍ନୋଲୋଜି କମ୍ପାନୀ ମାଲାମାଲ୍

ନ୍ୟୁୟର୍କ,୨୫।୧୨

**Year-Over-Year Change**
Q3 '19 to Q3 '20

| | |
|---|---|
| Zoom customers with more than 10 employees | +485% ▲ |
| Online grocery sales in the U.S.* | +310 ▲ |
| DoorDash orders | +237 ▲ |
| Shipments of Chromebooks | +123 ▲ |
| Hours of video watched by users of the game streaming site Twitch | +86 ▲ |
| Walmart U.S. e-commerce sales | +79 ▲ |
| Amazon North America retail revenue | +39 ▲ |
| Monthly active users, Pinterest | +37 ▲ |
| Netflix memberships | +23 ▲ |
| Monthly active users, Facebook family of apps | +15 ▲ |
| Uber trips | -35 ▼ |
| Lyft active riders | -44 ▼ |
| Value of gross bookings, Expedia | -68 ▼ |

- କରୋନା କାଳରେ ଚାହିଦା ବଢ଼ିଛି
- ଗ୍ରାହକ, ରାଜସ୍ୱରେ ବି ଆଗରେ



'ଜୁମ୍' ଶବ୍ଦ ଯେ ଭିଡିଓ ଚାଟିଂ ସହ ଯୋଡି ହୋଇପାରେ ୨୦୨୦ ଆରମ୍ଭ ବେଳକୁ କେହି କଳ୍ପନା କରି ନ ଥିଲେ। କରୋନା ମହାମାରୀ ବିଶ୍ୱରେ ଅନେକ ତାଣ୍ଡବ ରଚିଛି। ଅନେକ ପରିବର୍ତ୍ତନ ମଧ୍ୟ ମହାମାରୀ ଯୋଗୁ ଦେଖିବାକୁ ମିଳିଛି। ଏହି ସମୟରେ ଟେକ୍ନୋଲୋଜି, ଷ୍ଟ୍ରିମିଂ ଏବଂ ଗେମିଂ କମ୍ପାନୀଗୁଡିକର ଆଦୃତି କାହିଁରେ କଣ ବଢ଼ିଛି। ଲୋକମାନେ ଲକଡାଉନ ବେଳେ ଘରେ ବାନ୍ଧି ହୋଇ ରହିଥିଲେ। ଏଥିଯୋଗୁ ଟେକ୍ନୋଲୋଜି କେବଳ ଏକ ମାତ୍ର ମାଧ୍ୟମ ରହିଲା ଯାହା ଲୋକଙ୍କୁ ବିଭିନ୍ନ ସେବା ଯୋଗାଣ ସହ ଯୋଡି ରଖିବାରେ ସକ୍ଷମ ହୋଇଛି। ଏହା ଏକ ପ୍ରମୁଖ କାରଣ ଯାହା ଟେକ୍ନୋଲୋଜି ବ୍ୟବହାରକୁ ଆଉ ପାଦେ ଆଗେଇ ପାରିଛି। ଘରେ କୌଣସି ସାମଗ୍ରୀ ପହଞ୍ଚାଇବା ହେଉ କି କାହା ସହ ଅନଲାଇନ ମିଟିଂ, ଅନଲାଇନ ସାମଗ୍ରୀ ଅର୍ଡର, ଅନଲାଇନରେ ଚାଟିଂ ହେଉ କି ଆହୁରି ବିଭିନ୍ନ କାମ ଅନଲାଇନ ଦ୍ୱାରା ସହଜ ହୋଇପାରିଲା।

ଅନଲାଇନ ସେବା ଯୋଗୁ ଟେକ୍ନୋଲୋଜି କମ୍ପାନୀଗୁଡିକର ଲାଭ ମଧ୍ୟ ଏହା ମଧ୍ୟରେ ବଢିଯାଇଛି। ଏହି ବର୍ଗରେ କମ୍ପାନୀଗୁଡିକ ଆହୁରି ଦୃଢ଼ ହୋଇ ଗ୍ରାହକଙ୍କୁ ସେବା ଯୋଗାଣ ଲାଗି ଆଗଭର ହୋଇଛନ୍ତି। ଅନଲାଇନରେ ମିଟିଂ ସୁବିଧା ଯୋଗାଣ କରୁଥିବା ପ୍ଲାଟଫର୍ମ ମାଇକ୍ରୋସଫ୍ଟ ଟିମ୍‌ର ଦୈନିକ ହାରାହାରି ୟୁଜର ଚଳିତ ବର୍ଷ ୧୧୫ ନିୟୁତରେ ପହଞ୍ଚିଥିଲା। ଜୁଲାଇ ପରଠାରୁ ଏହି ପ୍ଲାଟଫର୍ମ ଅଧିକ ଶକ୍ତିଶାଳୀ ହେବାରେ ଲାଗିଲା। ସେହିଭଳି ଆମେରିକାରେ ଭିଡିଓଗେମିଂରେ ଅତିବାହିତ ହେଉଥିବା ସମୟ କଥା ବିଚାର କଲେ ଜଣାଯିବ ଯେ, ଅଗଷ୍ଟରେ ଏହା ୩୭% ବୃଦ୍ଧି ପାଇଥିଲା। ଏହା ନଭେମ୍ବରରେ ପ୍ରାୟ ୩୫% ରହିଥିଲା। ୨୦୧୯ ନଭେମ୍ବରରେ ଏହା –୨% ସ୍ତରରେ ରହିଥିଲା। ଅର୍ଥାତ ଲୋକମାନେ ଘରେ ରହିବା ଯୋଗୁ ଗେମିଂର ଚାହିଦା ବଢ଼ିଯାଇଛି। ୨୦୨୦ରେ ଡିଜନୀ ଅନଲାଇନ ଭିଡିଓର ପେଡ୍ ସବସ୍କ୍ରାଇବର ସଂଖ୍ୟା ପ୍ରାୟ ୧୨୧ ନିୟୁତକୁ ବଢ଼ିଛି। ଅପରପକ୍ଷରେ ଏସ୍‌ପି ୫୦୦ରେ ଟେକ୍ନୋଲୋଜି ସୂଚକାଙ୍କ ଚଳିତ ମାସରେ ୩୯.୫% ବଢ଼ିଛି। ମୋଟାମୋଟି ଭାବେ ଏହି ସୂଚକାଙ୍କ ୧୪.୫% ଉର୍ଦ୍ଧ୍ୱରେ ରହିଛି।

ଏସ୍‌ପି ୫୦୦ ଟେକ୍ନୋଲୋଜି ସୂଚକାଙ୍କରେ ଶୀର୍ଷ ପର୍ଫରମର ଭାବେ ଏନ୍‌ଭିଡିଆ ୧୨୫% କାରବାର ଅଭିବୃଦ୍ଧି ହାସଲ କରିଛି। ସେହିଭଳି ପେପାଲ୍‌ର କାରବାର ୧୧୬%, ଆଡଭାନ୍ସ ମାଇକ୍ରୋ ଡିଭାଇସେସ ୧୦୮%, ସର୍ଭିସ ନାଓ ୯୧% ଏବଂ କ୍ୟାଡେନ୍ସ ଡିଜାଇନ ସିଷ୍ଟମ ୮୮% ଭଲ କାରବାର କରିଛି। ସେହିଭଳି କାରବାର କ୍ଷତି ସହିଥିବା କମ୍ପାନୀଗୁଡିକ ମଧ୍ୟରେ ଏଫ୍‌ଏଲ୍‌ଆଇଆର୍ –୧୮%, ଇଣ୍ଟେଲ –୧୯%, ହ୍ୟୁଲେଟ ପ୍ୟାକାର୍ଡ ଏଣ୍ଟରପ୍ରାଇଜେସ –୨୦%, ଜେରକ୍ସ –୩୬% ଏବଂ ଡିଏକ୍ସସି ଟେକ୍ନୋଲୋଜି –୩୬% କ୍ଷତି ସହିଥିବା ବ୍ଲୁମବର୍ଗ ଡାଟାରୁ ଜଣାପଡିଛି। ଆମେରିକାର ରିଟେଲ କମର୍ସ ବିକ୍ରି ଡାଟାକୁ ଦେଖିଲେ, ଚଳିତ ବର୍ଷ ତୃତୀୟ ତ୍ରୈମାସରେ ଏହା ୧୪.୩% ଉର୍ଦ୍ଧ୍ୱରେ ରହିଛି। ଏହା ଦ୍ୱିତୀୟ ତ୍ରୈମାସରେ ସର୍ବାଧିକ ୧୬.୧% ସ୍ତର ଛୁଇଁଥିଲା। ୨୦୧୯ ତୃତୀୟ ତ୍ରୈମାସରୁ ୨୦୨୦ ତୃତୀୟ ତ୍ରୈମାସ ଡାଟା ମୁତାବକ, ଜୁମ୍ ଗ୍ରାହକ ୪୮୫%ରୁ ଉର୍ଦ୍ଧ୍ୱ ବଢ଼ିଛନ୍ତି। ଆମେରିକାରେ ଅନଲାଇନ ଗ୍ରସେରି ବିକ୍ରି ୩୧୦% ବଢ଼ିଛି। ସେହିଭଳି ଡୋରଷ୍ଟେପ ଅର୍ଡର ବା ଘରେ ସାମଗ୍ରୀ ପହଞ୍ଚାଇବା ୨୩୭%, କ୍ରୋମବୁକ ଶିପମେଣ୍ଟ ୧୨୩%, ଟ୍ୱିଚ୍ ଗେମିଂ ଷ୍ଟ୍ରିମି ସାଇଟରେ ଭିଡିଓ ଦେଖିବା ସମୟରେ ୮୬%, ୟୁଏସ୍‌ରେ ୱାଲମାର୍ଟ ବିକ୍ରି ୭୯%, ଉତ୍ତର ଆମେରିକାରେ ଆମାଜନର ରିଟେଲ ବିକ୍ରି ୩୯%, ପିଣ୍ଟରେଷ୍ଟରେ ମାସିକ ଆକ୍ଟିଭ ୟୁଜର ୩୭%, ନେଟଫ୍ଲିକ୍ସ ମେମ୍ବରଶିପ୍‌ରେ ୨୩%, ଫେସବୁକ ଏବଂର ଅନ୍ୟ ଅଧିକୃତ ଆପ୍‌ଗୁଡିକରେ ଆକ୍ଟିଭ ୟୁଜର୍ସ ସଂଖ୍ୟାରେ ୧୫% ବୃଦ୍ଧି ପରିଲକ୍ଷିତ ହୋଇଛି। ଏହି ଅବଧିରେ ଉବର ଟ୍ରିପ –୩୫%, ଲିଫ୍ଟ ଆକ୍ଟିଭ ରାଇଡର –୪୪% ଏବଂ ଏକ୍ସପେଡିଆରେ ମୋଟ ବୁକିଂ –୬୮% ଖସିଛି।

ପ୍ରତ୍ୟେକ ଲୋକର ନିଜ ବାଟରେ ଭାବିବା, ଅନୁଭବ କରିବା ଓ ପ୍ରତିକ୍ରିୟା ଦେଖାଇବାର ଅଧିକାର ରହିଛି। କାହିଁକି ତୁମେ ଭାବିବ ଯେ, ଅନ୍ୟମାନେ ତୁମେ ଯାହା କରୁଛ ତାହା କରନ୍ତୁ ଓ ତୁମରି ଭଳି ହୁଅନ୍ତୁ ? -ଶ୍ରୀମା



# ସଂସ୍କାରରେ ବାଧା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଚଳିତ ବର୍ଷ ପ୍ରାରମ୍ଭରେ ନୀତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅରବିନ୍ଦ ପାନଗାରିଆଙ୍କ ପୁସ୍ତକ 'ଇଣ୍ଡିଆ ଅନ୍‌ଲିମିଟେଡ-ରିକ୍ଲେମିଂ ଦି ଲଷ୍ଟ ଗ୍ଲୋରି' ପ୍ରକାଶ ପାଇଥିଲା। ଏଥିରେ ସେ ଉଲ୍ଲେଖ କରିଥିଲେ ଯେ,ଭାରତୀୟ ବାବୁମାନେ ସୋସିଆଲ ହ୍ୟାଙ୍ଗଓଭରରେ ଆକ୍ରାନ୍ତ,ଯେଉଁଥିପାଇଁ ମୋଦି ସରକାର ଆରମ୍ଭ କରିବାକୁ ଚାହୁଁଥିବା ସଂସ୍କାରଗୁଡ଼ିକର ଗତି ଧିମା ପଡ଼ିଯାଇଛି। ତାଙ୍କ ଦୃଷ୍ଟିକୋଣକୁ ମଜଭୁତ କରିବାକୁ ଯାଇ ସେ ଦାବି କରିଥିଲେ ଯେ,ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକର ଘରୋଇକରଣ ପାଇଁ ସରକାର ଉଦ୍ୟମ କରିଥିଲେ ଏବଂ ନୀତି ଆୟୋଗ ପ୍ରସ୍ତୁତ କରିଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକର ତାଲିକାକୁ ପ୍ରଧାନମନ୍ତ୍ରୀ ମୋଦି କ୍ୟାବିନେଟରେ ଅନୁମୋଦନ କରାଇବା ସତ୍ତ୍ୱେ ଏଗୁଡ଼ିକର ଘରୋଇକରଣ ପ୍ରକ୍ରିୟା ବହୁଦିନ ଧରି ବନ୍ଦ ରହିଥିଲା। ସେ ମଧ୍ୟ ଦର୍ଶାଇଥିଲେ ଯେ, ପ୍ରଶାସନର ଶୀର୍ଷ ସ୍ତରରେ ଲାଟେରାଲ ଏଣ୍ଟ୍ରି (ପ୍ରତିଷ୍ଠିତ ସଂସ୍ଥାରେ କାର୍ଯ୍ୟରତ ଦକ୍ଷ ଅଧିକାରୀଙ୍କୁ ପ୍ରଶାସନିକ ପଦବୀରେ ନିଯୁକ୍ତି ଦେବା) ବ୍ୟବସ୍ଥା ଆରମ୍ଭ କରିଥିଲେ। ପାନଗାରିଆଙ୍କ ମତରେ ବାବୁମାନେ ଏହି ପ୍ରକ୍ରିୟାକୁ ଧିମା କରିଦେଲେ। ଏମିତି ଧିମା କରିଦେଲେ ଯେ, ମୋଦିଙ୍କ ପ୍ରଥମ ପାଳିର ଠିକ୍ ଶେଷ ବେଳକୁ ଏହି ବ୍ୟବସ୍ଥାରେ ବାହାରୁ କେବଳ ୯ ଜଣ ଅଧିକାରୀଙ୍କୁ ପ୍ରଶାସନିକ ପଦବୀରେ ନିଯୁକ୍ତ କରାଯାଇପାରିଥିଲା। ପାନଗାରିଆଙ୍କ ଭବିଷ୍ୟବାଣୀ ଏବେ ସତ ହେବ ବୋଲି ଜଣାପଡୁଛି (ଯଦି ଏହା ବାବୁମାନଙ୍କ କଡା ବିରୋଧର ସମ୍ମୁଖୀନ ହେବ!)। ୯ ଜଣ ଅଧିକାରୀଙ୍କ ମଧ୍ୟରୁ ଜଣେ ସରକାରୀ ପଦ ଛାଡ଼ିଦେବାକୁ ନିଷ୍ପତ୍ତି ନେଇସାରିଛନ୍ତି। ସୂତ୍ରରୁ ପ୍ରକାଶ ଯେ, ଲାଟେରାଲ ଏଣ୍ଟ୍ରିରେ ବାଣିଜ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଭାବେ ନିଯୁକ୍ତି ପାଇଥିବା କ୍ଷେତ୍ର ବିଶେଷଜ୍ଞ ଅରୁଣ ଗୋୟଲ ପ୍ରାୟ ଏକ ବର୍ଷ ପରେ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏହି ଯୋଜନାରେ ବାହାରୁ ଅଣାଯାଇଥିବା ଅନ୍ୟମାନେ ବି ସମାନ ଢଙ୍ଗରେ ସରକାରରୁ ବାହାରିଯିବେ ବୋଲି ଅଧିକ ବିଶ୍ୱାସ କରାଯାଉଛି। ମୋଦିଙ୍କ ପ୍ରିୟ ସଂସ୍କାର କୁହାଯାଉଥିବା ଲାଟେରାଲ ଏଣ୍ଟ୍ରିକୁ ପୂର୍ବରୁ କୌଣସି ସରକାର ଲାଗୁ କରିବାକୁ ଇଚ୍ଛା ପ୍ରକାଶ କରି ନ ଥିଲେ। କିନ୍ତୁ ବାହାରୁ ପ୍ରଶାସନକୁ ପ୍ରବେଶ କରିଥିବା ବିଶେଷଜ୍ଞମାନେ ଯଦି ସରକାରରୁ ଏମିତି ବାହାରିଯିବେ, ତେବେ ଏହି ସଂସ୍କାର ଶେଷ ହୋଇଯିବ। ଏବେଠୁ ଏହାର ସୂଚନା ମଧ୍ୟ ମିଳିଗଲାଣି। ବାହାର କ୍ଷେତ୍ରରୁ ବିଶେଷଜ୍ଞମାନଙ୍କୁ ଆଣି ପ୍ରଶାସନର ଉଚ୍ଚ ସ୍ତରରେ ଖାଲିଥିବା ବିଶେଷଜ୍ଞ ପଦ ପୂରଣ କରିବା ଲାଗି ଗତବର୍ଷ ଲାଟେରାଲ ଏଣ୍ଟ୍ରି ବ୍ୟବସ୍ଥା ଆରମ୍ଭ କରାଯାଇଥିଲେ ବି ଚଳିତ ବର୍ଷ ଏଥିରେ କାହାକୁ ନିଯୁକ୍ତି ଦିଆଯାଇନାହିଁ। ଏହି ସାହସିକ ପଦକ୍ଷେପ ସଫଳ ନ ହେବା କ'ଣ ତା ଭାଗ୍ୟରେ ଅଛି ? କେତେ ଜଣ ପର୍ଯ୍ୟବେକ୍ଷକ ବିଶ୍ୱାସ କରନ୍ତି ଯେ, ବାହାରୁ ପ୍ରଶାସନିକ କ୍ଷେତ୍ରକୁ ପ୍ରବେଶ କରିଥିବା ବିଶେଷଜ୍ଞମାନଙ୍କ ପକ୍ଷରୁ ସମ୍ଭାବ୍ୟ ବିପଦ ଥିବା ପ୍ରତିଷ୍ଠିତ ବାବୁମାନେ ଅନୁଭବ କରିବା ସହ ସରକାରଙ୍କ ଏଭଳି ପ୍ରୟାସକୁ କୌଣସି ପ୍ରକାରେ ନିଷ୍ଫଳ କରିବାକୁ ଚାହୁଁଥିବାରୁ ଏହି ବ୍ୟବସ୍ଥା ସଫଳ ହେବ ନାହିଁ ବୋଲି ଆରମ୍ଭରୁ ଜଣାପଡୁଥିଲା। ବାବୁମାନଙ୍କ ଗଡ ଭାଙ୍ଗି ପଡୁଥିବାରୁ ବା ସେମାନଙ୍କ କ୍ଷେତ୍ରରେ ଅନ୍ୟମାନଙ୍କ ପ୍ରବେଶ ହେବାରୁ ସେମାନେ ଏହା ବିରୋଧରେ ଲଢେଇ କରୁଥିବା ଜଣାପଡୁଛି। ସେମାନେ ତାଙ୍କ ଚାରି ପାଖରେ ଠିଆ କରିଥିବା ପାଚେରି ଏଯାବତ ମଜଭୁତ ରହିଛି ଓ ସେମାନଙ୍କୁ ସୁରକ୍ଷା ଦେଉଛି।

### ଏନ୍‌ଡିଡିବିର ନୂଆ ମୁଖ୍ୟ

୨୦୧୪ ପର୍ଯ୍ୟନ୍ତ ନ୍ୟାଶନାଲ ଡାଇରି ଡେଭଲପ୍‌ମେଣ୍ଟ ବୋର୍ଡ (ଏନ୍‌ଡିଡିବି)ର ଚେୟାରମ୍ୟାନ ପଦ ଡାଇରି ଅଧିକାରୀମାନଙ୍କ ହାତରେ ରହୁଥିଲା। କିନ୍ତୁ କେନ୍ଦ୍ରରେ ୬ ବର୍ଷ ଶାସନ କାଳରେ ମୋଦି ସରକାର ଏନ୍‌ଡିଡିବିର ଶୀର୍ଷ ପଦବୀରେ କେବଳ ଦକ୍ଷ ବରିଷ୍ଠ ପ୍ରଶାସକଙ୍କୁ ଚୟନ କରିଛନ୍ତି। ଚଳିତ ମାସ ପ୍ରାରମ୍ଭରେ ସରକାର ଏଜିଏମ୍‌ୟୁଟି (ଅରୁଣାଚଳ ପ୍ରଦେଶ, ଗୋଆ,ମିଜୋରାମ, ୟୁନିୟନ ଟେରିଟୋରିଜ୍) କ୍ୟାଡର୍‌ର ୧୯୯୫ ବ୍ୟାଚ୍ ଆଇଏଏସ୍ ଅଧିକାରୀ ବର୍ଷା ଜୋଷୀଙ୍କୁ ଏନ୍‌ଡିଡିବିର ନୂଆ ଚେୟାରପର୍ଶନ ଭାବେ ନିଯୁକ୍ତି ଦେଇଛନ୍ତି। ପୂର୍ବରୁ ଜୋଷୀ ଆନିମଲ ହଜବାଣ୍ଡ୍ରି ଆଣ୍ଡ୍ ଡାଇରିଂ ବା ପ୍ରାଣୀପାଳନ ଓ ଡାଇରି ବିକାଶ ବିଭାଗ ; ମତ୍ସ୍ୟପାଳନ, ପ୍ରାଣୀପାଳନ ଓ ଡାଇରି ବିକାଶ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଥିଲେ। ତାଙ୍କ ନିଯୁକ୍ତି ପରେ ଦିଲୀପ ରଥଙ୍କ ଆଶା ମଉଳିଗଲା ଯିଏ କି ଏନ୍‌ଡିଡିବିର ପରିଚାଳନା ନିର୍ଦ୍ଦେଶକ ଥିଲେ। ପରେ ସେ ୨୦୧୬ରୁ ଅଧ୍ୟକ୍ଷ ପଦର ଅତିରିକ୍ତ ଦାୟିତ୍ୱରେ ରହିଥିଲେ ଓ ତାଙ୍କ କାର୍ଯ୍ୟକାଳ ଥରେ ସମ୍ପ୍ରସାରିତ ହୋଇଥିଲା। ଏନ୍‌ଡିଡିବିର ପୂର୍ବତନ ମୁଖ୍ୟ ଡ.ଅମୃତା ପଟେଲଙ୍କ ପରେ ଜଣେ ଭାରତୀୟ ଭାବେ ସେ ବୋର୍ଡ ଅଫ୍ ଇଣ୍ଟର୍‌ନ୍ୟାଶନାଲ ଡାଇରି ଫେଡେରେଶନକୁ ନିର୍ବାଚିତ ହୋଇଥିଲେ ବୋଲି ଦାବି କରିଥିବା ଜଣାପଡିଛି। ସୋସିଆଲ ମିଡିଆରେ ତାଙ୍କର ଏହି ସଫଳତା ସମ୍ପର୍କରେ ସେ ପ୍ରଚାର କରିଥିଲେ ବି ତାହା ତାଙ୍କୁ ସରକାରଙ୍କ ପ୍ରିୟ କରାଇପାରିଲାନି କି ଯେଉଁ କ୍ଷମତା ମିଳିବା କଥା ତାହା ମିଳିଲାନାହିଁ। ବର୍ଷା ଜୋଷୀ ଉତ୍ତର ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନର କମିଶନର, ଦିଲ୍ଲୀ ସରକାରଙ୍କ ଶକ୍ତି ସଚିବ, ନୂଆ ଏବଂ ପାରମ୍ପରିକ ଶକ୍ତି ମନ୍ତ୍ରଣାଳୟର ସଚିବ ଏବଂ ଭାରତର ଜନଗଣନା ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଇଛନ୍ତି।

Email: dilipcherian@gmail.com

# ସୁନାମି ଓ ସତର୍କ ସୂଚନା ବ୍ୟବସ୍ଥା



କମଳାକାନ୍ତ ଜେନା

୨୦୦୪ ଡିସେମ୍ବର ୨୬ ତାରିଖ, ରବିବାର। ସମୟ ସକାଳ ୬ଟା ୨୯ ମିନିଟ୍। ଇଣ୍ଡୋନେସିଆର ଦକ୍ଷିଣକୁ ଅବସ୍ଥିତ ସୁମାତ୍ରାଦ୍ୱୀପ ଥରିଉଠିଲା। ରିକ୍ଟର ସ୍କେଲ ଉପରେ କମ୍ପନର ତୀବ୍ରତା ଥିଲା ୮.୯। ବିଗତ ୪୦ ବର୍ଷ ମଧ୍ୟରେ ଏହା ଥିଲା ସବୁଠାରୁ ଶକ୍ତିଶାଳୀ ଭୂମିକମ୍ପ। ତା' ପରେ ଭୟଙ୍କର ସାମୁଦ୍ରିକ ଜୁଆର ଚତୁର୍ଦ୍ଦିଗକୁ ପ୍ରସାରିତ ହେଲା। ସୁଉଚ୍ଚ ସାମୁଦ୍ରିକ ଜୁଆର ଭିତରେ ଦକ୍ଷିଣ ଏସିଆର ପ୍ରାୟ ଦେଢ଼ ଲକ୍ଷ ଲୋକ ଆଖି ବୁଜିଦେଲେ। ସକାଳ ୬ଟା ୩୩ ମିନିଟ୍ ସମୟରେ ଭାରତର ତାମିଲନାଡୁରେ ଭୂକମ୍ପନ ଆରମ୍ଭ ହେଲା। ଘଣ୍ଟାଏ ଭିତରେ ୧୦ ମିଟର ଉଚ୍ଚ ଜୁଆରମାନ ସମୁଦ୍ର କୂଳକୁ ମାଡ଼ି ଆସିଲା। ଭାରତ ସମେତ ୨୭ଟି ରାଷ୍ଟ୍ର ଏହା ଦ୍ୱାରା ପ୍ରଭାବିତ ହେଲେ। ଇଣ୍ଡୋନେସିଆର ମୃତ୍ୟୁସଂଖ୍ୟା ସର୍ବାଧିକ ୮୦,୦୦୦ ଥିଲା। ଭାରତରେ ମୃତ୍ୟୁସଂଖ୍ୟା ଥିଲା ୧୦,୭୪୯, ନିଖୋଜ ଥିଲେ ୫,୬୪୦, ପ୍ରଭାବିତ ହେଲେ ୨୮ ଲକ୍ଷ ଓ ୧୧,୮୨୭ହେକ୍ଟର ଜମିର ଫସଲ ନଷ୍ଟ ହେଲା ଓ ଲକ୍ଷାଧିକ ମତ୍ସ୍ୟଜୀବୀ ଜୀବିକା ହରେଇଲେ।

ଭୂକମ୍ପନଜନିତ ସେଇ ଜୁଆର ଥିଲା ଭୟଙ୍କର 'ସୁନାମି'। ଜାପାନୀ ଭାଷାରେ 'ସୁ'ର ଅର୍ଥ 'ପୋତାଶ୍ରୟ' ଏବଂ 'ନାମି'ର ଅର୍ଥ 'ଢେଉ'। 'ସୁନାମି' ହେଉଛି ଶକ୍ତିଶାଳୀ ସାମୁଦ୍ରିକ ଢେଉ। ସମୁଦ୍ର ନିକଟରେ ବା ଗର୍ଭରେ ଭୂକମ୍ପନ ସୃଷ୍ଟିହେଲେ, ସମୁଦ୍ର ତଳେ ଲୁଚି ରହିଥିବା ଆଗ୍ନେୟଗିରିରୁ ଅଗ୍ନି ଉଦ୍‌ଗିରଣ ହେଲେ, ସମୁଦ୍ର ଚଟାଣରେ ଭୂଚ୍ୟୁତି ଘଟିଲେ କିମ୍ବା ସମୁଦ୍ର ବକ୍ଷରେ ବିରାଟ ଉଲ୍କାପିଣ୍ଡ ଖସିପଡ଼ିଲେ, ସୁନାମି ତରଙ୍ଗ ସୃଷ୍ଟି ହୁଏ। ସମୁଦ୍ର ଚଟାଣଠାରୁ ୫୦ କିଲୋମିଟର ଗଭୀରତା ମଧ୍ୟରେ ୬.୫ ରିକ୍ଟର ସ୍କେଲର ଭୂକମ୍ପନ ସୁନାମି ସୃଷ୍ଟି କରିପାରିବ। ଭୂମିକମ୍ପ ହେତୁ ସମୁଦ୍ର ଚଟାଣ ହଠାତ୍ ଉପରକୁ ଉଠିଗଲେ କିମ୍ବା ତଳକୁ ଦବିଗଲେ ଜଳରାଶି ହଠାତ୍ ଉପରକୁ ଉଠିଯାଏ କିମ୍ବା ଦବିଯାଏ। ଏହା ଗୋଟିଏ ପରେ ଗୋଟିଏ ଶକ୍ତିଶାଳୀ ତରଙ୍ଗ ସୃଷ୍ଟି କରେ, ଯାହା ଅନୁଚ୍ଚ ତରଙ୍ଗ ରୂପରେ ଚତୁର୍ଦ୍ଦିଗକୁ ଖେଳିଯାଏ। ୨୦୦୪ 'ସୁନାମି' ତରଙ୍ଗର ବେଗ ଥିଲା ଘଣ୍ଟାପ୍ରତି ପ୍ରାୟ ୫୦୦ କିଲୋମିଟର୍ ଓ ଦୁଇଟି ପାଖାପାଖି ତରଙ୍ଗ ଭିତରେ ବ୍ୟବଧାନ ଥିଲା ୧୦୦କିଲୋମିଟର। ସମୁଦ୍ର ମଝିରେ ଗଭୀର ଜଳରାଶି ମଧ୍ୟରେ ଗତି କରୁଥିବା ସୁନାମି ତରଙ୍ଗ ଜଣାପଡ଼େ ନାହିଁ। କୂଳ ନିକଟରେ ଏହାର ଅସଲ ରୂପ ଜଣାପଡ଼େ। ଅନୁଚ୍ଚ ତରଙ୍ଗ କୂଳ ପାଖରେ ୧୦-୨୦ ମିଟର ଉଚ୍ଚ ଭୟଙ୍କର ଢେଉ ରୂପରେ ସମୁଦ୍ରକୂଳ ଲଙ୍ଘନ କରି ମାଡ଼ିଯାଏ। ବେଳେ ବେଳେ କୂଳକୁ ପହଞ୍ଚିବା ପୂର୍ବରୁ ସମୁଦ୍ରର ଜଳରାଶି କୂଳଠାରୁ ଭିତରକୁ ଘୁଞ୍ଚିଯାଏ। ଲୋକମାନେ କୌତୂହଳବଶତଃ ସମୁଦ୍ର ଭିତରକୁ ଆଗେଇ ଯାଆନ୍ତି ଓ ପରେ ପରେ 'ସୁନାମି' ଢେଉରେ ଜୀବନ ହରାନ୍ତି। ଅଦ୍ୟାବଧି ୫ଟି ଅତି 'ପ୍ରଳୟଙ୍କରୀ ସୁନାମି' ହିସାବରେ ୨୦୦୪ର ଦୁଃଖଦ 'ସୁନାମି'କୁ ନିଆଯାଇଛି।

ଭୂକମ୍ପନ ହେବାର କିଛି ସମୟ ପରେ ସମୁଦ୍ର ଢେଉ କୂଳକୁ ମାଡ଼ିଥାଏ। ସେଇ ସମୟ ଭିତରେ ସୁନାମି ସତର୍କତା କେନ୍ଦ୍ରରୁ ସାଧାରଣ ଲୋକଙ୍କୁ ସତର୍କ ସୂଚନା ମିଳିପାରିଲେ କ୍ଷୟକ୍ଷତିକୁ ଏଡ଼େଇ ଦିଆଯାଇ ପାରିବ। ୨୦୦୪ ପୂର୍ବରୁ ସତର୍କ ସୂଚନା ପାଇଁ ଆମ ଦେଶରେ ସେମିତି ବ୍ୟବସ୍ଥା ନ ଥିଲା। ଏବେ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ୨୦୦୭ ଅକ୍ଟୋବର ୧୫ ଦିନ ୧୨୫ କୋଟି ଟଙ୍କା ବ୍ୟୟରେ ହାଇଦ୍ରାବାଦଠାରେ ଭାରତର ସୁନାମି ସତର୍କତା ସୂଚନା କେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା। ଡି.ଏସ୍.ଟି, ଇସ୍ରୋ ଓ ସି.ଏସ୍.ଆଇ.ଆର. ସହାୟତାରେ ଭୂବିଜ୍ଞାନ ମନ୍ତ୍ରଣାଳୟ ତରଫରୁ ଏହା ସମ୍ଭବ ହୋଇପାରିଛି। ଆମର 'ଭାରତୀୟ ଜାତୀୟ ମହାସାଗରୀୟ ସୂଚନା ସେବା' ଦ୍ୱାରା 'ନ୍ୟାଶନାଲ୍ ସୁନାମି ୱାର୍ନିଂ ସିଷ୍ଟମ୍' ୨୦୦୭ ରୁ ଦିନରାତି ଭାରତ ମହାସାଗର ଉପରେ ନଜର ରଖିଛି। ମହାସାଗର ତଳେ ହେଉଥିବା ଭୂମିକମ୍ପ ବିଷୟରେ ଖବର ରଖୁଛି। ଭାରତ ମହାସାଗରୀୟ ଅଞ୍ଚଳରେ ଏହି ବ୍ୟବସ୍ଥା ଗ୍ରହଣ କରିବାରେ ଭାରତ ହେଉଛି ପ୍ରଥମ ରାଷ୍ଟ୍ର। ଭୂକମ୍ପନ କେନ୍ଦ୍ରରୁ ତଥ୍ୟ ପାଇବାର ମାତ୍ର ୧୦ ମିନିଟ୍ ଭିତରେ ଏହା ସତର୍କ ସୂଚନା ଦେଇପାରିବ। ଭାରତୀୟ ବ୍ୟବସ୍ଥାକୁ ପୃଥିବୀର ସବୁଠାରୁ ସମ୍ବେଦନଶୀଳ ବ୍ୟବସ୍ଥା ବୋଲି ୟୁନେସ୍କୋ ତରଫରୁ କୁହାଯାଉଛି।

ସୁନାମି ସୂଚନା ପାଇଁ ଦୁଇପ୍ରକାର ସମ୍ବେଦକ ଆବଶ୍ୟକ। ଗୋଟିଏ ପ୍ରକାର ସେନସରକୁ ଉପକୂଳ ଅଞ୍ଚଳରେ ଓ ଅନ୍ୟଟିକୁ ସମୁଦ୍ର ଚଟାଣରେ ସ୍ଥାପନ କରାଯାଏ। ସମୁଦ୍ର ଶଯ୍ୟାରେ ଭୂମିକମ୍ପ ସୃଷ୍ଟି ହେଲେ ଟ୍ରାନ୍‌ଜିଷ୍ଟର ଦ୍ୱାରା ଏହି ସୂଚନା ଉପଗ୍ରହକୁ ଯାଏ। ଉପଗ୍ରହ ମାଧ୍ୟମରେ ସୂଚନା କେନ୍ଦ୍ରଗୁଡ଼ିକ ସୂଚନା ପାଇ ଗଣମାଧ୍ୟମକୁ ପଠାନ୍ତି। ୨୦୦୪ର ଭୟଙ୍କର ସୁନାମି ପରେ ପ୍ରଭାବିତ ରାଷ୍ଟ୍ରଗୁଡ଼ିକ ୟୁନେସ୍କୋ ସହାୟତାରେ ସୁନାମିର ଆଗୁଆ ସୂଚନା ପାଇଁ ବିହିତ ବ୍ୟବସ୍ଥା ଦିଗରେ ପ୍ରୟାସ ଆରମ୍ଭ କରିଥିଲେ। ଆଞ୍ଚଳିକ ସ୍ତରରେ ସୁନାମି ସୂଚନା ଦିଆଯିବା ବ୍ୟବସ୍ଥା ସକାଶେ ମଧ୍ୟ ଚିନ୍ତା କରାଗଲା। ୨୦୦୮ ଜୁନ୍‌ରେ ଭାରତ ନିଜର ଉପକୂଳ ଅଞ୍ଚଳ ପାଇଁ ଆଞ୍ଚଳିକ ବ୍ୟବସ୍ଥା (ରିଜିଓନାଲ ସୁନାମି ୱାଚ୍ ପ୍ରୋଭାଇଡର) କରିଥିଲା। ସେହି ବର୍ଷ ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ ଓ ମାଲେସିଆ ମଧ୍ୟ ନିଜ ନିଜର ଜନତାଙ୍କ ପାଇଁ ଆଞ୍ଚଳିକ ଆଗୁଆ ସୁନାମି ସୂଚନା ଦେବାପାଇଁ ବ୍ୟବସ୍ଥା କରିଥିଲେ।

ଆଜି ଆମର ଆଇ.ଏନ୍.ସି.ଓ.ଆଇ.ଏସ୍. ଦ୍ୱାରା ସୁନାମିର ଆଗୁଆ ସୂଚନା ମିଳିପାରୁଛି। ଏହି କେନ୍ଦ୍ରରେ ରହିଥିବା ପ୍ରତ୍ୟେକ ଉପ-ବ୍ୟବସ୍ଥାକୁ ନିୟମିତ ପରୀକ୍ଷା କରାଯାଉଛି। ଆମ ଦେଶର ସୁନାମି ସୂଚନା ବ୍ୟବସ୍ଥା ଆଜି ଭାରତ ମହାସାଗର ଉପକୂଳର ରହିଥିବା ୨୮ଟି ଦେଶକୁ ଆଗୁଆ ସୂଚନା ଯୋଗାଉଛି। ଆମ ବ୍ୟବସ୍ଥାର ଦକ୍ଷତା ଦେଖିଲା ପରେ ୨୦୧୧ରେ ୟୁନେସ୍କୋ ଏଥିପାଇଁ ସେହି ଦେଶଗୁଡିକୁ ସୁପାରିସ କରିଥିଲା। ଆଜି ଭାରତ ୯୦ଟି ଭୂକମ୍ପନ କେନ୍ଦ୍ରରୁ ତଥ୍ୟ ସଂଗ୍ରହ କରିପାରୁଛି। ସାତଟି ସୁନାମି ବୋୟ ଓ ୩୫ଟି ଜୁଆର ପରିମାପ କେନ୍ଦ୍ର ସହାୟତା କରୁଛନ୍ତି।୨୦୦୪ର ସୁନାମି ଭଳି ଆଜି କୌଣସି ସୁନାମି ଭାରତକୁ ପ୍ରଭାବିତ କରିପାରିବ ନାହିଁ। ଭାରତର ମହାକାଶ ଗବେଷଣା ସଂସ୍ଥା 'ଇସ୍ରୋ' ଓ ଭାରତୀୟ ବିମାନବନ୍ଦର ପ୍ରାଧିକରଣ 'ଏ.ଏ.ଆଇ.' ଏହି ଦିଗରେ ଜନସାଧାରଣଙ୍କୁ ସହାୟତା କରିବା ପାଇଁ ହାତ ବଢେଇଛନ୍ତି। ଉପଗ୍ରହ ଯୋଗାଯୋଗ ବ୍ୟବସ୍ଥା 'ନାବିକ୍' ଦ୍ୱାରା ଭାରତ ମହାସାଗରର ଉତ୍ତରାଞ୍ଚଳରେ ରହିଥିବା ମତ୍ସ୍ୟଜୀବୀ ଓ ଅନ୍ୟାନ୍ୟ ସଂସ୍ଥାକୁ ସୁନାମି ସମ୍ପର୍କିତ ଆଗୁଆ ମୋବାଇଲ-ସନ୍ଦେଶ ଦିଆଯାଇ ପାରିବ।

ସବୁଠାରୁ ବଡ କଥା ହେଉଛି ଆମର ସଚେତନତା। ଜାତୀୟ ରାଜପଥରେ ଯିବା ସମୟରେ ଅନେକ ସଙ୍କେତ (ଚିହ୍ନ) ଆମ ଆଖିରେ ପଡେ। ସେଇ ସଙ୍କେତରେ ହେଲମେଟ୍ ଓ ସିଟ୍ ବେଲ୍ଟ୍ ପିନ୍ଧିବାଠାରୁ ଆରମ୍ଭ କରି ଗାଡ଼ିର ବେଗ ଓ ବୁଲାଣିଆ ସଡକ ଇତ୍ୟାଦି ବିଷୟରେ ସମସ୍ତ ସୂଚନା ରହିଥାଏ। ହେଲେ ଆମକୁ ସବୁ ସଙ୍କେତର ଅର୍ଥ ଜଣା ନ ଥାଏ। ଯଦିଓ କିଛି ସଙ୍କେତ ବୁଝାପଡେ, ତାହାକୁ ଆମେ ଗୁରୁତ୍ୱ ଦେଉ ନାହିଁ। ସଙ୍କେତଗୁଡିକ ପ୍ରତି ଅବମାନନା ପ୍ରଦର୍ଶନ ହିଁ ସଡକ ଦୁର୍ଘଟଣାର ମୁଖ୍ୟ କାରଣ। ଠିକ୍ ସେହିପରି ସୁନାମି ପ୍ରବଣ ଉପକୂଳ ଅଞ୍ଚଳରେ ସୁନାମି ସମ୍ପର୍କିତ କେତେକ ସଙ୍କେତ ରହିଛି। ସାଧାରଣ ଲୋକ କିନ୍ତୁ ସେସବୁ ବୁଝିବା ପାଇଁ ଆଗ୍ରହ ପ୍ରକାଶ କରନ୍ତି ନାହିଁ। ତେଣୁ ପ୍ରକୃତ ସୁନାମି ଆସିଲେ ସେମାନେ ନିଜର ଧନଜୀବନ ହରାଇ ବସନ୍ତି। ତେଣୁ ଜନସାଧାରଣ ସମସ୍ତ ସୁନାମି ସତର୍କତା ସଙ୍କେତ ବିଷୟରେ ଜାଣିବା ନିହାତି ଜରୁରୀ। ନଚେତ୍ କୌଣସି ସୂଚନା ବ୍ୟବସ୍ଥା ସେମାନଙ୍କର ଧନଜୀବନକୁ ସୁରକ୍ଷା ପ୍ରଦାନ କରିପାରିବ ନାହିଁ।

ଓଡ଼ିଶା ବିଜ୍ଞାନ ଏକାଡେମୀ ସଦସ୍ୟ,
ଓ.ଇ.ଏସ୍.(ଏ),ଭଦ୍ରକ ସ୍ୱୟଂଶାସିତ
ମହାବିଦ୍ୟାଳୟ, ଭଦ୍ରକ, ମୋ-୯୪୩୯୫୦୧୬୫୧

# ମୋ ସୁନାଟା ପରା...



ଡ.କୁଳାଙ୍ଗାର

ସତ କହିଲେ ଆଜ୍ଞା, ମୋ ପରି ଆପଣ ବି ସୁନାକୁ ଲୋଭ କରନ୍ତି ଓ ଭଲ ପାଆନ୍ତି ? ଯଦି ପାଉଥାଆନ୍ତି ତେବେ ତ ସାଂଘାତିକ କଥା। ଏ ସୁନା ଲୋଭ ଆପଣଙ୍କୁ ସାଂଘାତିକ ବିପଦରେ ପକେଇ ପାରେ। ଅବଶ୍ୟ ଆପଣ ସୁନା ପାଇବା ପାଇଁ କୌଣସି ଅପରାଧ କରି ପକାଇବେ ବା କରିବାକୁ ବାଧ୍ୟ ହେବେ ସେ କଥା ମୁଁ କହୁ ନାହିଁ। ତେବେ ସୁନା ଲୋଭ ପାଇଁ ଆପଣ ନାନା ହଇରାଣ ହେବାର ଯଥେଷ୍ଟ ସମ୍ଭାବନା ଅଛି। ମୁଁ ଜାଣେ, ଏମିତି ଉପରଠାଉରିଆ କରି କହିଲେ ଆପଣ ମୋ କଥାକୁ ଆଦୌ ବିଶ୍ୱାସ କରିବେ ନାହିଁ। ଆସନ୍ତୁ ମୁଁ କିଛି ଅଙ୍ଗେନିଭା କଥା ଆପଣଙ୍କୁ କହୁଛି।

ଅଳ୍ପଦିନ ତଳେ ନୂଆବୋହୂ ହୋଇ ଶାଶୁ ଘରକୁ ଯାଇଥିବା ସାନ ଭଉଣୀ ମୋର ହଠାତ୍ ଦିନେ କାନ୍ଦିକାନ୍ଦି ଆସି ଅଭିଯୋଗ କଲା କି ମୁଁ ଯଥେଷ୍ଟ ସୁନା ନେଇନାହିଁ ବୋଲି ମୋ ଶାଶୁ ମୋତେ ନାନା ନିର୍ଯାତନା ଦେଉଛନ୍ତି! କଥା କ'ଣ କି ଆମ ଝିଅଟି ଦେଖୁବାକୁ ହିରୋଇନୀ ପରି ନୁହେଁ, ତେଣୁ ବିବାହ ପ୍ରସ୍ତାବ ସବୁ ଗୋଟିଏ ଦେଖାରେ ହିଁ କାଟ୍ ଖାଇ ଯାଉଥିଲା। ତେବେ ଜଣେ ମଉସାଙ୍କ ପରାମର୍ଶରେ ଆମେ ପରବର୍ତ୍ତୀ କନ୍ୟା ଦର୍ଶନ ଦିନ ଝିଅକୁ ସୁନା ଗହଣାରେ ମଣ୍ଡିକରି ବସାଇଦେଲୁ। ବାସ୍, ଏଥର ଝିଅ ତାଙ୍କର ପସନ୍ଦ ଆସିଗଲା। ନିର୍ବନ୍ଧ ପରେ ଭାଉଜ, ଖୁଡୀ, ମାଇଁ ଆଦିଙ୍କଠାରୁ ସଂଗୃହୀତ ସ୍ୱର୍ଣ୍ଣ ଅଳଙ୍କାର ସବୁ ଫେରାଇ ଦିଆଗଲା। କିନ୍ତୁ ସେସବୁ ଏବେ ବି ଶାଶୁ ମହୋଦୟାଙ୍କର ଆଖିରେ ନାଚୁଥିଲା! ହଉ ଏହାର କିଛି ଉପାୟ କରିବା କହି ଆମେ ଭଉଣୀକୁ ଘରେ ରଖିଲୁ।

ଏ ଘଟଣାର ଦୁଇଦିନ ପରେ ଶୁଣିବାକୁ ମିଳିଲା ଶାଶୁଦେବୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଆମ୍ଭ ଭଉଣୀକୁ ଧରି ଡାକ୍ତରଖାନାରେ ପହଞ୍ଚି ଜାଣିବାକୁ ପାଇଲୁ କି ଏ ଅଘଟଣ ମଧ୍ୟ ସେଇ ସୁନା ପାଇଁ। ବେକରେ ମୋଟା ସୁନା ଅଳଙ୍କାର ପିନ୍ଧି ମହୋଦୟା ବଡି ଭୋରରୁ ଫୁଲତୋଳିବାକୁ ଯିବାବେଳେ ଚୋର ତାଙ୍କ ହାରକୁ ଟାଣିଲା। ଏହା ସହଜରେ ନ ଛିଡନ୍ତେ ପ୍ରଥମେ ଗଳା ଓ ପରେ ପରେ ପ୍ରାଣ ଉପରେ ଚାପ ସୃଷ୍ଟି କଲା।

ତେବେ ମୋର ସୁନା ପ୍ରତି ଶ୍ରଦ୍ଧାବୃଦ୍ଧିର ଅନେକ କାରଣ ଅଛି। ମୁଁ ସବୁବେଳେ ଚାହେଁ ମୋତେ ସମସ୍ତେ ସବୁଠି ଭଲ ପାଆନ୍ତୁ। ମୁଁ ଦେଖିଲି ସମସ୍ତେ ସବୁଠି ଝିଅଙ୍କୁ ଭଲ ପାଉଛନ୍ତି! ସେମାନଙ୍କ ସାଥୀରେ କଥା ହେବାକୁ ହମହମ ହେଉଛନ୍ତି। ଏମିତି କାହିଁକି? ମୁଁ ଅନୁସନ୍ଧାନ କରି ଜାଣିଲି କି ଏହାର କାରଣ ସୁନା! ସୁନାର ଚମତ୍କାରିତା ମୁଁ ପିଲାଦିନୁ ଦେଖିଆସିଛି। ଅମୁକ କାମଟା କରେଇଦେଲେ ଠାକୁରାଣୀଙ୍କୁ ସୁନାର ଆଖି ହଳେ ଦେବେ ବୋଲି ବାପା ଲୋଭ ଦେଖେଇ ବହୁକାର୍ଯ୍ୟ ହାସଲ କରିଛନ୍ତି। କଲେଜକୁ ଯେଉଁ ଟୋକା ବେକରେ ଓ ହାତରେ ମୋଟା ମୋଟା ସୁନା ଚେନ୍, ବଳା ଓ ମୁଦି ଆଦି ପିନ୍ଧିକରି ଆସିଥାଆନ୍ତି, ସେମାନଙ୍କୁ ଅଧ୍ୟାପକେ ପରୀକ୍ଷାରେ ସାଧୁ ସହଯୋଗ କଲାବେଳେ ନିସୁନା ହୋଇଥିବା କାରଣରୁ ଆମକୁ ସାଧୁ ଭାଷାରେ ଶୋଧି ଥାଆନ୍ତି!! ତେଣୁ ମୋର ସୁନା ପ୍ରତି ଆଗ୍ରହ ବଢିଲା ଏବଂ ମୁଁ ବୋଉକୁ ପାମ୍ପଲାଇ ଘରେଥିବା ସୁନା ଅଳଙ୍କାରକୁ ବେକରେ ଓ ହାତରେ ଧାରଣ କଲି। ଆଶ୍ଚର୍ଯ୍ୟଜନକ ଭାବରେ ସବୁଆଡେ ମୋର ଆକର୍ଷଣ ବଢିଲା। ଝିଅମାନେ ବି ମୋ ସହିତ କଥା ହେବାକୁ ଆଗ୍ରହ ପ୍ରକାଶ କଲେ।

ବାହାଘରରେ ବହୁତ ସୁନା ମିଳିବାର ସମ୍ଭାବନା ଅଛି ବୋଲି ମୁଁ ଶୁଣିଥିଲି। କିନ୍ତୁ ଆମେ ନିଜେ ଯେପରି ସାନ ଭଉଣୀର ବାହାଘରରେ କରିଥିଲୁ ସେଥିରେ ମୁଁ ବିଶେଷ ପ୍ରଭାବିତ ହୋଇ ନ ଥିଲି। ତା' ଛଡା ଟିଭିରେ ବାରମ୍ବାର ସ୍ୱାମୀ-ସ୍ତ୍ରୀ କଳହ ଓ ସମାଧାନ ପାଲା ସବୁ ଦେଖି ଦେଖି ମୁଁ ଏକଦମ୍ ଡରି ଯାଇଥିଲି। ତେଣୁ ମୁଁ ଆଗରୁ ବାହା ହେବାକୁ ଅମଙ୍ଗ ହେଉଥିଲି। ଶେଷରେ ନିରାଶ ହୋଇ ବୋଉ ଯେଉଁଦିନ ମୋତେ କହିଲା- ମୋ ସୁନାଟା ପରା! ମୁଁ ତାକୁ ଦେଖିଛି, ତୁ ଥରେ ଯାଇକି ସେ ସୁବର୍ଣ୍ଣ ପ୍ରତିମା ପରି ଲକ୍ଷ୍ମୀକୁ ଦେଖି ଆ! ସେଦିନ ସୁନା କଥା ଶୁଣି ମୋ ମନ ତରଳି ଗଲା। ବୋଉକଥା ମାନି ସେ କନ୍ୟାକୁ ଦେଖିବାକୁ ଗଲି। ଝିଅଘରେ ବସୁ ବସୁ ମୋତେ ଓ ମୋର ସୁନାକୁ ଦେଖି ଝିଅର ବାପା ମୁହଁ ଶୁଖେଇ ପଚାରିଲେ- ଆଜ୍ଞା, ପୁଅ ସୁନାରଣ ସଂସ୍ଥାରେ ଚାକିରି କରନ୍ତି ବୋଧେ! କ୍ଷମା କରିବେ ଆମେ ସେ ପୋଲିସି, ଜେଲ୍ ଚକ୍କରରେ ପଶିବାକୁ ଚାହୁଁନୁ! ସାଥିରେ ବାପା ଯାଇଥିଲେ। ସିଏ କହିଲେ- ନାଇଁ ନାଇଁ। ଆପଣଙ୍କର ଭ୍ରମ ହୋଇଛି। ସିଏ ବ୍ୟବସାୟ କରେ। ଏଥର ଝିଅର ବାପା ଆହୁରି ଉଦ୍‌ବିଗ୍ନ ଜଣାପଡିଲେ ଏବଂ କହିଲେ- ହଁ ପୂର୍ବରୁ ଏପରି ଜଣେ ଆସିଥିଲେ। ସବିଶେଷ ବିବରଣୀ ସଂଗ୍ରହ କରିଲା ପରେ ଜଣାପଡିଲା କି ବ୍ୟବସାୟ ବାହାନା, ବାବୁ ଜଣକ ମଧ୍ୟପ୍ରାଚ୍ୟରୁ ସୁନା ସ୍ମଗଲିଂ କରନ୍ତି। ଆପଣ ଦୟାକରି ଚାଲିଯାଆନ୍ତୁ। ଦେଖିଲେ ତ? ସୁନା ପାଇଁ ଆମକୁ କେତେ ଦହଗଞ୍ଜ ହେବାକୁ ପଡିଲା? ତଥାପି ଲୋକେ ସୁନା ପାଇଁ ବିକଳ! ସୁଯୋଗ ଓ ସୁବିଧା ହେବା ମାତ୍ରେ ଲୋକେ ସୁନା କିଣିବାକୁ ଧାଆନ୍ତି। ଯାହା ଦର ରହୁପଛେ ଲୁଚେଇ କରି ସୁନା କିଣି ଆଣନ୍ତି। ବାଇଗଣ ପୋକରା ଅଛି କି ଭଲ, ପୋଷାକ ବା କପଡାଟି ଭଲ ଅଛି କି ଖରାପ, ମହୁଟା ଅସଲି କି ନକଲି, କ୍ଷୀରରେ ପାଣି ମିଶିଛି ନା ନିରୋଳା, ଏମିତି ବିବିଧ ଦ୍ରବ୍ୟକୁ ଆମେ କିଣିବା ପୂର୍ବରୁ ପରଖୁ। କିନ୍ତୁ ସୁନା? ନାଇଁ ହୋ ସୁନା କିଣିଲା ବେଳେ ଆମେ ସେ ସବୁ ଦେଖୁନା। ଯେମିତି ସବୁ ସୁନା ଖାଣ୍ଟିସୁନା!

ଦୋକାନୀ କହିବ ଆମେ ତାକୁ ପଛରେ ପୁଣି କିଣି ନେବୁନି କି? କିନ୍ତୁ ସେଥିରେ ଦୁଇଟି କଥା ରହିଛି। ପ୍ରଥମ କଥା ହେଉଛି ନୂଆ ସୁନା ବିକ୍ରି କଲାବେଳେ ଦେକାନୀ ପୂରା ବଜାର ଦର କଷିବ କିନ୍ତୁ ସେଇ ସୁନା ପୁରୁଣା ହେଲେ ତାହାକୁ ଗଢାମଜୁରି ବ୍ୟତିରେକ ପୁଣି ବଜାରଦରଠାରୁ କାଟିକରି ନେବ? ଯଦି ସୁନା ଅସଲି ତେବେ ଏପରି କାହିଁକି? ଦ୍ୱିତୀୟ କଥାଟି ହେଲା ସୁନା ଦୋକାନଟି କେତେଦିନ ପର୍ଯ୍ୟନ୍ତ ଥିବ? ଯଦି କିଛି ଦୋନମ୍ବରି କରି ସେ ଦୋକାନ ବା କମ୍ପାନୀ ବନ୍ଦ୍ ହୋଇଗଲା ? ?

ଏସବୁ କଥା ବିଶେଷ ବାହାରେ ଆଲୋଚନା ହୁଏନି। କାରଣ ସୁନା ବ୍ୟାପାରଟି ସର୍ବଦା ଲୁଚାଛପାରେ ହୁଏ। ଲୋକେ ହୋଟେଲକୁ ଖାଇବାକୁ ଗଲେ, ପୋଷାକ କିଣିଲେ ବା ମନ୍ଦିରକୁ ଗଲେ ଫଟୋ ଉଠେଇ ସାମାଜିକ ଗଣ ମାଧ୍ୟମରେ ଛାଡନ୍ତି। କିନ୍ତୁ ଦେଖ ମୁଁ ସୁନା କିଣୁଛିରେ ବୋଲି କେହି ଫଟୋ ଛାଡିବାର ଦେଖିଛନ୍ତି କି? ନା! ମୋ ପାଖରେ କେତେ ସୁନା ଅଛି ମୁଁ ଆପଣଙ୍କୁ କହିବିନି କି ଆପଣ ମୋତେ କହିବେନି। ବଡବଡ ଲୋକଙ୍କ ଘରୁ ଚୋରି ହେଲେ ଅସଲରେ ସୁନା ଚୋରି ହୁଏ ଅଧିକ ପରିମାଣରେ କିନ୍ତୁ ଏତଲାରେ ଲେଖା ହୁଏ କମ୍ ପରିମାଣର। ଡର! କାଳେ ଆୟକର ବାଲା ପୁଣି ଓଲଟି ପ୍ରଶ୍ନ କରିବେ କି ଆପଣଙ୍କର ତ ଆୟ ଏତିକି, ଏତେ ସୁନା କୁଆଡୁ ଆସିଲା?

ମୁଁ ଜାଣେ ଧୀରେ ଧୀରେ ଉପରୋକ୍ତ ଘଟଣା ସବୁକୁ ପଢିଲା ପରେ ଆପଣ ଏବେ କହିବେଣି - ମୋ ସୁନାଟା ପରା.. ଆଉ ବେଶି ଉଖାରନା...!

ଅଲରା, ନରସିଂହପୁର, କଟକ
ମୋ- ୮୮୯୫୮୨୫୮୬୩

## ଏଇ ଭାରତରେ

କୃଷି କେବଳ ଗ୍ରାମାଞ୍ଚଳରେ ସମ୍ଭବ ସହରାଞ୍ଚଳରେ ନୁହେଁ, ଏଭଳି ଧାରଣାକୁ ଦୂର କରିଛନ୍ତି ଭାରତୀୟ ମହାକାଶ ଗବେଷଣା ସଂସ୍ଥାର ଜଣେ ପୂର୍ବତନ ବୈଜ୍ଞାନିକ ପୂର୍ଣ୍ଣିମା ସଭରଗାଁଓକର। ନଡ଼ାରୁ ମାଟି ପ୍ରସ୍ତୁତ କରି ନଡ଼ା ପୋଡ଼ି ସମସ୍ୟାର ସମାଧାନ ପାଇଁ ବାଟ ବି ଦେଖାଇଛନ୍ତି। ଏହି ମାଟିକୁ ଘରେ ଉଦ୍ୟାନ କୃଷିରେ ଲଗାଇ ୭୦ ପ୍ରକାର ଖାଦ୍ୟ ଶସ୍ୟ ଉତ୍ପାଦନ କରିପାରିଛନ୍ତି। ମାତ୍ର ୩୦୦ ବର୍ଗଫୁଟ ବଗିଚାରେ କେବଳ କୁଣ୍ଡରେ ସେ ୬୦ ପ୍ରକାର ଫସଲ ଉତ୍ପାଦନ କରୁଛନ୍ତି। ପୂର୍ଣ୍ଣିମା ରହୁଛନ୍ତି ଗୁଡଗାଁଓରେ। ୨୦୦୩ ଯାଏ ସେ ଇସ୍ରୋରେ କାର୍ଯ୍ୟ କରିବା ପରେ ଚାକିରି ଛାଡ଼ି ଅର୍ବାନ ଫାର୍ମିଂ ପ୍ରତି ଆକୃଷ୍ଟ ହୋଇଥିଲେ। ତାଙ୍କୁ ଏବେ ବୟସ ୫୪। ଅର୍ବାନ କୃଷି ସହ ଜଣେ ସଫଳ ବ୍ୟବସାୟୀ ମଧ ହୋଇପାରିଛନ୍ତି। ସେ 'ଏନରିଚଡ୍ ସଏଲ ଆଣ୍ଡ୍ ସୋଲ' ପ୍ରୋସେସିଂ ୟୁନିଟ୍ ମାଧ୍ୟମରେ ୭ ପ୍ରକାର ମାଟି ପ୍ରସ୍ତୁତ କରି ତାହାକୁ ବିକ୍ରି କରୁଛନ୍ତି। ଜୈବିକ ବର୍ଜ୍ୟରେ ୧,୫୦୦ କିଲୋ ନଡା ଉପଯୋଗ କରି ୧୨ ଟନ ଜୈବିକ ମାଟି ସେ ପ୍ରସ୍ତୁତ କରୁଛନ୍ତି। ଏହି ମାଟି ୪୫ ଦିନରେ ହୋଇଯାଉଛି। ଏହାର ନାମ ଦେଇଛନ୍ତି 'ଅମୃତ ମାଟି'। କୃଷକମାନଙ୍କଠାରୁ ଧାନ, ଗହମ ଓ ବାଜରା ନଡ଼ା ଏବଂ ତାଙ୍କ ଅଞ୍ଚଳରୁ ଘରୋଇ ବର୍ଜ୍ୟ ସଂଗ୍ରହ କରି ପୂର୍ଣ୍ଣିମା ଏହି ମାଟି ତିଆରି କରୁଛନ୍ତି। ଅର୍ବାନ ଗାର୍ଡନର ଭାବେ ଜଣାଶୁଣା ପୂର୍ଣ୍ଣିମା ସହରାଞ୍ଚଳରେ ଅର୍ବାନ ଫାର୍ମିଂ କରିବା ଲାଗି ଏକ ୟୁଟ୍ୟୁବ ଚ୍ୟାନେଲ ମଧ୍ୟ ଆରମ୍ଭ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଡିସେମ୍ବର ୧୯୯୫

- ରୁଷୀୟ ସେନା ଓ ଚେଚନିଆ ଗେରିଲାଙ୍କ ମଧ୍ୟରେ ତୁମୁଳ ସଂଘର୍ଷ ଘଟି ୨୬ ଜଣ ବେସାମରିକ ବ୍ୟକ୍ତି ନିହତ।
- ପେଶାଓ୍ୱାରର ଉତ୍ତର-ପଶ୍ଚିମାଞ୍ଚ ସହରରେ କାର୍ ବୋମା ବିସ୍ଫୋରଣ ଘଟି ୪୨ ଜଣ ଲୋକ ପ୍ରାଣ ହରାଇବା ପରେ ଶତାଧିକ ଆଫଗାନ ନାଗରିକ ଗିରଫ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 0 | | | | 1 | | | 3 | | | | | | |
| | 1 | 2 | | | | C | | | | E | | | | 0 |
| D | | | | | | | | | | | B | C | 8 | 9 |
| 8 | | 6 | | 5 | | | 7 | | C | | 4 | | | |
| | | 5 | | | D | | | 6 | | | 7 | | E | |
| | | | | | 3 | 9 | | | | | | | | |
| | 7 | 9 | | | C | | 6 | | | | | | 4 | B |
| 1 | 8 | | | B | | | | E | 6 | | | 0 | C | |
| A | | | | 4 | | | 3 | D | | 5 | 8 | | 2 | 7 |
| 4 | 3 | | | | | | B | | | 9 | | | A | D |
| | 4 | | A | | | 6 | 0 | | E | | | 8 | | |
| | | | | | | | E | | | 6 | | 2 | | 3 |
| C | | | 8 | 2 | | | | | 9 | | | | | |
| 7 | E | | | 1 | | | 5 | | B | | D | | | C |
| | 5 | | | | | 8 | | 7 | 0 | 2 | A | | | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 8 | 4 | E | 3 | 0 | 6 | C | D | A | 1 | 9 | 7 | 5 | B |
| B | 6 | 7 | 5 | 9 | 8 | 2 | 1 | A | 0 | 3 | D | E | C | 4 |
| 9 | D | E | A | 2 | 1 | 7 | B | 3 | 4 | 5 | C | 8 | 0 | 6 |
| 1 | C | 5 | 7 | D | B | 0 | 9 | 4 | 8 | E | 6 | A | 3 | 2 |
| 3 | A | 0 | 6 | 4 | C | 5 | 8 | E | B | 7 | 2 | D | 1 | 9 |
| 0 | 1 | 2 | 8 | E | D | 3 | 4 | 7 | 5 | C | B | 9 | 6 | A |
| 4 | E | D | 1 | B | 5 | 8 | 6 | C | 3 | 9 | A | 2 | 7 | 0 |
| A | 7 | 3 | 9 | 0 | 6 | B | 5 | 2 | D | 4 | 1 | C | 8 | E |
| 6 | 9 | B | 3 | C | 7 | 1 | A | 0 | E | 2 | 8 | 4 | D | 5 |
| C | 5 | 8 | 4 | A | 2 | E | D | 9 | 7 | 6 | 0 | 1 | B | 3 |
| 7 | 3 | 6 | D | 5 | 4 | C | 0 | 1 | 9 | A | E | B | 2 | 8 |
| 8 | B | 1 | C | 6 | 3 | A | E | 5 | 2 | D | 4 | 0 | 9 | 7 |
| E | 2 | C | 0 | 1 | A | 9 | 7 | 8 | 6 | B | 5 | 3 | 4 | D |
| 5 | 4 | A | 2 | 8 | 9 | D | 3 | B | C | 0 | 7 | 6 | E | 1 |
| D | 0 | 9 | B | 7 | E | 4 | 2 | 6 | 1 | 8 | 3 | 5 | A | C |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଟୋକନ୍ ବ୍ୟବସ୍ଥାରେ ସ୍ୱଚ୍ଛତା ରହୁ

ମହାଶୟ,

ପୁରୀ ବଡ଼ ଦେଉଳରେ ପ୍ରବେଶ କରିବାକୁ ନେଇ ପ୍ରଶାସନ ତରଫରୁ ଦର୍ଶନାଭିଳାଷୀଙ୍କ ପାଇଁ ଟୋକନ୍‌ର ସୁବଣ୍ଟନ ବ୍ୟବସ୍ଥାରେ ସ୍ୱଚ୍ଛତା ଏବଂ ଶୃଙ୍ଖଳିତ ନିୟାମକ ଆଧାରରେ ଭକ୍ତ ଓ ଭକ୍ତି ଭାବାବେଗର ସମନ୍ୱୟ ରକ୍ଷାକରି ମହାପ୍ରଭୁଙ୍କ ଦର୍ଶନ ପାଇଁ ସୁବ୍ୟବସ୍ଥା ଗ୍ରହଣ କରିବା ଲାଗି ସରକାର ଦୃଷ୍ଟି ଦେବା ଉଚିତ। ଦର୍ଶନାଭିଳାଷୀଙ୍କ ପ୍ରବେଶପତ୍ର ବଣ୍ଟନକାରୀ ଦାୟିତ୍ୱରେ ଥିବା ଅଧିକାରୀମାନେ ନିଜେ ଆଇନର ଉର୍ଦ୍ଧ୍ୱରେ ବୋଲି ଭାବି ପ୍ରବେଶପତ୍ର ବଣ୍ଟନରେ ଦୁର୍ନୀତି ଯଦି କରିବସନ୍ତି, ତେବେ ଦର୍ଶନ ବ୍ୟବସ୍ଥାରେ ସବୁଠୁ ବଡ଼ ବିଡ଼ମ୍ବନା ବୋଲି ଧରିନେବାକୁ ହେବ। ଦର୍ଶନ ବ୍ୟବସ୍ଥାରେ ପ୍ରଶାସନ ତରଫରୁ ପାତରଅନ୍ତର କରିବା ଯଥା ଦଶ ବର୍ଷରୁ କମ୍ ଏବଂ ୬୫ ବର୍ଷରୁ ଉର୍ଦ୍ଧ୍ୱଙ୍କୁ ପ୍ରବେଶ ଉପରେ ବାରଣ, ଶ୍ରୀମନ୍ଦିର ସେବାୟତ ପରିବାରବର୍ଗଙ୍କୁ ପ୍ରଥମ ଦୁଇଦିନ ଦର୍ଶନ କରାଇବା ପରେ ପାଞ୍ଚ ହଜାର ଦର୍ଶନାର୍ଥୀ ମଧ୍ୟରେ ସୀମିତ କରି ସାଧାରଣ ଭକ୍ତଙ୍କୁ ଦର୍ଶନର ଅନୁମତି ପ୍ରଦାନ କରାଯିବା। ନବକଳେବର ଜନିତ ଘଟ ପରିବର୍ତ୍ତନ କିମ୍ବା ପ୍ରଭୁଙ୍କ ଗୁପ୍ତ ସେବାନୀତି ଏ ନୁହେଁ ଯେ ସେବାୟତମାନଙ୍କୁ ଅଗ୍ରାଧିକାର ପ୍ରଦାନ କରାଯିବା କେତେ ଯୁକ୍ତିସଙ୍ଗତ। ଶ୍ରୀଜଗନ୍ନାଥ ମହାପ୍ରଭୁ କେବଳ ସେବାୟତଙ୍କର ନା ପୁରୀବାସୀଙ୍କର ନା ସାରା ଭକ୍ତ ସମାଜର ?

- ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କି ଅଭିସାରେ ଅନ୍ଧ ଆଜି
ଅଙ୍ଗେ ଭରେ ଗନ୍ଧ ରାଜି
ଅଧରେ ତବ ପଲାଶ-ରାଗ ରଞ୍ଜଇ
ଦଶନ ମୂଳେ କୁନ୍ଦହାସ ଗଞ୍ଜଇ।
-(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଆର୍‌ଏମ୍‌ସି ମାର୍କେଟ କମ୍ପ୍ଲେକ୍ସରେ ଅଗ୍ନିକାଣ୍ଡ**

ଯାଜପୁର ଟାଉନ, (ଡି.ଏନ.ଏ.): ଯାଜପୁର ସହର ଆରଏମ୍‌ସି ମାର୍କେଟ କମ୍ପ୍ଲେକ୍ସରେ ଶୁକ୍ରବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିବା ଯୋଗୁ କେତେକ ଦୋକାନ ସାମଗ୍ରୀ ପୋଡ଼ିଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଥିବାବେଳେ ସେଠାରେ ଥିବା ପରିବା ପ୍ଲାଷ୍ଟିକ୍ ଟ୍ରେଗୁଡ଼ିକ ପୋଡ଼ିଯିବାରୁ ନିଆଁ ବ୍ୟାପକ ହୋଇଥିଲା। ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସ୍ଥାନୀୟ ଅଞ୍ଚଳର ତପନ ନନ୍ଦ, ଗୌରାଙ୍ଗ ପଣ୍ଡା, ମାନସ ପାଣିଗ୍ରାହୀ ଓ ଟୁନୁ ମିଶ୍ର ସମେତ ଯୁବକମାନେ ନିଆଁ ଲିଭାଇବାରେ ସହଯୋଗ କରିଥିଲେ। ଗୋଟିଏ ବସ୍ ଓ ପିକଅପ୍ ଭ୍ୟାନ୍ ଅଗ୍ନିକାଣ୍ଡରୁ ବର୍ତ୍ତିଯାଇଥିଲା।

## ସଂକ୍ଷେପରେ

### ଟ୍ରାକ୍ଟର ଧକ୍କାରେ ବୃଦ୍ଧ ମୃତ

**ବିଞ୍ଝାରପୁର,୨୫।୧୨(ଡି.ଏନ.ଏ.):** ବିଞ୍ଝାରପୁର ଥାନା ଫତେପୁର ପଞ୍ଚାୟତ ମଲଆ ଯଜ୍ଞପଡ଼ିଆ ନିକଟରେ ଶୁକ୍ରବାର ଅପରାହ୍ଣରେ ଏକ ଟ୍ରାକ୍ଟର ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଂଶୀପୁର ଗ୍ରାମର ଅରୁଣ ଦାସ(୫୫)। ସେ ଚାଲିକି ଯାଉଥିବା ବେଳେ ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଆଇଆଇସି ନିରଞ୍ଜନ ଶବର ସଦଳବଳ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାସହ ମୃତଦେହ ଜବତ କରି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ଜବତ କରି ତଦନ୍ତ ଚଳାଇଛି। ଟ୍ରାକ୍ଟର ଚାଳକ ଫେରାର ହୋଇଯାଇଛନ୍ତି।

### କଂଗ୍ରେସର ସାଙ୍ଗଠନିକ ବୈଠକ

**ସିଂହପୁର,୨୫।୧୨(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ କଂଗ୍ରେସର ସାଙ୍ଗଠନିକ ବୈଠକ ମଇନ୍ଦା ସ୍ଥିତ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ମନୋଜ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରଦେଶ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ଭାବେ ଜ୍ଞାନଦେବ ବେଉରା, ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତ, ଦୁର୍ଯ୍ୟୋଧନ ବେହେରା, ମନୋରଞ୍ଜନ ଦାସ, ପ୍ରାକ୍ତନ ବ୍ଲକ ଅଧକ୍ଷା କନକଲତା ମଲିକ, ବରିଷ୍ଠ କଂଗ୍ରେସ ନେତା ଚନ୍ଦ୍ର ଶେଖର ଧଳ ପ୍ରମୁଖ ଯୋଗଦେଇ ବ୍ଲକ କଂଗ୍ରେସ ସଂଗଠନକୁ ମଜଭୁତ କରିବାକୁ ଜଣେ ଦକ୍ଷ ବ୍ୟକ୍ତିଙ୍କୁ ସଭାପତି ଭାବେ ବାଛିବା ପାଇଁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଉପସ୍ଥିତ କର୍ମୀ ଜରି ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ତଥା ପୂର୍ବତନ ବ୍ଲକ କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ ପାତ୍ରଙ୍କ ନାମ ସୁପାରିସ କରିଥିଲେ। ଅଳ୍ପ କେତେଜଣ କର୍ମୀ କୁଞ୍ଜବିହାରୀ ବେହେରାଙ୍କ ନାମ ପ୍ରସ୍ତାବ ଦେଇଥିଲେ। ବୈଠକରେ ୨୯ ପଞ୍ଚାୟତର ମୁଖ୍ୟ କର୍ମୀ ଯୋଗଦେଇ ପାତ୍ରଙ୍କ ନାମକୁ ସମର୍ଥନ କରିଥିଲେ।

### ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

**ରସୁଲପୁର,୨୫।୧୨(ଡି.ଏନ.ଏ.):** ରସୁଲପୁର ବ୍ଲକ ଅଧୀନ ୧୬ନଂ ଜାତୀୟ ରାଜପଥ ବିଜୁନଗରଠାରେ ଏକ ଅଜଣା ଗାଡି ଧକ୍କାରେ କ୍ଷୀରୋଦ କୁମାର ଓଝା ନାମକ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ଅନ୍ୟଜଣେ ଆହତ ହୋଇଛନ୍ତି। ମୃତ ଯୁବକ ଯାଜପୁର ରୋଡ୍ ଥାନା ସନ୍ତରା ଅଞ୍ଚଳର ବୋଲି ଜଣାପଡିଛି। ସେ କଟକରୁ ଘରକୁ ଫେରୁଥିବାବେଳେ ରାତି ପ୍ରାୟ ୯ଟା୪୦ରେ ଏକ ଅଜଣା ଗାଡ଼ି ପଛରୁ ଆସି ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। କୁଆଖିଆ ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିବା ସହ ଆହତ ଯୁବକଙ୍କୁ ଉଦ୍ଧାର କରି ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

### ଉଦ୍‌ଘାଟନ ପୂର୍ବରୁ ଫଳକ ଭାଙ୍ଗିଲେ ଦୁର୍ବୃତ୍ତ

**ବରୀ,୨୫।୧୨(ଡି.ଏନ.ଏ.):** ବରୀ-କଳାମାଟିଆ ରାସ୍ତାର ଅରଙ୍ଗାବାଦ ପଞ୍ଚାୟତ ନିକଟସ୍ଥ ଚତରଠାରୁ ବାଲିବିଲିର ଗାନ୍ଧୀଛକ ପର୍ଯ୍ୟନ୍ତ ରାସ୍ତା ଆଲୋକୀକରଣ ବ୍ୟବସ୍ଥାର ଶୁକ୍ରବାର ଉଦ୍‌ଘାଟନ ହେବାର ଥିଲା। ମାତ୍ର ଗୁରୁବାର ରାତିରେ କେହି ଦୁର୍ବୃତ୍ତ ଆସି ଉଦ୍‌ଘାଟନ ହେବାକୁ ଥିବା ଫଳକକୁ ଭାଙ୍ଗି ଦେଇଥିଲେ। ଫଳରେ ଉଦ୍‌ଘାଟନ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହୋଇଥିଲା। ଉକ୍ତ ରାସ୍ତାଟି ନିଛାଟିଆ ହୋଇଥିବାରୁ ଏଠାରେ ବାରମ୍ବାର ଦୁର୍ଘଟଣା ଘଟିବା ସହ ବିଭିନ୍ନ ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଉଥିଲା। ଏହାକୁ ଦୃଷ୍ଟିରେ ରଖି ରାସ୍ତାକୁ ଆଲୋକୀକରଣ କରିବା ପାଇଁ ବିଧାୟିକା ସୁନନ୍ଦା ଦାସ ଗୁରୁତ୍ୱ ଦେଇଥିଲେ। ଏଥିପାଇଁ ବିଧାୟିକାଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଅର୍ଥ ମଞ୍ଜୁର ହୋଇଥିଲା। ତେବେ ପଞ୍ଚାୟତ ସମିତି ବୈଠକ ଦିନଠାରୁ ଶାସକ ବିଜେଡି ଓ ଭାଜପା ମଧ୍ୟରେ ତିକ୍ତତା ଲାଗି ରହିବା, ପରସ୍ପର ଆକ୍ରମଣ, ପ୍ରତିଆକ୍ରମଣ କରିବା ଏବଂ ଫଳକ ଭଙ୍ଗା ଘଟଣାକୁ ବହୁ ବୁଦ୍ଧିଜୀବୀ ନିନ୍ଦା କରିଛନ୍ତି।

# ଏଫ୍‌ଓ ଅପମିଶ୍ରଣର ଆଡ୍ଡାସ୍ଥଳ ନଳିପୁର

**ଯାଜପୁର ଅଫିସ,୨୫।୧୨**

- ମାସିକ ଲକ୍ଷାଧିକ ଟଙ୍କାର କାରବାର
- ପାରାଦୀପରୁ ରପ୍ତାନି ହେଉଛି ତୈଳ ଜାତୀୟ ଇନ୍ଧନ

ଯାଜପୁର ଜିଲା ଦେଇ ଯାଇଥିବା ଚଣ୍ଡିଖୋଲ-ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥର ବାଳିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନଳିପୁର ନିକଟ ଅଞ୍ଚଳ ତୈଳ ଜାତୀୟ ଇନ୍ଧନ ଅପମିଶ୍ରଣର ଆଡ୍ଡାସ୍ଥଳୀ ପାଲଟିଛି। ଏଠାରେ ବିଶେଷକରି ଭାରତୀୟ ତୈଳ ନିଗମ ଲିଃ (ଆଇଓସିଏଲ)ର ପାରାଦୀପ ତୈଳ ବିଶୋଧନାଗାରରୁ ବିଭିନ୍ନ ସ୍ଥାନକୁ ରପ୍ତାନି ହେଉଥିବା ତୈଳ ଜାତୀୟ ଇନ୍ଧନ ଫର୍ଣ୍ଣେସ ଅଏଲ(ଏଫ୍‌ଓ)ରେ ଅପମିଶ୍ରଣ ହେଉଥିବା ଅଭିଯୋଗ ହୋଇଛି। ଏଥିରେ ଆଇଓସିଏଲର ସଂପୃକ୍ତ ପରିବହନ ସଂସ୍ଥାର ଏଜେଣ୍ଟ ଏବଂ ପୋଲିସ ମଧ୍ୟରେ ମାସିକ ଲକ୍ଷାଧିକ ଟଙ୍କାର କାରବାର ହେଉଛି। ଫଳରେ ଏଫ୍‌ଓ ବ୍ୟବହାର କରୁଥିବା ବିଭିନ୍ନ ଶିଳ୍ପ କାରଖାନା ବହୁଳ ଭାବେ କ୍ଷତିରେ ପଡୁଥିବା ସହ ଯନ୍ତ୍ରାଂଶଗୁଡିକ ଉପରେ ନକାରାତ୍ମକ ପ୍ରଭାବ ପଡୁଥିବା ମତପ୍ରକାଶ ପାଇଛି।

ଚଣ୍ଡିଖୋଲ ଛକଠାରୁ ପ୍ରାୟ ୨୦ କିମି ଦୂର ପାରାଦୀପ ରାସ୍ତାର ବାମ ପାର୍ଶ୍ୱରେ ରହିଛି ଏଫ୍‌ଓ ଅପମିଶ୍ରଣର ଆଡ୍ଡାସ୍ଥଳ ନଳିପୁର। ଏହାର ସମ୍ମୁଖରେ ପ୍ରସିଦ୍ଧ ଓଲାଶୁଣି ପାହାଡ଼। ଏହି ରାସ୍ତାଦେଇ ପ୍ରତ୍ୟହ ବହୁ ସଂଖ୍ୟାରେ ପର୍ଯ୍ୟଟକ ଯିବାଆସିବା କରୁଛନ୍ତି। ଏପରିକି ପାରାଦୀପ ତୈଳ ବିଶୋଧନାଗାରରୁ ଯାଜପୁର, କେଉଁଝର, ରାଉରକେଲା, ଝାରସୁଗୁଡ଼ା, ସମ୍ବଲପୁର ଇତ୍ୟାଦି ଅଞ୍ଚଳରେ ଥିବା ଶିଳ୍ପ କାରଖାନାଗୁଡିକୁ ଫର୍ଣ୍ଣେସ ଅଏଲ, ଲାଇଟ ଡିଜେଲ ଆଦି ତୈଳଜାତୀୟ ଇନ୍ଧନ ଟ୍ୟାଙ୍କର ଗାଡିରେ ପରିବହନ ହେଉଛି। ତେବେ ନଳିପୁରଠାରେ ଯୋଜନାବଦ୍ଧ ଭାବେ ଏହି ପରିବହନ ଟ୍ୟାଙ୍କର ଗାଡିରୁ ଫର୍ଣ୍ଣେସ ଅଏଲ ବାହାର କରି ସେଥିରେ ଅନ୍ୟାନ୍ୟ ବିପଦପୂର୍ଣ୍ଣ ରାସାୟନିକ ସାମଗ୍ରୀ ମିଶାଇ ଦିଆଯାଉଛି। ଏଠାରେ ଦୈନିକ ପ୍ରାୟ ୧୦ଟି ଟ୍ୟାଙ୍କରରୁ ପାଖାପାଖି ୫ ଲକ୍ଷ ଟଙ୍କା ମୂଲ୍ୟର ଫର୍ଣ୍ଣେସ ଅଏଲ କଢ଼ା ଯାଉଥିବା ଚର୍ଚ୍ଚା ହେଉଛି।

ନଳିପୁର ଆଡ୍ଡାରେ ପ୍ରଥମରୁ ଅନେକ ପୁରୁଣା ଟ୍ୟାଙ୍କର ଗାଡି ରଖାଯାଇଛି। ପାରାଦୀପରୁ ଆସୁଥିବା ନୂଆ ଟ୍ୟାଙ୍କର ଗାଡିରେ ଚଞ୍ଚକତା କରି ପାଇପ୍ ଯୋଗେ ସେହି ପୁରୁଣା ଗାଡିରେ ଭର୍ତ୍ତି କରାଯାଉଛି। ଟ୍ୟାଙ୍କର ପୂର୍ଣ୍ଣ ହେବା ପରେ ସେହି ଚୋରା ଫର୍ଣ୍ଣେସ ଅଏଲକୁ ବାହାରକୁ ରପ୍ତାନି କରାଯାଉଛି ବୋଲି ଖବର ମିଳିଛି । ତେବେ ଏ ସଂକ୍ରାନ୍ତରେ ବାଳିଚନ୍ଦ୍ରପୁର ଥାନା କର୍ତ୍ତୃପକ୍ଷ ସବୁ ଜାଣିଶୁଣି ନୀରବ ରହିଛନ୍ତି। ଏପରି କି ଶିଳ୍ପ କାରଖାନାରେ ଫର୍ଣ୍ଣେସ ଅଏଲ ମାନ ପରୀକ୍ଷା ଦାୟିତ୍ୱରେ ରହୁଥିବା କେତେଜଣ କର୍ମଚାରୀ ମଧ୍ୟ ପରିବହନ ସଂସ୍ଥା ସହ ମିଳିମିଶି ଏଭଳି ଲୁଟ୍ ଜାରି ରଖିଛନ୍ତି। ଏହି ଫର୍ଣ୍ଣେସ ଅଏଲ ଲୁଟ୍ କାରବାରରେ ପରିବହନ ସଂସ୍ଥା, ଏଜେଣ୍ଟ, ଶିଳ୍ପ କାରଖାନା କର୍ମଚାରୀଙ୍କଠାରୁ ଆରମ୍ଭ କରି ବଡ଼ବଡିଆ ଅଧିକାରୀଙ୍କ ପର୍ଯ୍ୟନ୍ତ ଚେର ଲମ୍ବିଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ବାଳିଚନ୍ଦ୍ରପୁର ଥାନା ଆଇଆଇସି ସୁକାନ୍ତ ପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ନଳିପୁରଠାରେ ଯଦି ବେଆଇନ ଭାବେ ଫର୍ଣ୍ଣେସ ଅଏଲ କାରବାର ଚାଲିଛି, ସେଠାରେ ଚଢାଉ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।



୫୩ ନମ୍ବର ଜାତୀୟ ରାଜପଥ କଡ଼ରେ ଫର୍ଣ୍ଣେସ ଅଏଲ ଅପମିଶ୍ରଣ କରାଯାଉଛି।

# ନିରାଡମ୍ବରରେ ହେଲା ଡେରାବିଶ ମହୋତ୍ସବ

**ଡେରାବିଶ,୨୫।୧୨(ସ୍ୱ.ପ୍ର.)**

ଡେରାବିଶର ପ୍ରାଚୀନ ଐତିହ୍ୟ ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିଥିବା ଡେରାବିଶ ମହୋତ୍ସବ ଚଳିତବର୍ଷ ନବମ ବର୍ଷରେ ପହଞ୍ଚି ଥିଲା । ପ୍ରତିବର୍ଷ ଡେରାବିଶ ସାଂସ୍କୃତିକ ସଙ୍ଗଠନ ଓ ପ୍ରଶାସନର ମିଳିତ ଆନୁକୂଲ୍ୟରେ ଡିସେମ୍ବର ୨୫ରୁ ୩୧ ପର୍ଯ୍ୟନ୍ତ ସପ୍ତାହେ ବ୍ୟାପୀ ଏହି ମହୋତ୍ସବ ଅନୁଷ୍ଠିତ ହେଉଥିଲା। ମାତ୍ର ମହାମାରୀ କରୋନା କଟକଣା ପାଇଁ ଚଳିତବର୍ଷ ଶୁକ୍ରବାର ପ୍ରତୀକାତ୍ମକ ମହୋତ୍ସବ ନିରାଡ଼ମ୍ବର ଭାବେ ପାଳିତ ହୋଇଛି । ଏହି ଅବସରରେ ଶ୍ରୀ ଦଧିବାମନଜୀଉଙ୍କ ମନ୍ଦିରରେ ସମଗ୍ର ବିଶ୍ୱକୁ କରୋନାରୁ ମୁକ୍ତ କରିବା ପାଇଁ ସମବେତ ପ୍ରାର୍ଥନା କରାଯାଇଥିଲା। ସାମାଜିକ ଦୂରତ୍ୱ ମଧ୍ୟରେ ଘଣ୍ଟ ସଂକୀର୍ତ୍ତନ ଶୋଭାଯାତ୍ରା ମଧ୍ୟରେ ଶ୍ରୀଜୀଉଙ୍କ ମନ୍ଦିରରୁ ଏକ ମଶାଲ ଓ ଜୀଉଙ୍କ ବିଜେ ପ୍ରତିମାଙ୍କୁ ଡେରାବିଶ ମିନିଷ୍ଟାଡ଼ିୟମ୍‌କୁ ନିଆଯାଇଥିଲା। ସଙ୍ଗଠନର ସଭାପତି ଅଧ୍ୟାପକ ଦେବଦତ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ପ୍ରତୀକାତ୍ମକ ସଭାରେ ୯ଟି ଦୀପ ପ୍ରଜ୍ୱଳନ କରାଯାଇଥିଲା। ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ଇଂ. ଭକ୍ତକବି ଦାସ, ପ୍ରାଧ୍ୟାପକ ଅଜୟ କୁମାର ରାଉତ, ସାମାଜିକ କର୍ମୀ ହଳଧର ଦାଶ, ଅଧ୍ୟାପକ ଗୁରୁଚରଣ ସେଠୀ, ଅଧ୍ୟାପକ ପ୍ରଭାକର ସାମଲ, ଅଧ୍ୟାପକ ଗୋଲଖ ମହାଭୋଇ, ସରପଞ୍ଚ ପୂର୍ଣ୍ଣାନନ୍ଦ ବେହେରା, ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ, ବିପିନ ବିହାରୀ ସାହୁ, ସଚ୍ଚିକାନ୍ତ ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶ୍ୱ, ଦେଶ ଓ ରାଜ୍ୟରୁ କିପରି କରୋନା ମୁକ୍ତ ହେବ ସେ ନେଇ ଜୀଉଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶାହାଜାହାନ୍ ଖାଁ, ଅତୁଲ୍ୟ କୁମାର ରଥ, ନିକୁଞ୍ଜ ବିହାର ଦାସ, ମରୁତ ସ୍ୱାଇଁ, ଅଭିମନ୍ୟୁ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

### ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଦଶପଲ୍ଲା,୨୫।୧୨(ଡି.ଏନ୍.ଏ.)**–ଦଶପଲ୍ଲା ପଞ୍ଚାୟତ ସମିତି ଆନୁକୂଲ୍ୟରେ ଗୁରୁବାର ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଏହି ଟୁର୍ନାମେଣ୍ଟର ଗ୍ରୁପ୍ ଏ ରେ ୮ଟି ଦଳ ଥିବାବେଳେ ଗ୍ରୁପ୍ ବି ରେ ୮ଟି ଦଳ ଅଛନ୍ତି। ଆସନ୍ତା ୨୬ ତାରିଖରେ ସେମିଫାଇନାଲ ଏବଂ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ ଜଣାଇଛନ୍ତି ।

# ଡାକ୍ତର ନ ଥିବାରୁ ଉଦ୍‌ବେଗ




ବୈଠକରେ ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ।

**ରାଜନଗର, ୨୫।୧୨(ଡି.ଏନ.ଏ.)**

### ରୋଗୀ କଲ୍ୟାଣ ସମିତି ବୈଠକ

ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ରୋଗୀ କଲ୍ୟାଣ ସମିତିର ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘଦିନ ହେବ ସ୍ତ୍ରୀ ଓ ପ୍ରସୂତି ସମେତ ୪ଟି ବିଭାଗରେ ଡାକ୍ତର ନ ଥିବାରୁ ରୋଗୀମାନେ ଅସୁବିଧା ଭୋଗୁଛନ୍ତି ବୋଲି ଅଭିଯୋଗ ହୋଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ରାଜନଗର, ମହାକାଳପଡ଼ା, ପଟ୍ଟାମୁଣ୍ଡାଇ ପ୍ରଭୃତି ଅଞ୍ଚଳରୁ ଦେଢ଼ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରିଥାନ୍ତି। ଡାକ୍ତର ନିଯୁକ୍ତି, ଅନ୍ୟ ସ୍ୱାସ୍ଥ୍ୟ ସମସ୍ୟା ବିଷୟ ଉପରେ ବୈଠକରେ ଆଲୋଚନା ହୋଇଥିଲା। ରାଜନଗର ବିଧାୟକ ତଥା ରୋଗୀ କଲ୍ୟାଣ ସମିତିର ଅଧ୍ୟକ୍ଷ ଧ୍ରୁବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀମାନଙ୍କୁ ଉନ୍ନତ ଚିକିତ୍ସା ଯୋଗାଇ ଦେବାକୁ ନିଷ୍ପତ୍ତି ନିଆଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧିକ ଡାକ୍ତର ନିଯୁକ୍ତି ପାଇଁ ସରକାରୀ ସ୍ତରରେ ଚେଷ୍ଟା କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ୧୦ ଲକ୍ଷ ୫୦ ହଜାର ଟଙ୍କାର ବଜେଟ ପ୍ରସ୍ତୁତ କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କମ୍ୟୁନିଟି ଶୌଚାଳୟ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି। ବିଭିନ୍ନ ଦୁର୍ଘଟଣାରେ ଆସୁଥିବା ରୋଗୀଙ୍କୁ ମାଗଣାରେ ଜରୁରୀ ସେବା ଯୋଗାଇ ଦିଆଯିବ। ଅଜଣା ରୋଗୀଙ୍କୁ ତାଙ୍କର ସମ୍ପର୍କୀୟ ଆସିବା ଯାଏ ସମସ୍ତ ଚିକିତ୍ସା ସହ ଗୁରୁତର ରୋଗୀଙ୍କୁ ସ୍ଥାନାନ୍ତର କାର୍ଯ୍ୟ ମାଗଣାରେ କରିବାକୁ ସଦସ୍ୟ ଅଶୋକ କୁମାର ପ୍ରତିହାରୀ ପ୍ରସ୍ତାବ ଦେଇଥିଲେ। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁ ରୋଗ ବିଶେଷଜ୍ଞ ଡା. ରଶ୍ମିରଞ୍ଜନ ମହାନ୍ତି ମୁଖ୍ୟ ଚିକିତ୍ସା ଅଧିକାରୀ ଦାୟିତ୍ୱରେ ଅଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେଶନରେ ଆସି ଡା. ଆଶୁତୋଷ ବାରିକ ରୋଗୀସେବା କରୁଛନ୍ତି। ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଛାଡିଦେଲେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ବି ସ୍ଥାୟୀ ଡାକ୍ତର ନାହାନ୍ତି। ୯ ମାସ ତଳେ ୪ଜଣ ଡାକ୍ତର ନିଯୁକ୍ତି ପାଇଥିଲେ। ସେମାନଙ୍କ ମଧ୍ୟରୁ ୨ଜଣ ପିଜି ପାଇଁ ଚାଲି ଯାଇଛନ୍ତି। ଅନ୍ୟ ଦୁଇଜଣ ଡାକ୍ତର ଦୀର୍ଘଦିନ ହେଲା ଛୁଟିରେ ରହି ଆସୁନାହାନ୍ତି ବୋଲି ଚିକିତ୍ସାଧିକାରୀ ସୂଚନା ଦେଇଥିଲେ। ଏକ୍ସ-ରେ ଓ ଇସିଜି ମେଶିନର ଆବଶ୍ୟକତା ଥିବାରୁ ସରକାର ଯୋଗାଇ ଦିଅନ୍ତୁ, ନଚେତ ରୋଗୀ କଲ୍ୟାଣ ସମିତିକୁ କିଣିବାକୁ ଅନୁମତି ଦେବାକୁ ଚିଠି ଲେଖିବାକୁ ନିଷ୍ପତ୍ତି ହୋଇଛି। ବୋଟ ଆମ୍ବୁଲାନ୍ସ ରାତ୍ରିକାଳୀନ ସେବା ଯୋଗାଇ ଦେବାକୁ ଚିଠି ଲେଖିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟରାମ ସେଠୀ, ବିଡିଓ ମନ୍ଦରଧର ମହାଲିକ, ନିର୍ବାହୀ ଯନ୍ତ୍ରୀ ଇଂ. ଅମିୟ କୁମାର ସିହ୍ନା, କନିଷ୍ଠ ଯନ୍ତ୍ରୀ ଦେବାଶିଷ ସାମଲ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ।

### ଜଳିଗଲା ୮ ବଖରା: ୩ ଗାଈ, ୨ ବାଛୁରି ଦଗ୍ଧ

**ଧର୍ମଶାଳା,୨୫।୧୨(ଡି.ଏନ.ଏ.)**

ଧର୍ମଶାଳା ତହସିଲ ଅଧୀନ ସାଲେପୁର ଓ ବଡ଼ବାରି ଗ୍ରାମରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟି ୫ ପରିବାରର ୮ ବଖରା ଘର ଜଳିଯାଇଥିବାବେଳେ ୩ ଗାଈ ଓ ୨ ବାଛୁରି ଦଗ୍ଧ ହୋଇଛନ୍ତି। ସାଲେପୁର ଗ୍ରାମର ନିତ୍ୟାନନ୍ଦ ମଲ୍ଲିକଙ୍କ ଘରେ ଅଗ୍ନିକାଣ୍ଡ ଘଟି ୨ ବଖରା ଜଳିଯାଇଥିବା ବେଳେ ତାଙ୍କର ୨ ଗାଈ ଓ ୧ ବାଛୁରି ଦଗ୍ଧ ହୋଇଛନ୍ତି। ସେହିପରି ଭରତ ମଲିକଙ୍କ ୨ ବଖରା ଘର ପୋଡିଯାଇଥିବା ବେଳେ ଗୋଟିଏ ଗାଈ ଓ ଗୋଟିଏ ଛେଳି ଦଗ୍ଧ ହୋଇଛନ୍ତି। ଚିତ୍ତରଞ୍ଜନ ମଲ୍ଲିକଙ୍କ ୨ ବଖରା ଜଳି ପାଉଁଶ ହୋଇଯାଇଛି। ରବୀନ୍ଦ୍ର ମଲ୍ଲିକଙ୍କ ଏକ ବଖରା ଜଳି ପାଉଁଶ ହୋଇଯାଇଛି। ପାଟପୁର ପଞ୍ଚାୟତ ବଡ଼ବାରି ସାହିରେ ଅଗ୍ନିକାଣ୍ଡ ଘଟି ଛବୀନ୍ଦ୍ର ମଲିକଙ୍କ ଗୋଟିଏ ବଖରା ପୋଡି ଯାଇଛି। ଶୁକ୍ରବାର ସାଲେପୁର ଆରଆଇ ରଞ୍ଜନ ବିଶ୍ୱାଳ ପଲିଥିନ ବଣ୍ଟନ କରିବା ସହିତ କ୍ଷୟକ୍ଷତି ଆକଳନ କରିଛନ୍ତି। ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ସରପଞ୍ଚ ନଗେନ ଦାସଙ୍କ ସହିତ ଅଗ୍ନିବିପନ୍ନ ପରିବାକୁ ଭେଟି କମ୍ବଳ ବଣ୍ଟନ କରିଛନ୍ତି।

# ଅଧିକାରର ସୁରକ୍ଷା, କର୍ତ୍ତବ୍ୟ ଉପରେ ଗୁରୁତ୍ୱ

**ଜଗତ୍‌ସିଂହପୁର ଅଫିସ, ୨୫।୧୨**




କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ।

ଭାରତରେ ୧୯୮୬ ଡିସେମ୍ବର ୨୪ରେ ଖାଉଟି ସୁରକ୍ଷା ଅଧିନିୟମ ଲାଗୁ ହୋଇଥିଲା। ସେହିଦିନଠାରୁ ଉପଭୋକ୍ତାମାନଙ୍କୁ ତାଙ୍କ ଅଧିକାର ପ୍ରଦାନ କରାଯାଇଥିଲା। ତେଣୁ ନାଗରିକମାନେ ସେମାନଙ୍କ ଅଧିକାରର ସୁରକ୍ଷା ସହ କର୍ତ୍ତବ୍ୟ ପ୍ରତି ଦାୟିତ୍ୱବାନ ହେବା ଆବଶ୍ୟକ। ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଜାତୀୟ ସୂଚନା ଓ ପ୍ରଯୁକ୍ତି ଭିସି କୋଠରିରେ ୱେବିନାର ମାଧ୍ୟମରେ ଅନୁଷ୍ଠିତ ଜଲାସ୍ତରୀୟ ଖାଉଟି ଅଧିକାର ଦିବସ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ସରୋଜ କୁମାର ମିଶ୍ର ଏହା କହିଛନ୍ତି। ସେ କହିଥିଲେ, ୨୦୧୯ରେ ଏହି ଆଇନରେ ସଂଶୋଧନ ହୋଇଥିଲା। ଦେଶର ଯେ କେହି ଖାଉଟି କ୍ଷତିଗ୍ରସ୍ତ ହୋଇଥିଲେ କ୍ଷତିପୂରଣ ପାଇବାକୁ ନିଜ କର୍ମସ୍ଥଳୀରେ ରହି ଉପଯୁକ୍ତ ଫୋରମରେ ମାମଲା ଦାଏର କରିପାରିବେ। ୧ କୋଟି ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ପାଇବା ପାଇଁ ଜିଲା ଖାଉଟି ବିବାଦ ପ୍ରତିକାର ଆୟୋଗରେ ମାମଲା କରିହେବ। ସେହିପରି ୧୦କୋଟି ଟଙ୍କା ପର୍ଯ୍ୟନ୍ତ ରାଜ୍ୟ ଖାଉଟି ବିବାଦ ପ୍ରତିକାର ଆୟୋଗ ଓ ତା'ଠାରୁ ଅଧିକ ଟଙ୍କାର କ୍ଷତିପୂରଣ ପାଇବା ପାଇଁ ଜାତୀୟ ଖାଉଟି ବିବାଦ ପ୍ରତିକାର ଆୟୋଗରେ ଆବେଦନ କରିବାକୁ ପଡିବ। ଅନ୍ୟପକ୍ଷେ ଇଲେକ୍ଟ୍ରୋନିକ୍ସ

### ଜିଲାସ୍ତରୀୟ ଜାତୀୟ ଖାଉଟି ଦିବସ

ଯନ୍ତ୍ର ମାଧ୍ୟମରେ ହେଉଥିବା ଦେଣ-ନେଣ ମଧ୍ୟ ଏହି ଆଇନ ପରିସରଭୁକ୍ତ ହୋଇଛି। ଆମାଜନ ଓ ଫ୍ଲିପକାର୍ଟ ଭଳି କମ୍ପାନୀକୁ ଆଇନ ପରିସରଭୁକ୍ତ କରାଯାଇଛି। ନୂଆ ବୈଷୟିକ ଜ୍ଞାନ କୌଶଳ ଦେଶରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି। କୋଭିଡ୍ ପରିସ୍ଥିତିରେ ମଧ୍ୟ ୱେବିନାର ମାଧ୍ୟମରେ ନିଜ ନିଜର ମତ ରଖି ପାରୁଥିବା ଜିଲାପାଳ ମିଶ୍ର କହିଥିଲେ। ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ତଥା ଜିଲା ଖାଉଟି ସୁରକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ସାହୁ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ସେ କହିଥିଲେ, ପ୍ରତ୍ୟେକ ଜଣେ ଜଣେ ଖାଉଟି ତଥା ଉପଭୋକ୍ତା। ଖାଉଟି ସୁରକ୍ଷା ଅଧିନିୟମ ଓ ସୂଚନା ଅଧିକାର ଆଇନ ଦ୍ୱାରା କାର୍ଯ୍ୟଧାରାରେ ସ୍ୱଚ୍ଛତା ବୃଦ୍ଧି ପାଉଥିବା କହିଥିଲେ। ଆଇନଜୀବୀ ତଥା ମୁଖ୍ୟବକ୍ତା ରଣଜିତ ମହାନ୍ତି ଖାଉଟି ସୁରକ୍ଷା ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଜଗତ୍‌ସିଂହପୁର ବୈଧ ମାପ ଓ ଓଜନ ସହାୟକ ନିୟନ୍ତ୍ରକ ହରିଶଙ୍କର ପଟ୍ଟନାୟକ ଓଜନ ଯନ୍ତ୍ର ଉପରେ ବିଶଦ ବିବରଣୀ ରଖିଥିଲେ। ୱେବିନାରରେ ଜିଲା ପରିଷଦ ସଭ୍ୟାସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷାଅଧ୍ୟକ୍ଷ ଓ ଉପଭୋକ୍ତାମାନେ ଯୋଡି ହୋଇ ନିଜର ମତାମତ ରଖିଥିଲେ। ଏହି ଦିବସରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସହକାରୀ ଯୋଗାଣ ଅଧିକାରୀ ସଲ୍ଲାଉଦ୍ଦିନ ଖାଁ, ପ୍ରଫୁଲ୍ଲ କୁମାର ବେହେରା, ଜିଲା ଉପଭୋକ୍ତା ସୁରକ୍ଷା ପରିଷଦ ସଭ୍ୟ ଗୋବିନ୍ଦ ଓଝା, ନିରଞ୍ଜନ ବାରିକ, ବିଜନ ମହାପାତ୍ର, ଯାମିନୀକାନ୍ତ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

**JOB VACANCY**
ଭୁବନେଶ୍ୱର ପାଇଁ ଷ୍ଟାଫ୍ ଆବଶ୍ୟକ ।
Post : Front Office Executive, Computer Operator, Reception, Gym Trainer, Aerobic, Jumba Trainer, Gym Manager
ଡ୍ରାଇଭର, ରୋଷେୟା, ଘର କାମ କରିବାପାଇଁ ମେଡ୍, ଆୟା, ଫାର୍ମ ହାଉସ୍ ପାଇଁ ଚୌକିଦାର, ଅଫିସ ବୟ
Contact: 8249630985

**RECRUITMENT**
Odisha's # 1 Bakery (Pyaris Bakery) chain looking for CLUSTER MANAGERS & OUTLET MANAGERS.
Candidates must have min. 3 yrs. exp. in FMCG Sector.
Rush your CV to
hr.pyarisbakery@gmail.com

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, KUCHINDA
No. 0-802/- E-mail: eerw_kuchinda@yahoo.com
"e" Procurement Notice for Roads Works
Identification No. Online Tender/02/RWD, Kuchinda/2020-21
1. Name of the work : Building works
2. Total number of works: 03 Nos.
3. Estimated cost : Rs.2.65 lakhs, Rs.1.32 lakhs, Rs.1.32 lakhs.
4. Class of contractor : Building work (C, D & Class of Contractor)
5. Period of completion : 03 (Three calendar months)
6. Availability of tender online for bidding : 28.12.2020 at 11.00 A.M. to 12.01.2021 upto 5.00 P.M.
7. Last date & time of seeking tender clarification : 11.01.2021 upto 5.00 P.M.
8. Date & time of opening of tender : 13.01.2021 (11.00 A.M.)
Further details can be seen from the website www.tendersodisha.gov.in
Sd./- Executive Engineer, Rural Works Division, Kuchinda
OIPR-25151/11/0003/2021

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.ELS-ANGL-OT-20-21-06
କାର୍ଯ୍ୟର ନାମ : ତିନି ବର୍ଷ ସମୟାବଧି ନିମନ୍ତେ ବ୍ରେକ୍ ଡ୍ରାଉନ୍‌ର ଦେଖାଶୁଣା (Attention) ଏବଂ ଅପ୍ରତ୍ୟାଶିତ ତ୍ରୁଟି (Emergent Duty) ଇତ୍ୟାଦି ପାଇଁ ଇଲେକ୍ଟ୍ରିକ୍ ଲୋକୋ ସେଡ୍ (ELS)/ଅନୁଗୋଳଙ୍କ ନିମନ୍ତେ ବ୍ରେକ୍ ଡାଉନ୍ ନିମନ୍ତେ ଗୋଟିଏ ହାଲୁକା ଗାଡ଼ି (ଅର୍ଥାତ୍ ନନ୍-ଏସି ଟାଟା ସୁମୋ, ମହିନ୍ଦ୍ରା ବୋଲେରୋ କିମ୍ବା ଅନୁରୂପ) ଭଡ଼ା ସୂତ୍ରରେ ନେବା ।
ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 14,72,289.60, EMD/ବିଡ୍ ସିକ୍ୟୁରିଟି(ଟଙ୍କାରେ) : 29,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/-, ଶେଷ ହେବା ଅବଧି : 36 ମାସ ।
ବିଡ୍ ଆରମ୍ଭ ହେବା ତାରିଖ : ତା.28.12.2020ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.11.01.2021 ରିଖ 1500 ଘଟିକାରେ ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ www.ireps.gov.in ରେ ଉପଲବ୍ଧ ଅଟେ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(TRS), ଅନୁଗୋଳ
PR-444/L/20-21

ପୌର ପରିଷଦ, ହିଞ୍ଜିଳିକାଟୁ
HINJILICUT MUNICIPAL COUNCIL
ହିଞ୍ଜିଳିକାଟୁ, ଜିଲ୍ଲା-ଗଞ୍ଜାମ, ପିନ୍- ୭୬୧୧୦୨
Letter No.3374/2020 Date: 24.12.2020
Bid Identification No. HIN-MUN-03/2020-21
Bid document consisting of work, estimated cost, cost of tender paper, E.M.D., time of completion, class of contractors and the set of terms and condition and condition of contract and other necessary documents can be seen in Govt. website i.e. www.tendersorissa.gov.in

| | |
|---|---|
| Total number of civil works | 7 Nos. |
| Estimated cost for civil works | Rs.4,73,130/- to Rs.75,15,755/- |
| Date & time of availability of bid documents in the portal | Dt.28.12.2020 of 11.00 A.M. to dt. 15.01.2021 of 5.00 P.M. for online bidding |
| Last date of receipt of bid through online | Dt.15.01.2021 upto 5.00 P.M. |
| Offline submission of original bid document | Dt.19.01.2021 through registered or speed post |
| Date of opening of bid | Dt.21.01.2021 at 11.00 A.M. |

Sd./-Executive Officer, Hinjilicut Municipality

ତହସିଲ କାର୍ଯ୍ୟାଳୟ, ବାଲିଶଙ୍କରା
ବିଜ୍ଞାପନ ପତ୍ର ସଂଖ୍ୟା. ୨୧୪୩ ତା. ୨୩.୧୨.୨୦୨୦
ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦୀ ନିମନ୍ତେ ବିଜ୍ଞାପନ
(ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୦୪ ଓ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ- ୨୦୧୬ ଅନୁଯାୟୀ)
ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୁନ୍ଦରଗଡ଼ ଜିଲ୍ଲା ଅଧିନସ୍ଥ ବାଲିଶଙ୍କରା ତହସିଲରେ ଥିବା ସାରଣୀ-୧ ଲିଖିତ ଲଘୁ ଖଣିଜ ଦ୍ରବ୍ୟ ଉତ୍ସଗୁଡିକୁ ଆସନ୍ତା ୫ ବର୍ଷ ପାଇଁ ଲିଜ୍ ଆକାରରେ ବନ୍ଦୋବସ୍ତ କରିବା ପାଇଁ ସ୍ଥିର କରାଯାଇଅଛି ଏବଂ ଇଚ୍ଛୁକ ବ୍ୟକ୍ତି ବିଶେଷଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।
ଇଚ୍ଛୁକ ବ୍ୟକ୍ତି ବିଶେଷ ଫର୍ମ 'M' ସହିତ ଅନ୍ୟାନ୍ୟ ଆବଶ୍ୟକ କାଗଜାତର ତିନି (3)ସେଟ୍ ଜଉମୁଦ ଲଫାପାରେ ଆସନ୍ତା ୨୮.୦୧.୨୦୨୧ ତାରିଖ ଦିବା ୧୧.୦୦ ଘଟିକା ସମୟ ପର୍ଯ୍ୟନ୍ତ ତହସିଲଦାର, ବାଲିଶଙ୍କରା କାର୍ଯ୍ୟାଳୟରେ ଥିବା Tender BOX ରେ ଦାଖଲ କରିବା ହେବେ। ଉପରୋକ୍ତ ଧାର୍ଯ୍ୟ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ଏ ସମସ୍ତ ଦରଖାସ୍ତ ଗୁଡିକ ସେହି ଦିନ ଦିବା ୧୨.୩୦ ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ଜଉମୁଦ ଥିବା Tender BOX କୁ ଖୋଲାଯାଇ ସେଥିରେ ଥିବା ଲଫାପା ଗୁଡିକୁ ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ, ଦରଖାସ୍ତକାରୀ ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟାରେ ଉପସ୍ଥିତ ରହି ପାରନ୍ତି। ଜଉମୁଦ ଲଫାପା ଦାଖଲ ଦେଲାବେଳେ ନିର୍ଦ୍ଦିଷ୍ଟ ଲଫାପାର ଉପର ଭାଗରେ ସୈରାତ ଉତ୍ସର ନାମ ସଠିକ ରୂପେ ଲେଖିବାକୁ ପଡିବ। ଦରଖାସ୍ତକାରୀ ପ୍ରତ୍ୟେକ ସୈରାତ ଉତ୍ସ ପାଇଁ ଅଲଗା ଅଲଗା ଦରଖାସ୍ତ ଫର୍ମ ଜଉମୁଦ ଲଫାପାରେ ଦାଖଲ କରିବେ। ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ ଉକ୍ତ ଉତ୍ସ ପାଇଁ ଦରଖାସ୍ତ ପ୍ରାପ୍ତ ହୋଇ ନଥାଏ ବା ସମସ୍ତ ଦରଖାସ୍ତକାରୀ ଲିଜ୍ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି, ତାହେଲେ ଦ୍ୱିତୀୟ ଥର ପାଇଁ ତା. ୧୦.୦୨.୨୦୨୧ରିଖ ଓ ତୃତୀୟଥର ପାଇଁ ତା. ୧୯.୦୨.୨୦୨୧ ରିଖ ଦିବା ୧୧.୦୦ ଘଟିକା ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତି ସେହିପରି ଭାବେ ଦରଖାସ୍ତ କରିପାରିବେ। ସେ ଗୁଡିକ ଅପରାହ୍ଣ ୧୨.୩୦ ଘଟିକା ସମୟରେ ଉକ୍ତ ଦିନ ମାନଙ୍କରେ ତହସିଲ କାର୍ଯ୍ୟାଳୟରେ ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ, ଦରଖାସ୍ତକାରୀ ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟାରେ ଉପସ୍ଥିତ ରହି ପାରନ୍ତି।
ତହସିଲ କାର୍ଯ୍ୟାଳୟ, ବାଲିଶଙ୍କରା
ବର୍ଷ ୨୦୨୦-୨୧
ଲଘୁ ଖଣିଜ ଉତ୍ସ ଗୁଡିକର ବିବରଣୀ

| କ୍ର ନଂ | ଉତ୍ସର ନାମ ମୌଜାର ନାମ | ସୈରାତ ଉତ୍ସର ବିବରଣୀ: ମୌଜାର ନାମ | ଖାତା ନଂ | ପ୍ଲଟ ନଂ | ଏକର | ହେକ୍ଟର | Royalty (in Rs.) | Minimum Additional Charges (in Rs.) | ପ୍ରତିବର୍ଷ ଉଠାଣ ହେବାକୁ ଥିବା Minimum Guaranteed quantity(in cam per year) | Interest free security deposit (in Rs.) | Solvency Certificate /Bank guarantee ର ପରିମାଣ |
|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| 1 | ତେଲିଯୋର ବାଲି ଉତ୍ସ | ତେଲିଯୋର | 197 | 1759/P | 8.30 | 3.360 | 35.00 | 20.00 | 5000 | 13750.00 | ଯାହାର ମୂଲ୍ୟ ଆବେଦନକାରୀଙ୍କ ଦ୍ୱାରା ଡକାଯାଇଥିବା Additional Charges ଏବଂ Royalty (ଏକ ବର୍ଷର) ଠାରୁ କମ ହୋଇନଥିବ। |
| 2 | କୁସୁମରା ବାଲି ଉତ୍ସ | କୁସୁମରା | 203 | 1281/P | 12.00 | 4.858 | 35.00 | 20.00 | 5000 | 13750.00 | |

ସ୍ୱା/- ତହସିଲଦାର, ବାଲିଶଙ୍କରା



# ଟାର୍ଗେଟ୍‌ରେ ନିଷ୍ପାପ ଶିଶୁ

ମହାମାରୀ କରୋନାର ଆତଙ୍କଠାରୁ ବଳି ଯାଇଛି ପରୀ,ସ୍ୱାତୀ ପରି ଶିଶୁଙ୍କ ଅପହରଣ ଓ ହତ୍ୟା । ଚଳିତ ବର୍ଷ ଶେଷ ଭାଗରେ ଏପରି କିଛି ଘଟଣା ବେଶ୍ ଚର୍ଚ୍ଚାରେ ରହିଥିଲା । ଖାଲି ସେତିକି ନୁହେଁ, କରୋନା କଟକଣା ଭିତରେ ତିର୍ତ୍ତୋଲ ଉପନିର୍ବାଚନ । ରଥଯାତ୍ରା ବନ୍ଦ ପାଇଁ ସୁପ୍ରିମକୋର୍ଟଙ୍କ ରାୟ ବିରୋଧରେ ନୟାଗଡ଼ ଛାତ୍ର ଆଫତାବ୍ ହୋସେନ୍ ମୋଡିଫିକେଶନ ପିଟିଶନ ଦାଖଲ କରିବା ଘଟଣା ଚଳିତ ବର୍ଷର ପ୍ରମୁଖ ଖବର ଥିଲା..।

ଗାଁଦାଣ୍ଡରୁ ନିଖୋଜ ହୋଇଯାଇଥିଲେ ନୟାଗଡ଼ ଜିଲାର ଦୁଇ ଶିଶୁକନ୍ୟା ପରୀ ଓ ସ୍ୱାତୀ। ବହୁ ଖୋଜାଖୋଜି ନିଷ୍ଫଳ ହେଲା। ୧୦ଦିନ ପରେ ପରୀର ପୋଷାକ ଓ କଙ୍କାଳ ମିଳିଥିବାବେଳେ ୬ ଦିନ ପରେ ପରିତ୍ୟକ୍ତ ଗାଡ଼ିଆରୁ ଜବତ ହୋଇଥିଲା ସ୍ୱାତୀର ମୃତଦେହ। ଅପହରଣ ପରେ ସେମାନଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିବାବେଳେ ଏନେଇ ଅନେକ ବିବାଦ ଓ ଚର୍ଚ୍ଚା ସୃଷ୍ଟି ହୋଇଛି। ଦୁଇ ଘଟଣା ପୃଥକ୍ ଦିନ ଓ ସ୍ଥାନରେ ହୋଇଥିଲେ ମଧ୍ୟ ସାରା ରାଜ୍ୟରେ ଅଭିଭାବକଙ୍କ ମନରେ ଖେଳାଇଛି ଭୟ ଏବଂ ଦେଖିବାକୁ ମିଳିଛି ଆକ୍ରୋଶ। ଏହାସାଙ୍ଗକୁ କାଠଗଡ଼ାରେ ଠିଆ ହୋଇଯାଇଛି ତଦନ୍ତ ପ୍ରକ୍ରିୟା।



ପରୀ

ହତ୍ୟାକାରୀ କିଏ, ହତ୍ୟାର କାରଣ କ'ଣ ତାହା ସ୍ପଷ୍ଟ ହୋଇପାରୁନାହିଁ। ନୟାଗଡ଼ ସଦର ଥାନା ଅଧୀନ ଯଦୁପୁରର ଅଶୋକ ସାହୁଙ୍କ ୫ ବର୍ଷର ଝିଅ ପରୀ ଜୁଲାଇ ୧୪ରେ ନିଖୋଜ ହୋଇଥିଲା। ଅଙ୍ଗ ଚାଲାଣ ପାଇଁ ପରୀକୁ ଅପହରଣ କରାଯାଇ ମାରିଦିଆଯାଇଥିବା ଅଶୋକ ଅଭିଯୋଗ କରିବା ସହ ଏଥିରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅରୁଣ ସାହୁଙ୍କ ସହଯୋଗୀ ବାବୁଲି ନାୟକଙ୍କୁ ଦାୟୀ କରିଥିଲେ। ଏପରି କି ମନ୍ତ୍ରୀ ସାହୁଙ୍କ ଚାପରେ ପୋଲିସ ନିଷ୍କ୍ରିୟ ହୋଇଥିବାରୁ ଘଟଣାର ସିବିଆଇ ତଦନ୍ତ ଦାବି କରି ଅଶୋକ ଓ ତାଙ୍କ ସ୍ତ୍ରୀ ସୌଦାମିନୀ ନଭେମ୍ବର ୨୪ରେ ବିଧାନସଭା ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଥିଲେ। ପୋଲିସ ଠିକ୍ ଭାବେ ତଦନ୍ତ ନ କରି ଓଲଟା ପରୀର ପରିବାର ଲୋକଙ୍କୁ ନିର୍ଯାତନା ଦେଇଥିବା ଅଭିଯୋଗ ହେବା ପରେ ଡିଜିପି ଅଭୟ ନୟାଗଡ଼ ସଦର ଥାନା ଆଇଆଇସି ରୀନାରାଣୀ ସାହୁଙ୍କୁ ନିଲମ୍ବନ କରିଥିଲେ। ଏଥିସହିତ ଏସ୍‌ଡିପିଓ ନିରଞ୍ଜନ ପାଢ଼ୀଙ୍କୁ କନ୍ଧମାଳ ଡିଏସ୍‌ପି ଭାବେ ବଦଳି କରାଯାଇଥିଲା। କିନ୍ତୁ ପରୀର ମା'ବାପା ଏହି କାର୍ଯ୍ୟାନୁଷ୍ଠାନରେ ସନ୍ତୁଷ୍ଟ ନ ହୋଇ ମନ୍ତ୍ରୀ ସାହୁଙ୍କ ଇସ୍ତଫା ଦାବି କରିଥିଲେ। ଏଭଳିସ୍ଥଳେ ଭାଇରାଲ ହୋଇଥିବା ଏକ ଅଡିଓକୁ ନେଇ ମନ୍ତ୍ରୀ ସାହୁ ପୁଣି ଚର୍ଚ୍ଚାକୁ ଆସିଥିଲେ। ସେଥିରେ ପରୀ ଘଟଣାକୁ ନେଇ ମନ୍ତ୍ରୀ ସାହୁ ଓ ନୟାଗଡ଼ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ସରପଞ୍ଚ ସୌମ୍ୟ ରଞ୍ଜନ ପ୍ରଧାନଙ୍କ କଥୋପକଥନ ଥିବା ଆଲୋଚନା ହୋଇଥିଲା। ଏହାକୁ ନେଇ ବିରୋଧୀ ଦଳ ସମେତ ବିଭିନ୍ନ ମହଲରୁ ମନ୍ତ୍ରୀ ସାହୁଙ୍କ ଇସ୍ତଫା ଦାବି ଜୋର ଧରିଥିଲା। ଭାଜପା ପକ୍ଷରୁ ରିଲେ ଅନଶନ, ବିକ୍ଷୋଭ ଓ ପଦଯାତ୍ରା ଜାରି ରହିଛି। ବିଧାନସଭାରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ଅନ୍ୟପକ୍ଷରେ ଯଦୁପୁରରେ ଦେଖିବାକୁ ମିଳିଥିଲା ନେତାଙ୍କ ଭିଡ଼। ଭାଜପା ଓ କଂଗ୍ରେସର ରାଜ୍ୟ ଏବଂ କେନ୍ଦ୍ରୀୟ ନେତା ପହଞ୍ଚି ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଥିଲେ। ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଘଟଣାର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଦଳ(ଏସ୍‌ଆଇଟି) ଗଠନ କରିଥିଲେ। ବରିଷ୍ଠ ଆଇପିଏସ୍ ଅଫିସର ଅରୁଣ ବୋଥ୍ରାଙ୍କ ନେତୃତ୍ୱରେ ଏସ୍‌ଆଇଟି ଡିସେମ୍ବର ୧୬ରେ ହାଇକୋର୍ଟରେ ଏକ ଷ୍ଟାଟସ୍ ରିପୋର୍ଟ ବନ୍ଦ ଲଫାପାରେ ଦାଖଲ କରିଥିଲା। ଏସ୍‌ଆଇଟି ଯଦୁପୁରର ଜଣେ କଲେଜ ଛାତ୍ରଙ୍କୁ ଗିରଫ କରି ଡିସେମ୍ବର ୨୧ରେ କୋର୍ଟଚାଲାଣ କରିଥିଲା। ପରୀକୁ ଉକ୍ତ ଛାତ୍ର ହତ୍ୟା କରିବା ପରେ ବଳାତ୍କାର କରିଥିବା ଏସ୍‌ଆଇଟି ମୁଖ୍ୟ ବୋଥ୍ରା କହିଥିଲେ। ହେଲେ ସମ୍ପୃକ୍ତ ଛାତ୍ର ଜଣକ ନାବାଳକ ବୋଲି ପରିବାର ଲୋକେ ଦାବି କରୁଥିବାବେଳେ ଏସ୍‌ଆଇଟି ତାଙ୍କୁ ଫସାଇ ଦେଇଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପରୀ ଘଟଣାର ତଦନ୍ତରେ ତ୍ରୁଟି ଥିବା ଦର୍ଶାଇ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏନ୍‌ସିପିସିଆର୍) ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଘଟଣାର ତଦନ୍ତ କେନ୍ଦ୍ରୀୟ ସଂସ୍ଥା ଦ୍ୱାରା କରିବା ପାଇଁ ରାଜ୍ୟ ସରକାର ସୁପାରିସ କରନ୍ତୁ ବୋଲି ଏନ୍‌ସିପିସିଆର ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି। ପରୀ ଓ ସ୍ୱାତୀ ହତ୍ୟାକାଣ୍ଡ ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାବେଳେ ଉପଯୁକ୍ତ ତଦନ୍ତ ଦାବି ହେଉଛି। ନଚେତ ପରୀ, ସ୍ୱାତୀ ଭଳି ଆହୁରି ଅନେକ ନିଷ୍ପାପ ଶିଶୁଙ୍କୁ ଭୋଗିବାକୁ ପଡ଼ିବ ପରିଣାମ।



ସ୍ୱାତୀ



ଅଗଷ୍ଟ ଶେଷ ସପ୍ତାହରେ ବ୍ରାହ୍ମଣୀ ଓ ବୈତରଣୀ ନଦୀରେ ସଂଘଟିତ ପ୍ରଳୟଙ୍କରୀ ବନ୍ୟାରେ ଜଳସେଚନ ବିଭାଗର ୨୫ଟି ଘାଇ ସୃଷ୍ଟି ହୋଇଥିଲା। ଏଥିଯୋଗୁ ଜିଲାର ୨୫୮ ପଞ୍ଚାୟତର ୧୨୪୪ ଗାଁ ଓ ଯାଜପୁର ପୌରାଞ୍ଚଳକୁ ମିଶାଇ ପ୍ରାୟ ୧୦ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ୧୦ ଜଣଙ୍କ ମୃତ୍ୟୁ ଘଟିଥିଲା। ୮୨୦ ଗ୍ରାମ ଜଳବନ୍ଦୀ ହୋଇଥିଲା। ଧର୍ମଶାଳା ବ୍ଲକ ଅଧୀନ କେଲୁଅ ନଦୀର ନୀରଘାଟଠାରେ ଓ ରମ୍ଭାପୁରଠାରେ ୨ଟି ବଡ଼ଧରଣର ଘାଇ ସୃଷ୍ଟି ହୋଇଥିଲା। ରମ୍ଭାପୁର ଘାଇ ମନୁଷ୍ୟକୃତ ବୋଲି ଅଭିଯୋଗ ହୋଇଥିଲା। ଏହି ଘାଇ ଯୋଗୁ ୫ ପଞ୍ଚାୟତର ୧୦ହଜାରରୁ ଊର୍ଦ୍ଧ୍ୱ ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ।

## ନିରୁଦ୍ଦିଷ୍ଟ ପିହୁ

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଧୀନ ବରୀ ବ୍ଲକ ମଧୁସୂଦନପୁର ପଞ୍ଚାୟତ ରଥସାହି ଗ୍ରାମର ମୋନାଲିସା ନାୟକଙ୍କ ୨ ବର୍ଷର ଝିଅ ଶୁଭଲକ୍ଷ୍ମୀ(ପିହୁ) । ୯।୮।୨୦୨୦ରୁ ସେ ନିଖୋଜ ଅଛନ୍ତି । ଏନେଇ ମୋନାଲିସା ବିଞ୍ଝାରପୁର ଥାନାରେ ସେହି ମାସ ୧୪ ତାରିଖରେ ଅଭିଯୋଗ କରିଥିଲେ । ଇତିମଧ୍ୟରେ ୪ ମାସ ବିତିଛି । ତଥାପି ଅଭିଯୁକ୍ତଙ୍କ ଟେର୍ ପାଉନି ପୋଲିସ । ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ବି ଏଥିରେ ହସ୍ତକ୍ଷେପ କରିଛନ୍ତି । ବିଜେଡି, ଭାଜପା ଓ କଂଗ୍ରେସର ନେତା,କର୍ମୀମାନେ ଏ ନେଇ ଚିନ୍ତାପ୍ରକଟ କରିଥିଲେ ମଧ୍ୟ ପୋଲିସକୁ ସଫଳତା ମିଳିନି ।

## ସାବାସ୍ ଆଫ୍‌ତାବ



ଚଳିତ ବର୍ଷ କରୋନା କଟକଣା ପାଇଁ ରଥଯାତ୍ରା ବନ୍ଦ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏପରି ନିର୍ଦ୍ଦେଶରେ ବିଚଳିତ ହୋଇପଡିଥିଲେ ଶ୍ରଦ୍ଧାଳୁମାନେ। ରାଜ୍ୟ ସରକାର ବି ସୁପ୍ରିମକୋର୍ଟଙ୍କ ରାୟ ପରେ ସମାଲୋଚନାର ଶିକାର ହୋଇଥିଲେ । ହେଲେ ନୟାଗଡ଼ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ର ଆଫତାବ୍ ହୋସେନ୍ ରଥଯାତ୍ରା ବନ୍ଦକୁ ବିରୋଧ କରି ମୋଡିଫିକେଶନ ପିଟିଶନ ସୁପ୍ରିମକୋର୍ଟରେ ଦାଖଲ କରିବା ଓ ତାଙ୍କ ଆବେଦନ ଉପରେ ସୁପ୍ରିମକୋର୍ଟ ନିଜ ନିଷ୍ପତ୍ତିର ପରିବର୍ତ୍ତନ କରି ରଥଯାତ୍ରା ପାଇଁ ଅନୁମତି ଦେବା ଘଟଣା ଚଳିତ ବର୍ଷର ଏକ ଉଲ୍ଲେଖନୀୟ ପ୍ରସଙ୍ଗ ଥିଲା । ଆଫ୍‌ତାବଙ୍କ ଘର ନୟାଗଡ଼ ଜିଲା ନୟାଗଡ଼ ବ୍ଲକ ଇଟାମାଟିର ନାରାୟଣପାଟଣା ଗ୍ରାମରେ । ଏହି ସଂଖ୍ୟାଲଘୁ ବର୍ଗର ଛାତ୍ର ପିଲାଟି ଦିନରୁ ଜଗନ୍ନାଥ ପ୍ରେମୀ ଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଅଧିକ ଜାଣିବା ପାଇଁ ସେ ବ୍ୟଗ୍ର। ପାଢ଼ପଢ଼ା ବୟସରେ ସେ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଗବେଷଣା ଜାରି ରଖିଛନ୍ତି ।

## ମହାନଦୀ ଗର୍ଭରେ ଦଧିନଉତି

ମହାନଦୀ ଗର୍ଭରୁ ନୟାଗଡ଼ ଜିଲା ଭାପୁର ବ୍ଲକ ପଦ୍ମାବତୀ ଗ୍ରାମର ପୁରାତନ ଗୋପୀନାଥ ମନ୍ଦିରର ଦଧିନଉତି ଆବିଷ୍କାର ହେବା ଘଟଣା ଚଳିତ ବର୍ଷର ଏକ ପ୍ରମୁଖ ଖବର ଥିଲା । ଭାରତୀୟ କଳା ଓ ସାଂସ୍କୃତିକ ଐତିହ୍ୟ ନ୍ୟାସ (ଇନ୍‌ଟାକ୍) ପକ୍ଷରୁ ମହାନଦୀ ଅବବାହିକା ଐତିହ୍ୟ ସ୍ଥଳ ଖନନ ବେଳେ ଏହି ଦଧିନଉତି ନଜରକୁ ଆସିଥିଲା। ଏହା ପୁରୁଣା ଗୋପୀନାଥ ମନ୍ଦିରର ଦଧିନଉତି, ଯାହାକି ମହାନଦୀରେ ବୁଡି ରହିଥିଲା । ମନ୍ଦିରର ଉଚ୍ଚତା ୬୦ ଫୁଟ । ମୁଖଶାଳା ପିଢ଼ା ଶୈଳୀ ଓ ଦେଉଳ ବିମାନ ରେଖା ଶୈଳୀର ବୋଲି ଜଣାପଡିଛି ।



## ଖରସ୍ରୋତା ପାଣି ବିବାଦ

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହା ନିକଟ ଖରସ୍ରୋତା ନଦୀରୁ ମେଗା ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ଭଦ୍ରକ ଜିଲାକୁ ପାଣି ଦେବା ବିବାଦ ବର୍ଷ ସାରା ଚର୍ଚ୍ଚାରେ ରହିଥିଲା। ଭଦ୍ରକ ଜିଲା ଧାମନଗର, ତିହିଡି, ବାସୁଦେବପୁର ଓ ଚାନ୍ଦବାଲି ବ୍ଲକ ଅଞ୍ଚଳ ୯୧ ପଞ୍ଚାୟତର ୬,୧୮,୨୫୩ ଜଣଙ୍କୁ ପାଇପ ଯୋଗେ ପାଣି ଯୋଗାଇବା ପାଇଁ ବସୁଧା ଯୋଜନାରେ ୮୯୨ କୋଟି ଟଙ୍କା ରାଜ୍ୟ ସରକାର ବ୍ୟୟବରାଦ କରିଛନ୍ତି। ଚାନ୍ଦବାଲି ବ୍ଲକ ନୂଆହାଟଠାରେ ଜଳ ବିଶୋଧନାଗାର ନିର୍ମାଣାଧୀନ ଥିବା ବେଳେ ପାଣି ଉଠା ସ୍ଥାନ ବରୁଣାଡିହାରେ ଆନ୍ଦୋଳନ ଫେବୃଆରୀରୁ ଅଦ୍ୟାବଧି ଚାଲିଛି। ଖରସ୍ରୋତା ବଞ୍ଚାଅ ସଂଗ୍ରାମ ସମିତି ପକ୍ଷରୁ ସ୍ଥାନୀୟ କୃଷି ଓ ଭିତରକନିକାର ଜୈବ ବିବିଧତା ପ୍ରଭାବିତ ହେବ ବୋଲି ଦର୍ଶାଇ ଏହି ଆନ୍ଦୋଳନ ଜାରି ରହିଛି। ସଂଗ୍ରାମ ସମିତି ପକ୍ଷରୁ ମହିଳାମାନେ ଜଳ ସତ୍ୟାଗ୍ରହ ମଧ୍ୟ କରିଥିଲେ।

## ଟିକ୍‌ଟକ୍ ମୃତ୍ୟୁ ଆଣିଲା



ଗତ ଏପ୍ରିଲ ୧୬ ସନ୍ଧ୍ୟାରେ ନୟାଗଡ଼ ଲେଙ୍କୁଡିପଡା ନିକଟ ସାଇ ବିହାରରେ ଘଟିଥିଲା ଏକ ଅଭାବନୀୟ ଘଟଣା । ଆତ୍ମହତ୍ୟାର ଅଭିନୟକୁ ଟିକ୍‌ଟକ୍‌ରେ ଜୀବନ୍ତ କରିବାକୁ ଚାହୁଥିବା ପ୍ରେମାନନ୍ଦ ସାହୁ(୧୫) ନାମକ ଜଣେ ଛାତ୍ରଙ୍କ ଦୁଃଖଦ ମୃତ୍ୟୁ ଘଟିଥିଲା। ନୟାଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନିକଟରେ ରୁହୁଥିବା ପ୍ରେମାନନ୍ଦ ବାପାଙ୍କ ସାଙ୍ଗଙ୍କ ସାଇ ବିହାର ଘରର କବାଟ ବନ୍ଦ କରିବା ପରେ ଫ୍ୟାନରେ ଲୁଗା ଲଗାଇ ଝୁଲିଥିଲେ । ଏପରି ଅଭିନୟର ସୁଟିଂ ବି ଠିକ୍ ସମୟରେ ଶେଷ ହୋଇଥିଲା। ହେଲେ ବେକରୁ ଲୁଗା ନ ଖସିବାରୁ ପ୍ରେମାନନ୍ଦଙ୍କ କିଛି କ୍ଷଣ ମଧ୍ୟରେ ମୃତ୍ୟୁ ଘଟିଥିଲା। ସେତେବେଳେ ଏହି ଖବର ଚର୍ଚ୍ଚାର ବିଷୟ ଥିଲା।

## ବିଷ୍ଣୁଙ୍କ ସ୍ଥାନରେ ବିଜୟ





ବରିଷ୍ଠ ବିଜେଡି ନେତା, ପୂର୍ବତନ ମନ୍ତ୍ରୀ ତଥା ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଚରଣ ଦାସଙ୍କ ଜୁଲାଇ ୬ରେ ପରଲୋକ ଘଟିଥିଲା। ଦାସ ୩୫ ବର୍ଷର ରାଜନୀତି ଜୀବନ ମଧ୍ୟରେ ସେ ୬ ଥର ବିଧାୟକ ହୋଇଥିଲେ। ୨୦୦୭ରେ ମନ୍ତ୍ରୀ ହେବା ସହ ପରବର୍ତ୍ତୀ ସମୟରେ ରାଜ୍ୟ ସଭା ସଦସ୍ୟ, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ହେବାର ଗୌରବ ହାସଲ କରିଥିଲେ । ଦାସଙ୍କ ବିୟୋଗ ପରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ହୋଇଥିଲା। କୋଭିଡ୍ କଟକଣା ମଧ୍ୟରେ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ଜୋରଦାର ପ୍ରଚାର କରାଯାଇଥିଲା। ବିଜେଡି ପ୍ରାର୍ଥୀ ତଥା ସ୍ୱର୍ଗତ ଦାସଙ୍କ ପୁଅ ବିଜୟ ଶଙ୍କର ଦାସ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ରାଜକିଶୋର ବେହେରାଙ୍କୁ ୪୧,୭୦୩ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ।

## ଭାଙ୍ଗିଲା ରଙ୍ଗମହଲ

ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ସ୍ମିତାରାଣୀ ବିଶ୍ୱାଳ ଭତ୍ତା ବାଣ୍ଟିବାକୁ ଯାଇଥିଲେ। କିନ୍ତୁ ସରପଞ୍ଚଙ୍କ ସ୍ୱାମୀଙ୍କ ଗେଷ୍ଟହାଉସ 'ରଙ୍ଗମହଲ'ରେ ସ୍ମିତାରାଣୀଙ୍କ ମୃତଦେହ ମିଳିଥିଲା। ଏନେଇ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହେବା ସହ ବିଭିନ୍ନ ଦଳ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ସରପଞ୍ଚଙ୍କ ସ୍ୱାମୀ ଗିରଫ ହୋଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ରଙ୍ଗମହଲକୁ ଗତ ଫେବୃୟାରୀ ୭ରେ ଭଙ୍ଗା ଯାଇଥିଲା।



## ଧର୍ମଶାଳା ବ୍ଲକରେ ରାଶନ ଦୁର୍ନୀତି

ଧର୍ମଶାଳା ବ୍ଲକ ଆରୁହା ପଞ୍ଚାୟତର ଗରିବ ଓ ମୃତ ଲୋକଙ୍କ ନାମରେ ରାଶନ ସାମଗ୍ରୀ ହଡପ ହୋଇଥିବା ଗତ ଏପ୍ରିଲରେ ପର୍ଦ୍ଦାଫାଶ ହୋଇଥିଲା। ମୃତ ହିତାଧିକାରୀ ପାର୍ବତୀ ସାହାଣୀ ଓ କମାଗଡ଼ର ରମା ବେହେରାଙ୍କ ନାମରେ ରାଶନ ସାମଗ୍ରୀ ହଡପ ଘଟଣା ଜଣାପଡ଼ିବା ପରେ ବିଭିନ୍ନ ଗ୍ରାମର ଏକାଧିକ ପରିବାର ନାମରେ ରାଶନ ସାମଗ୍ରୀ ହଡପ ଅଭିଯୋଗ ହୋଇଥିଲା। ଏନେଇ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ମେ ୧୫ରେ ଧର୍ମଶାଳା ବିଡିଓ ଏକ ସତ୍ୟପାଠ ଦାଖଲ କରି ୩୧ ଜଣ ହିତାଧିକାରୀଙ୍କୁ କାହିଁକି ରାଶନକାର୍ଡରୁ ବଞ୍ଚିତ କରାଯାଇଛି ସେ ନେଇ ତଥ୍ୟ ରଖିଥିଲେ। ଉକ୍ତ ସତ୍ୟପାଠ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଅଭିଯୋଗକାରୀ ସର୍ବେଶ୍ୱର ବେହୁରା ଜୁଲାଇ ୩ରେ ପ୍ରତି ଜବାବ ଦାଖଲ କରିଥିଲେ।

## ଅନ୍ଧବିଶ୍ୱାସ

### ଦମ୍ପତିଙ୍କୁ ଜିଅନ୍ତା ପୋଡ଼ି

ଯାଜପୁର ଜିଲାରେ ଅନ୍ଧବିଶ୍ୱାସରେ ପେଷିହୋଇ ଜୁଲାଇର ଗୋଟିଏ ସପ୍ତାହରେ ୨ଟି ହତ୍ୟାକାଣ୍ଡ ହୋଇଥିଲା। ଜୁଲାଇ ୨୦ରେ ସୁକିନ୍ଦା ବ୍ଲକ ପିଙ୍ଗଳ ପଞ୍ଚାୟତର ନିମପଲ୍ଲୀ ଗ୍ରାମ ସୁରିସାହିର ଦମ୍ପତି ଶୈଳ ବାଲମୁଚି(୬୦) ଓ ସମ୍ବାରୀ ବାଲମୁଚି(୫୫)ଙ୍କୁ ଜିଅନ୍ତା ପୋଡ଼ି ଦିଆଯାଇଥିଲା। ଗୁଣିଗାରେଡି ସନ୍ଦେହରେ କେତେଜଣ ଗାଁ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ। ସେହିପରି ଜୁଲାଇ ୧୫ରେ ଯାଜପୁରରୋଡ ଥାନା ଦାନଗଦି ଫାଣ୍ଡି ଅନ୍ତର୍ଗତ ଛତରା ଗ୍ରାମର ନନ୍ଦିନୀ ପୂର୍ତ୍ତିଙ୍କୁ ଗୁଣିଗାରେଡି ସନ୍ଦେହରେ ହତ୍ୟା କରାଯାଇଥିଲା। ଏଥିରେ ସେହି ଗ୍ରାମର ଯୁବକ କାର୍ତ୍ତିକ କେରେଇ(୨୪)ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା।

## ବନ୍ଦ ହେଲା ଏନ୍‌ଆଇଏନ୍‌ଏଲ୍

କଳିଙ୍ଗନଗର ସ୍ଥିତ ଏକମାତ୍ର ସରକାରୀ ଉଦ୍ୟୋଗ ନୀଳାଚଳ ଇସ୍ପାତ ନିଗମ ଲି଼଼ଃ(ଏନ୍‌ଆଇ‌ଏନ୍‌ଏଲ୍)ର କୋକ୍‌ଓଭେନ୍ ଓ ବାଏ ପ୍ରଡକ୍ଟ ପ୍ଲାଣ୍ଟକୁ ମାର୍ଚ୍ଚ ୩୦ରେ ବନ୍ଦ କରି ଦିଆଯାଇଥିଲା। ଏହି ଶିଳ୍ପ ପାଇଁ ୬୬୮ ପରିବାରଙ୍କୁ ବିସ୍ଥାପିତ କରାଯାଇ ୪୫୨ ଜଣଙ୍କୁ ନିଯୁକ୍ତି ମିଳିଥିଲା। ଶ୍ରମିକ ଓ କର୍ମଚାରୀଙ୍କ ଦରମା ବନ୍ଦ ଯୋଗୁ ବ୍ୟାପକ ଆନ୍ଦୋଳନ ଜାରି ରହିଥିଲା।

## ୪ ଦିନରେ ୩ ଗୁରୁଙ୍କୁ ହତ୍ୟା

ଜୁଲାଇ ୯ରେ ବ୍ୟାସନଗର-ଜୋକଡିଆ ରାସ୍ତାର ଖଣ୍ଡହତା ଛକ ନିକଟରେ ଦାନିଆବର ସ୍କୁଲର ଶିକ୍ଷୟିତ୍ରୀ ଯୋଗମାୟା ଜେନାଙ୍କୁ ରାସ୍ତା ମଝିରେ ଗୋଡ଼ାଇ ଗୋଡ଼ାଇ ହତ୍ୟା କରାଯାଇଥିଲା। ତାଙ୍କ ସହିତ ଯାଉଥିବା ଅନ୍ୟଜଣେ ଶିକ୍ଷକ ମୋହନ ଜେନା ମଧ୍ୟ ଆକ୍ରମଣର ଶିକାର ହୋଇ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଥିଲେ। ଆକ୍ରମଣ କରିଥିବା ଯୋଗମାୟାଙ୍କ ପୂର୍ବତନ ସ୍ୱାମୀ ସୌମ୍ୟପ୍ରକାଶ ମଲ୍ଲିକଙ୍କୁ ଗିରଫ କରାଯାଇଥିଲା। ଏହି ଘଟଣାର ୪ ଦିନ ପୂର୍ବରୁ ଅର୍ଥାତ୍ ଜୁଲାଇ ୫ରେ ଧର୍ମଶାଳା ଥାନା ଅନ୍ତର୍ଗତ ମିର୍ଜାପୁର ମହାନ୍ତିସାହିରେ ଶିକ୍ଷୟିତ୍ରୀ ତରୁଲତା ବିଶ୍ୱାଳଙ୍କୁ ତଣ୍ଟିକାଟି ହତ୍ୟା କରାଯାଇଥିଲା। ଏହାସହ ତାଙ୍କ ନାବାଳିକା ଝିଅଙ୍କୁ ଅଚେତ ଅବସ୍ଥାରେ ଫିଙ୍ଗି ଦିଆଯାଇଥିଲା।

# ମନେ ରହିବେ...

ସମସ୍ତଙ୍କୁ ଦିନେ ନା ଦିନେ ଦୁନିଆରୁ ବିଦାୟ ନେବାକୁ ପଡ଼େ। କାରଣ ମୃତ୍ୟୁ ଧ୍ରୁବସତ୍ୟ। ବିଦାୟୀ ବର୍ଷରେ କ୍ରୀଡ଼ାରୁ ନେଇ ମନୋରଞ୍ଜନ, ସମାଜସେବାରୁ ରାଜନୀତି ପ୍ରତ୍ୟେକ କ୍ଷେତ୍ରରେ ଆମେ ହରାଇଛେ ମହାଦ୍ରୁମଙ୍କୁ। ସ୍ୱକୀୟ ଉତ୍କର୍ଷକୁ ପ୍ରତିପାଦିତ କରିଥିବା ବହୁ ବିଶିଷ୍ଟ ବ୍ୟକ୍ତି ନିଜ ନିଜ କର୍ମ ସମାପନ କରି ବାହୁଡ଼ିଯାଇଛନ୍ତି। କାହାକୁ କରୋନା ମହାମାରୀ ନେଇଯାଇଛି ତ ଆଉ କିଏ ଅକାଳରେ ଝଡ଼ିପଡ଼ିଛନ୍ତି। ସେମାନେ ଆମ ଗହଣରେ ନାହାନ୍ତି ସିନା, ହେଲେ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବେ ଯୁଗ ଯୁଗ ଧରି।

ଧରମପାଲ୍ ଗୁଲାଟି
୦୩।୧୨

ପ୍ରଣବ ମୁଖାର୍ଜୀ
୩୧।୦୮

ଅହମ୍ମଦ ପଟେଲ
୨୫।୧୧

ଡିଏଗୋ ମାରାଡୋନା
୨୫।୧୧

ଅମର ସିଂ
୦୧।୦୮

ଚାଡ୍‌ୱିକ୍ ବୋସ୍‌ମାନ
୨୮।୦୮

ଏସ୍.ବି. ବାଲସୁବ୍ରମଣ୍ୟମ୍
୨୫।୦୯

ସ୍ୱାମୀ ଅଗ୍ନିବେଶ
୧୧।୦୯

ଶରତ କର
୧୨।୧୦

ବିଜୟ ମହାନ୍ତି
୨୦।୦୭

ରାମବିଳାସ ପାଶ୍ୱାନ
୦୮।୧୦

ଅଜିତ୍ ଦାସ
୧୩।୦୯

ରେଳ ରାଷ୍ଟ୍ରମନ୍ତ୍ରୀ
ସୁରେଶ ଅଙ୍ଗାଡ଼ି
୨୩।୦୯

ଦାଦୀ ଜାନକୀ
୨୭।୦୩

ଭବାନୀଚରଣ ପଟ୍ଟନାୟକ
୧୪।୦୫

ଇର୍ଫାନ ଖାନ୍
୨୯।୦୪

ଈଶର ଆହଲୁୱାଲିଆ
୨୬।୦୯

କେଶୁଭାଇ ପଟେଲ
୨୯।୧୦

ୱାଜିଦ୍ ଖାନ୍
୦୧।୦୬

ଚେତନ ଚୌହାନ
୧୬।୦୮

ପଣ୍ଡିତ ଯଶରାଜ
୧୭।୦୮

ଋଷି କପୁର
୩୦।୦୪

ସରୋଜ ଖାନ୍
୦୩।୦୭

ଅଜିତ ଯୋଗୀ
୨୯।୦୫

ଯଶୱନ୍ତ ସିଂ
୨୭।୦୯

ଜଗଦୀପ
୦୮।୦୭

ତରୁଣ ଗୋଗୋଇ
୨୩।୧୧

ବେଜାନ୍ ଦାରୁୱାଲା
୨୯।୦୫

ବିପିନ ବିହାରୀ ରଥ
୦୭।୦୩

ଡା. ଚିତ୍ତରଞ୍ଜନ କର
୨୦।୧୧

ଡା. ସନାତନ ରଥ
୦୯।୦୬

ରାହତ୍ ଇନ୍ଦୋରୀ
୧୧।୦୮

ମହେନ୍ଦ୍ର ଦାସ
(ଭିକୁ ସେଠ୍)
୧୨।୦୯

ନନ୍ଦିଆ
ବିହାରୀ
ମହାନ୍ତି
୧୪।୦୯

କବି ରବି ସିଂ
୦୨।୦୨

ସନ୍ଥ
କେଶବାନନ୍ଦ
ଭାରତୀ
୦୬।୦୯

## ଶ୍ରୀରାମ ଜନ୍ମଭୂମି ମନ୍ଦିର ନିଧି ସମର୍ପଣ ସମିତିର ବୈଠକ

ଯାଜପୁରରୋଡ,୨୫।୧୨(ଡି.ଏନ.ଏ.)-ଶ୍ରୀରାମ ଜନ୍ମଭୂମି ମନ୍ଦିର ନିଧି ସମର୍ପଣ ସମିତି ବ୍ୟାସନଗର ପକ୍ଷରୁ ଶୁକ୍ରବାର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବ୍ୟାସନଗରର ସଂଘଚାଳକ ରବିନାରାୟଣ ରାଉତ, ଜିଲା କାର୍ଯ୍ୟବାହ ବରୁଣ ବନଛୋର, ଜିଲା କୁଟୁମ୍ବ ପ୍ରାବୋଧନ ରମେଶ ଚନ୍ଦ୍ର ଥାଟୋଇ, ନଗର କାର୍ଯ୍ୟବାହ ସୁକାନ୍ତ ରଥ, ଶିକ୍ଷା ବିକାଶ ସମିତିର ନରେନ୍ଦ୍ର ଶତପଥୀ, ଅଧିବକ୍ତା ପରିଷଦର ସତ୍ୟଜିତ ଶତପଥୀ ପ୍ରମୁଖ ଉପସ୍ଥିତ ରହି ରାମ ମନ୍ଦିର ନିର୍ମାଣ ପାଇଁ ସହଭାଗୀ ସମ୍ପର୍କରେ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ସୁନାମୁହିଁ ବ୍ରାହ୍ମଣ ସମାଜ ପକ୍ଷରୁ ଧାରଣା

ଓଡ଼ଗାଁ,୨୫।୧୨(ସ୍ୱ.ପ୍ର.): ଓଡ଼ଗାଁ ଆଦର୍ଶ ଥାନା ସୁନାମୁହିଁ ଗ୍ରାମରେ ଶୁକ୍ରବାର ସକାଳୁ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏକ ଆନ୍ତଃ ରାଷ୍ଟ୍ରୀୟ ସଙ୍ଗଠନ ସଦସ୍ୟ ବ୍ରାହ୍ମଣଙ୍କୁ ଅସ୍ପୃଶ୍ୟ ଦର୍ଶାଇ ଅଶାଳୀନ ମନ୍ତବ୍ୟ ମାଇକରେ ପ୍ରଚାର କରିବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା । ଏହାପରେ ଗ୍ରାମର ସମସ୍ତ ବ୍ରାହ୍ମଣ ପରିବାର ଏକାଠି ହୋଇ ସଂପୃକ୍ତ ସଙ୍ଗଠନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ସ୍ଥାନୀୟ ପୋଲିସକୁ ଲିଖିତ ଭାବେ ଜଣାଇଥିଲେ। ପୋଲିସ ଗ୍ରାମର ଦିଗମ୍ବର ମିଶ୍ର ଶର୍ମା, ଫକୀର ମୋହନ କର ଓ ମୋହନ କରଙ୍କ ସମେତ ଅନ୍ୟମାନଙ୍କଠାରୁ ଅଭିଯୋଗ ଗ୍ରହଣ କରିବାପରେ ଧାରଣାରେ ବସିଥିବା ବ୍ରାହ୍ମଣଙ୍କୁ ବୁଝାସୁଝା କରିଥିଲା । ଏଥିସହିତ ଏପରି ବାର୍ତ୍ତା ପ୍ରଚାର କରିଥିବା ସଂପୃକ୍ତ ସଂସ୍ଥାର କେତେଜଣ ସଦସ୍ୟଙ୍କୁ ଡାକି ପଚରା ଉଚୁରା କରିଥିଲା । ସେମାନେ ନିଜ ଭୁଲ ସ୍ୱୀକାର କରିଥିବା ଜଣାପଡିଛି ।

### ଜିଲା ପରିକ୍ରମାରେ ବାହାରିଲା କୋଭିଡ୍ ସଚେତନତା ରଥ

ଜଗତ୍‌ସିଂହପୁର ଅଫିସ, ୨୫।୧୨: ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ୟୁନିସେଫ୍ ଓଡ଼ିଶା ଶାଖା ମିଳିତ ସହଯୋଗରେ ଶୁକ୍ରବାରଠାରୁ କୋଭିଡ୍ ସଚେତନତା ରଥ ଜଗତ୍‌ସିଂହପୁର ପୌର ପରିଷଦ ସମ୍ମୁଖରୁ ଜିଲା ପରିକ୍ରମାରେ ବାହାରିଛି। ପ୍ରଶାସନ ପକ୍ଷରୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲା କଳା ସଂସ୍କୃତି ସଂଘର ଉପସଭାପତି ଅଭିମନ୍ୟୁ ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ, ସଂସ୍କୃତି ଓ ପୌର ପରିଷଦ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ରଥ ଜିଲାର ୮ଟି ବ୍ଲକ ପରିକ୍ରମା କରିବ। ଶୀତ ଋତୁକୁ ଦୃଷ୍ଟିରେ ରଖି ସଚେତନତା କାର୍ଯ୍ୟକ୍ରମ ଡିସେମ୍ବର ୨୪ରୁ ୩୦ ପର୍ଯ୍ୟନ୍ତ ଚାଲିବ। ଏଥିରେ ୧୦ଟି ଲୋକକଳା ଦଳ ସାମିଲ ହେବେ। ଏହି ଦଳ ଜଗତ୍‌ସିଂହପୁର, ନାଉଗାଁ ହାଟ, ଗରାମ ପଞ୍ଚାୟତ କାର୍ଯ୍ୟାଳୟ, ଏରସମା ବଜାର, ଜଗନ୍ନାଥପୁର ବଜାର, କୁଜଙ୍ଗ ବଜାର, ରଘୁନାଥପୁର ବ୍ଲକ ଓ ବଜାର, ବିରିଡ଼ି ହାଟ, ଜଗତ୍‌ସିଂହପୁର ହାଟ ଓ ମା' ଶାରଳାଙ୍କ ପୀଠରେ ଲୋକ କଳା ମାଧମରେ ସଚେତନ କରିବେ। ଉଦ୍‌ଘାଟନୀ ଦିବସରେ କୁତାମଚଣ୍ଡୀ ସଂକୀର୍ତ୍ତନ ମଣ୍ଡଳୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲା।

### କ୍ରିକେଟ: ନୀଳକଣ୍ଠପୁର, ପଙ୍କପାଳ ବିଜୟୀ

ଧର୍ମଶାଳା,୨୫।୧୨(ଡି.ଏନ.ଏ.): ଧର୍ମଶାଳା ବ୍ଲକ କବାଟବନ୍ଧ ପଞ୍ଚାୟତ ଦଳାଗାଁଠାରେ ଚାଲିଥିବା ଜଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଦ୍ୱିତୀୟ ଦିବସ ମ୍ୟାଚରେ ନୀଳକଣ୍ଠପୁର ଓ ପଙ୍କପାଳ ଟିମ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ନୀଳକଣ୍ଠପୁର ଟିମ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୧୪୧ ରନ ସଂଗ୍ରହ କରିଥିଲା। ଜବାବରେ ବଳରାମପୁରଗଡ଼ ଟିମ ୯ ଉଇକେଟ ହରାଇ ୧୦୮ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ବିଜୟୀ ନୀଳକଣ୍ଠପୁର ଦଳର ଆଲୋକ ନାୟକଙ୍କୁ ମ୍ୟାନଅଫଦି ମ୍ୟାଚ ଘୋଷଣା କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ପଙ୍କପାଳ ଟିମ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୯୩ ରନ ସଂଗ୍ରହ କରିଥିଲା। ଜବାବରେ କଲାଣ୍ଡି ଟିମ ୮ ଓଭରରେ ସମସ୍ତ ଉଇକେଟ ହରାଇ ୫୯ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ବିଜୟୀ ପଙ୍କପାଳ ଟିମର ବାବୁଲି ରାଜଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ମ୍ୟାଚକୁ ଆଲୋକ ନାୟକ, ତ୍ରିଲୋଚନ ଦାସ ଓ ଅଟଳ ସ୍ୱାଇଁ ପରିଚାଳନା କରିଥିଲେ।

### ୩ରୁ ଖୋଲିବ ନୟାଗଡ଼ ଜିଲାର ସମସ୍ତ ମନ୍ଦିର

ନୟାଗଡ଼ ଅଫିସ, ୨୫।୧୨: ଶରଣକୁଳର ଲଡୁବାବା, ଓଡଗାଁର ରଘୁନାଥଜୀଉ ଓ ଜାମୁପାଟଣାର ଦୁତୀକେଶ୍ୱର, ରଣପୁରର ମଣିନାଗ ଓ ଜଗନ୍ନାଥ, କଣ୍ଟିଲୋର ନୀଳମାଧବ, ଖଣ୍ଡପଡାର ଜଗନ୍ନାଥ, ଦଶପଲ୍ଲାର ମହାବୀର ମନ୍ଦିର ଆସନ୍ତା ୩ରୁ ଖୋଲିବ ବୋଲି ନିଷ୍ପତ୍ତି ହୋଇଛି। ପୂଜକ ସମାଜ ସହ ଆଲୋଚନା ପରେ ନୟାଗଡ଼ ଜିଲାର ସମସ୍ତ ମନ୍ଦିର ନିର୍ଦ୍ଧାରିତ ତାରିଖରେ ଖୋଲିବାକୁ ପ୍ରଶାସନ ଅଣ୍ଟା ଭିଡିଛି । ଜିଲାପାଳଙ୍କ ଉପସ୍ଥିତିରେ ବୈଠକ ୨୨ ତାରିଖରେ ହୋଇଥିଲା । ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଉପଜିଲାପାଳ ଲମ୍ବଜିତ ରାଉତ ଉପସ୍ଥିତ ଥିଲେ। ମାସ୍କ, ସାନିଟାଇଜର ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଛି ।

# ୨ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା, ୧୪୪ ଧାରା ଜାରି

- ୨ ମାମଲା ରୁଜୁ
- ବହୁଜନ ଛାତ୍ର ଯୁବ ସାମ୍ମୁଖ୍ୟ ସଭା ବନ୍ଦ

ନାଉଗାଁ,୨୫।୧୨(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକରେ ଶୁକ୍ରବାର ବହୁଜନ ଛାତ୍ର ଯୁବ ସାମ୍ମୁଖ୍ୟ ପକ୍ଷରୁ ୬୪ତମ ମହାପରି ନିର୍ବାଣ, ମନୁସ୍ମୃତି ଦହନ ଦିବସ ପାଳନ ହେବାକୁ ସ୍ଥିର ହୋଇଥିଲା । ଏହାକୁ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ପକ୍ଷରୁ ବିରୋଧ କରାଯିବା ସହ ଥାନାରେ ଲିଖିତ ଅଭିଯୋଗ ଦିଆଯାଇଥିଲା । ଯୁବ ସାମ୍ମୁଖ୍ୟ ପକ୍ଷରୁ ସଭା କରିବାକୁ ଅନୁମତି ପ୍ରଦାନ, ବ୍ୟାନରରେ ଥିବା ଡ. ଆମ୍ବେଡକରଙ୍କ ଫଟୋଚିତ୍ରକୁ ପାଦରେ ଦଳିଥିବା ବ୍ୟକ୍ତିଙ୍କୁ ଗିରଫ କରିବା ଦାବିରେ ଥାନା ସମ୍ମୁଖରେ ଗୁରୁବାର ରାତିରେ ଧାରଣା ଜାରି ରହିଥିଲା । ଘଟଣାସ୍ଥଳରେ ଏସ୍‌ଡିପିଓ ପ୍ରିୟରଞ୍ଜନ ଶତପଥୀ ପହଞ୍ଚି ୨ ଗୋଷ୍ଠୀଙ୍କ ସହ ଆଲୋଚନା କରି ସର୍ତ୍ତମୂଳକ ଭାବେ ସଭା କରିବାକୁ ଅନୁମତି ପ୍ରଦାନ କରିଥିଲେ । ପରେ ଅନିଲ ମଲିକଙ୍କ ସୋସିଆଲ ମିଡିଆର ଭାଷଣକୁ ନେଇ ପୁନର୍ବାର ୨ଗୋଷ୍ଠୀ ମଧ୍ୟରେ ଚାପା ଉତ୍ତେଜନା ଦେଖାଦେଇଥିଲା । ଫଳରେ ଶୁକ୍ରବାର ନାଉଗାଁ ବଜାରର ସୂର୍ଯ୍ୟ ମଣ୍ଡପରେ ହେବାକୁ ଥିବା ସଭାକୁ ବନ୍ଦ କରାଯାଇଥିଲା । ଥାନା ଅଧିକାରୀଙ୍କ ଅପିଲ ଫଳରେ ନାଉଗାଁ ତହସିଲ ପକ୍ଷରୁ ମିସ୍ କେସ୍ ନଂ ୧୮/୨୦ରେ ମଣ୍ଡପ ସମେତ ଆଖପାଖ ଅଞ୍ଚଳକୁ



ମଣ୍ଡପ ସମ୍ମୁଖରେ ପୋଲିସ ମୁତୟନ କରାଯାଇଛି ।

ପୂର୍ବାହ୍ନ ୭ ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ୧୪୪ ଜାରି କରାଯାଇଥିଲା । ୨ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଥିବାରୁ ଘଟଣାସ୍ଥଳରେ ଏସ୍‌ଡିପିଓ ଶତପଥୀ, ନାଉଗାଁ ଥାନା ଆଇଆଇସି ଭରତ ଚନ୍ଦ୍ର ବେହେରା, ଏସ୍‌ଆଇ ପ୍ରତାପ ଦାସ, ବାଲିକୁଦା, ଜଗତ୍‌ସିଂହପୁର ଥାନା ଅଧିକାରୀ ମଣ୍ଡପ ଆଗରେ ଉପସ୍ଥିତ ଥିଲେ । ଆଇନଶୃଙ୍ଖଳା ପରିସ୍ଥିତି ଦୃଷ୍ଟିରୁ ଫୋର୍ସ ମୁତୟନ କରାଯାଇଥିଲା ।

ସୋସିଆଲ ମିଡିଆରେ ଭାଇରାଲ ଭିଡିଓକୁ ଆଧାର କରି ଏବିଭିପି ପକ୍ଷରୁ ବିଶ୍ୱଜିତ ପାତ୍ର ଥାନାରେ ଲିଖିତ ଅଭିଯୋଗ ପ୍ରଦାନ କରିଥିଲେ । ଅଭିଯୋଗ ମୁତାବକ ଅନିଲ ସମାଜ ବିଭାଜନ ପାଇଁ ଚେଷ୍ଟା ଚଳାଇଥିବା ବେଳେ ଆପତ୍ତିଜନକ ଶବ୍ଦ ସମ୍ବଳିତ ପୋଷ୍ଟର, ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଛନ୍ତି । ପୋଲିସ ଉପରେ ଚାପ ପକାଇ ସଭା କରିବାକୁ ମସୁଧା ଚଳାଇଥିବା ଅଭିଯୋଗରେ ଦର୍ଶାଯାଇଛି । ଅପରପକ୍ଷେ ବହୁଜନ ଛାତ୍ର ଯୁବ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ଅନିଲ ଅଭିଯୋଗରେ ଦର୍ଶାଇଛନ୍ତି, ଘୋଡାଂଶ ଗାଁର ୪୦ ଜଣ ଯୁବକ ମୁଗେଇ ଛକରେ ଲାଗିଥିବା ଡ. ଆମ୍ବେଡକରଙ୍କ ବ୍ୟାନର ଛିଣ୍ଡାଇବା ସହ ତାକୁ ପାଦରେ ଦଳିଛନ୍ତି । ଦେଶର ସମ୍ବିଧାନ ପ୍ରଣେତାଙ୍କ ପ୍ରତି ଏହା ଅପମାନ ସହ ସମ୍ବିଧାନର ଅପମାନ ହୋଇଛି । ଏହାସହ ସେମାନେ ଜାତିଆଣ ମନ୍ତବ୍ୟ ଦେଇ ଗାଳିଗୁଲଜ ମଧ୍ୟ କରିଛନ୍ତି । ବିଶ୍ୱଜିତଙ୍କ ଅଭିଯୋଗକୁ ଭିତ୍ତିକରି ନଂ.୧୬୪/୨୦ ଓ ଅନିଲଙ୍କ ଅଭିଯୋଗକୁ ଭିତ୍ତିକରି ନଂ. ୧୬୫/୨୦ରେ ମାମଲା ରୁଜୁ କରାଯାଇଛି । ସୂଚନାଯୋଗ୍ୟ, ଗୁରୁବାର ଉକ୍ତ ସଭାକୁ ଏବିଭିପି ପକ୍ଷରୁ ଦୃଢ ବିରୋଧ ସହ ଥାନାରେ ଅଭିଯୋଗ କରାଯାଇଥିଲା । ସେହିପରି ଅନ୍ୟ ଏକ ଅଭିଯୋଗରେ ଆମ୍ବେଡକରଙ୍କ ନିର୍ବାଣ ଦିବସ ପାଳନ ଅବସରରେ ହିନ୍ଦୁ ଧାର୍ମିକ ଗ୍ରନ୍ଥ ଜାଳିବା ସହ ଧର୍ମାନ୍ତରୀକରଣ କରିବାର କାର୍ଯ୍ୟକ୍ରମ ରହିଥିଲା । ଏବିଭିପି ପ୍ରଦାନ କରିଥିବା ଅଭିଯୋଗକୁ ବିରୋଧ କରି ଯୁବ ସାମ୍ମୁଖ୍ୟ ପକ୍ଷରୁ ଲିଖିତ ଅଭିଯୋଗ ପ୍ରଦାନ କରାଯାଇଛି । ଆମ୍ବେଡକରଙ୍କ ପୋଷ୍ଟରକୁ ପାଦରେ ଦଳିଥିବା ବ୍ୟକ୍ତିମାନଙ୍କୁ ଗିରଫ କରାଯାଇ ନ ଥିବାରୁ ଥାନା ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା । ଏ ସମ୍ପର୍କରେ ଜଗତ୍‌ସିଂହପୁର ଏସ୍‌ଡିପିଓ ଶତପଥୀ କହିଛନ୍ତି, ୨ ଗୋଷ୍ଠୀ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତିକରି ୨ଟି ମାମଲା ରୁଜୁ କରାଯାଇଛି । କାହାରିକୁ ଗିରଫ କରାଯାଇନାହିଁ । ସଭା ବନ୍ଦ ରଖାଯିବା ସହ ସଭାସ୍ଥଳ ଓ ଆଖପାଖ ଅଞ୍ଚଳରେ ୧୪୪ଧାରା ଜାରି କରାଯାଇଛି ।



ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ।

# ଅନୁଭବ ବଖାଣିଲେ ଜରୁରିକାଳୀନ ପରିସ୍ଥିତି ବନ୍ଦୀ

କେନ୍ଦ୍ରାପଡା ଅଫିସ,୨୫।୧୨

ଜରୁରିକାଳୀନ ପରିସ୍ଥିତି ସମୟରେ ଭାରତର ସ୍ଥିତି ଓ କେନ୍ଦ୍ରାପଡା ଯୁବବର୍ଗଙ୍କ ଉତ୍ସାହ ସମ୍ପର୍କରେ ତତ୍କାଳୀନ ରାଜନୈତିକ ବନ୍ଦୀମାନେ ନିଜର ଅନୁଭବ ଶୁକ୍ରବାର ବର୍ଣ୍ଣନା କରିଛନ୍ତି । ସରକାରଙ୍କ ଦମନଲୀଳାକୁ ବେଖାତିର କରି ଜେଲ ବରଣ କରିବାକୁ ପଛାଇ ନ ଥିବା ଏହି ବନ୍ଦୀମାନେ ପ୍ରକାଶ କରିଛନ୍ତି ।

ସ୍ଥାନୀୟ ଗୋପସ୍ଥିତ କମଲ ଭବନ ପରିସରରେ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୁବନମୋହନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କଂଗ୍ରେସ ସରକାରଙ୍କ ଦ୍ୱାରା ଜରୁରିକାଳୀନ ପରିସ୍ଥିତିରେ ରାଜନୈତିକ ବନ୍ଦୀ ଥିବା ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହିତ ଦଳୀୟ ସୁଶାସନ ଦିବସ ଓ ପ୍ରଣୀତ କୃଷି ଆଇନକୁ ସ୍ୱାଗତ କରାଯାଇଥିଲା । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୁର୍ଯ୍ୟୋଧନ ସାହୁ, ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ, ନାରଦ ବିଶ୍ୱାଳ, ସଭ୍ୟା ରେଶମୀ ଚକ୍ରବର୍ତ୍ତୀ, ପଣ୍ଡିତ ହୃଷୀକେଶ ରଥ, କର୍ମକର୍ତ୍ତା କରୁଣାକର ସାହୁ, ରଶ୍ମି ରଞ୍ଜନ ପ୍ରଧାନ, ପବିତ୍ର ପରିଡା, କାନନବାଳା ଦାସ, ବିଭୂତି ଭୂଷଣ କର, ସଞ୍ଜୟ ବେଉରା ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ସୁଶାସନ ସମ୍ପର୍କରେ ମତ ଦେଇଥିଲେ । ସେହିପରି ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ପଣ୍ଡିତ ରଥ, ବିଷ୍ଣୁପଦରାଜ ମହାନ୍ତି, ରବି ନାରାୟଣ ପତି, କାହ୍ନୁଚରଣ ବେହେରା, ହରିଶ୍ଚନ୍ଦ୍ର ଜେନା, ଧୂଳି ଚରଣ ପ୍ରଧାନ, ଉମ୍ବରୁଧର ଘଡେଇ, ଦେବୀ ପ୍ରସାଦ ନାୟକ, ବ୍ରଜ କିଶୋର ଓଝା, ବ୍ରହ୍ମାନନ୍ଦ ପ୍ରଧାନ, ଉମାକାନ୍ତ ଦାସ, ସୁରେନ୍ଦ୍ର ନାଥ ବେହେରା, ବିନାୟକ ସେନାପତି, ନାରାୟଣ ପୃଷ୍ଟି ଓ ଛେଦରା ମଠ ମହନ୍ତ ଯଶୋବନ୍ତ ମହାରାଜ ନିଜର ଜରୁରିକାଳୀନ ସ୍ଥିତିର ଅନୁଭବ ପ୍ରକାଶ କରିଥିଲେ । ଏହି ଉତ୍ସବକୁ ଭାଜପା କର୍ମକର୍ତ୍ତା ପ୍ରସନ୍ନ ପରିଡା, ଅମୃତ ମହାନ୍ତ, ଭିକାରୀ ଚରଣ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

# ଉପକୃତ ହେବେ କଂସା, ପିତ୍ତଳ କାରିଗର

### ବାଲିପାଟଣାରେ ହସ୍ତଶିଳ୍ପ ପୁଞ୍ଜି ଗଠନ ପ୍ରକ୍ରିୟା ଆରମ୍ଭ

ରସୁଲପୁର,୨୫।୧୨(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଞ୍ଚଳର କଂସା, ପିତ୍ତଳ କାରିଗର ଗାଁଭାବେ ପିରଚିତ ବାଲିପାଟଣାଠାରେ ହସ୍ତଶିଳ୍ପ ପୁଞ୍ଜି ଗଠନ ପ୍ରକ୍ରିୟା ଆରମ୍ଭ ହୋଇଛି। ଉକ୍ତ କ୍ଲଷ୍ଟର(ପୁଞ୍ଜି)ରେ ଯାଜପୁର ଜିଲାର ହଜାରରୁ ଊର୍ଦ୍ଧ୍ୱ କଂସା, ପିତ୍ତଳ ଓ ସୁନାରୁପା କାରିଗର ଉପକୃତ ହେବ ବୋଲି କୁହାଯାଉଛି। କେନ୍ଦ୍ର ସରକାରଙ୍କ ଆର୍ଥିକ ସହାୟତାରେ ହସ୍ତଶିଳ୍ପ କାରିଗରଙ୍କ ବିକାଶ ପାଇଁ ପୁଞ୍ଜି ଗଠନ ହେବ। ଏହାଛଡ଼ା ଏଠାରେ କାରିଗରଙ୍କ ସାମଗ୍ରୀ ବିକ୍ରି ଦିଗରେ ବଜାର ସୁବିଧା ସୃଷ୍ଟି କରାଯିବ। ସରକାରଙ୍କ ଅଣୁ, କ୍ଷୁଦ୍ର, ଲଘୁ ଉଦ୍ୟୋଗ ବିଭାଗର ଶ୍ରୁତି ଯୋଜନା ଜରିଆରେ ଉକ୍ତ କ୍ଲଷ୍ଟର ଗଠନ କରାଯାଉଛି। ଏଥିପାଇଁ ବାଲିପାଟଣାଠାରେ ୪୪ଡିସିମିଲ ଜମି ଲିଜ୍ ସୂତ୍ରରେ ନିଆଯାଇଛି। ଆଧୁନିକ ଜ୍ଞାନକୌଶଳରେ ତିଆରି ଯନ୍ତ୍ରାଂଶ ବ୍ୟବହାର କରାଯିବ। ବହୁଳ ଭାବରେ କଂସା, ପିତ୍ତଳ ଓ ଅନ୍ୟ ହସ୍ତଶିଳ୍ପ ସାମଗ୍ରୀ ଉତ୍ପାଦନ କରାଯିବ। ଏଭଳି ପ୍ରୟାସ ଦ୍ୱାରା କାରିଗର ପରିବାରର ଆର୍ଥିକ ସ୍ଥିତି ସୁଦୃଢ଼ ହୋଇପାରିବ ବୋଲି ସୂଚନା ମିଳିଛି। ଏହି ଅବସରରେ ବାଲିପାଟଣା ମିଳିତ କଂସା, ବାସନ କାରିଗର ସଭାଗୃହରେ ସଂଘ ସଭାପତି ଲକ୍ଷ୍ମୀଧର ମହାରଣାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ଶିଳ୍ପୀ ମହାସଂଘ ସଭାପତି ଉଦୟ ମହାନ୍ତି, ସମ୍ମାନିତ ଅତିଥି ଶିଳ୍ପୀ ମହାସଂଘର ସମ୍ପାଦକ ପ୍ରିୟରଞ୍ଜନ କର, କୋଷାଧ୍ୟକ୍ଷ ଅଶୋକ ଗୁଇଁ, ସଂଗଠନ ସମ୍ପାଦିକା ସରୋଜିନୀ ଦାସ, ଉପସଭାପତି ମକରଧ୍ୱଜ ଗୁଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲକ୍ଷ୍ମୀଧର ଚାନ୍ଦ, ବଟକୃଷ୍ଣ ସାହୁ, ଶ୍ରୀଧର ସାହୁ ପ୍ରମୁଖ ଯୋଗଦେଇ କାରିଗରଙ୍କ ପେନସନ, ବୀମା, କାରିଗର ପରିଷଦ ବୋର୍ଡର ପୁନଃଗଠନ ଦିଗରେ ମତ ରଖିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି କ୍ଲଷ୍ଟରରେ ୭୦୦ରୁ ୮୦୦ କାରିଗରଙ୍କୁ ସାମିଲ କରାଯାଇଛି। ଆଗକୁ ଟେରାକୋଟା, ବାଉଁଶ, ବେତ, କାଇଁଚ, ପଥରଖୋଦେଇ, ଯାତ୍ରାପୋଷାକ କାରିଗରଙ୍କୁ ଏଥିରେ ସାମିଲ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। କ୍ଲଷ୍ଟରକୁ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି।




ବୈଠକରେ ଶିଳ୍ପୀ ମହାସଂଘର କର୍ମକର୍ତ୍ତା ଓ ଅନ୍ୟମାନେ।

# ଇଟାମାଟି, ରାଜସୁନାଖଳାକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା ଦାବି

ନୟାଗଡ଼ ଅଫିସ,୨୫।୧୨

ନୟାଗଡ଼ ଜିଲା ଇଟାମାଟି ଓ ରାଜସୁନାଖଳା ବିଜ୍ଞାପିତ ଅଞ୍ଚଳର ମାନ୍ୟତା ପାଇବା ପାଇଁ ଦାବି ହୋଇଆସୁଛି। ଏହି ଦୁଇ ଅଞ୍ଚଳରେ ସହରାଞ୍ଚଳ ହେବାକୁ ସବୁ ପ୍ରକାରର ଭିତ୍ତିଭୂମି ରହିଛି । ହେଲେ ଏହାକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି । ନୟାଗଡ ବ୍ଲକର ଇଟାମାଟି ଏକ ବଡ ପଞ୍ଚାୟତ । ଏହାର ଲୋକ ସଂଖ୍ୟା ୧୦ ହଜାରରୁ ଊର୍ଦ୍ଧ୍ୱ। ସେହିଭଳି ରଣପୁର ବ୍ଲକରେ ରହିଛି ରାଜସୁନାଖଳା । ଏହା ଏକ ପଞ୍ଚାୟତ ହୋଇଥିବାବେଳେ ଲୋକସଂଖ୍ୟା ୭ ହଜାରରୁ ଅଧିକ। ଏହାପରେ ବି ସରକାର ଏଥିପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି ।

# ବାଇକ ଧକ୍କାରେ ଜଣେ ମୃତ

ନୟାଗଡ଼ ଅଫିସ, ୨୫।୧୨

ନୟାଗଡ଼ ଟାଉନ ଥାନା ଅଧୀନ ମୁକ୍ତାପୁରରେ ଏକ ବାଇକ ଧକ୍କାରେ ଜଣେ ପଥଚାରୀଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ସଉରୀ ପ୍ରଧାନ(୫୮)। ତାଙ୍କ ଘର ତୁଳସୀପୁର । ମୁକ୍ତାପୁରରୁ ସଉରୀ ଘରକୁ ଚାଲି ଫେରୁଥିବାବେଳେ ଗୁରୁବାର ସନ୍ଧ୍ୟାରେ ଏକ ବାଇକ ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା । ଏଥିରେ ସଉରୀ ଆହତ ହୋଇଥିଲେ । ତାଙ୍କୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ମୃତ ଘୋଷଣା କରିଥିଲେ ।

# ଭାଜପା ବିଶୃଙ୍ଖଳା ନେଇ ଲୋକଙ୍କୁ ଅବଗତ କରାଯିବ




ବିଜେଡି ପ୍ରତିବାଦ ସଭାରେ ଯୋଗ ଦେଇଥିବା ନେତା ଓ କର୍ମୀ।

ବରୀ,୨୫।୧୨(ଡି.ଏନ.ଏ.)

ବରୀ ପଞ୍ଚାୟତ ସମିତିର ଷଷ୍ଠ ସାଧାରଣ ବୈଠକ ଗତ ୨୩ରେ ଅନୁଷ୍ଠିତ ହେଉଥିବାବେଳେ ଭାଜପା ଓ ବିଜେଡି କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏନେଇ ଶୁକ୍ରବାର ବାଲିବିଲି ପଞ୍ଚାୟତସ୍ଥିତ ଗାନ୍ଧୀ ଛକରେ ବିଜେଡି ପକ୍ଷରୁ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଛି। ସଭାରେ ବରୀ ବ୍ଲକ ବିଜେଡି ସଭାପତି କେଦାର ସାମଲ ସଭାପତିତ୍ୱ କରି ଉକ୍ତ ଗଣ୍ଡଗୋଳ ଘଟଣାକୁ ନିନ୍ଦା କରିଥିଲେ। ରାଜନୈତିକ ଉଦ୍ଦେଶ୍ୟକୁ ସାଧନ କରିବାକୁ ଯାଇ ବିରୋଧୀ ଯେଉଁ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ବରୀବାସୀ ତାହାର ବିଚାର କରିବେ ବୋଲି ସେ କହିଥିଲେ। ବିଧାୟିକାଙ୍କ ପ୍ରତିନିଧି ଦେବେନ୍ଦ୍ର ଦାସ, ଏମ୍‌ପିଙ୍କ ପ୍ରତିନିଧି ବିଚିତ୍ରାନନ୍ଦ ଜେନା, ଜିଲାପରିଷଦ ସଭ୍ୟ ଅଶୋକ ସାମଲ, ସରପଞ୍ଚ ସନ୍ତୋଷ ସାମଲ, ଯୁବ ବିଜେଡି ସଭାପତି ରଞ୍ଜନ ପଣ୍ଡା, ମହିଳା ସଭାନେତ୍ରୀ ଜ୍ୟୋସ୍ନାରାଣୀ ନାଥଶର୍ମା ପ୍ରମୁଖ ଯୋଗଦେଇ ବରୀ ଭାଜପାର ଏଭଳି ହିଂସାତ୍ମକ କାର୍ଯ୍ୟ ସମ୍ପର୍କରେ ବିଭିନ୍ନ ପଞ୍ଚାୟତର ଲୋକଙ୍କୁ ଅବଗତ କରାଯିବ। ଏଥିସହିତ ବରୀ ବିକାଶ କ୍ଷେତ୍ରରେ ପ୍ରତିବନ୍ଧକ ସାଜୁଥିବା ଭାଜପାକୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ବକ୍ତବ୍ୟରେ କହିଥିଲେ।

# ମହିଳାଙ୍କୁ ସଶକ୍ତ କରିବାକୁ ନୂଆ ବିଭାଗ ଖୋଲିବ

ଆଳି,୨୫।୧୨(ଡି.ଏନ.ଏ.)

ମହିଳା ସଶକ୍ତିକରଣର ମୁଖ୍ୟ ମାଧ୍ୟମ ମିଶନ ଶକ୍ତି ଦ୍ୱାରା ଏବେ ସମାଜରେ ଅନେକ କାର୍ଯ୍ୟ ଚାଲିଛି । ଆଗାମୀ ଦିନରେ ଏହାର ପରିସର ଆହୁରି ବ୍ୟାପକ ହେବ ବୋଲି ମିଶନଶକ୍ତିର ଦିବ୍ୟଜ୍ୟୋତି ବ୍ଲକସ୍ତରୀୟ କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ କହିଛନ୍ତି। ଶୁକ୍ରବାର ଆଳି ଥାନା ନିକଟ ଏହି ମହାସଂଘ କାର୍ଯ୍ୟାଳୟକୁ ବିଧାୟକ ଦେବ ଉଦ୍‌ଘାଟନ କରିଥିଲେ। ଦେବ କହିଲେ, ୨୦୦୧ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମିଶନ ଶକ୍ତିର ଶୁଭାରମ୍ଭ କରିଥିଲେ। ଆଜିର ଦିନରେ ଓଡିଶାର ୮୦ ଲକ୍ଷ ମହିଳା ମିଶନଶକ୍ତି ସହିତ ଯୋଡି ହୋଇଛନ୍ତି । ସରକାର ମହିଳାମାନଙ୍କୁ ଆହୁରି ସଶକ୍ତ କରିବାକୁ ଏକ ବିଭାଗ ମଧ୍ୟ ଖୋଲିବାକୁ ସ୍ଥିର କରିଛନ୍ତି । ଆଗାମୀ ଦିନରେ ମହିଳାମାନେ ଅଧିକାଂଶ ସରକାରୀ କାର୍ଯ୍ୟରେ ନିଜକୁ ସାମିଲ କରି ଅଧିକ ସ୍ୱାବଲମ୍ବୀ ହୋଇପାରିବେ । ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜକ କୈଳାଶ ଚନ୍ଦ୍ର ସେନାପତି ମିଶନ ଶକ୍ତିର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟବକ୍ତା ଭାବେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷା ଝରଣା ଦାଶ ଯୋଗଦେଇ କହିଥିଲେ, ନାରୀମାନଙ୍କ ଯେତେ ଉନ୍ନତି ହେବ ଦେଶ ଓ ଜାତିର ସେତେ ଉନ୍ନତି ହେବ । ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ସତ୍ୟଭାମା ମଲିକ, ଆଳି ଶିଶୁବିକାଶ ଅଧିକାରିଣୀ କଳ୍ପନା ଧଳ, ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର, ଯୁବନେତା ଭୀଷ୍ମ ମହାନ୍ତି ଓ ଦେମାଳ ସରପଞ୍ଚ ମନୋରଞ୍ଜନ ସାମଲ ପ୍ରମୁଖ ଯୋଗଦେଇ ମିଶନ ଶକ୍ତି କାର୍ଯ୍ୟକୁ ଆଗେଇ ନେବାକୁ ଉପସ୍ଥିତ ମହିଳାମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ୧୦ଟି ଗୋଷ୍ଠୀକୁ ୫୦ ହଜାର ଟଙ୍କା ଲେଖାଁ ଋଣ ପ୍ରଦାନର ଚିଠି ପ୍ରଦାନ କରିଥିଲେ । ବ୍ଲକସ୍ତରୀୟ ମିଶନଶକ୍ତି ସଂଯୋଜକ ମୋନାଲିସା ନାୟକ,ଓଡିଶା ଜୀବିକା ମିଶନର ହିମାଂଶୁ ଭଦ୍ର,ସବିତା କର ଓ ଆଶାଲତା ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ ।

# ନିଷ୍ପେଷିତଙ୍କ ପାଇଁ ସଂଗ୍ରାମ ଜାରି ରହିବ

ଡେରାବିଶ,୨୫।୧୨(ସ୍ୱ.ପ୍ର.)

ସମାଜରେ ନିଷ୍ପେଷିତ ହେଉଥିବା ଲୋକଙ୍କର ମୌଳିକ ଅଧିକାରକୁ ଅକ୍ଷୁଣ୍ଣ ରଖିବା ପାଇଁ ସଂଗ୍ରାମ ଜାରି ରହିବ ବୋଲି ମାନବ ଅଧିକାର କର୍ମୀମାନେ କହିଛନ୍ତି। ଭାରତୀୟ ମାନବ ଅଧିକାର ପରିଷଦର ସାଧାରଣ ସଭା ଡେରାବିଶ ବ୍ଲକ ଛତାଛକଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାମାଜିକ କର୍ମୀ ଡ. ରବିନାରାୟଣ ବେହେରା ମୁଖ୍ୟଅତିଥି, ପ୍ରାଧ୍ୟାପକ ଅଜୟ କୁମାର ରାଉତ ମୁଖ୍ୟବକ୍ତା, ପରିଷଦ ଉପସଭାପତି ଆଲୋକ ସ୍ୱାଇଁ, ଆଇନଜୀବୀ ଲଲାଟେନ୍ଦୁ ସିଂହ, ଲିଙ୍ଗରାଜ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦେଶରେ ପ୍ରତ୍ୟେକ ବ୍ୟକ୍ତିଙ୍କର ବଞ୍ଚି ରହିବାକୁ ଗଣତାନ୍ତ୍ରିକ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ନିଜର ମୌଳିକ ଅଧିକାର ଯେପରି ଅକ୍ଷୁଣ୍ଣ ରହିବ ତାହା ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ଏଥିସହ ଦେଶକୁ ତଥା ରାଜ୍ୟର ସାମାଜିକ ଓ ସାମ୍ବିଧାନିକ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ପରିଷଦର ପ୍ରୟାସକୁ ବକ୍ତାମାନେ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନବ ଅଧିକାର କର୍ମୀ ଶିବାଶିଷ ମହାନ୍ତି ପ୍ରମୁଖ ବହୁ ମାନବାଧିକାର କର୍ମୀ ନିଜ ନିଜର ମତାମତ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ପରିଷଦର କର୍ମକର୍ତ୍ତା ଶୁଭେନ୍ଦୁ କୁମାର ସିଂ ସାଧାରଣ ସଭାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶେଷରେ ସତ୍ୟଜିତ୍ ଲେଙ୍କା ଧନ୍ୟବାଦ ଦେଇଥିଲେ। ସାଧାରଣ ସଭାରେ ରାଜ୍ୟର ବିଭିନ୍ନ ଜିଲାରୁ ଶତାଧିକ ମାନବ ଅଧିକାର କର୍ମୀ ଯୋଗ ଦେଇଥିଲେ।

# ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ଘୋଷଣା ଦାବି ଜୋର୍ ଧରିଲା

### ଭିତ୍ତିଭୂମି ଭିଡିଓ ପ୍ରସ୍ତୁତ କଲା ବିକାଶ ପରିଷଦ

ପଟ୍ଟାମୁଣ୍ଡାଇ, ୨୫।୧୨(ସ୍ୱ.ପ୍ର.)

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ରାଜସ୍ୱ ସବ୍‌ଡିଭିଜନ ପ୍ରତିଷ୍ଠା ପାଇଁ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପକ୍ଷରୁ ଦୀର୍ଘ ୧୨ବର୍ଷ ହେଲା ଆନ୍ଦୋଳନ, ଧାରଣା, ଅନଶନ ଜାରି ରହିଛି । ଏଥିପାଇଁ ରାଜ୍ୟ ସରକାରଙ୍କୁ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ଘୋଷଣା କରିବା ପାଇଁ ସମସ୍ତ ଭିତ୍ତିଭୂମି ରହିଥିବା ସରକାରଙ୍କୁ କାଗଜପତ୍ର ପ୍ରଦାନ କରାଯାଇଛି । ପଟ୍ଟାମୁଣ୍ଡାଇକୁ ସବ୍‌ଡିଭିଜନ ଘୋଷଣା କରିବା ଦାବି ସମ୍ପର୍କରେ ଆଲୋଚନା କରାଯାଇ ତାହା ସରକାରଙ୍କ ବିଚାରାଧୀନ ଥିବା ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ବିଧାନସଭାରେ କହିଥିଲେ। ଏଥିସହିତ ସରକାର ସବଡିଭିଜନ ଘୋଷଣା କରିବା ବେଳେ ପଟ୍ଟାମୁଣ୍ଡାଇକୁ ଅଗ୍ରାଧିକାର ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ହେଲେ ଆଜି ପର୍ଯ୍ୟନ୍ତ ସେଥିପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏବେ ସେହି ଦାବିକୁ ଜୋର କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ବିକାଶ ପରିଷଦ ପକ୍ଷରୁ ଭିତ୍ତିଭୂମି ସମ୍ପର୍କରେ ଏକ ଭିଡିଓ ପ୍ରସ୍ତୁତ କରାଯାଇଛି।

ପଟ୍ଟାମୁଣ୍ଡାଇକୁ ରାଜସ୍ ସବଡିଭିଜନ ମାନ୍ୟତା ପ୍ରଦାନ ପାଇଁ ବିକାଶ ପରିଷଦ ପକ୍ଷରୁ ଓଡିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ନଂ.୧୧୨୯୭/୨୦୧୮ ରୁଜୁ କରାଯାଇଥିଲା । ଏବେ ତାହା ବିଚାରାଧୀନ ରହିଛି। ମାତ୍ର କଟକ କେନ୍ଦ୍ରାଞ୍ଚଳ ଆରଡିସି ଅନିଲ ସାମଲ ଚଳିତ ମାସ ୨୧ ତାରିଖରେ କେନ୍ଦ୍ରାପଡା ଗସ୍ତରେ ଆସି ବିଚାରାଧୀନ ଥିବା ରାଜସ୍ୱ ସବଡିଭିଜନ ଭିତ୍ତିଭୂମି ସମ୍ପର୍କରେ ରେକର୍ଡ ପ୍ରସ୍ତୁତ କରି ତାଙ୍କୁ ପ୍ରଦାନ କରିବା ପାଇଁ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପଟ୍ଟାମୁଣ୍ଡାଇ ନିର୍ବାଚନ ମଣ୍ଡଳୀ ଉଚ୍ଛେଦ ହୋଇଯିବା ପରେ ପଟ୍ଟାମୁଣ୍ଡାଇ ରାଜସ୍ୱ ସବଡିଭିଜନ ମାନ୍ୟତା ପ୍ରଦାନ ଦାବିରେ ବିକାଶ ପରିଷଦ ଦାବି କରି ଆସୁଛି । ଆରଡିସିଙ୍କ ନିର୍ଦ୍ଦେଶ ପରେ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପ୍ରତିଷ୍ଠାତା ବିଜୟ କେତନ ସ୍ୱାଇଁ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ସୂଚନା ଦେଇ ଲଢେଇ ଜାରି ରଖିବାକୁ ଆହ୍ୱାନ କରିଥିଲେ । ଆବାହକ ଆଇନଜୀବୀ କ୍ଷୀରୋଦ ପ୍ରଧାନଙ୍କ ନେତୃତରେ ବ୍ଲକ ସଭାପତି ଆଇନଜୀବୀ ଦେବବ୍ରତ ସ୍ୱାଇଁ, ନଗର ସଭାପତି ଆଇନଜୀବୀ ସୌମ୍ୟ ରଞ୍ଜନ ଧଳ,ରାଜନଗର ବ୍ଲକ ସଭାପତି ରଘୁନାଥ ଦାସ,ପଟ୍ଟାମୁଣ୍ଡାଇ ଉପ ସଭାପତି ଦିଲ୍ଲୀପ ସାହୁ, ପ୍ରଦୀପ ରାଉତ, ନିରାକାର ସୁବୁଦ୍ଧି ପ୍ରମୁଖ ସାମିଲ ହୋଇ ପଟ୍ଟାମୁଣ୍ଡାଇ ସମସ୍ତ ସରକାରୀ ଅଫିସ ପରିକ୍ରମା କରିଥିଲେ । ପଟ୍ଟାମୁଣ୍ଡାଇରେ ସିଭିଲ ଜଜ କୋର୍ଟ ଥିବା ବେଳେ ଏଇ ନିକଟରେ ଏଡିଜେ କୋର୍ଟ ପ୍ରତିଷ୍ଠା ହେବ । ମୁନସିପାଲଟି, ଅଗ୍ନିଶମ କେନ୍ଦ୍ର, ଅବକାରୀ ସବ୍‌ଡିଭିଜନ, ପୋଲିସ ଏସ୍‌ଡିପିଓ କାର୍ଯ୍ୟାଳୟ, ମୁଖ୍ୟ ଡାକଘର, ଉପଖଣ୍ଡସ୍ତରୀୟ ହସ୍ପିଟାଲ ସହିତ ସମସ୍ତ ବିଭାଗର ଉପଖଣ୍ଡ କାର୍ଯ୍ୟାଳୟ ପଟ୍ଟାମୁଣ୍ଡାଇରେ ରହିଛି । ରାଜସ୍ୱ ସବ୍‌ଡିଭିଜନ ପ୍ରତିଷ୍ଠା ହେଲେ ପଟ୍ଟାମୁଣ୍ଡାଇ ,ରାଜନଗର, ଆଳି ଓ ରାଜକନିକା ବ୍ଲକର ୮ ଲକ୍ଷ ଲୋକ ଉପକୃତ ହେବେ ବୋଲି ବିକାଶ ପରିଷଦ କହିଛି ।



ପଟ୍ଟାମୁଣ୍ଡାଇ ବିକାଶ ପରିଷଦର କର୍ମକର୍ତ୍ତାମାନେ।

## ସଂକ୍ଷେପରେ

### ଡିଜିଟାଲ ପ୍ଲାଟ୍‌ଫର୍ମ 'ଡିଜିବକ୍ସ' ଉନ୍ମୋଚିତ

**ନୂଆଦିଲ୍ଲୀ,୨୫।୧୨:** ଦେଶର ପ୍ରଥମ ଡିଜିଟାଲ ଆସେସ୍ ମ୍ୟାନେଜମେଣ୍ଟ ପ୍ଲାଟଫର୍ମ 'ଡିଜିବକ୍ସ' ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ନୀତି ଆୟୋଗର ସିଇଓ ଅମିତାଭ କାନ୍ତ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଡେକ୍ସଟପ, ଆଇଓଏସ୍ ଏବଂ ଆଣ୍ଡ୍ରଏଡ ସିଷ୍ଟମଗୁଡ଼ିକରେ ଷ୍ଟୋରେଜ, ଶେୟାରିଂ ଏବଂ ମ୍ୟାନେଜମେଣ୍ଟ ପାଇଁ ଉଦ୍ଦିଷ୍ଟ ଅଟେ। ଏହି ସବୁ ସୁବିଧା ସବୁ ବର୍ଗଙ୍କ ପାଇଁ ବେଶ ଉପଯୋଗୀ ହେବ ବୋଲି କମ୍ପାନୀ କହିଛି। ଏହି ଡିଜିଟାଲ ପ୍ଲାଟ୍‌ଫର୍ମ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ହୋଇଛି। ଏହି ପ୍ଲାଟ୍‌ଫର୍ମ ଗୁଣାତ୍ମକ ଦୃଷ୍ଟିରୁ ଅତ୍ୟନ୍ତ ଉଚ୍ଚମାନର ବୋଲି କୁହାଯାଉଛି। ବଡ ବ୍ୟବସାୟ ପ୍ରତିଷ୍ଠାନ ସହ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ (ଏମ୍ଏସ୍ଏମ୍ଇ) ଜଗତ ପାଇଁ ମଧ୍ୟ ଏହା ବେଶ୍ ଉପାଦେୟ ସାବ୍ୟସ୍ତ ହେବ ବୋଲି ଅମିତାଭ କାନ୍ତ ମତ ପ୍ରକାଶ କରିଥିଲେ। ସେହିଭଳି ଡିଜିବକ୍ସର ଚେୟାରମ୍ୟାନ ବିବେକ ସୁଚାନ୍ତି କହିଛନ୍ତି ଯେ,ସରକାରଙ୍କ ମେକ୍ ଇନ ଇଣ୍ଡିଆ ଏବଂ ଆତ୍ମନିର୍ଭର ଭାରତ ସ୍ଲୋଗାନକୁ ବାସ୍ତବତାର ରୂପ ଦେବା ପାଇଁ ଆମେ ଚେଷ୍ଟା ଜାରି ରଖିବୁ।

### ନାଲ୍‌କୋ ମହିଳା ସମିତିର ବିବିଧ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୫।୧୨:** ନାଲ୍‌କୋ ମହିଳା ସମିତିର ଅଧ୍ୟକ୍ଷା ସସ୍ମିତା ପାତ୍ରଙ୍କ ନେତୃତ୍ୱରେ ସମିତିର ସଦସ୍ୟାମାନେ ଗତ ମଙ୍ଗଳବାର ପୁରୀ ସହର ଗାନ୍ଧୀପାର୍କଠାରେ ଏକ ପଥପ୍ରାନ୍ତ ନାଟକ (ନୁକ୍କଡ ନାଟକ-୨୦୨୦) ପ୍ରଦର୍ଶନ କରିଥିଲେ। ଏହି ନୁକ୍କଡ ନାଟକ ଜରିଆରେ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ କୋଭିଡ୍-୧୯ ଏବଂ ସ୍ୱଚ୍ଛତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହା ପୂର୍ବରୁ ସମିତିର ସଦସ୍ୟାମାନଙ୍କ ଦ୍ୱାରା ଗତ ସପ୍ତାହରେ ଭୁବନେଶ୍ୱରର ନାଲ୍‌କୋ ଛକ ଏବଂ ଶ୍ରୀଲିଙ୍ଗରାଜ ମନ୍ଦିର ନିକଟରେ ମଧ୍ୟ ଏହି ନୁକ୍କଡ ନାଟକ ପ୍ରଦର୍ଶିତ କରାଯାଇଥିଲା।

# ଟ୍ରାକ୍‌କୁ ଫେରୁଛି ମାନୁଫାକ୍‌ଚରିଂ

**ମୁମ୍ବାଇ,୨୫।୧୨**



କରୋନା ଉପରେ ନିୟନ୍ତ୍ରଣ ଜାରି କରିବା ଲାଗି ସରକାର ସାରା ଦେଶକୁ ଲକ୍‌ଡାଉନ କରି ରଖିଥିଲେ। ଫଳରେ ଦେଶର ଅର୍ଥବ୍ୟବସ୍ଥାକୁ ଗଭୀର ଝଟକା ଲାଗିଛି। ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଦେଶର ମାନୁଫାକଚରିଂ କ୍ଷେତ୍ର ନୋମିନାଲ ସେଲ୍ସ ୪୧.୧% ଖସିଯାଇଥିଲା। ଦ୍ୱିତୀୟ ତ୍ରୈମାସରେ ଏହି କ୍ଷେତ୍ରରେ ପ୍ରଭାବ ଜାରି ରହିବ। ମାତ୍ର ପ୍ରଥମ ତ୍ରୈମାସ ତୁଳନାରେ ଏତେଟା ପ୍ରଭାବ ଦେଖାଯିବ ନାହିଁ। ଦ୍ୱିତୀୟ ତ୍ରୈମାସରେ ଏହା ୪.୩% ଖସିବ ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ ଆକଳନ କରାଯାଇଛି। ମାନୁଫାକଚରିଂ କ୍ଷେତ୍ର ଚାହିଦାରେ ଉନ୍ନତି ଆସୁଥିବାରୁ ପୂର୍ବାପେକ୍ଷା ଏଥିରେ ଉନ୍ନତି ଆସିବ ବୋଲି କୁହାଯାଇଛି। ଲୁହା, ଇସ୍ପାତ, ଖାଦ୍ୟ ସାମଗ୍ରୀ, ସିମେଣ୍ଟ, ଅଟୋମୋବାଇଲ, ଫାର୍ମା ସିଟିକାଲ ଭଳି କ୍ଷେତ୍ରରେ ଚାହିଦା ଫେରୁଥିବା ଦେଶର କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଡାଟା ପ୍ରକାଶ ପାଇଛି। ମାନୁଫାକଚରିଂ କମ୍ପାନୀ ଦ୍ୱିତୀୟ ତ୍ରୈମାସରେ ୫.୯୯ ଲକ୍ଷ କୋଟି ଟଙ୍କାର ବିକ୍ରି ହାସଲ କରିଛନ୍ତି। ଏହା ପ୍ରଥମ ତ୍ରୈମାସରେ ୩.୯୭ ଲକ୍ଷ କୋଟି ଟଙ୍କା ରହିଥିଲା। ୨୬୭୩ ପଞ୍ଜୀକୃତ ଫାର୍ମକୁ ନେଇ ଏଭଳି ଡାଟା ଜାରି କରାଯାଇଛି। ଅଣଆଇଟି କ୍ଷେତ୍ରର ନୋମିନାଲ ବିକ୍ରି ୧୪.୫% ଖସିପାରେ। ଟେଲିକମ ଏବଂ ରିୟଲ ଇଷ୍ଟେଟ କମ୍ପାନୀଗୁଡ଼ିକର ବିକ୍ରିରେ ଉନ୍ନତି ପରିଲକ୍ଷିତ ହୋଇପାରେ। ଆଇଟି କମ୍ପାନୀଗୁଡ଼ିକ ୩.୬% ବିକ୍ରି ଅଭିବୃଦ୍ଧି ହାସଲ କରିବା ନେଇ ଆକଳନ କରାଯାଇଛି।

ଦ୍ୱିତୀୟ ତ୍ରୈମାସ ଡାଟା ମୁତାବକ, ଅଣ ଆଇଟି ଏବଂ ଆଇଟି କମ୍ପାନୀଗୁଡ଼ିକ ଦ୍ୱିତୀୟ ତ୍ରୈମାସରେ ଯଥାକ୍ରମେ ୮୦,୮୪୨ କୋଟି ଏବଂ ୧.୦୧ ଲକ୍ଷ କୋଟି ଟଙ୍କାର ବିକ୍ରି ସ୍ତର ହାସଲ କରିଛନ୍ତି। କମ୍ପାନୀଗୁଡ଼ିକର ପରିଚାଳନା ଖର୍ଚ୍ଚରେ ଚାପ ଦେଖାଯାଇଛି ବୋଲି ଆର୍‌ବିଆଇ ରିପୋର୍ଟରେ ପ୍ରକାଶ ପାଇଛି।

# କଳାମନ୍ଦିର ପକ୍ଷରୁ ଏଣ୍ଡ ଅଫ୍ ଡିକେଡ୍ ସେଲ୍

**ଭୁବନେଶ୍ୱର,୨୫।୧୨**

ରାଜ୍ୟର ପ୍ରମୁଖ ବ୍ୟବସାୟିକ ପ୍ରତିଷ୍ଠାନ କଳାମନ୍ଦିର ପକ୍ଷରୁ ଖ୍ରୀଷ୍ଟମାସ ଏବଂ ନବବର୍ଷ ଉପଲକ୍ଷେ 'ଏଣ୍ଡ ଅଫ୍ ଡିକେଡ୍ ସେଲ୍'ର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ପ୍ରତିଷ୍ଠାନ ଆଗାମୀ ୧୦ ଦିନ ପାଇଁ ଗ୍ରାହକଙ୍କୁ ୧୦% ରିହାତି ପ୍ରଦାନ କରୁଥିବା ସଂସ୍ଥାର ମୁଖ୍ୟ ରାଜେନ୍ଦ୍ର ସିଂହ ମତ ପ୍ରକାଶ କରିଛନ୍ତି। ଚଳିତ ବର୍ଷ କରୋନା ମହାମାରୀ ଯୋଗୁ ଲୋକମାନେ ନାନା ପ୍ରକାର ସମସ୍ୟା ଓ ମାନ୍ଦାବସ୍ଥା ଦେଇ ଗତି କରୁଛନ୍ତି। ଏହି ସମୟରେ ମଧ୍ୟ କଳାମନ୍ଦିର ତାର ଗ୍ରାହକମାନଙ୍କୁ ସବୁ ପ୍ରକାର ସହଯୋଗ ପୂର୍ବପରି ଦେଇ ଆସିଛି। ସେହିଭଳି କୋଭିଡ୍ କଟକଣା ଓ ସରକାରଙ୍କ ଗାଇଡଲାଇନକୁ ପୂର୍ଣ୍ଣ ଭାବରେ ପାଳନ କରୁଛି। ୧୯୪୯ ମସିହାରୁ ପ୍ରତିଷ୍ଠିତ ବର୍ମା ଜେନେରାଲ ଷ୍ଟୋର ବର୍ତ୍ତମାନ ସମୟରେ କଳାମନ୍ଦିର ନାମରେ ପରିଚିତ। ଏହି ଶୋ'ରୁମ ସବୁ ବର୍ଗର ଗ୍ରାହକଙ୍କୁ ସଦ୍ୟତମ ଫ୍ୟାଶନ, ଗୁଣବତ୍ତା ପ୍ରଡକ୍ଟ ଓ ସେବା ଯୋଗାଇ ଦେଉଛି। ପର୍ବପର୍ବାଣି ଓ ବାହାଘର ଋତୁ ପାଇଁ ମଧ୍ୟ ଆବଶ୍ୟକ ପୋଷାକ ଗୋଟିଏ ଛାତ ତଳେ ଉପଲବ୍ଧ ହେଉଛି। ଏଠାରେ ପୁରୁଷଙ୍କ ପୋଷାକ, ଲେଡିଜୱେର, କିଡ୍ସୱେର ଏବଂ ଫରନିସିଂ ସାମଗ୍ରୀ ମଧ୍ୟ ଉପଲବ୍ଧ। କଳାମନ୍ଦିର ତା'ର ବ୍ରାଣ୍ଡ ଓ କ୍ୱାଲିଟ ପାଇଁ ଗ୍ରାହକମାନଙ୍କର ପ୍ରିୟଭାଜନ ହୋଇପାରିଛି ବୋଲି ସିଂହ କହିଛନ୍ତି।

# ପ୍ଲାଟିନମ ଇଭାରାର ନୂଆ କଲେକ୍ସନ

**ଭୁବନେଶ୍ୱର,୨୫।୧୨**

ବର୍ତ୍ତମାନ ସମୟର ମହିଳାମାନଙ୍କ ପାଇଁ ପ୍ଲାଟିନମ ଇଭାରା ପକ୍ଷରୁ ଏହାର ନୂତନ କଲେକ୍ସନ ଶୁଭାରମ୍ଭ କରାଯାଇଛି। ଏହି ନୂତନ କଲେକ୍ସନ ଡିଜାଇନ ପ୍ୟାଲେଟ ହେଉଛି ରତ୍ନପାର୍ଶ୍ୱ, ସୁନ୍ଦର ଲାଇନ ଓ ଫ୍ରେମ୍‌ଗୁଡ଼ିକର ଏକ ମିଶ୍ରଣ । ସେହିଭଳି ପରିଭାଷିତ କୋଣ, ଆଚ୍ଛାଦିତ ଓ ବକ୍ର ଆକାର ସହିତ ବୃତ୍ତ ଆକାର, ବକ୍ର ଓ ଖୋଦେଇ ସହିତ ଆଙ୍ଗୁଲାର, ଏଜି ଓ ଡାଇମେନ୍ସନାଲି ଫ୍ଲୁଇଡ ଥିବା ଏହି କଲେକ୍ସନର ପ୍ରତ୍ୟେକ ଡିଜାଇନ ଜଣେ ମହିଳାଙ୍କ ପାଇଁ ଏକ ଉପଯୁକ୍ତ ସମ୍ମାନ। ଏହି ରେଞ୍ଜରେ ଷ୍ଟେଟ୍‌ମେଣ୍ଟ ପ୍ଲାଟିନମ ରିଙ୍ଗ୍, ସୂକ୍ଷ୍ମ ରୂପେ ଡିଜାଇନ ହୋଇଥିବା ପ୍ଲାଟିନମ ନେକ୍‌ଲେସ ଓ ଆକର୍ଷଣୀୟ ଏସେନ୍ସିଆଲ ଜୁଏଲେରି ଯେପରିକି ଇୟର ରିଂ, ବ୍ରେସ୍‌ଲେଟ ଆଦି ଏଥିରେ ସାମିଲ ରହିଛି। ଏହି କଲେକ୍ସନକୁ ୬ ଜଣ ଲୋକପ୍ରିୟ ଷ୍ଟାଇଲ ଆଇକନ ଉନ୍ମୋଚିତ କରିଛନ୍ତି। ପ୍ରମୁଖ ଲାଇଫ ଷ୍ଟାଇଲ ଇନ୍‌ଫ୍ଲୁଏନ୍ସର ଓ ଉଦ୍ୟୋଗୀ ମାସୁମ ମିନାୱାଲ, ସେଲିବ୍ରିଟ ଷ୍ଟାଇଲିଷ୍ଟ ସଞ୍ଜନା ବାତ୍ରା ଲକ୍‌ଜରି ଲାଇଫଷ୍ଟାଇଲ ଇନ୍‌ଫ୍ଲୁଏନ୍ସର ଆୟୁଷୀ ବାଙ୍ଗୁର, ଦକ୍ଷିଣ ଭାରତର ଅଭିନେତ୍ରୀ ମୃଣାଳିନୀ ରବି ଓ ନିକ୍କି ଘଲରାନୀ ଏବଂ ଯୋଗ ଗୁରୁ ପ୍ରଦୈନି ସୁରଭା ପ୍ରମୁଖ ସାମିଲ ଅଛନ୍ତି। ଦେଶବ୍ୟାପୀ ଅଗ୍ରଣୀ ଅଳଙ୍କାର ଖୁଚୁରା ଷ୍ଟୋରଗୁଡ଼ିକରେ ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।





### ଡିଏନ୍ ରେଗାଲିଆର ପ୍ରତିଷ୍ଠା ଦିବସ




**ଭୁବନେଶ୍ୱର,୨୫।୧୨**

ସ୍ଥାନୀୟ ପାତ୍ରପଡାସ୍ଥିତ ଡିଏନ୍ ରେଗାଲିଆ ମଲ୍‌ର ଦ୍ୱିତୀୟ ପ୍ରତିଷ୍ଠା ଦିବସ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଡିଏନ୍ ଗ୍ରୁପର ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ନାୟକ, ନିର୍ଦ୍ଦେଶିକା ରତ୍ନମାଳା ସ୍ୱାଇଁ, ଅପରେଶନ ବିଭାଗ ଉପାଧ୍ୟକ୍ଷ ସିଦ୍ଧାର୍ଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସମେତ କର୍ମଚାରୀମାନେ ମଧ୍ୟ ଉତ୍ସବରେ ଉପସ୍ଥିତ ଥିଲେ। ବଡଦିନ ଏବଂ ନୂଆବର୍ଷ ଉପଲକ୍ଷେ ମଲ୍‌ରେ ଗ୍ରାହକଙ୍କ ଲାଗି ଆକର୍ଷଣୀୟ ଉପହାର ବ୍ୟବସ୍ଥା କରାଯାଇଥିବା ଅଧ୍ୟକ୍ଷ ନାୟକ କହିଛନ୍ତି। କରୋନା ମହାମାରୀ ସମୟରେ କର୍ମଚାରୀ ସାମାଜିକ ଦୂରତ୍ୱ ରକ୍ଷାକରି ସୁଚାରୁ ରୂପେ କାମ ସମ୍ପାଦନ କରୁଥିବାରୁ ସେ ଧନ୍ୟବାଦ ପ୍ରଦାନ କରିଛନ୍ତି।

### ଇମ୍ଫାର ପିଟ୍ ହେଡ୍ କମ୍ପ୍ଲେକ୍ସ ଉଦ୍‌ଘାଟିତ

**ଭୁବନେଶ୍ୱର,୨୫।୧୨**

ଇମ୍ଫା ପକ୍ଷରୁ ଏହାର ମହାଗିରି ଖଣି ଅଞ୍ଚଳରେ ନୂଆ ପିଟ୍ ହେଡ୍ କମ୍ପ୍ଲେକ୍ସ ଶୁଭାରମ୍ଭ ହୋଇଛି। କମ୍ପାନୀର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା ଭର୍ଚୁଆଲ ଭାବେ ଏହାର ଉନ୍ମୋଚନ କରିଛନ୍ତି। ଖଣି ବିଭାଗ ଉପସଭାପତି ସୁଧାଂଶୁ ପଟନି ଏବଂ ଖଣି ବିଭାଗ ମୁଖ୍ୟ ସଞ୍ଜୀବ ଦାସ ଏହି ଅବସରରେ ଉପସ୍ଥିତ ଥିଲେ। ସୁକିନ୍ଦା ଖଣି ଅଞ୍ଚଳରେ ଏହି କାର୍ଯ୍ୟାଳୟ ପ୍ରଥମ ଥର ଲାଗି ଶୁଭାରମ୍ଭ ହୋଇଛି। କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଏବଂ ହିତକୁ ନଜରରେ ରଖି ଏଥିରେ ଆଧୁନିକ ପ୍ରକ୍ଷାଳନ, ଶୌଚ, ଅତିଥି ପ୍ରକୋଷ୍ଠ, ଲକର ସୁବିଧା, ପ୍ରାଥମିକ ଚିକିତ୍ସା, ସଭାକକ୍ଷ, କ୍ୟାପ ଲ୍ୟାମ୍ପ ପ୍ରକୋଷ୍ଠ ଇତ୍ୟାଦିର ବନ୍ଦୋବସ୍ତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୁଭ୍ରକାନ୍ତ କହିଛନ୍ତି, ଉତ୍ପାଦକତା ଏବଂ ଗୁଣବତ୍ତା ଅଭିବୃଦ୍ଧିକୁ ଧ୍ୟାନରେ ରଖି ଦଳଗତ ମନୋଭାବ ନେଇ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଶିଳ୍ପ ସମ୍ମୁଖୀନ ହେଉଥିବା ଆହ୍ୱାନ ଏବଂ ଏହାକୁ ରୋକିବା ନେଇ ପରିଚାଳନାର ନିରନ୍ତର ପ୍ରୟାସ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ସେ ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପରିଶେଷରେ ଖଣି ବିଭାଗ ଜେନେରାଲ ମ୍ୟାନେଜର ଲଲାଟେନ୍ଦୁ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।




## ରାଜ୍ୟ ଖବର

### ପଦାଧିକାରୀ ଟିମ୍ ଗଠନ କଲା ଯୁବ କଂଗ୍ରେସ

**ଭୁବନେଶ୍ୱର,୨୫।୧୨(ବ୍ୟୁରୋ)**

ପ୍ରଦେଶ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା ନିଜର ୬୬ ଜଣିଆ ପଦାଧିକାରୀ ଟିମ୍ ଗଠନ କରିଛନ୍ତି। ଏହି ଟିମ୍‌ରେ ୮ଜଣ ଉପସଭାପତି, ୧୫ଜଣ ସାଧାରଣ ସମ୍ପାଦକ, ୨୭ଜଣ ସମ୍ପାଦକ ଓ ୧୬ଜଣ ଯୁଗ୍ମ ସମ୍ପାଦକ ଅଛନ୍ତି। ଅଖିଳ ଭାରତ ଯୁବ କଂଗ୍ରେସ ଅନୁମୋଦନକ୍ରମେ ଏହି ଟିମ୍ ଘୋଷଣା ହୋଇଛି। ଘୋଷଣା ଅନୁଯାୟୀ, ପ୍ରଦେଶ ଯୁବ କଂଗ୍ରେସ ଉପସଭାପତିଭାବେ ଅଭିଳାଷ ମାଣିଆ, ମହମ୍ମଦ ଅଲିମ୍, ବିମଳ ବେହେରା, କିରଣ ସାହୁ, ବୀରେନ୍ଦ୍ର ବାଗ, ଅଙ୍କିତ ସଙ୍ଘାଇ, ରାଜୀବ ପଟ୍ଟନାୟକ ଓ ସୁନୀତା ବାଗ୍‌ଙ୍କୁ ନିଯୁକ୍ତ କରାଯାଇଛି। ରାଜ୍ୟ ଯୁବ କଂଗ୍ରେସ ପଦାଧିକାରୀଙ୍କ ସମେତ ସମ୍ବଲପୁର ଜିଲା ଯୁବ କଂଗ୍ରେସ ସଭାପତି ଭାବେ ପ୍ଲାବନ ବହିଦାର, ଗଜପତିରେ ସୂର୍ଯ୍ୟ ନାରାୟଣ ପାତ୍ର, ସୁନ୍ଦରଗଡ଼ରେ ଆଲବର୍ଟ କିଣ୍ଡୋ, ଗଞ୍ଜାମ (ଆସ୍କା ଲୋକ ସଭା)ରେ ଚିନ୍ମୟ ହୋତା, ଗଞ୍ଜାମ (ବ୍ରହ୍ମପୁର ଜୋନ୍)ରେ ବିଜୟରାଜ ପାଣିଗ୍ରାହୀ, ନବରଙ୍ଗପୁରରେ ଅଖିଳ ଭଦ୍ରାଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ନୟାଗଡ ଜିଲା ଯୁବ କଂଗ୍ରେସର କାର୍ଯ୍ୟକାରୀ ସଭାପତି ଭାବେ ମିର ଅବଦୁର ସିଦ୍ଦିକି ଓ ପ୍ରତୀକ ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଟିମ୍ ପକ୍ଷରୁ ଆଗାମୀ ଦିନରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରାଯିବ ବୋଲି ସ୍ମୃତିରଞ୍ଜନ କହିଛନ୍ତି।

# ବଡ଼ଦିନରେ ନନ୍ଦନକାନନରେ ୬୭୬୯ ପର୍ଯ୍ୟଟକ

**ବାରଙ୍ଗ,୨୫।୧୨(ଡି.ଏନ୍.ଏ.)**

ପ୍ରାଣୀଉଦ୍ୟାନ ନନ୍ଦନକାନନରେ ବଡ଼ଦିନରେ ପର୍ଯ୍ୟଟକଙ୍କ ସଂଖ୍ୟା ଆଶାଠାରୁ କମ୍ ରହିଥିଲେ। କୋଭିଡ୍ ସମୟରେ ଅକ୍ଟୋବର ୪ରେ ନନ୍ଦନକାନନ ଖୋଲିବାପରଠାରୁ ଗତ ରବିବାର ସବୁଠାରୁ ଅଧିକ ସଂଖ୍ୟକ ପର୍ଯ୍ୟଟକ ୭୭୭୯ଜଣ ଆସିଥିଲେ। ତେବେ ବଡ଼ଦିନ ଥିବାରୁ ଅଧିକ ପର୍ଯ୍ୟଟକ ଆକଳନ କରି ନନ୍ଦନକାନନ କର୍ତ୍ତୃପକ୍ଷ ପକ୍ଷରୁ କେତେକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ସବୁ ଆଶା ଆଶାରେ ରହିଯାଇଥିଲା। ବଡ଼ଦିନରେ ନନ୍ଦନକାନନକୁ ସମୁଦାୟ ୬୭୬୯ଜଣ ପର୍ଯ୍ୟଟକ ଆସିଥିବାବେଳେ ସେମାନଙ୍କ ମଧ୍ୟରେ ୪୧୮ଜଣ ଅନ୍‌ଲାଇନରେ ଟିକେଟ ନେଇଥିଲେ। ସେହିଭଳି କୋଭିଡ୍ ସମୟରେ ବଟାନିକାଲ ଗାର୍ଡେନ ଖୋଲିବାପରଠାରୁ ବଡ଼ଦିନରେ ସର୍ବାଧିକ ୮୫୧ଜଣ ପର୍ଯ୍ୟଟକ ଆସିଥିବା ଉପନିର୍ଦ୍ଦେଶକ ବିମଳ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି।

ସେହିଭଳି ପର୍ଯ୍ୟଟନସ୍ଥଳୀ ଡେରାସ୍‌ରେ ବଡ଼ଦିନ ପାଇଁ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବାର ଆଶା ରହିଥିଲା। କିନ୍ତୁ ଭଗବତୀପୁର ଗ୍ରାମର ଆଦିବାସୀ ମହିଳାମାନେ ଡେରାସ ମୁଖ୍ୟଫାଟକ ଆଗରେ ୩ ଘଣ୍ଟା ଧରି ଧାରଣାରେ ବସିବା ଯୋଗୁ ପର୍ଯ୍ୟଟକମାନେ ନିରାଶରେ ଫେରିଥିଲେ। ବନ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦେବା ପରେ ଧାରଣାରୁ



**ବଟାନିକାଲରେ ବଢ଼ିଲେ, ଡେରାସ୍‌ରୁ ଫେରିଲେ ପର୍ଯ୍ୟଟକ**

ମହିଳାମାନେ ଉଠିବାରୁ ସ୍ୱାଭାବିକ ଭାବେ ପର୍ଯ୍ୟଟକମାନେ ଡେରାସ ବୁଲିଥିଲେ। ବଡ଼ଦିନରେ ଡେରାସକୁ ୫୬୫ଜଣ ଆସିଥିବା ପର୍ଯ୍ୟଟକଙ୍କଠାରୁ ରାଜସ୍ୱ ବାବଦରେ ୪୯,୮୬୫ଟଙ୍କା ଆଦାୟ ହୋଇପାରିଥିବା ଜଣାପଡିଛି।

ସୂଚନାଯୋଗ୍ୟ, ଡେରାସରେ ଚନ୍ଦକା ବନ ବିଭାଗ ପକ୍ଷରୁ ଜଙ୍ଗଲ ତଥା ଡେରାସ୍‌ର ବିକାଶ ପାଇଁ ଭଗବତୀପୁର ଗ୍ରାମବାସୀଙ୍କୁ ପିକ୍‌ନିକ୍ ସ୍ପଟ ସହ ଦୋକାନ ଘର ଖୋଲିବା ପାଇଁ ଅନୁମତି ଦିଆଯାଇଥିଲା। ଏହାପରେ ଭଗବତୀପୁର ଗ୍ରାମବାସୀ ଦୋକାନ ଘରକୁ ନିଲାମ ସୂତ୍ରରେ ଜଣକୁ ଦେଇଥିଲେ ମଧ୍ୟ ଚୁକ୍ତିନାମା ଅବଧି ଗତମାସରୁ ସରିଲାଣି। ଅପରପକ୍ଷେ ଏହି ଦୋକାନଘର ନେଇଥିବା ବ୍ୟକ୍ତି ବିଭିନ୍ନ ସାମଗ୍ରୀର ଲେଖାଯାଇଥିବା ଧାର୍ଯ୍ୟମୂଲ୍ୟଠାରୁ ଅଧିକ ନେଉଥିବାର ବହୁବାର ଅଭିଯୋଗମାନ ହୋଇଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ଚନ୍ଦକା ଥାନାରେ ମଧ୍ୟ ବାରମ୍ବାର ଅଭିଯୋଗସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏବେ ଚୁକ୍ତିନାମା ସରିଯାଇଥିଲେ ହେଁ ଦୋକାନୀ ଛାଡ଼ିବାକୁ ରାଜି ହେଉ ନ ଥିବାରୁ ମହିଳାମାନେ ଧାରଣାରେ ବସିଲେ ବୋଲି ମହିଳାମାନେ କହିଛନ୍ତି। ଖବରପାଇ ବିଧାୟକ ସୁରେଶ କୁମାର ରାଉତରାୟ ମହିଳାମାନଙ୍କ ପାଖରେ ପହଞ୍ଚି ଧାରଣାରେ ସାମିଲ ହୋଇଥିଲେ। ପରେ ଚନ୍ଦକା ରେଞ୍ଜର ମାନସ ରଞ୍ଜନ ମହାନ୍ତି ଆସି ଉକ୍ତ ଧାରଣାରତ ମହିଳାଙ୍କୁ ବୁଝାଶୁଝା କରିବା ସହ ମଙ୍ଗଳବାର ସୁଦ୍ଧା ଦୋକାନ ଖାଲି କରିବାର ପ୍ରତିଶ୍ରୁତି ଦେବାପରେ ଧାରଣାରୁ ଉଠିଥିଲେ। ଧାରଣା ଯୋଗୁ ଦିନ ୧୦ଟାରୁ ୧ଟା ପର୍ଯ୍ୟନ୍ତ ଡେରାସକୁ ବୁଲିବାକୁ ଆସିଥିବା ପର୍ଯ୍ୟଟକମାନେ ନ ଦେଖିପାରି ଫେରିଥିଲେ।

### ପତିତପାବନଙ୍କୁ ଦର୍ଶନ କଲେ ଲ୍ୟୁଟ୍‌ନାଣ୍ଟ ଜେନେରାଲ



**ପୁରୀ ଅଫିସ,୨୫।୧୨**

ଲ୍ୟୁଟ୍‌ନାଣ୍ଟ ଜେନେରାଲ ସତୀନ୍ଦ୍ର କୁମାର ସାଇନି ସସ୍ତ୍ରୀକ ଶୁକ୍ରବାର ପୁରୀ ଗସ୍ତରେ ଆସିଛନ୍ତି। ସେ ଶ୍ରୀମନ୍ଦିର ଭିତରକୁ ନ ଯାଇଥିଲେ ମଧ୍ୟ ପତିତପାବନଙ୍କୁ ଦର୍ଶନ କରି ସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ଅବସରରେ ସାଇନି କହିଛନ୍ତି, ଶ୍ରୀମନ୍ଦିର ଖୋଲିବା ପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସିଛି। ମନ୍ଦିର ଭିତରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ ନ ହୋଇପାରିଲେ ମଧ୍ୟ ପତିତପାବନଙ୍କୁ ଦର୍ଶନ କରିବା ମୋ ପାଇଁ ସୌଭାଗ୍ୟର କଥା। ସ୍ଥିତି ସ୍ୱାଭାବିକ ହେଲେ ପୁଣି ଥରେ ସପରିବାର ଆସିବି ବୋଲି ସେ ପ୍ରକାଶ କରିଥିଲେ।

# ୨୭ରେ ବରିଷ୍ଠ ପୋଲିସ ଅଫିସର ସମ୍ମିଳନୀ

**କଟକ ଅଫିସ, ୨୫।୧୨–**

ଓଡ଼ିଶା ପୋଲିସର ୬୨ତମ ବରିଷ୍ଠ ପୋଲିସ ଅଫିସର ସମ୍ମିଳନୀ ଆସନ୍ତା ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଭର୍ଚୁଆଲ ପ୍ଲାଟଫର୍ମରେ ଅନୁଷ୍ଠିତ ହେବ। ଏଥିରେ ଆଇନ ଶୃଙ୍ଖଳା, ଅପରାଧ ସ୍ଥିତି, ବାମପନ୍ଥୀ ମାଓବାଦୀ, ସଂଘଟିତ ଅପରାଧ, ନିଶାଦ୍ରବ୍ୟ ଚୋରାଚାଲାଣ, ଗୁଣାତ୍ମକ ତଦନ୍ତ, ସଡ଼କ ନିରାପତ୍ତା, ବିନା କାଗଜରେ ଅଫିସ କାର୍ଯ୍ୟ ଆଦି ଉପରେ ବିସ୍ତୃତ ଆଲୋଚନା କରାଯିବ। ସେହିଭଳି ରାଜ୍ୟ ଭିଜିଲାନ୍ସ, କାରାଗାର, ଗୃହରକ୍ଷୀ ଓ ଅଗ୍ନିଶମ, ପୋଲିସ ଗୃହ ନିର୍ମାଣ ଓ କଲ୍ୟାଣ ନିଗମର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯିବା ସହ ଓଡ଼ିଶା ପୋଲିସର ନୂତନ ଆହ୍ୱାନକୁ ନେଇ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବାବେଳେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ୨୭ ତାରିଖ ଅପରାହ୍ନ ୩ଟାରେ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବେ। ଭାରତୀୟ ପ୍ରତିରକ୍ଷା ବିଭାଗ ମୁଖ୍ୟ ଜେନେରାଲ ବିପିନ ରାୱତ ମୁଖ୍ୟବକ୍ତା ଭାବେ ଯୋଗଦେବେ। ଏଥିସହିତ ଇଣ୍ଟରପୋଲ ନିର୍ଦ୍ଦେଶକ ଏମ୍.ଏମ୍. ଓବରୟ 'ଷ୍ଟ୍ରାଟେଜି ଟୁ କମ୍‌ବାଟ୍ ସାଇବର କ୍ରାଇମ୍' ଉପରେ ବକ୍ତବ୍ୟ ଦେବାର କାର୍ଯ୍ୟକ୍ରମ ରହିଛି। ସେହିଭଳି ପ୍ରତିଷ୍ଠିତ ଲେଖକ, ସାମାଜିକ କର୍ମୀ ଓ ସମାଜଶାସ୍ତ୍ରୀ କମଳା ଭାସିନ ଜେଣ୍ଡର ସେନ୍‌ସିଟିଭ୍ ପୋଲିସିଂ ଉପରେ ଆଲୋଚନା କରିବେ। ଆଇଆଇଟି କାନପୁରର ନିର୍ଦ୍ଦେଶକ ପ୍ରଫେସର ଅଭୟକାନ୍ତ କାରାଣ୍ଡିକର ରୋଲ୍ ଅଫ ଟେକ୍ନୋଲୋଜି ଇନ୍ ଏଡ୍ ପୋଲିସିଂ ଏବଂ ରାଜ୍ୟ ଆଡଭୋକେଟ ଜେନେରାଲ ମଧ୍ୟ ବିଭିନ୍ନ ନ୍ୟାୟିକ ପ୍ରସଙ୍ଗ ଉପରେ ମତ ରଖିବେ। ସମସ୍ତ ଆରକ୍ଷୀ ଅଧୀକ୍ଷକ, ସଶସ୍ତ୍ର ବାଟାଲିୟନ କମାଣ୍ଡାଣ୍ଟ, ରେଞ୍ଜ ଆଇଜି ଓ ଡିଆଇଜି, ପ୍ରଶିକ୍ଷଣ ନେଉଥିବା ଆଇପିଏସ୍ ଅଧିକାରୀ, ଭିଜିଲାନ୍ସ ଓ ଜେଲ ବିଭାଗ, ଓଡ଼ିଶା ରାଜ୍ୟ ପୋଲିସ ଗୃହନିର୍ମାଣ ଓ କଲ୍ୟାଣ ନିଗମ ଆଦିର ବରିଷ୍ଠ ଅଧିକାରୀ ଏଥିରେ ଅଂଶଗ୍ରହଣ କରିବେ। ସେହିପରି ଆଇନ ଓ ଶୃଙ୍ଖଳା ଅତିରିକ୍ତ ଡିଜି ୱାଇ.ବି ଜେଠୱା, ଆଇଜି (ମର୍ଡନାଇଜେଶନ) ସଞ୍ଜୟ ସିଂ, ଏସ୍‌ପି ସିଆଇଡି ସିବି ସାର୍ଥକ ଷଡଙ୍ଗୀ, ଅତିରିକ୍ତ ଆଇଜି ବିବେକାନନ୍ଦ ଶର୍ମା ଯଥାକ୍ରମେ କନ୍‌ଫରେନ୍ସ ସେକ୍ରେଟାରି, ଅତିରିକ୍ତ କନ୍‌ଫରେନ୍ସ ସେକ୍ରେଟାରି ଓ ଜଏଣ୍ଟ କନ୍‌ଫରେନ୍ସ ସେକ୍ରେଟାରି ଭାବେ କାର୍ଯ୍ୟ କରିବେ ବୋଲି ପୋଲିସ ମୁଖ୍ୟାଳୟ ସୂତ୍ରରୁ ସୂଚନା ଦିଆଯାଇଛି।

### କଂଗ୍ରେସ ଭୁବନେଶ୍ୱର ଜିଲା କମିଟି ସଜାଡ଼ିବ ସଙ୍ଗଠନ

**ଭୁବନେଶ୍ୱର,୨୫।୧୨(ବ୍ୟୁରୋ)**

ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାଶଙ୍କ ସଭାପତିତ୍ୱରେ ଭୁବନେଶ୍ୱର ଜିଲାର ପ୍ରଥମ ସାଙ୍ଗଠନିକ ଆଲୋଚନା ସଭା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଜିଲା ପାଇଁ ନବନିଯୁକ୍ତ ପର୍ଯ୍ୟବେକ୍ଷକ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବେହେରା ଭୁବନେଶ୍ୱର ଜିଲା କଂଗ୍ରେସର ସଙ୍ଗଠନକୁ କିଭଳି ଭାବେ ତୃଣମୂଳସ୍ତରରୁ ସୁଦୃଢ଼ କରାଯାଇପାରିବ ତା' ଉପରେ ବିବରଣୀ ରଖିଛନ୍ତି। ସଭାପତି ବିଶ୍ୱଜିତ୍ ଦାଶ ଭୁବନେଶ୍ୱରର ସମସ୍ତ ୱାର୍ଡ, ପଞ୍ଚାୟତ, ବ୍ଲକ କମିଟିକୁ ପୁନର୍ଗଠନ କରି କିପରି ସଙ୍ଗଠନକୁ ମଜଭୁତ କରାଯାଇପାରିବ ସେନେଇ ସମସ୍ତଙ୍କ ମତାମତ ଲୋଡିଥିଲେ। ସେହି ମତାମତ ଆଧାର କରି ଆଗାମୀ ଦିନ ପାଇଁ କାର୍ଯ୍ୟଖସଡା ପ୍ରସ୍ତୁତ କରାଯିବ ବୋଲି ସୂଚନା ଦେବା ସହ ମହିଳା, ଯୁବ ଓ ଛାତ୍ର କଂଗ୍ରେସ କର୍ମକର୍ତ୍ତାଙ୍କୁ ସମସ୍ତ କ୍ଷେତ୍ରରେ ପ୍ରାଧାନ୍ୟ ଦେବାକୁ କହିଛନ୍ତି। ଏହି ଆଲୋଚନା ସଭାରେ ଶିବାନନ୍ଦ ରାୟ, ଶୁଭେନ୍ଦୁ ମହାନ୍ତି, ମନୋରଞ୍ଜନ ଦାଶ, ରଶ୍ମି ମହାପାତ୍ର, ଗୀତାଞ୍ଜଳି ମହାନ୍ତି ଓ ଅଶୋକ ଦାସ ପ୍ରମୁଖ ଆଗାମୀ ଦିନରେ କିଭଳି କଂଗ୍ରେସ ସଙ୍ଗଠନକୁ ଅଧିକ ମଜଭୁତ ଓ କ୍ରିୟାଶୀଳ କରାଯାଇ ପାରିବ ସେନେଇ ସେମାନଙ୍କ ସୁଚିନ୍ତିତ ମତାମତ ପ୍ରଦାନ କରିଛନ୍ତି।




# କଳିକା

## ଏ ବର୍ଷର ଆଇନା

**୨୦୨୦କୁ ବିଦାୟ ଦେଇ ପାଦ ଥାପିବାକୁ ଯାଉଛି ବର୍ଷ ୨୦୨୧। ଏହି ଅବସରରେ ଚଳିତ ବର୍ଷ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଥିବା କୁନି କୁନି ପ୍ରତିଭାମାନଙ୍କ ସମ୍ପର୍କରେ...**


































## ଶିଶୁ ପ୍ରତିଭା

**ଓଡ଼ିଶୀ ମାୟାରେ ଅଭୀପ୍ସା :** ବାଲେଶ୍ୱର ସିମୁଳିଆ ବ୍ଲକ ଅନ୍ତର୍ଗତ ବଣା ଗ୍ରାମରେ ଜନ୍ମିତା ଅଭୀପ୍ସା ମିଶ୍ର (ବାପା-ଅମୀୟରଞ୍ଜନ ମିଶ୍ର, ମା-ଶକୁନ୍ତଳା ମିଶ୍ର) ଓଡ଼ିଶୀ ନୃତ୍ୟରେ ନିଜର ଦକ୍ଷତା ଦେଖାଇବାରେ ସକ୍ଷମ ହୋଇଛନ୍ତି। ଗୁରୁ ତେଜସ୍ୱିନୀ ପଲାଇ ଏବଂ ମଧୁସ୍ମିତା ବିଶ୍ୱାଳଙ୍କ ନିକଟରୁ ଓଡ଼ିଶୀ ଶିଖିବା ପରେ ସେ ନିଜର ଲକ୍ଷ୍ୟ ପଥରେ ଅଗ୍ରସର ହୋଇଛନ୍ତି। ମାତ୍ର ପାଞ୍ଚବର୍ଷ ବୟସରେ ସେ ଓଡ଼ିଶୀ ନାଚିବା ଆରମ୍ଭ କରିଥିଲେ। ଓଡ଼ିଶୀ ନୃତ୍ୟ ପରିବେଷଣ କରି ସେ ସାଉଁଟିଛନ୍ତି ଅନେକ ପ୍ରଶଂସା। ଏହାବ୍ୟତୀତ ପାଠପଢ଼ାରେ ସେ ନିଜକୁ ଜଣେ ମେଧାବୀ ଛାତ୍ରୀ ଭାବରେ ପରିଚିତ କରାଇପାରିଛନ୍ତି।

**କୁନି ବୈଜ୍ଞାନିକ ଶ୍ରୀକୃଷ୍ଣ :** ବିଜ୍ଞାନଭିତ୍ତିକ ଜିନିଷ ଜାଣିବାକୁ ତାଙ୍କର ପିଲାଦିନୁ ଇଚ୍ଛା ଥିଲା। ଏପରି ଗୁଣକୁ ପ୍ରୋତ୍ସାହିତ କରିଥିଲେ ତାଙ୍କ ବାପା। ଭବିଷ୍ୟତରେ ବୈଜ୍ଞାନିକ ହେବାକୁ ଆଶା ରଖିଥିବା ଏହି ଶିଶୁ ପ୍ରତିଭା ହେଉଛନ୍ତି ଶ୍ରୀକୃଷ୍ଣ ମହାପାତ୍ର। ଭୁବନେଶ୍ୱରରେ ଜନ୍ମିତ ଶ୍ରୀକୃଷ୍ଣ ଜଣେ ମେଧାବୀ ଛାତ୍ର ହେବା ସହିତ ସେ ଡ୍ୟାନ୍ସ ଏବଂ ଟେବୁଲ ଟେନିସ୍‌ରେ ରୁଚି ରଖନ୍ତି। ସ୍କୁଲରେ ଆୟୋଜିତ ମ୍ୟାଥ ଏବଂ ସାଇନ୍ସ ଅଲିମ୍ପିଆଡରେ ସେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ଶ୍ରୀକୃଷ୍ଣ ପ୍ରତିଦିନ ନିଜ ଦକ୍ଷତା ବୃଦ୍ଧି କରିବା ପାଇଁ ପାଠପଢ଼ା ସହିତ ଅଭ୍ୟାସ ମଧ୍ୟ କରିଥାନ୍ତି। ତାଙ୍କ ପିତାଙ୍କ ନା ମୁକୁନ୍ଦ ମହାପାତ୍ର ଏବଂ ମାଆଙ୍କ ନାଁ ଅମିତା ମିଶ୍ର।

**ନୃତ୍ୟନିପୁଣା ଦେବାଙ୍ଗୀ :** ପାଠପଢ଼ା ସାଙ୍ଗକୁ ନୃତ୍ୟ ଏବଂ ବକ୍ତୃତା ପ୍ରତି ତାଙ୍କର ରୁଚି ରହିଛି। ମାତ୍ର ୪ ବର୍ଷ ବୟସରେ ନୃତ୍ୟ ଶିଖିବା ଆରମ୍ଭ କରିଥିଲେ। ସ୍କୁଲ ତଥା ବିଭିନ୍ନ ମଞ୍ଚରେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ଜିଣିବା ସହ ଅନେକ ପ୍ରଶଂସା ଲାଭ କରିଛନ୍ତି। ୬ ବର୍ଷ ବୟସରେ ଜିଲା ସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଡ୍ୟାନ୍ସିଂ ସୁପରଷ୍ଟାରର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିବା ସହ ପ୍ରାଇଡ୍ ଅଫ୍ ଯାଜପୁର ନାମକ ଏକ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଟାଇଟଲ ବିଜୟିନୀ ହୋଇଛନ୍ତି। କଟକ କଳା ବିକାଶ କେନ୍ଦ୍ରରୁ ପ୍ରଥମ ପୁରସ୍କାର, ଭୁବନେଶ୍ୱର ସ୍ୱାଗତିକା ଅନୁଷ୍ଠାନ ତରଫରୁ ଲିଟିଲ ମିସ୍ ଟ୍ୟାଲେଣ୍ଟ କନ୍ୟାରତ୍ନ, ଜାମସେଦପୁର ବିକେ ଲାଲ୍ ଫାଉଣ୍ଡେସନ୍ ତରଫରୁ ପ୍ରଥମ ପୁରସ୍କାର ତଥା ରାଜ୍ୟ ନୃତ୍ୟଶ୍ରୀ ସମ୍ମାନ ଆଦିରେ ସମ୍ମାନିତ ହୋଇଛନ୍ତି। ଦେବାଙ୍ଗୀ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ମଞ୍ଚରେ ନୃତ୍ୟ ପ୍ରଦର୍ଶନ କରି ପୁରସ୍କୃତ ତଥା ସମ୍ମାନିତ ହୋଇଛନ୍ତି। ତେବେ ସେ ତାଙ୍କ ମାଆ ବୀଣାପାଣି ମିଶ୍ରଙ୍କ ସ୍ୱପ୍ନକୁ ସାକାର କିରବା ପାଇଁ ଜଣେ ବିଶିଷ୍ଟ ନୃତ୍ୟଶିଳ୍ପୀ ହେବେ ବୋଲି ଆଶା ରଖିଛନ୍ତି।

**ଅଲରାଉଣ୍ଡର ରୋଶନି:** ଭୁବନେଶ୍ୱରସ୍ଥ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲର ପଞ୍ଚମ ଶ୍ରେଣୀ ଛାତ୍ରୀ ରୋଶନି ନାୟକ। କେବଳ ମଡେଲିଂ ନୁହେଁ, ମଡର୍ନ ଡ୍ୟାନ୍ସରେ ତାଙ୍କର ରହିଛି ପଟୁତା। ମା' ଶୁଭ୍ରତା ନାୟକ ଚାହୁଁଥିଲେ ତାଙ୍କର ଏକମାତ୍ର କନ୍ୟା ନୃତ୍ୟ କ୍ଷେତ୍ରରେ ସଫଳତା ଅର୍ଜନ କରୁ। ବାସ୍, ତାଙ୍କର ଆଶାକୁ ସଫଳ କରି ଦେଖାଇଛନ୍ତି ରୋଶନି। ୟୁ ଟ୍ୟୁବ୍ ଏବଂ ଟିଭି ଦେଖି ନୃତ୍ୟ ଅଭ୍ୟାସ କରନ୍ତି ସେ। ଏହାବ୍ୟତୀତ ବକ୍ତୃତା, ଚିତ୍ରାଙ୍କନରେ ମଧ୍ୟ ନିଜର ପାରଦର୍ଶିତା ଦେଖାଇଛନ୍ତି ଏହି ଅଲରାଉଣ୍ଡର। ଭବିଷ୍ୟତରେ ଏକ ଡ୍ୟାନ୍ସ ଏକାଡେମୀ ଖୋଲି ନୃତ୍ୟ ଶିକ୍ଷା ଦେବାକୁ ଆଶା ରଖିଛନ୍ତି ରୋଶନି।

**ସମ୍ବଲପୁରୀ ନୃତ୍ୟ ନିଶାରେ ମଞ୍ଜୁ:** ସମ୍ବଲପୁର ଜିଲା ତବଲା ଆଞ୍ଚଳିକ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ମଞ୍ଜୁ ଖଡ଼ିଆ। ପିଲାବେଳୁ ସମ୍ବଲପୁରୀ ଲୋକନୃତ୍ୟ ପ୍ରତି ଆଗ୍ରହ ଥିଲେ ହେଁ ଶିଖିବାର ସୁଯୋଗ ପାଇ ନ ଥିଲେ। ହେଲେ ପଶ୍ଚିମ ଓଡ଼ିଶାର ଆଲବମ୍ ସୁପରଷ୍ଟାର ତଥା ଚଳଚ୍ଚିତ୍ର ଅଭିନେତା ଭାରତ ଗୌରବ ଦାଶଙ୍କଠାରୁ ନୃତ୍ୟ ଶିଖିବା ପରେ ୨୦୧୭ ଓ ୧୮ରେ ଲଗାତର ସୁରଭି ଏବଂ ସର୍ଗୀ ଫୁଲ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ସଫଳତା ହାସଲ କରି ରାଜ୍ୟ ସ୍ତରରେ ସମ୍ବଲପୁର ଜିଲାକୁ ପ୍ରତିନିଧିତ୍ୱ କରିଥିଲେ। ୨୦୧୯ରେ ମଧ୍ୟ ସେ ଜିଲା ସ୍ତରରେ ସଫଳତା ହାସଲ କରି ରାଜ୍ୟ ସ୍ତରୀୟ କଳା ଉତ୍ସବରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଚଳିତବର୍ଷ ଭୋପାଳରେ ଅନୁଷ୍ଠିତ ଜାତୀୟ ସ୍ତରୀୟ କଳା ଉତ୍ସବରେ ରାଜ୍ୟରୁ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ଘର ସମ୍ବଲପୁର ଜିଲା ଖୁଲିଆରେ। ଭବିଷ୍ୟତରେ ଜଣେ ସଫଳ ନୃତ୍ୟଶିଳ୍ପୀ ହେବାକୁ ଆଶା ରଖିଥିବା ମଞ୍ଜୁ ନିଜ ସଫଳତା ପଛରେ ମାଆ ସବିତା ଓ ବାପା ଧନେଶ୍ୱର ଖଡିଆଙ୍କ ପ୍ରେରଣା ରହିଛି ବୋଲି କୁହନ୍ତି।

**ଅଲରାଉଣ୍ଡର ବିଶ୍ୱବନ୍ଦିତା :** ପାଠପଢ଼ା ସହ ନିଜକୁ ଏକାଧାରରେ ଜଣେ ଆଥଲେଟ୍, ଚିତ୍ରଶିଳ୍ପୀ ଏବଂ ଗାଳ୍ପିକ ଭାବରେ ପରିଚିତ କରାଇବାରେ ସକ୍ଷମ ହୋଇଛନ୍ତି କଟକ ଜିଲା ତେଲେଙ୍ଗାପେଣ୍ଠରେ ଜନ୍ମିତା ବିଶ୍ୱବନ୍ଦିତା ମହାପାତ୍ର। ସ୍କୁଲରେ ବକ୍ତୃତା, ନାଚ, ଗୀତ, ମ୍ୟାଥ ଅଲିମ୍ପିଆଡ, ସାଇନ୍ସ ଅଲିମ୍ପିଆଡ୍‌ରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ସ୍କୁଲରେ କ୍ରୀଡ଼ା ପ୍ରତିଯୋଗିତାରେ ସେ ଦୁଇଥର ଆଥଲେଟ୍ ଚାମ୍ପିୟନ୍ ହୋଇଛନ୍ତି। ଭବିଷ୍ୟତରେ ସେ ଖେଳ, ସମାଜସେବା ସହିତ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି। ସେ ମଧ୍ୟ ସୁନ୍ଦର ଗପ ଲେଖନ୍ତି। ତାଙ୍କ ରଚିତ ଗପ ବିଭିନ୍ନ ଖବରକାଗଜ ଏବଂ ପତ୍ରପତ୍ରିକାରେ ପ୍ରକାଶ ପାଇଛି। ଏ କ୍ଷେତ୍ରରେ ବାପା ହିମାଂଶୁ ଶେଖର ମହାପାତ୍ର ଏବଂ ମା' ମମତା ମହାପାତ୍ରଙ୍କ ପ୍ରେରଣା ରହିଛି ବୋଲି ସେ କୁହନ୍ତି।















## ସଂକ୍ଷେପରେ

### ଆବାସ ଯୋଜନାରେ ଯାଜପୁର ଜିଲା ପ୍ରଥମ

ଯାଜପୁର ଅଫିସ,୨୫।୧୨- ବିଭିନ୍ନ ଆବାସ ଯୋଜନାରେ ଡିସେମ୍ବର ୨୫ ସାମୂହିକ ଗୃହ ପ୍ରବେଶ ଅବସରରେ ଧାର୍ଯ୍ୟଲକ୍ଷ୍ୟର ୧୦୮.୮% ସମ୍ପୂର୍ଣ୍ଣ କରି ଯାଜପୁର ଜିଲା ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ଅବସରରେ ଯାଜପୁର ଜିଲାକୁ ୧୭୫୯ଟି ଗୃହ ସମ୍ପୂର୍ଣ୍ଣ କରିବାକୁ ଧାର୍ଯ୍ୟ ଦିଆଯାଇଥିବାବେଳେ ୧୯୧୩ଟି ଗୃହ ସମ୍ପୂର୍ଣ୍ଣ ହୋଇଛି। ଏଥିରେ ବଲାଙ୍ଗୀର ଜିଲା ୧୦୧.୮% ସଫଳତା ଅର୍ଜନ କରି ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଦେବଗଡ଼ ୧୪.୭% ଘର ସମ୍ପୂର୍ଣ୍ଣ କରି ସର୍ବନିମ୍ନ ସ୍ଥାନରେ ରହିଛି। ଏହାବାଦ୍ ମୟୂରଭଞ୍ଜରେ ୪୦.୪%, ବାଲେଶ୍ୱରରେ ୬୮.୩%, ବରଗଡ଼ରେ ୮୮.୪%, କଳାହାଣ୍ଡିରେ ୩୨.୬%, ବୌଦ୍ଧରେ ୪୧.୧%, କେନ୍ଦୁଝରରେ ୪୪.୧%, ନବରଙ୍ଗପୁରରେ ୨୭.୫%, ଢେଙ୍କାନାଳରେ ୭୮.୧%, କୋରାପୁଟରେ ୪୫.୮%, ସୋନପୁରରେ ୩୪.୫%, ଭଦ୍ରକରେ ୨୬.୯%, ନୂଆପଡ଼ାରେ ୩୮.୦%, ସୁନ୍ଦରଗଡ଼ରେ ୩୨.୮%, ଅନୁଗୋଳରେ ୮୨.୨%, ପୁରୀରେ ୫୦.୯%, ରାୟଗଡ଼ାରେ ୬୬.୫%, କେନ୍ଦ୍ରାପଡ଼ାରେ ୨୭%, ସମ୍ବଲପୁରରେ ୮୧%, କଟକରେ ୨୪.୫%, ନୟାଗଡ଼ରେ ୩୬.୪%, ମାଲକାନଗିରିରେ ୩୭.୭%, ଗଞ୍ଜାମରେ ୩୭.୩%, କନ୍ଧମାଳରେ ୨୫.୬%, ଜଗତସିଂହପୁରରେ ୨୪.୯%, ଖୋର୍ଦ୍ଧାରେ ୧୫.୯% ଓ ଝାରସୁଗୁଡ଼ା ଜିଲାରେ ୧୫.୬% ସଫଳତା ମିଳିଛି। ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ନିର୍ଦ୍ଦେଶରେ ସମସ୍ତ ବିଡିଓ, ଅନ୍ୟାନ୍ୟ କ୍ଷେତ୍ର ଅଧିକାରୀ ସର୍ବୋପରି ହିତାଧିକାରୀମାନଙ୍କ ସହଯୋଗରେ ଏହା ସମ୍ଭବ ହୋଇଛି ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ କହିବା ସହ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଖବରଦାତାଙ୍କୁ ଆକ୍ରମଣ ଘଟଣାରେ ୨ ଗିରଫ

ନୟାଗଡ଼ ଅଫିସ,୨୫।୧୨: ଏକ ଟିଭି ଚ୍ୟାନେଲ ଖବରଦାତା ଓ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ନୟାଗଡ଼ ସଦର ଥାନା ପୋଲିସ ବାଲୁଗାଁର ଦୀପକ ଦଳବେହେରା (୩୬) ଓ ଦୁର୍ଗାପ୍ରସାଦର ଅନିଲ କୁମାର ରାଉତଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଥିବା ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ନୟାଗଡ଼ ଅତିରିକ୍ତ ଏସ୍‌ପି ଉମାକାନ୍ତ ମଲ୍ଲିକ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗୁରୁବାର ଭାଜପାର ପଦଯାତ୍ରା ଯଦୁପୁର ଗାଁକୁ ଯାଉଥିଲା। ଏହି ସମୟରେ ଖବରଦାତାମାନେ ଖବର ଓ ଭିଜୁଆଲ ସଂଗ୍ରହ କରୁଥିଲେ। ଏହାର ସୁଯୋଗ ନେଇ ଭାଜପାର କେତେଜଣ କର୍ମୀ ଏକ ଟିଭି ଚ୍ୟାନେଲର ଖବରଦାତା ଓ ତାଙ୍କ ଟିମ୍ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଏନେଇ ନୟାଗଡ ସଦର ଥାନାରେ ଅଭିଯୋଗ ପରେ ପୋଲିସ ଭାରତୀୟ ଦଣ୍ଡବିଧି ଆଇନର ଦଫା ୩୪୧, ୩୨୩, ୨୯୪, ୩୩୬, ୪୨୭, ୩୦୭, ୧୨୦(ବି), ୩୭୯, ୫୦୮ ଓ ୩୪ରେ ଏକ ମାମଲା(ନଂ୧୭୭/୨୦) ରୁଜୁ କରିଥିଲା।

# ୫ ଶହ ବଦଳରେ ବୁଲିଲେ ୧୮୫୨ ପର୍ଯ୍ୟଟକ

ରାଜନଗର,୨୫।୧୨(ଡି.ଏନ.ଏ.)

ଶୁକ୍ରବାର ଥିଲା ବଡଦିନ। ଭିତରକନିକା ଜାତୀୟ ଉଦ୍ୟାନରେ ପର୍ଯ୍ୟଟକମାନଙ୍କ ଭିଡ ଜମିଥିଲା। କୋଭିଡ୍ କଟକଣା ଯୋଗୁ ଭିତରକନିକା ଭିତରକୁ ପ୍ରତିଦିନ ୫ଶହ ପର୍ଯ୍ୟଟକ ଯାଇ ପାରିବେ ବୋଲି ନିୟମ ହୋଇଥିଲା। ହେଲେ ଶୁକ୍ରବାର ୧୮୫୨ ପର୍ଯ୍ୟଟକ ଜାତୀୟ ଉଦ୍ୟାନକୁ ବିଭିନ୍ନ ପ୍ରବେଶ ପଥ ଦେଇ ପ୍ରବେଶ କରିଥିବା ଜଣାପଡ଼ିଛି। ଚାନ୍ଦବାଲି ବୋଟ୍ ଘାଟରୁ ୧୧ଟି ବୋଟ୍‌ରେ ୭୮ଜଣ, ଖୋଲାଜେଟିରୁ ୭୦ ବୋଟ୍‌ରେ ୫୩୫ ଜଣ, ଗୁପ୍ତିଘାଟରୁ ୨୧ ବୋଟ୍‌ରେ ୧୯୫ ଜଣ ଓ ଡାଙ୍ଗମାଳ ମୁଖ୍ୟ ପ୍ରବେଶ ପଥ ଦେଇ ୧୦୪୪ ଜଣ ପର୍ଯ୍ୟଟକ ଭିତରକନିକାକୁ ଯାଇଥିବା ଖବର ମିଳିଛି।

କରୋନା କଟକଣା ଯୋଗୁ ଗତ ୭ମାସ ଧରି ଭିତରକନିକା ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିଥିଲା। କରୋନା ସଂକ୍ରମଣ କମିବା ପରେ ଅକ୍ଟୋବରଠାରୁ ରାତ୍ରି ଯାପନ ପାଇଁ ପର୍ଯ୍ୟଟକମାନଙ୍କୁ ଅନୁମତି ମିଳିଥିଲା। ଅକ୍ଟୋବର ୧୯ରୁ ଦୈନିକ ୫ଶହ ପର୍ଯ୍ୟଟକ ଏବଂ ଜଳପଥରେ ଆସୁଥିବା ପର୍ଯ୍ୟଟକମାନଙ୍କ ମଧ୍ୟରୁ ୫୦ ପ୍ରତିଶତ ଭିତରକନିକାକୁ ଆସି ପାରିବେ ବୋଲି ବନ ବିଭାଗ କଟକଣା ଜାରି କରିଥିଲା। କିନ୍ତୁ ବଡ଼ଦିନରେ ବନ ବିଭାଗର ସବୁ କଟକଣା ଉଲ୍ଲଂଘନ ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଭିତରକନିକା ବନାଞ୍ଚଳ ଅଧିକାରିଣୀ ସ୍ୱାତୀ ମହାନ୍ତି କହିଛନ୍ତି, କଟକଣା ବଳବତ୍ତର ରହିଛି। ଆମେ ଅଧିକ ସଂଖ୍ୟକ ପର୍ଯ୍ୟଟକଙ୍କ ପ୍ରବେଶ ପାଇଁ ସରକାରଙ୍କ ଦୃଷ୍ଟିଆକର୍ଷଣ କରିଛୁ।


ଭିତରକନିକା ଅଭୟାରଣ୍ୟ ଭିତରେ ବୁଲୁଥିବା ପର୍ଯ୍ୟଟକ।

**ଭିତରକନିକାରେ କୋଭିଡ୍ କଟକଣା ଉଲ୍ଲଂଘନ**

# ପେଣ୍ଠ ବେଳାଭୂମିରେ ୧୪୪ ଧାରା ବଳବତ୍ତର

ରାଜନଗର,୨୫।୧୨(ଡି.ଏନ.ଏ.)

- ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ
- ସମୁଦ୍ର ପାଣି ଛୁଇଁବା ମନା

ରାଜନଗର ବ୍ଲକ ଶେଷ ପ୍ରାନ୍ତରରେ ଥିବା ବଙ୍ଗୋପସାଗର ତଟବର୍ତ୍ତୀ ପେଣ୍ଠ ବେଳାଭୂମିରେ ପ୍ରଶାସନ ପକ୍ଷରୁ ଗତମାସରୁ ଜାରି କରାଯାଇଥିବା ୧୪୪ ଧାରା ଆଜି ମଧ୍ୟ ବଳବତ୍ତର ରହିଛି। ଏକମାସ ତଳେ ଏହି ବେଳାଭୂମିରେ ସାଙ୍ଗସାଥୀଙ୍କ ସହିତ ମଉଜ କରିବା ଏବଂ ସମୁଦ୍ରରେ ସ୍ନାନ କରିବା ବେଳେ ଯାଜପୁର ଜିଲା ଧର୍ମଶାଳାର ଇଞ୍ଜିନିୟରିଂ ଛାତ୍ର ତଥା ପଟ୍ଟାମୁଣ୍ଡାଇ ବ୍ଲକ ଗୋପ୍ତିରା ଗ୍ରାମର ଇଞ୍ଜିନିୟରିଂ ଛାତ୍ରଙ୍କ ସଲିଳସମାଧି ହୋଇଥିଲା। ଗତମାସ ୧୭ରୁ ଜିଲା ପ୍ରଶାସନ ପକ୍ଷରୁ ଏହି ଆଇନ ଲାଗୁ କରାଯାଇଛି। ଫଳରେ ଶୁକ୍ରବାର ବଡଦିନରେ ପେଣ୍ଠ ସମୁଦ୍ର ବେଳାଭୂମିରେ ପର୍ଯ୍ୟଟକଙ୍କ ସଂଖ୍ୟା କମିଛି। ସମୁଦ୍ରରେ ସ୍ନାନ କରିବା ଓ ପାଣିକୁ ଛୁଇଁବା ଉପରେ କଟକଣା ରହିଛି।

ପେଣ୍ଠ ବେଳାଭୂମି ପର୍ଯ୍ୟଟନ ମାନ୍ୟତା ପାଇ ନ ଥିଲେ ମଧ୍ୟ ସେଠାକୁ ବହୁ ସଂଖ୍ୟକ ପର୍ଯ୍ୟଟକ ଆସିଥାନ୍ତି। ଏପରି କି ନୂଆବର୍ଷ, ବଡଦିନରେ ୫ରୁ ୧୦ ହଜାର ପର୍ଯ୍ୟଟକଙ୍କ ଭିଡ ଜମିଥାଏ। ମାତ୍ର କଟକଣା ଜାରି ରହିଥିବାରୁ ଗୁରୁବାର ମାତ୍ର ୪ଶହରୁ ୫ଶହ ପର୍ଯ୍ୟଟକଙ୍କୁ ଦେଖିବାକୁ ମିଳିଥିଲା। ପେଣ୍ଠ ବେଳାଭୂମିରେ ଦାୟିତ୍ୱରେ ଥିବା ପୋଲିସ ଓ ବନ କର୍ମଚାରୀମାନେ ପର୍ଯ୍ୟଟକମାନଙ୍କୁ ସମୁଦ୍ର କୂଳକୁ ଯିବାକୁ ଦେଇ ନ ଥିଲେ। ରାଜନଗର ରେଞ୍ଜ ଅଫିସର ଧନେଶ୍ୱର ରଥ ପେଣ୍ଠ ସମୁଦ୍ର କୂଳରେ ଦୀର୍ଘସମୟ ଧରି ରହିବା ସହ ପର୍ଯ୍ୟଟକମାନଙ୍କୁ ସମୁଦ୍ର କୂଳକୁ ନ ଯିବାକୁ ସଚେତନ କରିଥିଲେ।

# ଜେଲ ଗଲେ କୋଟିପତି ଉପନିର୍ବାହୀ ଯନ୍ତ୍ରୀ

ବ୍ରହ୍ମପୁର ଅଫିସ/ ଗୁଣୁପୁର(ଡି.ଏନ୍.ଏ)୨୫।୧୨

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ବ୍ରହ୍ମପୁର ଭିଜିଲାନ୍ସ ରାୟଗଡା ଜିଲା ରାସ୍ତା ଓ କୋଠାବାଡ଼ି ବିଭାଗ -୨ ଅଧୀନ ଗୁଣପୁର ସବ୍‌ଡିଭିଜନର ଉପ ନିର୍ବାହୀଯନ୍ତ୍ରୀ ଉଦ୍ଧବ ପାଢ଼ୀଙ୍କୁ ଶୁକ୍ରବାର ଗିରଫ କରିଛି। ଭିଜିଲାନ୍ସ ମାମଲା ନଂ.୨୬/୨୦ ଅନୁସାରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଦ୍ଧବଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଭିଜିଲାନ୍ସ ବିଭାଗ ପକ୍ଷରୁ ଗୁରୁବାର ଉଦ୍ଧବଙ୍କ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆର.ସି. ଦାସ ଲେନସ୍ଥିତ ବାସଭବନ, ଧରାକୋଟ ବ୍ଲକ ଦୁର୍ଗାମାଧବପୁରଠାରେ ଥିବା ଷ୍ଟୋନ କ୍ରଶର ୟୁନିଟ, ଗୁଣପୁର ଅଫିସ ଓ ସରକାରୀ କ୍ୱାର୍ଟସରେ ଏକକାଳୀନ ଚଢାଉ କରାଯାଇଥିଲା। ଯାଞ୍ଚ ପରେ ଉଦ୍ଧବ ଓ ତାଙ୍କ ପରିବାର ଲୋକଙ୍କ ନାମରେ ୧ କୋଟି ୯୪ ଲକ୍ଷ ୭୬ ହଜାର ୪୪୯ ଟଙ୍କାର ସ୍ଥାବର, ଅସ୍ଥାବର ସମ୍ପତ୍ତି ରହିଥିବା ଠାବ ହୋଇଥିଲା ବୋଲି ଭିଜିଲାନ୍ସ ଏସ୍‌ପି ଅନିଲ କୁମାର ପାତ୍ର ସୂଚନା ଦେଇଛନ୍ତି। ୧୯୮୨ ନଭେମ୍ବର ୧୧ରୁ ୨୦୨୦ ଡିସେମ୍ବର ୨୪ ସୁଦ୍ଧା ଉଦ୍ଧବଙ୍କ ଆୟ ହିସାବ କଲେ ୧କୋଟି ୨୬ ଲକ୍ଷ ଟଙ୍କା। ସେଥିମଧ୍ୟରୁ ସେ ୭୮ ଲକ୍ଷ ୮୫ ହଜାର ୧୦୬ ଟଙ୍କା ଖର୍ଚ୍ଚ କରିଥିବା ଭିଜିଲାନ୍ସ ବିଭାଗ ହିସାବ କରିଛି। ହେଲେ ପ୍ରକୃତପକ୍ଷେ ତାଙ୍କ ନିକଟରୁ ୧ କୋଟି ୪୭ ଲକ୍ଷ ୬୧ ହଜାର ୫୫୫ ଟଙ୍କା ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଛି, ଯାହା କି ଆୟଠାରୁ ଶତକଡା ୧୧୭ ପ୍ରତିଶତରୁ ଅଧିକ ବୋଲି ଭିଜିଲାନ୍ସ ବିଭାଗ ତରଫରୁ କୁହାଯାଇଛି। ସୂଚନାଯୋଗ୍ୟ, ୧୯୮୨ରୁ ଉଦ୍ଧବ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ଭାବେ ଚାକିରି ଆରମ୍ଭ କରିଥିଲେ। ଗତ ୧୫ ତାରିଖରେ ପଦୋନ୍ନତି ପାଇ ଉପନିର୍ବାହୀ ଯନ୍ତ୍ରୀ ହୋଇଥିଲେ। ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ରହିଥିଲା। ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ କୋର୍ଟରୁ ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ବ୍ରହ୍ମପୁର ଭିଜିଲାନ୍ସ ପକ୍ଷରୁ ଗୁରୁବାର ଉପନିର୍ବାହୀ ଯନ୍ତ୍ରୀ ଉଦ୍ଧବଙ୍କ ବାସଭବନ ସମେତ ଅନ୍ୟାନ୍ୟ ସ୍ଥାନରେ ଚଢାଉ କରାଯାଇଥିଲା।


ଉଦ୍ଧବ ପାଢ଼ୀ

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

# ୨ ରାଜପଥ ଲୁଟେରା ଗିରଫ

କଳିଙ୍ଗନଗର,୨୫।୧୨(ଡି.ଏନ.ଏ.):

ଦାନଗଦୀ ମିଲିଟାରୀ ଛକରେ ଗୁରୁବାର ରାତିରେ ଏକ ଟ୍ରକ ଡ୍ରାଇଭରକୁ ଦୁଇ ଲୁଟେରା ମାରଣାସ୍ତ୍ର ଦେଖାଇ ଲୁଟ୍ କରୁଥିବାବେଳେ ଦାନଗଦୀ ଫାଣ୍ଡି ପୋଲିସ ସେମାନଙ୍କୁ ଗିରଫ କରିଛି। ସେମାନେ ହେଲେ ଦାନଗଦୀ ଅଞ୍ଚଳର ନୀଲୁ ପାତ୍ର(୨୫) ଓ ସତ୍ୟରଞ୍ଜନ ରଣା(୧୯)। ଟ୍ରକ୍ ଡ୍ରାଇଭର ସାମଗ୍ରୀ କିଣିବା ନିମନ୍ତେ ଯାଉଥିବାବେଳେ ଉକ୍ତ ୨ ଯୁବକ ମାରଣାସ୍ତ୍ର ଦେଖାଇ ସମ୍ପୃକ୍ତ ଡ୍ରାଇଭରଙ୍କଠାରୁ ୧୦ ହଜାର ଟଙ୍କା ଏବଂ ମୋବାଇଲ ଛଡାଇ ନେଇଥିଲେ। ଫାଣ୍ଡି ଅଧିକାରୀ ଗୋବର୍ଦ୍ଧନ ନାୟକ ପହଞ୍ଚି ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ କାବୁ କରିବା ସହିତ ଲୁଟ ସାମଗ୍ରୀ ଜବତ କରିଥିଲେ। ମାମଲା ନଂ(୫୨୮।୨୦)ରେ ସମ୍ପୃକ୍ତ ୨ ଯୁବକଙ୍କୁ ପୋଲିସ କୋର୍ଟଚାଲାଣ କରିବା ସହ ସେମାନେ ବ୍ୟବହାର କରୁଥିବା ଏକ ବାଇକ୍‌କୁ ଜବତ କରିଛି।

# ପଦ୍ମଶ୍ରୀ ଡି. ପ୍ରକାଶ ରାଓ ଗୁରୁତର

କଟକ ଅଫିସ,୨୫।୧୨

ସାମାଜିକ କର୍ମୀ ତଥା ପଦ୍ମଶ୍ରୀ ଡି. ପ୍ରକାଶ ରାଓଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ସେ ଅସୁସ୍ଥ ଅନୁଭବ କରିବାରୁ ଶୁକ୍ରବାର ପରିବାର ଲୋକେ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିଥିଲେ। ସେ କୋଭିଡ୍ ଆକ୍ରାନ୍ତ ହେବା ସହ ଡାଇବେଟିସ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଅଛନ୍ତି। ତେଣୁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବା ଏସ୍‌ସିବି ମେଡିସିନ ବିଭାଗର ମୁଖ୍ୟ ପ୍ରଫେସର ଜୟନ୍ତ ପଣ୍ଡା କହିଛନ୍ତି। ଏବେ ତାଙ୍କୁ ଏସ୍‌ସିବି କୋଭିଡ୍ ହସ୍ପିଟାଲ ଆଇସିୟୁରେ ରଖି ଚିକିତ୍ସା କରାଯାଉଛି। ତାଙ୍କର ଆଶୁ ଆରୋଗ୍ୟ କାମନା କରି ବିଭିନ୍ନ ମହଲରୁ ସାମାଜିକ ଗଣମାଧ୍ୟମରେ ବାର୍ତ୍ତାର ସୁଅ ଛୁଟୁଛି।

ସୂଚନାଯୋଗ୍ୟ, ରାଓ ଚା ବିକ୍ରି କରି ସେଥିରୁ ଉପାର୍ଜିତ ଅର୍ଥକୁ ସମାଜ ସେବାରେ ଖର୍ଚ୍ଚ କରୁଥିଲେ। ବିଶେଷକରି ସେ ନିଜ ରୋଜଗାରରେ ବସ୍ତି ପିଲାଙ୍କ ପାଠପଢା ନିମନ୍ତେ ଏକ ସ୍କୁଲ ଖୋଲିଛନ୍ତି। ପ୍ରକାଶଙ୍କ ଏପରି ଅଜବ ନିଶା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତବର୍ଷ ଓଡ଼ିଶା ଗସ୍ତରେ ଆସିଥିବାବେଳେ ତାଙ୍କୁ ସାକ୍ଷାତ କରିଥିଲେ। ଛୋଟ ପିଲାଙ୍କୁ ପାଠ ପଢାଇବା ବ୍ୟତୀତ ସେ ଜୀବନ କାଳ ମଧ୍ୟରେ ପ୍ରାୟ ୨୧୭ ଥର ରକ୍ତ ଦାନ କରି ସାରିଛନ୍ତି। ଏଥିସହ ହସ୍ପିଟାଲରେ ରୋଗୀଙ୍କ ପାଇଁ କ୍ଷୀର ଓ ଗରମ ପାଣି ସେ ଯୋଗାଉଛନ୍ତି। ତାଙ୍କର ଏସବୁ କାମ ପାଇଁ ୨୦୧୯ରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।



# ଏବେ ଗିରଫ ଛାତ୍ରଙ୍କ ପରିବାର ଉପରେ ନଜର

ନୟାଗଡ଼ ଅଫିସ,୨୫।୧୨:

**ପରୀ ହତ୍ୟା ଘଟଣା**
- ପୁଅକୁ ଜେଲରେ ଭେଟିପାରିଲେ ନାହିଁ ମା'ଭଉଣୀ
- ତଦନ୍ତ ପରେ ବଢ଼ିପାରେ ଗିରଫଦାରି

ପରୀ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଗିରଫ ଛାତ୍ର ଜେଲରେ ଅଛନ୍ତି। ଏବେ ଅଭିଯୁକ୍ତଙ୍କ ପରିବାର ଉପରେ ଏସ୍‌ଆଇଟିର ନଜର ପଡିଛି। ପରୀ ହତ୍ୟା ସମ୍ପର୍କରେ ଅଭିଯୁକ୍ତଙ୍କ ପରିବାର ଜାଣିଥିବା ଏସ୍‌ଆଇଟି ମୁଖ୍ୟ ଅରୁଣ ବୋଥ୍ରା କହିବା ପରେ ଗିରଫ ଛାତ୍ରଙ୍କ ପରିବାର ସଦସ୍ୟମାନେ ଫସିବାର ସମ୍ଭାବନା ରହିଛି ବୋଲି ଏଠାରେ ଚର୍ଚ୍ଚା ଜୋର ଧରିଛି। ଯଦି ପରିବାର ସଦସ୍ୟମାନେ ପରୀ ହତ୍ୟା ସମ୍ପର୍କରେ ଜାଣିଥିଲେ ତେବେ ଡ୍ରାମା କରିବାର କୌଣସି କାରଣ ନ ଥିଲା। ସେମାନେ ନିଜେ ନିଜର ଗୁମର ଖୋଲନ୍ତୁ। ନଚେତ୍ ଏସ୍‌ଆଇଟି ଗୁମର ଖୋଲିବ ବୋଲି ଜଣାପଡିଛି। ସେମାନେ ଏବେ ଏସ୍‌ଆଇଟି ସ୍କାନରରେ ଅଛନ୍ତି। ଅପରପକ୍ଷେ ଏସ୍‌ଆଇଟି ତଦନ୍ତ ଜାରି ରଖିଛି। ଜାନୁୟାରୀ ୧୨ରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଚାର୍ଜଶିଟ ଦାଖଲ କରିବାର ଥିବାରୁ ଗିରଫଦାରି ବଢ଼ିବାର ସମ୍ଭାବନା ରହିଛି।

ଅନ୍ୟପକ୍ଷେ ଶୁକ୍ରବାର ଗିରଫ କଲେଜ ଛାତ୍ରଙ୍କୁ ଜେଲରେ ଭେଟିବା ପାଇଁ ତାଙ୍କ ପରିବାର ସଦସ୍ୟମାନେ ଯାଇଥିଲେ। ହେଲେ କରୋନା କଟକଣା ଯୋଗୁ ସେମାନେ ଗିରଫ ଛାତ୍ରଙ୍କୁ ଦେଖା କରି ପାରିନାହାନ୍ତି। ଏନେଇ ଯଦୁପୁର ଗାଁର ଅଖିଳ ପ୍ରଧାନ କୁହନ୍ତି, ଏସ୍‌ଆଇଟି ପରୀ ହତ୍ୟାକାରୀଙ୍କୁ ଚିହ୍ନଟ କରିବା ସ୍ୱାଗତଯୋଗ୍ୟ କଥା। ତେବେ ଆଉ ଯେଉଁମାନେ ଏହି ଘଟଣାରେ ସଂଶ୍ଳିଷ୍ଟ ଅଛନ୍ତି ସେମାନଙ୍କୁ ଗିରଫ କରାଯାଉ। ନଚେତ ପରୀ ଆତ୍ମା ଶାନ୍ତି ପାଇବ ନାହିଁ।

# ଶିଶୁପୁତ୍ର ନିଖୋଜ ଅଭିଯୋଗ

ଚଣ୍ଡିଖୋଲ,୨୫।୧୨(ଡି.ଏନ.ଏ.):

ଯାଜପୁର ଜିଲା ବଡ଼ଚଣା ଥାନା ଅଧୀନ ଖୋସାଲିପୁର ନିକଟସ୍ଥ ମୁଣ୍ଡା ସାହିରୁ ଜଣେ ୪ ବର୍ଷରୁ ଶିଶୁପୁତ୍ର ନିଖୋଜ ହୋଇଥିବା ବଡ଼ଚଣା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଶିଶୁପୁତ୍ରର ସନ୍ଧାନ ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ସୂଚନା ମୁତାବକ, ସାହିର ତୋଫାନୀ ଜଜ୍‌ଙ୍କ ୪ ବର୍ଷର ଶିଶୁପୁତ୍ର ଗୁରୁବାର ସାହିର ଜଣେ ଶିଶୁଙ୍କ ସହ ସ୍ଥାନୀୟ ରେଲ୍‌ୱେ ଲାଇନ୍ କଡ଼ରେ ଖେଳୁଥିଲେ। ସନ୍ଧ୍ୟାରେ ଅନ୍ୟ ଶିଶୁପୁତ୍ର ଫେରି ଆସିଥିବାବେଳେ ତୋଫନୀଙ୍କ ଶିଶୁପୁତ୍ର ଫେରି ନ ଥିଲା। ଫଳରେ ତୋଫାନୀ ଓ ତାଙ୍କ ସ୍ତ୍ରୀ ଶିଶୁପୁତ୍ରକୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ହେଲେ ପତ୍ତା ପାଇ ନ ଥିଲେ। କୌଣସି ଜରି ଗୋଟାଳି ଶିଶୁପୁତ୍ରକୁ ଅପହରଣ କରି ନେଇଥିବା ମା'ବାପା ସନ୍ଦେହ କରିଛନ୍ତି। ଶିଶୁପୁତ୍ରକୁ ଉଦ୍ଧାର ପାଇଁ ଯାଜପୁରରୋଡ୍ ଏସଡିପିଓ ଚିନ୍ମୟ ନାୟକଙ୍କ ନେତୃତ୍ୱରେ ଏକ ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ ଜରି ରଖିଛି। ତେବେ ବିଞ୍ଝାରପୁର ଥାନା ଅଞ୍ଚଳରୁ ଜଣେ ଶିଶୁକନ୍ୟା ନିଖୋଜର ୪ମାସ ପରେ ଉଦ୍ଧାର ହୋଇ ନ ଥିବାରୁ ଉକ୍ତ ଶିଶୁପୁତ୍ରର ନିଖୋଜ ନେଇ ନାନା ଆଶଙ୍କା ସୃଷ୍ଟି ହୋଇଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପରେ ବି ଅବହେଳା

ଖଣ୍ଡପଡ଼ା,୨୫।୧୨(ଡି.ଏନ.ଏ.)

**ସରକାରୀ ଦୃଷ୍ଟି ଆଢୁଆଳରେ ଯୋଗୀଯୋଗିଆଣୀ ବୌଦ୍ଧ ପୀଠ**

ଗତ ୪ ବର୍ଷ ତଳେ ନୟାଗଡ଼ ଜିଲା କୋସକା ପଞ୍ଚାୟତସ୍ଥିତ ଯୋଗୀଯୋଗିଆଣୀ ବୌଦ୍ଧ ପୀଠକୁ ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପ୍ରଦାନ କରିଥିଲେ। ଏହି ପୀଠର ଉନ୍ନତି ତଥା ପର୍ଯ୍ୟଟକଙ୍କ ସୁବିଧା ପାଇଁ ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି ଲୋକେ ଆଶା ବାନ୍ଧିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ସେହି ପୀଠ ଅବହେଳିତ ଭାବେ ପଡିରହିଛି। ଏହି ପୀଠକୁ ଆସୁଥିବା ପର୍ଯ୍ୟଟକମାନଙ୍କ ସୁବିଧା ଓ ସୁରକ୍ଷା ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

ଖଣ୍ଡପଡା ବ୍ଲକ ଅଧୀନ ଆଦିବାସୀ ବହୁଳ କୋସକା ପଞ୍ଚାୟତର ଯୋଗୀଯୋଗିଆଣୀ ପୀଠ ନୟାଗଡ଼ ଜିଲାର ଏକମାତ୍ର ବୌଦ୍ଧ ସ୍ଥଳ। ଅଁଳାପଟା ମୌଜା ନିକଟ ଘଞ୍ଚ ଜଙ୍ଗଲ ତଥା ପାହାଡ଼ ପାଦଦେଶରେ କାହିଁ କେଉଁ ଦିନରୁ ପୂଜା ପାଉଛନ୍ତି ଖ୍ରୀଷ୍ଟୀୟ ୯ମ, ୧୦ମ ଶତାବ୍ଦୀର ୪ ବୁଦ୍ଧ ମୂର୍ତ୍ତି। ପୀଠ ନିକଟରେ ବହି ଯାଉଛି ଝରଣା। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଏହି ପୀଠ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏହାକୁ ଆଖି ଆଗରେ ରଖି ୨୦୧୮ରେ ପାହାଡ଼ ପାଦଦେଶରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ତତ୍କାଳୀନ ବିଧାୟକ ଅନୁଭବ ପଟ୍ଟନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିପାଇଁ ୩୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ବ୍ୟୟ ଅଟକଳ କରାଯାଇଥିଲା। ତତ୍କାଳୀନ ଜିଲାପାଳ ଡ. ଏନ୍ ତିରୁମାଲା ନାୟକ ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ଉପସ୍ଥିତ ଥିଲେ। ମାତ୍ର ପ୍ରଶାସନିକ ଉଦାସୀନତା ଯୋଗୁ ସେହି କାମ ଛାତ ପତନ ପର୍ଯ୍ୟନ୍ତ ହେବା ପରେ ବନ୍ଦ ହୋଇ ପଡିରହିଛି।

ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ଅଧିକାଂଶ ପର୍ଯ୍ୟଟକ ଯୋଗୀଯୋଗିଆଣୀ ପୀଠରେ ରହିବାକୁ ଇଚ୍ଛା ପ୍ରକାଶ କରିଥାନ୍ତି। ଏଥିସହିତ ବହୁ ଚଳଚ୍ଚିତ୍ର ପ୍ରଯୋଜକ ସେଠାକୁ ଶୁଟିଂ ପାଇଁ ଆସିଥାନ୍ତି। ବର୍ଷର ବିଭିନ୍ନ ସମୟରେ ସେଠାରେ ବଣଭୋଜି, ପିକ୍‌ନିକ୍‌ର ଆୟୋଜନ କରାଯାଇଥାଏ। ମାତ୍ର ସେଠାରେ ରହିବାର ବ୍ୟବସ୍ଥା ନ ଥିବାରୁ ପର୍ଯ୍ୟଟକମାନେ ସନ୍ଧ୍ୟା ପୂର୍ବରୁ ଫେରିବାକୁ ବାଧ୍ୟ ହୋଇଥାନ୍ତି। ଉକ୍ତ ପୀଠରେ ଏକ ହାଇମାଷ୍ଟ ଲାଇଟ ବ୍ୟବସ୍ଥା କରିବା ସହ ଝରଣା ଜଳକୁ ଚେକ୍ ଡ୍ୟାମ୍ ମାଧ୍ୟମରେ ଅଟକାଯାଇ ସ୍ନାନ ଶୌଚାଦି କାର୍ଯ୍ୟ ପାଇଁ ସୁବିଧା କରାଗଲେ ପର୍ଯ୍ୟଟକମାନେ ଉପକୃତ ହୋଇପାରିବେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏଥିସହିତ ଚେକ୍ ଡ୍ୟାମ୍‌ର ବଳକା ପାଣିକୁ ନିମ୍ନ ଭାଗରେ ଥିବା ଜମିରେ ବ୍ୟବହାର କରାଯାଇ ଚାଷ କାମ କରିହେବ ବୋଲି ଯୋଗୀଯୋଗିଆଣୀ ବୌଦ୍ଧ ପୀଠ ଉନ୍ନୟନ ପରିଷଦର ସଭାପତି କୈଳାସ ଚନ୍ଦ୍ର ପଣ୍ଡା ଓ କୋସକା ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ ପ୍ରକାଶ କରିଛନ୍ତି। ସରପଞ୍ଚ ସାହୁ କୁହନ୍ତି, ଉକ୍ତ ପୀଠର ବିକାଶର ଆବଶ୍ୟକତା ରହିଛି। ପର୍ଯ୍ୟଟକମାନଙ୍କ ରହଣି ପାଇଁ ସରକାରଙ୍କ ପକ୍ଷରୁ ଘରର ବ୍ୟବସ୍ଥା କରାଯିବା ସହ ଅଧିକ ଆଲୋକୀକରଣ କରାଯାଉ।


ଯୋଗୀଯୋଗିଆଣୀ ପୀଠରେ ପୂଜା ପାଉଥିବା ୪ ବୁଦ୍ଧ ମୂର୍ତ୍ତି।

# ରାଜ୍ୟ ସରକାର ଚାଷୀଙ୍କ ସଂଖ୍ୟା କମାଇ ଚାଲିଛନ୍ତି: ଧର୍ମେନ୍ଦ୍ର



ବାଜପେୟୀଙ୍କ ପ୍ରତିମୂର୍ତ୍ତିକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉନ୍ମୋଚନ କରୁଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଧାନ ସଭାକୁ ଯିବା ପୂର୍ବରୁ ତାଙ୍କୁ କେତେଜଣ ଯୁବକ ନୂଆ କୃଷି ଆଇନକୁ ବିରୋଧକରି କଳାପତାକା ଦେଖାଉଛନ୍ତି।

ଏରସମା,୨୫।୧୨(ସ୍ୱ.ପ୍ର.)

- ବାଜପେୟୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ
- କୃଷି ଆଇନ ବିରୋଧରେ କଳାପତାକା ପ୍ରଦର୍ଶନ

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଜପା ବଜାରରେ ତାଙ୍କର ଏକ ଆବକ୍ଷ ପ୍ରତିମୂର୍ତ୍ତିକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ସଭାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ୧୮ ହଜାର କୋଟି ଟଙ୍କା ସିଧାସଳଖ ୯ କୋଟି ଚାଷୀଙ୍କ ବ୍ୟାଙ୍କ ଖାତାକୁ ପଠାଇ ଦିଆଯାଇଛି। କୃଷକମାନଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇଁ କେନ୍ଦ୍ର ସରକାର ଚେଷ୍ଟିତ। କିନ୍ତୁ ରାଜ୍ୟ ସରକାର ଚାଷୀଙ୍କ ସଂଖ୍ୟା କମାଇ ଚାଲିଛନ୍ତି। ମହାବାତ୍ୟା ପରେ ଉପକୂଳବାସୀଙ୍କ ଉନ୍ନତି ସମ୍ଭବ ନ ହେବା ନେଇ ସେ ରାଜ୍ୟ ସରକାରଙ୍କୁ ଦାୟୀ କରି କହିଲେ,ଏକଦା ଗୁଜରାଟର କଚ୍ଛ ଅଞ୍ଚଳ ପ୍ରାକୃତିକ ବିପର୍ଯ୍ୟୟରେ ଧ୍ୱଂସ ହୋଇଥିଲା। କିନ୍ତୁ ମୋଦିଙ୍କ ଉଦ୍ୟମରେ ତାହା ଅର୍ଥନୈତିକ ବିକାଶ କ୍ଷେତ୍ରରେ ଅଗ୍ରଗଣ୍ୟ ଭୂମିକା ଗ୍ରହଣ କରିଛି। ପୂର୍ବରୁ ପାରାଦୀପରେ ମାତ୍ର ୬୦ ମିଲିୟନ ଟନ ସାମଗ୍ରୀ ରପ୍ତାନୀ ହେଉଥିଲା। ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ୧୦୬ ମିଲିୟନ ଟନ୍ ସାମଗ୍ରୀ ରପ୍ତାନୀ ହୋଇ ଦେଶର ଅର୍ଥନୈତିକ ସ୍ଥିତି ମଜଭୁତ ହୋଇଛି ବୋଲି ପ୍ରଧାନ କହିଥିଲେ। ବାଜପେୟୀଙ୍କ ଉପରେ ଏକ ସ୍ମରଣିକା 'ଅଟଳ ଜ୍ୟୋତି' ଉନ୍ମୋଚନ କରାଯାଇଥିଲା। ସଭାରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ପୂର୍ବତନ ଏମପି ବିଭୁପ୍ରସାଦ ତରାଇ, ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର, ଭାଜପା ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ନୃସିଂହ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏରସମା ବଜାରରେ ଯିବା ସମୟରେ କେନ୍ଦ୍ରର ନୂଆ କୃଷି ଆଇନକୁ ବିରୋଧ କରି କେତେଜଣ ଯୁବକ 'କେନ୍ଦ୍ରମନ୍ତ୍ରୀ ଗୋ ବ୍ୟାକ୍' ସ୍ଲୋଗାନ ଦେଇଥିଲେ। ଏଥିସହିତ କଳା ପତାକା ପ୍ରଦର୍ଶନ କରିଥିଲେ। ସେମାନଙ୍କ ମଧ୍ୟରୁ ସିପିଆଇ ଜିଲା ସମ୍ପାଦକ ଅଭିଜିତ ସାହୁ, ବିଶ୍ୱଜିତ ସାହୁ ଓ ଦେବାଶିଷ ପରିଡ଼ାଙ୍କୁ ପୋଲିସ ଥାନାରେ ଅଟକ ରଖି ସଭା ପରେ ଛାଡ଼ି ଦେଇଥିବା ଜଣାପଡ଼ିଛି।



ବିଶିଷ୍ଟ ସିତାର ବାଦକ ପଣ୍ଡିତ ସତୀଶ ବ୍ୟାସଙ୍କୁ ତାନ୍‌ସେନ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଗ୍ୱାଲିୟରରେ ଶନିବାରଠାରୁ ଅନୁଷ୍ଠିତ ହେବାକୁ ଥିବା ୫ ଦିନିଆ ତାନ୍‌ସେନ ସଙ୍ଗୀତ ସମାରୋହର ପ୍ରଥମ ଦିନରେ ମଧ୍ୟପ୍ରଦେଶ ସଂସ୍କୃତି ବିଭାଗ ବ୍ୟାସଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରିବ। ଏବାବଦରେ ୨ ଲକ୍ଷ ଟଙ୍କା ଓ ପ୍ରଶଂସା ପତ୍ର ପ୍ରଦାନ କରାଯିବ।

# ୨୦୨୧ରେ ପ୍ରଳୟ, ବିପର୍ଯ୍ୟୟ

## ବାବା ଭେଙ୍ଗାଙ୍କ ଭବିଷ୍ୟବାଣୀ



**ଲଣ୍ଡନ:** ୨୦୨୧ରେ ବିଶ୍ୱ ପ୍ରଳୟ ଓ ବିପର୍ଯ୍ୟୟକୁ ସାମ୍ନା କରିବ। 'ଶକ୍ତିଶାଳୀ ଡ୍ରାଗନ୍' (ଚାଇନା) ମାନବ ଜାତି ଉପରେ ଆଧିପତ୍ୟ ବିସ୍ତାର କରିବ। କିନ୍ତୁ କର୍କଟରୁ ମୁକ୍ତି ପାଇଁ ଉପଶମ ମଧ୍ୟ ବାହାରିବ ବୋଲି ବଲକନ୍ ଉପଦ୍ୱୀପର ରହସ୍ୟବାଦୀ ଅନ୍ଧ ବାବା ଭେଙ୍ଗା ଭବିଷ୍ୟବାଣୀ କରିଛନ୍ତି। ବାବା ଭେଙ୍ଗା ହେଉଛନ୍ତି ସେହି ଭବିଷ୍ୟବକ୍ତା, ଯିଏ ୯/୧୧ ଆତଙ୍କବାଦୀ ଆକ୍ରମଣଠାରୁ ନେଇ ସୁନାମି ପର୍ଯ୍ୟନ୍ତ ଘଟଣା ପ୍ରବାହ ସମ୍ପର୍କରେ ପୂର୍ବାନୁମାନ କରି କହିପାରିଥିଲେ।

ବୁଲ୍‌ଗେରିଆର ଏହି ମହିଳା ୧୯୯୬ରେ ୮୫ ବର୍ଷ ବୟସରେ ପରଲୋକ ଗମନ କରିଥିଲେ। ସେ ୫୦୭୯ ମସିହା ପର୍ଯ୍ୟନ୍ତ ପ୍ରତିବର୍ଷ କ'ଣ ସବୁ ଘଟିବ ସେନେଇ ଭବିଷ୍ୟବାଣୀ କରିଯାଇଛନ୍ତି। ୨୦୨୦ରେ ଆମେରିକା ରାଷ୍ଟ୍ରପତି ଏକ ଘାତକ ରୋଗରେ ପୀଡ଼ିତ ହେବେ ବୋଲି ବାବା ଭେଙ୍ଗା କହିଥିଲେ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗତ ଅକ୍ଟୋବରରେ କରୋନା ଭାଇରସ୍ ଦ୍ୱାରା ଆକ୍ରାନ୍ତ ହୋଇଥିଲେ। ତାଙ୍କ ମତରେ ୨୦୨୧ ମସିହା ବିଶ୍ୱ ପାଇଁ ଅନେକ ପ୍ରଳୟ ଓ ବିପର୍ଯ୍ୟୟ ଆଣିଦେବ। ଏହି ବର୍ଷ ତିନୋଟି ମହାଶକ୍ତି ଏକାଠି ହେବେ ଓ ଚାଇନା ମାନବଜାତି ଉପରେ ଆଧିପତ୍ୟ ବିସ୍ତାର କରିବ। ଧର୍ମ ଓ ଆସ୍ଥାକୁ ନେଇ ଲୋକେ ବିଭାଜିତ ହେବେ। ଏହି ବିପର୍ଯ୍ୟୟ ସୃଷ୍ଟିକାରୀ ଘଟଣା ମାନବତାର ଭାଗ୍ୟକୁ ପରିବର୍ତ୍ତନ କରିଦେବ। ୨୦୨୧ରେ କର୍କଟ ରୋଗର ଔଷଧ ମଧ୍ୟ ବାହାରିବ। ୨୦୨୨ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କୁ ହତ୍ୟା ଉଦ୍ୟମ କରାଯାଇପାରେ ବୋଲି 'ବଲକାନ୍‌ର ନୋଷ୍ଟ୍ରଡେମେସ୍' ନାମରେ ଜଣାଶୁଣା ଏହି ମହିଳା ନିଜ ମୃତ୍ୟୁ ପୂର୍ବରୁ ଭବିଷ୍ୟବାଣୀ କରିଥିଲେ। ତାଙ୍କ କହିବା ହେଉଛି ପୃଥିବୀ ୫୦୭୯ ମସିହା ପର୍ଯ୍ୟନ୍ତ ଚାଲିବ ଓ ଏହା ପରେ ବିଶ୍ୱର ଆୟୁଷ ପୂରିଯିବ।

# ଦିଶାଙ୍କ ପସନ୍ଦ ଟାଇଗର ନୁହେଁ ଅନିଲ



**ମୁମ୍ବାଇ:** ବଲିଉଡ ଆକ୍ଟ୍ରେସ ଦିଶା ପାଟନି ନିଜ ଫିଟନେସ ପାଇଁ ବେଶ ଜଣାଶୁଣା । ସବୁବେଳେ ସେ ତାଙ୍କ ଫିଟନେସ ଉପରେ ଅଧିକ ଧ୍ୟାନ ଦିଅନ୍ତି ବୋଲି କୁହାଯାଏ । ଆଉ ଅନେକ ସମୟରେ ସେ ସୋସିଆଲ ମିଡିଆରେ ଯେଉଁ ଫିଟନେସ ଫଟୋ ଶେୟାର କରନ୍ତି ତାହା ତାଙ୍କ ପ୍ରଶଂସକଙ୍କୁ ବେଶ ପସନ୍ଦ ଆସିଥାଏ । ଦିଶା ଯେମିତି ଫିଟ ସେହିପରି ସେ ବଲଉଡ୍‌ର ଜଣେ ଏମିତି ନାୟକଙ୍କ ଫିଟନେସ୍‌କୁ ପସନ୍ଦ କରନ୍ତି ତାହା ଯେ କେହି ଜାଣଲେ ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ । ତେବେ ଦିଶାଙ୍କ ବୟ ଫ୍ରେଣ୍ଡ ଟାଇଗର ଶ୍ରଫ ବି ଫିଟନେସ୍ କିଛି କମ୍ ନୁହେଁ । ହେଲେ ଦିଶାଙ୍କୁ ତାଙ୍କ ଫିଟନେସ ପସନ୍ଦ ନୁହେଁ । ଏମିତିକି ଏଭଳି ଏକ ପ୍ରଶ୍ନର ଉତ୍ତର ଶୁଣିବାକୁ ସମସ୍ତେ ଚାହିଁ ବସିଥିବା ବେଳେ ଫିଟନେସ ମାମଲାରେ ସେ ହୁଏତ ଟାଇଗର କିମ୍ବା ବଲିଉଡ ଭାଇଜାନ ସଲମାନଙ୍କ ଫିଟନେସକୁ ବହୁତ ପସନ୍ଦ କରୁଥିବେ । ହେଲେ ନାଁ ଦିଶାଙ୍କ ପସନ୍ଦ ବିଗତ ଦିନର ନାୟକ ତଥା ବଲିଉଡ୍‌ର ଏଭରଗ୍ରୀନ ନାୟକ ଅନିଲ କପୁର । ଯିଏ ନିକଟରେ ବା ୨୪ ଡିସେମ୍ବରରେ ତାଙ୍କର ୬୪ ତମ ଜନ୍ମଦିନ ପାଳନ କରିଛନ୍ତି । ଅନିଲଙ୍କ ଫିଟନେସରେ ଫିଦା ଦିଶା । ଅନିଲଙ୍କ ସହ ଦିଶା ଫିଲ୍ମ 'ମଲଙ୍ଗ' କାମ କରିଥିବା ବେଳେ ତାଙ୍କ ଫୁର୍ତ୍ତି ଦେଖି ଦିଶା ଖୁବ ଇମ୍ପ୍ରେସ ହୋଇଥିଲେ । ଅନିଲଙ୍କ ଜନ୍ମଦିନରେ ଦିଶା ଏକ ଫଟୋ ଶେୟାର କରି ଲେଖିଥିଲେ, ହାପି ବାର୍ଥ ଡେ ମେରେ ସବସେ ଫିଟନେସ କୋ-ଷ୍ଟାର । ଅବଶ୍ୟ ଟାଇଗର ବି ଅନିଲଙ୍କ ଫିଟନେସକୁ ବହୁବାର ପ୍ରଶଂସା କରିଛନ୍ତି । ଦେଖିବାକୁ ଗଲେ ୬୪ ବର୍ଷ ବୟସରେ ଅନିଲ ଯେତିକି ଫିଟ ଅଛନ୍ତି ତାହା ସମସ୍ତଙ୍କୁ ଇମ୍ପ୍ରେସ କରିବ ।

# ଫିଲିପାଇନ୍ସରେ ନାହିଁ ଛାଡ଼ପତ୍ର ବ୍ୟବସ୍ଥା




**ନୂଆଦିଲ୍ଲୀ:** ଆଧୁନିକ ଯୁଗରେ ବିଭିନ୍ନ କାରଣରୁ ଦମ୍ପତିଙ୍କ ମଧ୍ୟରେ ଛାଡ଼ପତ୍ର ସଂଖ୍ୟା ବଢ଼ିବାରେ ଲାଗିଛି। କିନ୍ତୁ ଫିଲିପାଇନ୍ସ ଏଭଳି ଏକ ଦେଶ, ଯେଉଁଠାରେ ସ୍ତ୍ରୀ ଏବଂ ସ୍ୱାମୀ ପରସ୍ପରଙ୍କୁ ଛାଡ଼ପତ୍ର ଦେବାର ଅନୁମତି ନାହିଁ। ଛାଡ଼ପତ୍ର ପାଇଁ ପ୍ରାୟ ସମସ୍ତ ଦେଶରେ ନିୟମ ରହିଛି। ହେଲେ ଫିଲିପାଇନ୍ସରେ ଛାଡ଼ପତ୍ରର କୌଣସି ବ୍ୟବସ୍ଥା ନାହିଁ। ଏଠାରେ ଛାଡ଼ପତ୍ର ବିଲ୍ ହୋଇଛି କିନ୍ତୁ କୌଣସି ଆଇନ ନାହିଁ। ଫିଲିପାଇନ୍ସ କ୍ୟାଥୋଲିକ୍ ଦେଶର ଏକ ସମୂହର ଅଂଶବିଶେଷ। କ୍ୟାଥୋଲିକ୍ ଚର୍ଚ୍ଚ କାରଣରୁ ଏଠାରେ ଛାଡ଼ପତ୍ରର କୌଣସି ବ୍ୟବସ୍ଥା ନାହିଁ। ପୋପ୍ ଫ୍ରାନ୍ସିସ୍ ୨୦୧୫ରେ ଫିଲିପାଇନ୍ସ ଯାଇଥିବାବେଳେ ସେଠାକାର ଧର୍ମଗୁରୁମାନଙ୍କ ସହ ଏ ନେଇ ଆଲୋଚନା କରିଥିଲେ। ଯେଉଁମାନେ ଛାଡ଼ପତ୍ର ନେବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ସହାନୁଭୂତି ରଖିବା ନିମନ୍ତେ ସେ ପରାମର୍ଶ ଦେଇଥିଲେ। କିନ୍ତୁ ଏହି ଦେଶରେ ଛାଡ଼ପତ୍ର ଦେଇ କ୍ୟାଥୋଲିକ୍ ହେବା ଅପମାନଜନକ ବୋଲି ମାନ୍ୟତା ରହିଛି।

ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ପୋପ୍‌ଙ୍କ ପରାମର୍ଶକୁ ଫିଲିପାଇନ୍ସର ଖ୍ରୀଷ୍ଟିଆନ ଧର୍ମଗୁରୁମାନେ ଅଣଦେଖା କରିଥିଲେ। ସେହିପରି ଏକମାତ୍ର ଦେଶଭାବେ ଏହି ଦେଶରେ ଛାଡ଼ପତ୍ର ବ୍ୟବସ୍ଥା ନ ଥିବାରୁ ଫିଲିପାଇନ୍ସ ନିଜକୁ ଗର୍ବ ମଧ୍ୟ କରୁଛି। ତେବେ ଏହି ଦେଶରେ ଛାଡ଼ପତ୍ରକୁ ବୈଧ କରୁଥିବା ବିଲ୍ ପୂର୍ବରୁ ରହିଛି। କିନ୍ତୁ ରାଷ୍ଟ୍ରପତିଙ୍କ ସମର୍ଥନ ବିନା ଏହା ଆଇନରେ ପରିଣତ ହୋଇପାରିବ ନାହିଁ। ଫିଲିପାଇନ୍ସ ଉପରେ ପ୍ରାୟ ୪ଶତକ ଧରି ସ୍ପେନ୍ ଶାସନ ଚାଲିଥିବାବେଳେ ୧୮୯୮ରେ ସ୍ପେନ୍ ଓ ଆମେରିକା ମଧ୍ୟରେ ଯୁଦ୍ଧ ପରେ ଫିଲିପାଇନ୍ସରେ ଆମେରିକାର ଶାସନ ଆରମ୍ଭ ହୋଇଥିଲା। ଏହାପରେ ଛାଡ଼ପତ୍ର ଆଇନ ପ୍ରଣୟନ ହେଲା। କିନ୍ତୁ ଏଥିରେ ସର୍ତ୍ତ ରହିଥିଲା। ସ୍ତ୍ରୀ-ସ୍ୱାମୀଙ୍କ ମଧ୍ୟରୁ କେହି ପର ସ୍ତ୍ରୀ କିମ୍ବା ପର ପୁରୁଷ ସହ ସମ୍ପର୍କ ରହିଥିବା ଜଣାପଡ଼ିଲେ ଛାଡ଼ପତ୍ର ଦିଆଯାଇପାରିବ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଫିଲିପାଇନ୍ସ ଜାପାନ କବ୍‌ଜାରେ ରହିଥିଲା। ସେତେବେଳେ ଛାଡ଼ପତ୍ର ପାଇଁ ନୂଆ ଆଇନ ହୋଇଥିଲା। ୧୯୪୪ରେ ଆମେରିକାର ଶାସନ ଚାଲିବା ପରେ ପୁଣି ପୁରୁଣା ଆଇନ ଲାଗୁ ହେଲା। ୧୯୫୦ରେ ଫିଲିପାଇନ୍ସ ଆମେରିକାଠାରୁ ସ୍ୱାଧୀନ ହେବାପରେ ସେଠାରେ ଚର୍ଚ୍ଚର ପ୍ରଭାବ ରହିଲା ଏବଂ ଛାଡ଼ପତ୍ର ଆଇନକୁ ପ୍ରତ୍ୟାହାର କରାଗଲା। ସେବେଠାରୁ ଏଠାରେ ଛାଡ଼ପତ୍ର ଉପରେ ପ୍ରତିବନ୍ଧକ ରହିଥିବା ଜଣାଯାଏ। ତେବେ ଫିଲିପାଇନ୍ସରେ ଛାଡ଼ପତ୍ର ନେଇ କେବଳ ଖ୍ରୀଷ୍ଟିଆନଙ୍କ ପାଇଁ ପ୍ରତିବନ୍ଧକ ରହିଥିବାବେଳେ ଏଠାରେ ଥିବା କମ୍ ସଂଖ୍ୟକ ମୁସଲମାନ ସେମାନଙ୍କ ନିଜସ୍ୱ ଆଇନ ଅନୁଯାୟୀ ତଲାକ୍ ନେଇପାରିବେ। ସେମାନଙ୍କୁ ଏଥିନିମନ୍ତେ ସ୍ୱାଧୀନତା ଦିଆଯାଇଛି।

# ଝଡ଼ାଫୁଙ୍କା ତାଲିମ ପାଇଁ ସ୍କୁଲ



**ରାଞ୍ଚି:** ଗୋଟିଏ ପଟେ ବିଜ୍ଞାନର ଅଗ୍ରଗତି ହେଉଥିବା ବେଳେ ଆଉକିଛି ଲୋକ ଅନ୍ଧବିଶ୍ୱାସକୁ ଜାବୁଡ଼ି ଧରିଛନ୍ତି। ଏପରିକି ଅନ୍ଧବିଶ୍ୱାସ ପାଇଁ ସ୍ୱତନ୍ତ୍ର ଏକ ପାଠଶାଳା ମଧ୍ୟ ଖୋଲିଛନ୍ତି। ଯେଉଁଠାରେ ଝଡ଼ାଫୁଙ୍କା ନିମନ୍ତେ ତାଲିମ ଦିଆଯାଏ। ଏମିତି ଏକ ଅଜବ ପାଠଶାଳା ଝାଡ଼ଖଣ୍ଡର ଲାତେହାର ଜିଲାରେ ରହିଛି। ଲାତେହାର ସଦର ଉପଖଣ୍ଡରୁ ପ୍ରାୟ ୧୫ କିଲୋମିଟର ଦୂର ବଭନହେରୁବା ଗାଁରେ ଆଜି ମଧ୍ୟ ଅନ୍ଧବିଶ୍ୱାସର ଏକ ପାଠଶାଳା ଚାଲୁ ରହିଛି। ଏଠାରେ ୧୦ ମାସରେ ୪ ମାସ କ୍ଲାସ ହୋଇଥାଏ। ପ୍ରାୟ ୪୦ ଲୋକ ସାପ, ବିଛା ଆଦି ବିଷ ଝାଡ଼ିବାକୁ ମନ୍ତ୍ର ପାଇଁ ତାଲିମ ନେଉଛନ୍ତି। ଏଠାରେ ଯୁବକଙ୍କଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ମନ୍ତ୍ର ସାଧନା ତାଲିମ ନେଉଛନ୍ତି। ହାତରେ କୁକୁଡ଼ା, ଚାଉଳ ଏବଂ ସିନ୍ଦୁର ନେଉଛନ୍ତି। ପ୍ରଥମେ ଛେଳି ପୁଣି କୁକୁଡ଼ା, ବିଲେଇ ଦେବାର ପରମ୍ପରା ଚାଲିଆସୁଛି। ସାଧାରଣତଃ ଏପରି ତାଲିମ ନାଗପଞ୍ଚମୀ ପର୍ବ ସମୟରେ ଦିଆଯାଇଥାଏ। ଏଥିରେ ସମସ୍ତ ଶିଷ୍ୟଙ୍କୁ ଶିକ୍ଷାଦିକ୍ଷା ଦିଆଯାଏ। ଏଠାରେ ୪ ମାସ ପର୍ଯ୍ୟନ୍ତ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ତାଲିମ ଦିଆଯାଏ। ଏ ସମ୍ପର୍କରେ ଲାତେହାର ସିଭିଲ ସର୍ଜନ ସନ୍ତୋଷ କୁମାର ଶ୍ରୀବାସ୍ତବ କୁହନ୍ତି, ଆଜି ବି ଲୋକମାନେ ଅନ୍ଧବିଶ୍ୱାସ କାରଣରୁ ଗାଁରେ ଝଡ଼ାଫୁଙ୍କା କରି ବହୁ ବିଳମ୍ବରେ ହସ୍ପିଟାଲ ଆସୁଛନ୍ତି। ଫଳରେ ଏହା ମୃତ୍ୟୁର କାରଣ ପାଲଟୁଛି।


## ମନେ ପଡ଼ନ୍ତି

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ପ୍ରଫୁଲ୍ଲ କୁମାର ନାୟକ
ଶୈଳଶ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ: ୧୦।୦୫।୧୯୭୬
ତିରୋଧାନ: ୧୧।୧୨।୨୦୧୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ଝିଅ- ବବ୍‌ଲି, ବନ୍ଧୁ ଓ ପରିବାରବର୍ଗ।
ଧ-୧୯୩୬୩

### ଏକାଦଶାହ ଉପଲକ୍ଷେ



✓ପ୍ରଦୀପ୍ତ କୁମାର ପରିଡ଼ା (ବୁଟୁ)
O.P.T.C.L.(M)
କୁମ୍ଭାରପଡ଼ା, ବାଡ଼ାସାହି, ପୁରୀ
ଆବିର୍ଭାବ: ୨୫।୦୬।୧୯୭୫
ତିରୋଧାନ: ୧୬।୧୨।୨୦୨୦
ତୋର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୋର ସେହି ହସ ହସ ମୁହଁ, ମଧୁର କଥା, ଅନାବିଳ ସ୍ନେହ ଆମ୍ଭମାନଙ୍କୁ ଅସ୍ଥିର କରୁଛି। ଆମ ମନ ପ୍ରାଣ ହୃଦୟ ଡାକୁଛି ବୁଟୁ ତୁ ଫେରିଆ। ହେଲେ ତୁ ଆମ ସମସ୍ତଙ୍କୁ ଛାଡ଼ି ଏକ ଅଫେରା ରାଇଜକୁ ଚାଲିଯାଇଛୁ। ତୁ ସେଠାରେ ଶାନ୍ତିରେ ରହ ଏହା ହିଁ ଶ୍ରୀଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ମା, ନନା, ଅପା, ପୁତୁରା, ଝିଅ (ଦିସା), ଭାଉଜ, ହତଭାଗିନୀ ଧର୍ମପତ୍ନୀ ଏବଂ ଆତ୍ମୀୟ ସ୍ୱଜନମାନେ
ଧ-୧୯୨୮୫

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ପଦ୍ମାରାଣୀ ପତି
ବାଲିପାଟଣା, କାକରୁଦ୍ରପୁର, ଖୋର୍ଦ୍ଧା
ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକରେ ପତିତପାବନଙ୍କ ପାଖରେ ପ୍ରାର୍ଥନା କରୁ କି ତୁମର ଆତ୍ମାର ସଦ୍‌ଗତି ପ୍ରାପ୍ତ ହେଉ।
ଶୋକସନ୍ତପ୍ତ:
ପତି ପରିବାରବର୍ଗ
ଧ-୭୦୧୩୮

### ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



✓ ଶ୍ରୀମତୀ ସୁଧାଂଶୁବାଳା ନାୟକ
ଆବିର୍ଭାବ - ୨୫.୦୫.୧୯୪୦
ତିରୋଧାନ - ୮.୧୨.୨୦୧୯
(ମାର୍ଗଶୀର ମାସ ଶୁକ୍ଲପକ୍ଷ ଦ୍ୱାଦଶୀ ତିଥି)
ଲକ୍ଷ୍ମୀ ସାଗର, ଭୁବନେଶ୍ୱର
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା
-:ଶୋକସନ୍ତପ୍ତ:-
ଯଦୁମଣି, ସଂଗ୍ରାମ, ସ୍ମିତା, ହରେକୃଷ୍ଣ, ସଂଘମିତ୍ରା, ସୁବ୍ରତ, ସଂଯୁକ୍ତା, ସଚିନ, ଶର୍ମିଷ୍ଠା ଓ ସମସ୍ତ ନାତି, ନାତୁଣୀ ଓ ନାତୁଣୀ ଜ୍ୱାଇଁ
ଧ-୭୦୦୭୩

### ଶ୍ରଦ୍ଧା ସୁମନ



ଅଜୟ କୁମାର ମହାନ୍ତି
ଚଉଦକୁଲାଟ, କେନ୍ଦ୍ରାପଡ଼ା
ଆବିର୍ଭାବ ୨୫/୦୬/୧୯୬୦
ତିରୋଧାନ ୧୬/୧୨/୨୦୨୦
ତୁମେ ଅଜେୟ, ତୁମେ ଅକ୍ଷୟ, ତୁମେ ଅମର...
ଆମ ପାଇଁ ତୁମେ ସବୁକିଛି। ତୁମେ ସବୁଦିନ ଆମର। ସକାଳରୁ ପୁଣି ସିନ୍ଦୂରା ଫାଟିବା ଯାଏଁ ଆମସହ ତୁମେ ରହିଛ, ରହିଥିବ।
ସମୟ ହୁଏତ ବଳବାନ କିନ୍ତୁ ସେହି ସମୟ ଆମକୁ ଅଲଗା କରିପାରିନାହିଁ, କରିପାରିବନାହିଁ....
ମାମା (ସସ୍ମିତା), ପାବ୍‌ଲୁ-ବାବ୍‌ଲି ଓ ନେହା
ଏବଂ
ତୁମକୁ ଭଲପାଉଥିବା ଆମେ ସମସ୍ତେ।
ଧ-୧୯୩୬୯

### ଶ୍ରଦ୍ଧା ସ୍ମୃତି



✓ ରୁକ୍ମିଣୀ ସାହୁ
ତିରୋଧାନ - ୨୨.୧୨.୨୦୨୦, ମଙ୍ଗଳବାର
ସ୍ୱାମୀ : ସୁଧାକର ସାହୁ
ଏନ୍-୧/୩୩୪, ଆଇଆରସି ଭିଲେଜ
ଭୁବନେଶ୍ୱର-୧୫
ଧ-୧୯୩୬୪


# ଜାଏଦଙ୍କ ହାତ ଧରିଲେ ଗୌହର



**ଇଟାନଗର:** ବଲିଉଡ୍ ଅଭିନେତ୍ରୀ ଗୌହର ଖାନ୍ ଶୁକ୍ରବାର ସୋସିଆଲ୍ ମିଡିଆରେ ପ୍ରଭାବଶାଳୀ ଥିବା ଜାଏଦ୍ ଦର୍‌ବାରଙ୍କୁ ବିବାହ କରିଛନ୍ତି। ଗୌହର ବିବାହ ସମୟର ଫଟୋକୁ ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର କରିବା ସହ 'କବୁଲ୍ ହେଁ' ବୋଲି ଲେଖିଛନ୍ତି। ସେମାନେ ପରସ୍ପରର ଜୀବନସାଥୀ ହେବା ଲାଗି ଶପଥ ନେଇଛନ୍ତି। ବିବାହ ଉତ୍ସବରେ ଉଭୟଙ୍କ ପରିବାର ସଦସ୍ୟ ଓ ଅଳ୍ପ କେତେଜଣ ଘନିଷ୍ଠ ବନ୍ଧୁ ଉପସ୍ଥିତ ଥିଲେ। ପାରମ୍ପରିକ ପଦ୍ଧତିରେ ସେମାନଙ୍କର ବିବାହ ସମ୍ପନ୍ନ ହୋଇଥିଲା। ଗୌହର ଓଜନଦାର ଗହଣା ଏବଂ ବିବାହ ପୋଷାକରେ ବେଶ୍ ସୁନ୍ଦର ଦେଖାଯାଉଥିଲେ। ଜାଏଦ୍ ପାରମ୍ପରିକ ପୋଷାକ ପରିଧାନ କରିଥିଲେ। ସମସ୍ତଙ୍କ ସମ୍ମୁଖରେ ସେ ଗୌହରଙ୍କ ହାତକୁ କିସ୍ କରିଥିଲେ। ବନ୍ଧୁ ଓ ସମ୍ପର୍କୀୟମାନଙ୍କ ପାଇଁ ଉଭୟ ରିସେପ୍‌ଶନ ପାର୍ଟିର ଆୟୋଜନ କରିଥିଲେ।


### ଜନ୍ମଦିନ ଶୁଭେଚ୍ଛା



ରୁଦ୍ର ନାରାୟଣ ସାହୁ (ଲିଙ୍କୁନ)
ଯୋରନ୍ଦା, ଢେଙ୍କାନାଳ
ତୋର ଚଲାପଥ କୁସୁମିତ ହେଉ।
ଭଗବାନ ତୋତେ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ: ବାପା, ମା, ଜେଜେ, ଜେଜେମା, ଆଈ, ଅଜା, ମାମୁ, ମାଉସୀ, ମଉସା, ନାନୀ, ଭାଇ, ଦାଦା, ଖୁଡ଼ୀ, ବନ୍ଧୁ ଓ ପରିବାରବର୍ଗ
ଧ-୭୦୩୦୩


# ଟେନିସ୍ ବଲ୍‌ରେ ମ୍ୟୁଜିକ୍ କି-ବୋର୍ଡ

**ନୂଆଦିଲ୍ଲୀ:** କୌଣସି ପ୍ରକାରର ମ୍ୟୁଜିକ୍ ପାଇଁ କି-ବୋର୍ଡ ବଜାଇବାକୁ ହେଲେ ହାତରେ ଲଗାଇବାକୁ ପଡ଼ିଥାଏ। କିନ୍ତୁ ହାତ ନ ଲଗାଇ କୌଣସି କି-ବୋର୍ଡ ବଜାଇବା ପ୍ରାୟତଃ ସମ୍ଭବ ନୁହେଁ। ଯେକୌଣସି ପ୍ରକାରର ବାଦ୍ୟଯନ୍ତ୍ର ହେଉ ହାତରେ ବଜାଇବାକୁ ହୋଇଥାଏ। ଅବଶ୍ୟ କେତେଜଣ ରେକର୍ଡ କରିବା ପାଇଁ ହାତ ବଦଳରେ ଗୋଡ଼ କିମ୍ବା ଅନ୍ୟ କେଉଁ ଅଙ୍ଗରେ କି-ବୋର୍ଡ ବଜାଇବା ଅଭ୍ୟାସ କରିଥାନ୍ତି। ଠିକ୍ ଏମିତି ଏକ ଅଭ୍ୟାସ କରି ଏବେ ଚର୍ଚ୍ଚିତ ହୋଇଛନ୍ତି ଫ୍ଲୋରିଡାର ଚାର୍ଲସ ପିଟୋକ୍। ଜଗ୍‌ଲିଂ ଟେନିସ୍ ବଲ୍ ସାହାଯ୍ୟରେ କି-ବୋର୍ଡ ବଜାଇବାର ଅଦ୍ଭୁତ କ୍ଷମତା ରଖି ଏବେ ସେ ସୋସିଆଲ ମିଡିଆରେ ଜଣେ ଚର୍ଚ୍ଚିତ ବ୍ୟକ୍ତିତ୍ୱ ପାଲଟିଛନ୍ତି। ଚାର୍ଲସ ପିଟୋକ୍ ଟେନିସ୍ ବଲ୍‌ରେ କି-ବୋର୍ଡ ବଜାଇ ଖ୍ରୀଷ୍ଟମାସ ଗୀତ ଗାଉଛନ୍ତି, ଆଉ ଏହି ସମୟର ଭିଡିଓକୁ ରେକର୍ଡ କରି ସେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ତାଙ୍କର ଏହି ଭିଡିଓଟି ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ପିଟୋକ୍ସ କି-ବୋର୍ଡ ଉପରେ ଟେନିସ୍ ବଲ୍ ପକାଇ ଏତେ ସୁନ୍ଦରଭାବରେ ସ୍ୱର ସୃଷ୍ଟି କରୁଛନ୍ତି, ଯାହା ଦେଖିଲେ ଯେ କେହି ବି ଆଶ୍ଚର୍ଯ୍ୟ ହୋଇଯିବ। କାରଣ ସେ ଏକ ସମୟରେ ୪-୫ଟି ବଲ୍ ଧରି କିବୋର୍ଡ ବଜାଇଥାନ୍ତି। ଆଉ କି-ବୋର୍ଡର କେଉଁ ସ୍ଥାନରେ କେତେ ଜୋର୍ ଦେବାକୁ ହେବ ସେଥିପାଇଁ ସେ ସୁନ୍ଦରଭାବରେ ସନ୍ତୁଳନ ରକ୍ଷା କରି ବଲ୍ ତଳକୁ ପକାଇଥାନ୍ତି। ତେଣୁ ବଲ୍ ମାଧ୍ୟମରେ ବି ସେ ସୁନ୍ଦରଭାବରେ ବିଭିନ୍ନ ପ୍ରକାରର ସ୍ୱର ସୃଷ୍ଟି କରିପାରନ୍ତି। ସୋସିଆଲ ମିଡିଆରେ ପିଟୋକଙ୍କର ଏହି ଭିଡିଓକୁ ଏବେ ୩୨ହଜାରରୁ ଅଧିକ ଲୋକ ପସନ୍ଦ କରି ସାରିଛନ୍ତି। ଭିଡିଓ ଦେଖି ପିଟୋକଙ୍କ ଟ୍ୟାଲେଣ୍ଟକୁ ଲୋକେ ଢେର୍ ପ୍ରଶଂସା କରିଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

All India Tower Group
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍‌ରେ 4G, 5G ଟାୱାର ଲଗାନ୍ତୁ । ଅଗ୍ରିମ 20 ଲକ୍ଷ + ଭଡ଼ା 60 ହଜାର + ବାଇକ୍ + ଲାପ୍‌ଟପ୍ । ଶୀଘ୍ର ଯୋଗାଯୋଗ କରନ୍ତୁ
9455900841
7042350747

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894677450
7325861595

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଝଲିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

GALLERY TOWER COMPANY
ଦ୍ୱାରା ନିଜର ଖାଲି ଜମି / ଛାତ / କ୍ଷେତ / ପ୍ଲଟ୍‌ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ‘ଚୟନରେ ସ୍ୱଚ୍ଛତାକୁ ଦେବାଶିଷଙ୍କ ଗୁରୁତ୍ୱ’

**ଭୁବନେଶ୍ୱର, ୨୫।୧୨(କ୍ରୀଡ଼ା ପ୍ରତିନିଧି)**


ଦେବାଶିଷ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ସହିଦ ସ୍ପୋର୍ଟିଂ ସମ୍ପାଦକ ପଙ୍କଜ ପଟ୍ଟନାୟକ।

- ପ୍ରଥମ ବୈଠକ ଗୁରୁତ୍ୱପୂର୍ଣ୍ଣ
- ବେଞ୍ଚ୍ ଷ୍ଟ୍ରେନ୍ଥ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବ
- ଅଲିମ୍ପିକ୍ସରେ କ୍ରିକେଟ ସାମିଲ ହେବା ଉଚିତ
- ଓଡ଼ିଶାର ପ୍ରତିଭାସମ୍ପନ୍ନ ରାଜେଶ ମହାନ୍ତି ଏବଂ ଶୁଭ୍ରାଂଶୁ ସେନାପତି ଏବେ ଫୋକସରେ

‘‘ଓଡ଼ିଶାରେ ବହୁ ପ୍ରତିଭାସମ୍ପନ୍ନ କ୍ରିକେଟର ଅଛନ୍ତି, ମାତ୍ର ସେମାନଙ୍କୁ ତାହା ପ୍ରଦର୍ଶନ ମାଧ୍ୟମରେ ଦେଖାଇବାକୁ ପଡ଼ିବ। ତା’ ହେଲେ ଯାଇ ଜାତୀୟ ଦଳପାଇଁ ସୁଯୋଗ ସୃଷ୍ଟି ହୋଇପାରିବ। ନ ହେଲେ ଚୟନକର୍ତ୍ତା କିଛି କରିପାରିବେନି। କୋଭିଡ୍ ପାଇଁ ଯଦିଓ ରାଜ୍ୟ କ୍ରିକେଟ କାର୍ଯ୍ୟକଳାପ କମିଛି ତେବେ ଗତ ଏକମାସ ମଧ୍ୟରେ ତାହା ତ୍ୱରାନ୍ୱିତ ହୋଇଛି। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ନିକଟରେ କରିଥିବା ଟି୨୦ ଟୁର୍ନାମେଣ୍ଟରୁ ଅନେକ ପ୍ରତିଭା ସାମ୍ନାକୁ ଆସିଛନ୍ତି। ଏହା ରାଜ୍ୟ କ୍ରିକେଟ ପାଇଁ ବହୁତ ଭଲ କଥା। ଜାତୀୟ ଚୟନ କର୍ତ୍ତାଭାବେ ମୁଁ ପ୍ରଥମେ ଦଳର ଲକ୍ଷ୍ୟ ଓ ଅଭିଳାଷକୁ ଦେଖିବି। ସେହି ଅନୁସାରେ ଯୋଜନା ପ୍ରସ୍ତୁତ କରିବି। ତେବେ ଚୟନ ସମୟରେ ଯେପରି କୌଣସି ଖେଳାଳିଙ୍କ କ୍ଷେତ୍ରରେ ପାତର ଅନ୍ତର ନ ହୁଏ ସେଥିପ୍ରତି ବିଶେଷ ଧ୍ୟାନ ଦେବି’’ ବୋଲି ଜାତୀୟ ସିନିୟର ଚୟନ କମିଟି ସଦସ୍ୟ ମନୋନୀତ ହେବାର ଗୋଟିଏ ଦିନପରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦେବାଶିଷ ମହାନ୍ତି ପ୍ରକାଶ କରିଛନ୍ତି।

ଜୁନିୟର ଚୟନକର୍ତ୍ତାଭାବେ ଭିନ୍ନ ଚ୍ୟାଲେଞ୍ଜ ଥିଲା। ସିନିୟର ଦଳର ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହୁଥିବାରୁ ଏ କ୍ଷେତ୍ରରେ ଦାୟିତ୍ୱ ନିଶ୍ଚିତ ଅଧିକ ରହିବ। ଜୁନିୟର ଚୟନ କମିଟିରେ ଥିବାବେଳେ ଯେତେବେଳେ ଅନ୍ୟ ଜୋନ୍‌ର ଚୟନକର୍ତ୍ତାମାନେ ଓଡ଼ିଶା ପିଲାଙ୍କ କଥା କହନ୍ତି ସେତେବେଳେ ଗର୍ବ ଅନୁଭବ ହୁଏ ବୋଲି ୨୦୧୮ ସେପ୍ଟେମ୍ବରରୁ ୨୦୨୦ ଡିସେମ୍ବର ପର୍ଯ୍ୟନ୍ତ ଜୁନିୟର ଦଳର ଦାୟିତ୍ୱରେ ଥିବା ଦେବାଶିଷ ପ୍ରକାଶ କରିଛନ୍ତି। ଶୁକ୍ରବାରଠାରୁ କାର୍ଯ୍ୟ ଆରମ୍ଭ ହୋଇଯାଇଛି। କୋଭିଡ୍ ପାଇଁ ଫୋନ ମାଧ୍ୟମରେ ପ୍ରଥମ ଆଲୋଚନା ହୋଇଛି। ଆଗକୁ ଏବେ ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟ ହେବ। ସେଥିରୁ ଖେଳାଳି ଚୟନ ହେବେ। ରଣଜୀ ଟ୍ରଫି ହିଁ ମୁଖ୍ୟ। ସେଥିରେ ଭଲ ପ୍ରଦର୍ଶନ କଲେ ଦୁଲୀପ ଟ୍ରଫି ଏବଂ ସେଠାରେ ଭଲ କଲେ ଓଭରଅଲ୍ ଭାରତ -ଏ ପାଇଁ ସୁଯୋଗ ଆସିବ। ଖେଳାଳି ଓ ଚୟନ କର୍ତ୍ତା ଦାୟିତ୍ୱ ତୁଲାଇବାରେ ଭିନ୍ନ ଚାପ ରହିଥାଏ। ଖେଳାଳିଭାବେ ଜଣେ ସବୁବେଳେ ଭଲ ପ୍ରଦର୍ଶନ କରି ଟିମ୍‌କୁ ଜିତାଇବାକୁ ଚାହିଁଥାଏ। ମାତ୍ର କୋଚ୍‌ଭାବେ ମଧ୍ୟ ଦଳର ବିଜୟ ପାଇଁ ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିଥାଏ। ମାତ୍ର ଚୟନକର୍ତ୍ତା ହେଲେ କେମିତି ଭଲ ଖେଳାଳିଙ୍କୁ ଚୟନ କରି ବେଞ୍ଚ୍ ଷ୍ଟ୍ରେନ୍ଥ ବୃଦ୍ଧି କରାଯିବ ତା’ ଉପରେ ଫୋକସ ରହିବ। କୌଣସି ପ୍ରତିଭାଙ୍କ କ୍ଷେତ୍ରରେ ଯେପରି ଅବହେଳା ନ ହୁଏ, ତା’ ଉପରେ ଫୋକସ ରହିବ ବୋଲି ସେ କହିଛନ୍ତି।

ଓଡ଼ିଶାରୁ ଅଧିକରୁ ଅଧିକ ପିଲା ଦେଶପାଇଁ ଖେଳନ୍ତୁ ବୋଲି ସମସ୍ତଙ୍କ ଇଚ୍ଛା। ଏବେ ଓସିଏ ଯେଉଁ ଧାରା ଆରମ୍ଭ କରିଛି ତାହା ରାଜ୍ୟ କ୍ରିକେଟ ପାଇଁ ଶୁଭ ଲକ୍ଷଣ। ଖେଳାଳି ଜୀବନକୁ ମୁଁ ବେଶି ଉପଭୋଗ କରିଛି। କୋଚ୍ ଏକ ଭିନ୍ନ ଭୂମିକା। ଏବେ ଚୟନକର୍ତ୍ତାଭାବେ ଦେଶର ବିଭିନ୍ନ କୋଣ ଅନୁକୋଣରୁ ଭଲ ପିଲାଙ୍କ ଉପରେ ନଜର ରଖିବାର ଅଛି। ଏ ତିନି ଭୂମିକାକୁ ସେ ଉପଭୋଗ କରୁଛନ୍ତି ବୋଲି ଦେବାଶିଷ କହିଛନ୍ତି।

ହରବିନ୍ଦର ସିଂ, ଆବେ କୁରୁଭିଲା ଓ ଦେବାଶିଷ ଏକ ସମୟରେ ସାଥିହୋଇ ଖେଳୁଥିଲେ। ଏବେ ଚୟନକର୍ତ୍ତା ଦାୟିତ୍ୱରେ ଅଛନ୍ତି। ଏହାକୁ ଏକ ସଂଯୋଗ ବୋଲି ଦେବାଶିଷ କହିଛନ୍ତି। ପରସ୍ପରକୁ ଭଲଭାବେ ଜାଣିଥିବାରୁ ଆଗାମୀ ଦିନରେ କାର୍ଯ୍ୟ ସମ୍ପାଦନ ଭଲ ହେବ ବୋଲି ସେ ଆଶା ରଖିଛନ୍ତି। ଅଲିମ୍ପିକ୍ସରେ କ୍ରିକେଟ ଅନ୍ତର୍ଭୁକ୍ତ ହେବା ଉଚିତ ବୋଲି ଦେବାଶିଷ ମତ ଦେଇଛନ୍ତି। କାରଣ କ୍ରିକେଟର କ୍ରେଜ୍ ବଢୁଛି। ୧୯୯୮ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କ୍ରିକେଟ ଅନ୍ତର୍ଭୁକ୍ତ ହୋଇଥିଲା। ସୌଭାଗ୍ୟ ବଶତଃ ମୁଁ ତାହାର ଅଂଶବିଶେଷ ଥିଲି। ସେଠାକାର ଅନୁଭବ ଦୃଷ୍ଟିରୁ କ୍ରିକେଟ ଅଲିମ୍ପିକ୍ସରେ ସାମିଲ ହେବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ଯେଉଁ ପିଲା ଯେଉଁ ଫର୍ମାଟକୁ ସୁଟ୍ କରୁଛି ତାଙ୍କୁ ସେଥିରେ ନେବା ଉପରେ ଧ୍ୟାନ ରହିବ ବୋଲି ସେ କହିଛନ୍ତି।

ଭଲ ଖେଳାଳି ଚୟନ କ୍ଷେତ୍ରରେ ଚୟନକର୍ତ୍ତା ଶତପ୍ରତିଶତ ଦୃଷ୍ଟି ଦେଇଥାନ୍ତି। ମାତ୍ର ଯଦି ସେଥିରେ କେହି ଭଲ ପ୍ରଦର୍ଶନ କରି ନ ପାରିଲା ସେ କ୍ଷେତ୍ରରେ ଅଭିଯୋଗ ଆସିଥାଏ। ଏହା ପ୍ରକ୍ରିୟାର ଏକ ଅଂଶବିଶେଷ।

ଦେଶର ପ୍ରତିଭାସମ୍ପନ୍ନ ଖେଳାଳିଙ୍କ ମଧ୍ୟରେ ରବି ବିଷ୍ଣୋଇ, କାର୍ତ୍ତିକ ତ୍ୟାଗୀ, ଆକାଶ ସିଂ, ପ୍ରିୟମ ଗର୍ଗଙ୍କ ପରି ବହୁ ପ୍ରତିଭା ଅଛନ୍ତି। ଯେଉଁମାନେ ଆଗାମୀ ଦିନରେ ଭଲ ପ୍ରଦର୍ଶନ କରିପାରିବେ। ଓଡ଼ିଶାର ଯୁବ ଖେଳାଳିଙ୍କ ମଧ୍ୟରେ ରାଜେଶ ମହାନ୍ତି ଏବଂ ଶୁଭ୍ରାଂଶୁ ସେନାପତି ବହୁ ପ୍ରତିଭା ସମ୍ପନ୍ନ। ସେମାନଙ୍କ ଉପରେ ନିଶ୍ଚିତ ଫୋକସ ରହିବ ବୋଲି କହିଛନ୍ତି ଏହି ଓଡ଼ିଆ ଅନ୍ତର୍ଜାତୀୟ କ୍ରିକେଟର। ତାଙ୍କ ପାଇଁ ବୈଠକ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ ବୋଲି ସ୍ୱୀକାର କରିଛନ୍ତି ଦେବାଶିଷ। ସେଥିରେ ଅନେକ କିଛି ଜାଣିବାକୁ ମିଳିବ। ସେ ନିଷ୍ଠାର ସହ ନିଜ ଦାୟିତ୍ୱ ତୁଲାଇବା ଉପରେ ଗୁରୁତ୍ୱ ଦେଇଛନ୍ତି। ତାଙ୍କ ଉପରେ ଆସ୍ଥା ରଖିଥିବାରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କ୍ରିକେଟ ପରାମର୍ଶଦାତା କମିଟି (ସିଏସି) ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)କୁ ଧନ୍ୟବାଦ ଜଣାଇଛନ୍ତି ଦେବାଶିଷ। ବିଶେଷ କରି ଏପରି ସୁଯୋଗ ପାଇଁ ଓସିଏ ସମ୍ପାଦକ ସଞ୍ଜୟ ବେହେରା ଓ ନିଯୁକ୍ତି ସଂସ୍ଥା ନାଲ୍‌କୋକୁ ସେ ଧନ୍ୟବାଦ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ସହିଦ ସ୍ପୋର୍ଟିଂ ସମ୍ପାଦକ ପଙ୍କଜ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା) ପକ୍ଷରୁ ଦେବାଶିଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


ପୁରୀ ବାଲିଦିହା ଗ୍ରାମର ନନ୍ଦିନୀ ବେହେରାଙ୍କ ସହ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କର ଶୁକ୍ରବାର କାକଟପୁରରେ ନିର୍ବନ୍ଧ ସମ୍ପନ୍ନ ହୋଇଛି।

## ସୌରାଷ୍ଟ୍ରର ନେତୃତ୍ୱ ନେବେ ଉନାଡକଟ୍

**ରାଜକୋଟ, ୨୫।୧୨ (ପି.ଟି.):** ଆସନ୍ତା ମାସରେ ସୟଦ ମୁସ୍ତାକ ଅଲୀ ଟ୍ରଫି ଜାତୀୟ ଟି୨୦ ଚାମ୍ପିୟନଶିପ୍ ସହ ୨୦୨୦-୨୧ ଘରୋଇ ସିଜନ ଆରମ୍ଭ ହେବ। ଏଥିପାଇଁ ଶୁକ୍ରବାର ୨୦ ଜଣିଆ ସୌରାଷ୍ଟ୍ର କ୍ରିକେଟ ଦଳ ଘୋଷଣା କରାଯାଇଛି। ପୁରୁଖା ସ୍ୱିଙ୍ଗ୍‌ଷ୍ଟର ଜୟଦେବ ଉନାଡକଟ୍‌ଙ୍କୁ ଦଳର ଅଧିନାୟକ ମନୋନୀତ କରାଯାଇଛି। ସମସ୍ତ ନିୟମିତ ଖେଳାଳି ଯଥା ପ୍ରେରକ ମାଙ୍କଡ଼, ଚିରାଗ ଜାନି, ବାମହାତୀ ବ୍ୟାଟ୍ସମ୍ୟାନ ଅର୍ପିତ ବାସଭଦା, ଉଇକେଟକିପର ବ୍ୟାଟ୍ସମ୍ୟାନ ହାର୍ଭିକ ଦେଶାଇ ପ୍ରମୁଖ ଦଳରେ ସ୍ଥାନ ପାଇଛନ୍ତି। ବାମହାତୀ ପେସର ଚେତନ ସାକାରିୟା ଏବଂ ଧିମା ବାମହାତୀ ରକ୍ଷଣଶୀଳ ବୋଲର ଧର୍ମେନ୍ଦ୍ର ସିଂ ଜାଡେଜାଙ୍କୁ ନେଇ ବୋଲିଂ ବାହିନୀର ନେତୃତ୍ୱ ନେବେ ଉନାଡକଟ୍। ଟୁର୍ନାମେଣ୍ଟ ଜାନୁୟାରୀ ୧୦ରୁ ଆରମ୍ଭ ହେବ। ଗତଥରର ରଣଜୀ ଟ୍ରଫି ଚାମ୍ପିୟନ ସୌରାଷ୍ଟ୍ର ଏଲିଟ୍ ଗ୍ରୁପ୍ ଡି’ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ସର୍ଭିସେସ୍, ବିଦର୍ଭ, ଗୋଆ, ମଧ୍ୟପ୍ରଦେଶ ଓ ରାଜସ୍ଥାନ ରହିଛନ୍ତି। ଲିଗ୍ ମ୍ୟାଚଗୁଡ଼ିକ ଇନ୍ଦୋରରେ ଖେଳାଯିବ।

## ଫାଇନାଲରେ ଇଗଲ ସ୍ପୋର୍ଟିଂ


ମ୍ୟାନ ଅଫ୍ ଦି ମ୍ୟାଚ ସଞ୍ଜୟ ଖୁଣ୍ଟିଆଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ପୁରୁଣା ଭୁବନେଶ୍ୱର, ୨୫।୧୨(ଡି.ଏନ.ଏ.)**

### ଜଗବନ୍ଧୁ ସ୍ମାରକୀ କ୍ରିକେଟ

ସ୍ଥାନୀୟ ବାଙ୍କୁଆଳ ଖେଳପଡ଼ିଆରେ ଚାଲିଥିବା ୧୦ମ ଜଗବନ୍ଧୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ମଞ୍ଚେଶ୍ୱରର ମଞ୍ଜନାଥ କ୍ରିକେଟ କ୍ଲବକୁ ହରାଇ ମେଣ୍ଢାଶାଳର ଇଗଲ ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ମଞ୍ଜନାଥ ଦଳ ୧୯ ଓଭରରେ ୧୩୪ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଇଗଲ ସ୍ପୋର୍ଟିଂ ୧୬.୩ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ବିଜୟୀ ଦଳର ସଞ୍ଜୟ ଖୁଣ୍ଟିଆ ୪ ଓଭରରେ ୧୩ ରନ ବିନିମୟରେ ୪ ଉଇକେଟ ସଫଳତା ପାଇଥିବାରୁ ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସାମାଜିକ କର୍ମୀ ଲିଙ୍ଗରାଜ ଜେନା, ବାସୁଆଘାଇ ପଞ୍ଚାୟତ ସମିତି ସଭ୍ୟ ପ୍ରଶାନ୍ତ ମୁଖୀ ଏବଂ ତ୍ରୈଲୋକ୍ୟ ସ୍ୱାଇଁ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## କୋହଲିଙ୍କୁ କ୍ଷମା ମାଗିଥିଲେ ରାହାନେ

**ମେଲବୋର୍ନ, ୨୫।୧୨ (ପି.ଟି.)**

ଆଡିଲେଡ୍‌ରେ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଦିବସରେ ଅଜିଙ୍କ୍ୟ ରାହାନେଙ୍କ ତ୍ରୁଟି ଯୋଗୁ ଆକର୍ଷଣୀୟ ୭୪ରନ କରି ଖେଳୁଥିବା ବିରାଟ କୋହଲି ଦୁର୍ଭାଗ୍ୟଜନକ ରନ୍‌ଆଉଟ ହୋଇଥିଲେ। ରାହାନେ ଏଥିପାଇଁ ଭାରତୀୟ ଅଧିନାୟକଙ୍କୁ କ୍ଷମା ମାଗିଥିବା ଶୁକ୍ରବାର ସୂଚନା ଦେଇଛନ୍ତି। ଏହାକୁ ଗେମ୍ ଚେଞ୍ଜିଂ ରନ୍‌ଆଉଟ କୁହାଯାଉଛି। କୋହଲି ଆଉଟ ହୋଇ ନ ଥିଲେ ଭାରତ ହୁଏତ ଆହୁରି ଭଲ ସ୍କୋର କରି ପାରିଥାନ୍ତା। ଦଳ ପାଇଁ ଏହା ଉପଯୋଗୀ ସାବ୍ୟସ୍ତ ହୋଇଥାନ୍ତା। ପ୍ରଥମ ଦିବସ ଖେଳ ଶେଷ ହେବା ପରେ ରାହାନେ କୋହଲିଙ୍କ ନିକଟକୁ ଯାଇ କ୍ଷମାମାଗିଥିଲେ। ସେତେବେଳର ପରିସ୍ଥିତିକୁ ଉଭୟେ ବୁଝି ପାରିଥିଲେ। କ୍ରିକେଟରେ ଏଭଳି ଘଟଣା ଦେଖିବାକୁ ମିଳିଥାଏ ବୋଲି କୋହଲି ତାଙ୍କ ପ୍ରତିକ୍ରିୟାରେ କହିଥିବା ରାହାନେ ପ୍ରକାଶ କରିଛନ୍ତି।


ଚେନ୍ନାଇନ୍ ଏଫ୍‌ସି ବିପକ୍ଷ ଆଇଏସ୍‌ଏଲ୍ ମ୍ୟାଚ ପୂର୍ବରୁ ଶୁକ୍ରବାର ଭାସ୍କୋର ତିଳକ ମୈଦାନରେ ଇଷ୍ଟବେଙ୍ଗଲ ଦଳର ଅଭ୍ୟାସ।

## ହଙ୍ଗେରୀରେ ଟ୍ରେନିଂ ନେବେ ଭିନେଶ

**ନୂଆଦିଲ୍ଲୀ, ୨୫।୧୨ (ପି.ଟି.):** ଚାମ୍ପିୟନ ରେସ୍‌ଲର ଭିନେଶ ଫୋଗଟଙ୍କ ୪୦ ଦିନିଆ କ୍ୟାମ୍ପ ପାଇଁ କେନ୍ଦ୍ର ସରକାର ମଞ୍ଜୁର କରିଛନ୍ତି। ଭିନେଶଙ୍କ ସହିତ ତାଙ୍କ ବ୍ୟକ୍ତିଗତ କୋଚ୍ ଓଲର ଆକସ୍, ସ୍ପେୟାରିଂ ପାର୍ଟନର ପ୍ରିୟଙ୍କା ଫୋଗତ ଏବଂ ଫିଜିଓଥେରାପିଷ୍ଟ ପୂର୍ଣ୍ଣିମା ରମଣ ନାଗମଦିର ଏହି କ୍ୟାମ୍ପରେ ସାମିଲ ହେବେ। ଏ ବାବଦରେ ମୋଟ ୧୫.୫୧ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। କ୍ୟାମ୍ପ ପାଇଁ ସରକାରଙ୍କ ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ)ରୁ ଅର୍ଥ ମଞ୍ଜୁର ହେବ। ଡିସେମ୍ବର ୨୮ରୁ ଜାନୁୟାରୀ ୨୪ ପର୍ଯ୍ୟନ୍ତ ହଙ୍ଗେରୀର ବୁଦାପେଷ୍ଟସ୍ଥିତ ଭାସାସ ସ୍ପୋର୍ଟ୍ସ କ୍ଲବ ଏବଂ ଜାନୁୟାରୀ ୨୪ରୁ ଫେବୃୟାରୀ ୫ ପର୍ଯ୍ୟନ୍ତ ପୋଲାଣ୍ଡର ସ୍ପିକ୍ରସ୍ଥିତ ଅଲିମ୍ପିକ ଟ୍ରେନିଂ ସେଣ୍ଟରଠାରେ କ୍ୟାମ୍ପ ଅନୁଷ୍ଠିତ ହେବ। ପକେଟ୍ ଭତ୍ତା ବ୍ୟତୀତ ବିମାନ ଯାତ୍ରା, ସ୍ଥାନୀୟ ପରିବହନ, ବୋର୍ଡିଂ ଏବଂ ଲଜିଂ ବାବଦରେ ସମସ୍ତ ଖର୍ଚ୍ଚ ହିସାବରେ ରହିଛି। ଭିନେଶ ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ୍‌ରେ ସ୍ଥାନ ପାଇଛନ୍ତି। ଟୋକିଓ ଗେମ୍ସରେ ତାଙ୍କଠାରୁ ପଦକ ଆଶା କରାଯାଉଛି। ଭିନେଶଙ୍କ ବ୍ୟକ୍ତିଗତ କୋଚ୍ ଆକସ ଏବଂ ଟ୍ରେନିଂ କ୍ୟାମ୍ପର ଯୋଜନା କରିଛନ୍ତି।

## କନ୍‌କାକାଫ୍‌ର ୪ଦଳକୁ ସିଧାସଳଖ ଯୋଗ୍ୟତା

**ଜୁରିଚ୍, ୨୫।୧୨ (ଏପି)**

ମହିଳା ଫିଫା ବିଶ୍ୱକପ ୨୦୨୩ର ଅଂଶଗ୍ରହଣକାରୀ ଦଳ ସଂଖ୍ୟା ୩୨କୁ ବୃଦ୍ଧି କରାଯାଇଛି। ଫଳରେ ଦି କନଫେଡେରେଶନ ଅଫ୍ ନର୍ଥ ସେଣ୍ଟ୍ରାଲ ଆମେରିକା, କାରିବିୟନ ଆସୋସିଏଶନ ଫୁଟ୍‌ବଲ (କନ୍‌କାକାଫ୍)ର ୪ଟି ଦଳ ସିଧାସଳଖ ଯୋଗ୍ୟତା ହାସଲ କରିବେ। ୧୦ ଦଳକୁ ନେଇ ହେବାକୁଥିବା ପ୍ଲେଅଫ୍ ଟୁର୍ନାମେଣ୍ଟ ଜରିଆରେ ଏହି ଅଞ୍ଚଳରୁ ଅନ୍ୟ ଦୁଇଟି ଦଳ ଯୋଗ୍ୟତା ହାସଲ କରିବେ। ଗତବର୍ଷ ଫ୍ରାନ୍ସରେ ୨୪ଟି ଦଳକୁ ନେଇ ବିଶ୍ୱକପ ଅନୁଷ୍ଠିତ ହୋଇଥିଲା। ନର୍ଥ ଓ ସେଣ୍ଟ୍ରାଲ ଆମେରିକା ଏବଂ କାରିବିୟନକୁ ନେଇ ଗଠିତ କନଫେଡେରେଶନରୁ ଯୁକ୍ତରାଷ୍ଟ୍ର ଆମେରିକା, କାନାଡା ଓ ଜାମାଇକା ଆଦି ପ୍ରତିନିଧିତ୍ୱ କରିଥିଲେ। କନ୍‌କାକାଫ୍‌ରୁ ଚତୁର୍ଥ ଦଳ ଭାବେ ପାନାମା ପାଇଁ ସୁଯୋଗ ଥିଲା। ମାତ୍ର କନ୍‌କାକାଫ୍-କନ୍‌ମେବୋଲ୍ ପ୍ଲେ-ଅଫ୍‌ରେ ହୋମ୍ ଓ ଆୱେ ଏଗ୍ରିଗେଟ୍‌ରେ ଦଳ ଆର୍ଜେଣ୍ଟିନା ନିକଟରୁ ୫-୧ରେ ପରାଜିତ ହୋଇଯାଇଥିଲା। ଫିଫା ମହିଳା ବିଶ୍ୱକପ ୩୨ଟି ଦଳକୁ ନେଇ କରିବା ଲାଗି ଫିଫା ଗୁରୁବାର ବିଧିବଦ୍ଧ ଘୋଷଣା କରିଥିଲା। ୟୁରୋପ (ୟୁଫା)ରୁ ୧୧ଟି ଦଳ, ଏସିଆ (ଏଏଫ୍‌ସି)ରୁ ୬, କନ୍‌କାକାଫ୍ ଭଳି ଆଫ୍ରିକା (କାଫ୍)ରୁ ୪, ଦକ୍ଷିଣ ଆମେରିକା (କନ୍‌ମେବୋଲ)ରୁ ୩ ଏବଂ ଓସେନିଆ (ଓଏଫ୍‌ସି)ରୁ ଗୋଟିଏ ଦଳ ସିଧାସଳଖ ଯୋଗ୍ୟତା ହାସଲ କରିବେ। ଆୟୋଜକ ହିସାବରେ ଉଭୟ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ସେମାନଙ୍କ କନ୍‌ଫେଡେରେଶନ ପାଇଁ ରହିଥିବା କୋଟାରୁ ସ୍ୱାଭାବିକ ଯୋଗ୍ୟତା ଅର୍ଜନ କରିବେ। ସୂଚନାଯୋଗ୍ୟ, ପ୍ରଥମ ମହିଳା ବିଶ୍ୱକପ ୧୯୯୧ରେ ଚାଇନାରେ ହୋଇଥିଲା। ଏଥିରେ ୧୨ଟି ଦଳ ଭାଗ ନେଇଥିଲେ।




## ମହାବୀର କ୍ରିକେଟ୍: ୟୁ ଆଣ୍ଡ ମି ଚାମ୍ପିୟନ

**ସୋର, ୨୫।୧୨(ଡି.ଏନ୍.ଏ)**

ସୋର ବ୍ଲକ ବାଗୁଡ଼ି ମହାବୀର କ୍ଲବ ଆନୁକୂଲ୍ୟରେ ୨୨ତମ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂକୁ ହରାଇ ୟୁ ଆଣ୍ଡ୍ ମି ଚାମ୍ପିୟନ୍ ହେବାର ଗୌରବ ଅର୍ଜନ କରିଛି। ଟସ୍ ଜିଣି ରାମେଶ୍ୱର ନିର୍ଦ୍ଧାରିତ ୨୭ ଓଭରରେ ୮ ଉଇକେଟ୍ ହରାଇ ୧୯୫ ରନ୍ ସଂଗ୍ରହ କରିଥିଲା। ଜବାବରେ ୟୁ ଆଣ୍ଡ୍ ମି ୨୨.୨ ଓଭରରେ ୬ ଉଇକେଟ୍ ହରାଇ ୧୯୭ ରନ୍ କରି ବିଜୟୀ ହୋଇଥିଲା। ବିଜୟୀ ଟିମ୍‌ର ସବ୍ୟସାଚୀ ଆଚାର୍ଯ୍ୟ ଅଲରାଉଣ୍ଡ ପ୍ରଦର୍ଶନ କରି ୪୦ ବଲ୍‌ରୁ ୬୪ ରନ୍ ସଂଗ୍ରହ କରିବା ସହିତ ୬ ଓଭର ବୋଲିଂ କରି ୩୭ ରନ୍ ଦେଇ ୨ଟି ଉଇକେଟ୍ ନେଇ ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। ଏହି ଖେଳକୁ ବିସିସିଆଇ ଲେଭଲ-୧ ଅମ୍ପାୟର ପ୍ରାଣନାଥ ଜେନ ଓ ଦେବବ୍ରତ ଦାସ ପରିଚାଳନା କରିଥିଲେ। ଭାଷ୍ୟକାର ଥିଲେ ଯଦୁନାଥ ଜେନା, ରାଜେଶ ଠାକୁର ଓ ବାସୁଦେବ ଜେନା। ଅକ୍ଷୟ ଜେନା, ବିଶ୍ୱନାଥ ଜେନା ଓ ଦୀପ୍ତିକାନ୍ତ ଖଟୁଆ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଅଖିଳରାମ ଜେନାଙ୍କ ପୌରୋହିତ୍ୟରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସୋର ବିଧାୟକ ପର୍ଶୁରାମ ଧଡ଼ା ଚାମ୍ପିୟନ ଦଳକୁ ଟ୍ରଫି ସହିତ ୨୫ ହଜାର ଟଙ୍କା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ସରପଞ୍ଚ ଶାନ୍ତିଲତା ବେହେରା ରନର୍ସ ଅପ୍ ଟିମକୁ ଟ୍ରଫି ଓ ୧୫ ହଜାର ଟଙ୍କା ଦେଇଥିଲେ। ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟବ୍ରତ ସିହ୍ନା ମ୍ୟାନ୍ ଅଫ୍ ଦି ମ୍ୟାଚ୍‌ଙ୍କୁ ୧ହଜାର ଏବଂ ବି.କେ.ଆର୍ଟ୍ସ ସଭାପତି ଗୋଲକ ଚନ୍ଦ୍ର ପାତ୍ର ମ୍ୟାନ୍ ଅଫ୍ ଦି ସିରିଜ ରୋନାଲ୍ଡ ଦାସଙ୍କୁ ୩ ହଜାର ଟଙ୍କା ପ୍ରଦାନ କରିଥିଲେ। ଖେଳକୁ ଶକ୍ତିସ୍ୱରୂପ ଦାସ, ବୀରେନ୍ଦ୍ର ଜେନା, ମହେନ୍ଦ୍ର ଦେ, ଗଜେନ୍ଦ୍ର ଜେନା, ଆକାଶ ଜେନା, ଅଜୟ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ଜେନା, ତପନ କଅଁର, ମୁକ୍ତିକାନ୍ତ ଜେନା, ଚିନ୍ମୟ କୁମାର ପ୍ରଧାନ, ମୁରଲୀଧର ଜେନା, ଶ୍ରୀକାନ୍ତ ମଲ୍ଲିକ, ପ୍ରଶାନ୍ତ ଜେନା ପ୍ରମୁଖ ପରିଚାଳନା କରିଥିଲେ।


ଚାମ୍ପିୟନ ୟୁ ଆଣ୍ଡ ମି ଦଳ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. | ଭୁବନେଶ୍ୱର, ଶନିବାର, ଡିସେମ୍ବର ୨୬/୨୦୨୦ | Bhubaneswar, Saturday, December 26/ 2020

# ଗିଲ୍, ସିରାଜଙ୍କ ଟେଷ୍ଟ ପଦାର୍ପଣ ହେବ






ଶୁବମନ ଗିଲ୍ ଓ ମହମ୍ମଦ ସିରାଜ।

**ମେଲବୋର୍ନ, ୨୫।୧୨(ପି.ଟି.)**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ଶନିବାରଠାରୁ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଆରମ୍ଭ ହେବାକୁ ଯାଉଛି। ଉଭୟ ଦଳ ମଧ୍ୟରେ ଏହା ହେବ ୧୦୦ତମ ମ୍ୟାଚ୍। ପ୍ରଥମ ଟେଷ୍ଟର ଲଜ୍ଜାଜନକ ପ୍ରଦର୍ଶନକୁ ପଛରେ ପକାଇ ଭାରତ ନୂଆ ଅଧିନାୟକଙ୍କ ଅଧୀନରେ ଆଗାମୀ ମ୍ୟାଚ ଖେଳିବ। ପ୍ରଥମ ସନ୍ତାନର ଜନକ ହେବାକୁ ଯାଉଥିବା ବିରାଟ କୋହଲି ସ୍ୱଦେଶ ଫେରିଥିବାରୁ ଅଜିଙ୍କ୍ୟ ରାହାନେ ସିରିଜର ଅବଶିଷ୍ଟ ୩ଟି ମ୍ୟାଚର ନେତୃତ୍ୱ ନେବେ। କେବଳ ସେତିକି ନୁହେଁ ଏକାଧିକ ପରିବର୍ତ୍ତନ ସହ ଭାରତ ପଡ଼ିଆକୁ ଓହ୍ଲାଇବା ସ୍ପଷ୍ଟ ହୋଇଯାଇଛି। ମହମ୍ମଦ ସାମି ଆହତ ସମସ୍ୟା ଯୋଗୁ ସିରିଜରୁ ଓହରି ଯାଇଛନ୍ତି। ଏ କ୍ଷେତ୍ରରେ ଯୁବ ଓପନର ଶୁବମନ ଗିଲ୍ ଓ ପ୍ରତିଭା ସମ୍ପନ୍ନ ମହମ୍ମଦ ସିରାଜ ଟେଷ୍ଟ କ୍ୟାରିୟର ଆରମ୍ଭ କରିବେ। ବୋଲରଙ୍କ ଅଧିନାୟକ ଭାବେ ବିଶେଷ ପରିଚିତ ରାହାନେ କିପରି ସିରାଜଙ୍କୁ ବ୍ୟବହାର କରୁଛନ୍ତି ତା' ଉପରେ ନଜର ରହିବ। ଉଇକେଟ କିପର ଋଦ୍ଧିମାନ ଶାହାଙ୍କ ସ୍ଥାନରେ ଋଷଭ ପନ୍ତ ଖେଳିବେ।

ପ୍ରଥମ ଟେଷ୍ଟର ଦ୍ୱିତୀୟ ଇନିଂସରେ ଭାରତ ସର୍ବନିମ୍ନ ୩୬ ରନରେ ଅଲ୍‌ଆଉଟ ହୋଇଥିଲା। ତେଣୁ ଆଗାମୀ ମ୍ୟାଚରେ ବ୍ୟାଟ୍ସମ୍ୟାନଙ୍କ ପ୍ରକୃତ ଚରିତ୍ରର ପରୀକ୍ଷା ହେବ। ପୃଥ୍ୱୀ ଶ' ଫର୍ମରେ ନ ଥିବାରୁ ଗିଲ୍‌ଙ୍କୁ ସୁଯୋଗ ମିଳିଛି। ୱାର୍ମଅପ୍ ମ୍ୟାଚରେ ସେ ସଫଳତାର ସହ ଫାଷ୍ଟ ବୋଲରଙ୍କୁ ମୁକାବିଲା କରିଥିଲେ। ଏବେ କେବଳ ମନୋବଳ ଦୃଢ଼ କରି ପଡ଼ିଆକୁ ଓହ୍ଲାଇବାର ଅଛି। ତାଙ୍କ ସହ ମୟଙ୍କ ଅଗ୍ରୱାଲ ଓପନିଂ ଦାୟିତ୍ୱରେ ରହିବେ। ପୂର୍ବରୁ ଏହି ପଡ଼ିଆରେ ହିଁ ମୟଙ୍କ ନିଜ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ। ପ୍ରଥମ ଟେଷ୍ଟରେ ଆଶାନୁରୂପ ପ୍ରଦର୍ଶନ ଦେଇପାରି ନ ଥିବା ମୟଙ୍କ ବ୍ୟାଟ୍‌ରୁ ଏକ ବଡ଼ ସ୍କୋର ଆଶା କରାଯାଉଛି। ସେହିପରି ୱାର୍ମଅପ୍ ମ୍ୟାଚରେ ଦ୍ରୁତ ଶତକ ହାସଲ କରିଥିବା ପନ୍ତ ଆଗାମୀ ଟେଷ୍ଟରେ ମଧ୍ୟ ସେହି ସାହସିକ ମନୋଭାବ ଦେଖାଇବା ଆଶା ରହିଛି।

ଋଦ୍ଧିମାନ ଶାହା ଭଲ ଫର୍ମରେ ନ ଥିବାରୁ ବାଦ୍ ପଡ଼ିଛନ୍ତି। କନକସନ ଓ ହାମ୍‌ଷ୍ଟ୍ରିଙ୍ଗ୍ ଇଞ୍ଜୁରିରୁ ମୁକୁଳିଥିବା ରବୀନ୍ଦ୍ର ଜାଡେଜାଙ୍କୁ ଚୂଡ଼ାନ୍ତ ଏକାଦଶରେ ନିଆଯାଇଛି। ତାଙ୍କ ଅଲ୍‌ରାଉଣ୍ଡ ଦକ୍ଷତା ଭାରତକୁ ଫାଇଦାରେ ରଖିବା ସମ୍ଭାବନା ରହିଛି। ବିଶେଷକରି ତାଙ୍କ ଉପସ୍ଥିତିରେ ଅଧିନାୟକଙ୍କ ନିକଟରେ ୫ ବୋଲର ଆକ୍ରମଣ ବିକଳ୍ପ ରହିବ। ହନୁମା ବିହାରୀଙ୍କ ଉପରେ ଚୟନକର୍ତ୍ତା ଆସ୍ଥା ସ୍ଥାପନ କରିଥିବାରୁ ଅଭିଜ୍ଞ ଲୋକେଶ ରାହୁଲଙ୍କୁ ଅପେକ୍ଷା କରିବାକୁ ପଡ଼ିଛି।

ଭାରତକୁ ଅତି ଦୟନୀୟଭାବେ ହରାଇଥିବା ଅଷ୍ଟ୍ରେଲିଆ ଦଳରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଭାରତ ଏକ କ୍ରିକେଟପ୍ରିୟ ଦେଶ। ଏହି ଦଳରେ ଅନେକ ବିପଜ୍ଜନକ ଖେଳାଳି ଅଛନ୍ତି। ତେଣୁ ଆଗାମୀ ମ୍ୟାଚରେ ସତର୍କତାର ସହ ଖେଳିବାକୁ ପଡ଼ିବ ବୋଲି ଅଷ୍ଟ୍ରେଲିଆ ଅଧିନାୟକ ଟିମ୍ ପେନ୍ ପ୍ରକାଶ କରିଛନ୍ତି। କୋହଲିଙ୍କ ଅନୁପସ୍ଥିତି ଅନୁଭୂତ ହେବ ବୋଲି ରାହାନେ ସ୍ୱୀକାର କରିଛନ୍ତି। ଏ କ୍ଷେତ୍ରରେ ତାଙ୍କୁ ଅଧିକ ଦାୟିତ୍ୱବାନ ହେବାକୁ ପଡ଼ିବ। ବ୍ୟାଟିଂ ଅର୍ଡରରେ ରାହାନେଙ୍କୁ ଉପରେ ଆସିବାକୁ ହେବ। ଚେତେଶ୍ୱର ପୂଜାରା ସ୍ୱାଭାବିକ ଭାବେ ଧୀମା ଖେଳିପାରନ୍ତି। ତେବେ ବ୍ୟାଟିଂ ଲାଇନ୍-ଅପ୍ ଉପରେ ଯେପରି ବିଶେଷ ଚାପ ନ ପଡ଼ିବ ତା' ଉପରେ ଧ୍ୟାନ ଦେବାକୁ କୋଚ୍ ରବି ଶାସ୍ତ୍ରୀ ପରାମର୍ଶ ଦେଇଛନ୍ତି। ଶାମିଙ୍କ ଅନୁପସ୍ଥିତିରେ ଯଶପ୍ରୀତ୍ ବୁମ୍‌ରା ଓ ଉମେଶ ଯାଦବଙ୍କ ଉପରେ ଅତିରିକ୍ତ ଚାପ ରହିବ। ସେମାନେ ଯୁବ ଖେଳାଳି ସିରାଜଙ୍କୁ ଉଚିତ ମାର୍ଗରେ ନେବା ଆଶା ରହିଛି। ପ୍ରଥମ ଟେଷ୍ଟ ଜିତିବା ପରେ ଅଷ୍ଟ୍ରେଲିଆ ଦଳର ମନୋଭାବ ଦୃଢ଼ ହେବା ସ୍ୱାଭାବିକ। ଘରୋଇ ଦଳର ଶାଣିତ ପେସ୍ ବାହିନୀଙ୍କୁ ଭାରତୀୟ ବ୍ୟାଟ୍ସମ୍ୟାନମାନେ କିପରି ମୁକାବିଲା କରୁଛନ୍ତି ତା' ଉପରେ ଅନେକ କିଛି ନିର୍ଭର କରିବ।

## ଦ୍ୱିତୀୟ ଟେଷ୍ଟ ଆଜିଠାରୁ

**ଭାରତୀୟ ଏକାଦଶ:** ଅଜିଙ୍କ୍ୟ ରାହାନେ (ଅଧିନାୟକ), ମୟଙ୍କ ଅଗ୍ରୱାଲ, ଶୁବମନ ଗିଲ୍, ଚେତେଶ୍ୱର ପୂଜାରା, ହନୁମା ବିହାରୀ, ଋଷଭ ପନ୍ତ, ରବୀନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ, ଉମେଶ ଯାଦବ, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ।

**ଅଷ୍ଟ୍ରେଲିଆ ଏକାଦଶ:** ଟିମ୍ ପେନ୍(ଅଧିନାୟକ), ଜୋ ବର୍ନ୍ସ, ମାଥ୍ୟୁ ୱାଡେ, ମାର୍ନସ ଲାବୁସ୍କାନ, ଷ୍ଟିଭ୍ ସ୍ମିଥ, ଟ୍ରାଭିସ ହେଡ୍, କାମେରନ ଗ୍ରୀନ୍, ପ୍ୟାଟ୍ କୁମିନ୍ସ, ଜୋଶ୍ ହାଜେଲଉଡ୍, ମିଚେଲ ଷ୍ଟାର୍କ, ନାଥାନ ଲିୟନ।

**ମ୍ୟାଚ ଆରମ୍ଭ: ସକାଳ ୫ଟା**




ଶୁକ୍ରବାର ଅଷ୍ଟ୍ରେଲିଆ ଦଳର ଅଭ୍ୟାସ ଅବସରରେ ଏକ ହାଲ୍‌କା ମୁହୂର୍ତ୍ତରେ ଷ୍ଟିଭ୍ ସ୍ମିଥ ଓ ମୋଇସେସ ହେନରିକ୍ସ।

# ମେଲ୍‌ବୋର୍ନରେ ଭାରତ ପାଇଁ ସୁଯୋଗ ରହିଛି

**ମେଲ୍‌ବୋର୍ନ, ୨୫।୧୨ (ପି.ଟି.)**

ଆଡିଲେଡ୍‌ରେ ଲଜ୍ଜାଜନକ ପରାଜୟ ସତ୍ତ୍ୱେ ଏଠାରେ ଶନିବାରଠାରୁ ଅଷ୍ଟ୍ରେଲିଆ ବିପକ୍ଷରେ ଆରମ୍ଭ ହେବାକୁଥିବା ବକ୍ସିଂ ଡେ' ଟେଷ୍ଟରେ ଭାରତ ପାଇଁ ପ୍ରତ୍ୟାବର୍ତ୍ତନର ସୁଯୋଗ ରହିଛି। ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ମାର୍କ ଟେଲର ଏକଥା ପ୍ରକାଶ କରିଛନ୍ତି। ମ୍ୟାଚରେ ଭାରତକୁ ପ୍ରଥମେ ବ୍ୟାଟିଂ କରି ଅଧିକ ରନ ସଂଗ୍ରହ କରିବାକୁ ହେବ। ଆଡିଲେଡ୍‌ଠାରେ ଅନୁଷ୍ଠିତ ପିଙ୍କ୍‌ବଲ ଟେଷ୍ଟରେ ଭାରତ ଏହାର ଦ୍ୱିତୀୟ ଇନିଂସରେ ମାତ୍ର ୩୬ ରନରେ ଅଲ୍‌ଆଉଟ ହୋଇଯାଇଥିଲା, ଯାହା ଦଳର ଟେଷ୍ଟରେ ସର୍ବନିମ୍ନ ସ୍କୋର ଥିଲା। ଅଷ୍ଟ୍ରେଲିଆ ୮ ଉଇକେଟରେ ବିଜୟ ହାସଲ କରିବା ସହ ଚଳିତ ବର୍ଡର-ଗାଭାସ୍କର ଟ୍ରଫିରେ ୧-୦ରେ ଅଗ୍ରଣୀ ଲାଭ କରିଛି। ଭାରତୀୟ ଦଳରେ କେତେଜଣ ଭଲ ଖେଳାଳି ରହିଛନ୍ତି। ବିରାଟ କୋହଲି ପିତୃତ୍ୱ ଛୁଟିରେ ଯାଇଥିବାରୁ ଉଭୟ ବ୍ୟାଟିଂ ଓ ଲିଡରଶିପ୍‌ରେ ତାଙ୍କ ଅଭାବ ଅନୁଭୂତ ହେବ ନିଶ୍ଚୟ। ତେବେ ଦଳରେ ଚେତେଶ୍ୱର ପୂଜାରା ଓ ଅଜିଙ୍କ୍ୟ ରାହାନେଙ୍କ ଭଳି ପ୍ରତିଭାସମ୍ପନ୍ନ ଖେଳାଳି ରହିଥିବା ଟେଲର କହିଛନ୍ତି। ବ୍ୟାଟ୍ସମ୍ୟାନମାନେ ଭଲ ରନ ସଂଗ୍ରହ କରିପାରିଲେ ଭାରତୀୟ ବୋଲରଙ୍କ ନିକଟରେ ଅଷ୍ଟ୍ରେଲିଆକୁ ଅଲଆଉଟ କରିବାର ସାମର୍ଥ୍ୟ ରହିଛି। ଟେଲର କହିଛନ୍ତି, ପ୍ରଥମ ଟେଷ୍ଟର ତୃତୀୟ ଦିବସରେ ବ୍ୟାଟିଂ ବିପର୍ଯ୍ୟୟ ପୂର୍ବରୁ ଭାରତ ପ୍ରଥମ ଇନିଂସରେ ମହତ୍ତ୍ୱପୂର୍ଣ୍ଣ ୫୩ରନ ଅଗ୍ରଣୀ ଲାଭ କରିପାରିଥିଲା। ଦ୍ୱିତୀୟ ଦିବସରେ ଦଳ ସୁବିଧାଜନକ ସ୍ଥିତିରେ ଥିବା ଭଳି ମନେହେଉଥିଲା। ମାତ୍ର ଦଳ ପାଇଁ ଖରାପ ଦିନ ଥିବାରୁ ଦଳ ତୃତୀୟ ଦିବସରେ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ଏହି ଇନିଂସକୁ ନେଇ ସମଗ୍ର ସିରିଜ ଉପରେ ପୂର୍ବାନୁମାନ କରିବା ଠିକ୍ ନୁହେଁ। ଦଳ ସିରିଜକୁ ପ୍ରତ୍ୟାବର୍ତ୍ତନ କରିବା ଲାଗି ଚେଷ୍ଟା କରିବ ନିଶ୍ଚୟ। ତାଙ୍କ ବିଚାରରେ ସିରିଜରେ ଭାରତ ପାଇଁ ସୁଯୋଗ ମେଲବୋର୍ନରେ ପ୍ରଥମ ଦିବସ ଖେଳରୁ ସ୍ପଷ୍ଟ ହୋଇଯିବ।




40
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ